# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୮/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, January 8/2020 | ★★★★★★

୪୬ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସାଇକୋ କିଲର ଭୂମିକା ଚାହାନ୍ତି ଅକ୍ଷୟ**

ଭାରତ ଭଳି ଦେଶରେ ଡିପ୍ରେଶନ ଏକ ବଡ଼ ସମସ୍ୟା। ତେଣୁ ମୁଁ ସାଇକୋ କିଲର୍ ଭୂମିକାରେ ଅଭିନୟ କରିବାକୁ ଚାହେଁ ବୋଲି ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର କହିଛନ୍ତି।

୦୨

୧୯

**ସୌରଭଙ୍କ ଦ୍ୱିଶତକ**

ସୌରଭ ଗୌଡଙ୍କ ଦ୍ୱିଶତକ ସହାୟତାରେ ଓଡ଼ିଶା ସିକିମ ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଇନିଂସ ବିଜୟ ହାସଲ କରିଛି।



**ସୋଲେମାନୀଙ୍କ ଶେଷକୃତ୍ୟ ସମ୍ପନ୍ନ**

ଶୋଭାଯାତ୍ରା ବେଳେ ଦଳାଚକଟା: ୪୦ ମୃତ

........୯........

୫%କୁ ଖସିବ ଜିଡିପି

........୯........

**ଆଜିର ସମ୍ପାଦକୀୟ**

ଅଷ୍ଟ୍ରେଲିଆ ନିଆଁ

**ଆଜିର ମନ୍ତବ୍ୟ**

“ଜେଏନ୍‌ୟୁରେ ପଶି ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଉ।

—ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ


Vencobb FRESH CHICKEN

07.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 83 | 136 | 146 |
| DKL | 83 | 136 | 146 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 84 | 137 | 147 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


## ନିର୍ଭୟା ମାମଲା: ମୃତ୍ୟୁ ୱାରେଣ୍ଟ ଜାରି

# ୪ ବଳାତ୍କାରୀଙ୍କୁ ୨୨ରେ ଫାଶୀ

ନୂଆଦିଲ୍ଲୀ, ୭।୧ (ପି.ଟି./ଆଇଏଏନ୍‌ଏସ୍)

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ୪ ଦୋଷୀଙ୍କୁ ଫାଶୀ ଦିଆଯିବ। ଆସନ୍ତା ୨୨ ତାରିଖ ସକାଳ ୭ଟାରେ ତିହାର ଜେଲରେ ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଯିବ ବୋଲି ଦିଲ୍ଲୀର ଏକ ସ୍ଥାନୀୟ କୋର୍ଟ ମଙ୍ଗଳବାର ରାୟ ଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ଦୋଷୀ ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫)ଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ରାୟ ୪ ଦୋଷୀଙ୍କୁ ଜଣାଇଦିଆଯାଇଛି। କୋର୍ଟଙ୍କ ରାୟକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଛି।

ପଟିଆଲା ହାଉସ କୋର୍ଟ ସୋମବାର ନିର୍ଭୟା ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ଅଭିଯୋଜନକାରୀ ପକ୍ଷ (ଦିଲ୍ଲୀ ସରକାର) କହିଥିଲେ, ବର୍ତ୍ତମାନ ରାଷ୍ଟ୍ରପତିଙ୍କ ନିକଟରେ କିମ୍ବା କୌଣସି କୋର୍ଟରେ ବିଚାର ପାଇଁ ଦୋଷୀମାନଙ୍କର ଆବେଦନ ନାହିଁ। ଦୋଷୀମାନଙ୍କ ପକ୍ଷରୁ ଦାଏର ହୋଇଥିବା ସମସ୍ତ ପିଟିଶନକୁ ସୁପ୍ରିମକୋର୍ଟ ପୂର୍ବରୁ ଖାରଜ କରିସାରିଛନ୍ତି। ତେଣୁ ତୁରନ୍ତ ଫାଶୀ ଦେବା ଲାଗି ସେମାନଙ୍କ ନାମରେ ମୃତ୍ୟୁ ୱାରେଣ୍ଟ ଜାରି କରାଯାଉ। ତେବେ ମୃତ୍ୟୁ ୱାରେଣ୍ଟ ଜାରି କରିବା ଓ ଦୋଷୀଙ୍କୁ ଫାଶୀ ଦେବା ଅବଧି ମଧ୍ୟରେ ସେମାନେ କ୍ୟୁରେଟିଭ୍ ପିଟିଶନ ଦାଏର କରିପାରିବେ। ମୁକେଶ ଓ ବିନୟଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ☞ପୃଷ୍ଠା-୪



ମୁକେଶ ସିଂ



ବିନୟ ଶର୍ମା



ଅକ୍ଷୟ ଠାକୁର



ପବନ ଗୁପ୍ତା

### ତିହାର ଜେଲ ନଂ.୩ରେ ଦିଆଯିବ

ନୂଆଦିଲ୍ଲୀ,୭।୧(ପି.ଟି.)– ନିର୍ଭୟା ବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଜେଲ ନମ୍ବର ୩ରେ ଫାଶୀ ଦିଆଯିବ। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଦୋଷୀ ମୁକେଶ ସିଂ, ବିନୟ ଶର୍ମା, ଅକ୍ଷୟ ଠାକୁର ଓ ପବନ ଗୁପ୍ତାଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରିବା ପରେ ତିହାର ଜେଲର ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ରାତିରେ ଏହି ସୂଚନା ଦେଇଛନ୍ତି। ୩ ଜଣ ଦୋଷୀଙ୍କୁ ଜେଲ୍ ନମ୍ବର ୨ରେ ରଖାଯାଇଥିବାବେଳେ ଜଣଙ୍କୁ ଜେଲ୍ ନମ୍ବର ୪ରେ ରଖାଯାଇଛି। ଉତ୍ତରପ୍ରଦେଶର ମିରଟରେ ରହୁଥିବା ଜଣେ ଜଲ୍ଲାଦ ୨୨ ତାରିଖ ସକାଳ ୭ଟାରେ ଏହି ୪ ଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇବେ।

# ଆଜି ବନ୍ଦ ଡାକରା

- ଟ୍ରେଡ୍ ୟୁନିୟନର ଆହ୍ୱାନ
- ଯାନବାହନ, ଦୋକାନ ବଜାର, ବ୍ୟାଙ୍କ ବନ୍ଦ ରହିବ
- ସକାଳ ୯ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ
- ଆଇନଶୃଙ୍ଖଳା ରକ୍ଷା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଖୋର୍ଦ୍ଧା ସମେତ କେତେକ ଜିଲାରେ ଶିକ୍ଷାନୁଷ୍ଠାନ ବନ୍ଦ



ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରି ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ମଶାଲ ଶୋଭାଯାତ୍ରା।

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାସ୍ତାରେ ଗାଡ଼ି ଗଡ଼ିବନି। ଦୋକାନ ବଜାର, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ ହେବ। ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଏଆଇଟିୟୁସି, ଏଚଏମ୍‌ଏସ୍, ସିଆଇଟିୟୁ, ଏଆଇଟିୟୁସି, ସେୱା, ଏଆଇସିସିଟିୟୁ, ଏଲପିଏଫ, ୟୁଟିୟୁସିର ଭଳି ଟ୍ରେଡ ୟୁନିୟନ ଗୁଡିକ ସାମିଲ ହୋଇଛନ୍ତି। ଓଡ଼ିଶାରେ ମଧ ଏହି ବନ୍ଦ ପାଳନ ହେବ। ଟ୍ରେଡ ୟୁନିୟନଗୁଡିକର ଆଞ୍ଚଳିକ ଶାଖାର କର୍ମକର୍ତ୍ତାମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିବେ। କେନ୍ଦ୍ର ସରକାରଙ୍କ ସମସ୍ତ ଅଫିସ, ରେଳ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଟ୍ରେଡ ୟୁନିୟର କର୍ମକର୍ତ୍ତାମାନେ ପ୍ରତିବାଦ କରିବେ। ମୟୂରଭଞ୍ଜ, ଯାଜପୁର, ଜଗତ୍‌ସିଂହପୁର, ଢେଙ୍କାନାଳ, ଗଞ୍ଜାମ, ଖୋର୍ଦ୍ଧା ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ପାଇଁ ଜିଲାପାଳମାନେ ଘୋଷଣା କରିଛନ୍ତି। ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହେଉଥିବାରୁ ବ୍ୟାଙ୍କଗୁଡିକ ବନ୍ଦ ରହିବ। ଏହି ଧର୍ମଘଟକୁ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି।

କୃଷକ, ଶ୍ରମିକ, ଦିନମଜୁରିଆଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ। ସର୍ବତ୍ର ଭୟ ଓ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ଲୋକମାନଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାର ଦିନକୁ ଦିନ କ୍ଷୁଣ୍ଣ ହୋଇ ଚାଲିଛି। ଏହାକୁ ବିରୋଧ କରି କଂଗ୍ରେସ ରାଜ୍ୟରେ ପ୍ରତିବାଦ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ☞ପୃଷ୍ଠା-୪






ବଲିଉଡ୍‌ରେ ମୁଁ ୧୫ ବର୍ଷ ପୂରଣ କରିଛି। ୨୦୨୦ ମୋ ପାଇଁ ଲକି ସାବ୍ୟସ୍ତ ହେବ ବୋଲି ଆଶା କରୁଛି।

-କାଟ୍ରିନା କୈଫ୍,
ବଲିଉଡ୍ ଅଭିନେତ୍ରୀ



# ପାଶ୍ଚାତ୍ୟ ରାଷ୍ଟ୍ରରେ ବଢ଼ୁଛନ୍ତି ମହିଳା ଅପରାଧୀ



**ଲଣ୍ଡନ:** ଅଧିକାଂଶ ଅପରାଧ ମାମଲାରେ କାଠଗଡ଼ାକୁ ଟଣା ହୋଇ ଆସିଥାନ୍ତି ପୁରୁଷ। ହିଂସ୍ର ଅପରାଧ କଥା ପଡ଼ିଲେ ଏଥିରେ ପୁରୁଷଙ୍କ ସମ୍ପୃକ୍ତିକୁ ନେଇ ବେଶି ଆଲୋଚନା ହୁଏ। ହେଲେ ସାରା ଦୁନିଆର ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଥିବା ଲଣ୍ଡନର ସଂସ୍ଥା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିମିନାଲ ପଲିସି ରିସର୍ଚ୍ଚ' ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନ୍ୟ ଏକ ଦିଗକୁ ଭାବିବାକୁ ବାଧ କରିଛି। ଏହି ରିପୋର୍ଟରେ କୁହାଯାଇଛି, ଗତ ୩ ଦଶନ୍ଧି ମଧ୍ୟରେ ଜେଲରେ ପୁରୁଷଙ୍କ ତୁଳନାରେ ମହିଳା କଏଦୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି। ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଏହି ହାର ଅଧିକ। ଗତ ୩୦ବର୍ଷ ଭିତରେ ପାଶ୍ଚାତ୍ୟ ରାଷ୍ଟ୍ର ସମୂହରେ ଅପରାଧ କମିଥିବା ରିପୋର୍ଟରେ ଦାବି କରାଯାଇଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ହିଂସ୍ର ଅପରାଧରେ ମହିଳାଙ୍କ ସମ୍ପୃକ୍ତି ମାମଲା ଦ୍ରୁତଗତିରେ ବୃଦ୍ଧି ଘଟିଛି। ପ୍ରାଇଭେଟ ଇନ୍‌ଭେଷ୍ଟିଗେଟର କେଲି ପେକ୍ସଟନଙ୍କ କହିବା କଥା, ଆଜିକାଲି ମହିଳାମାନେ ଅତ୍ୟଧିକ ଖର୍ଚ୍ଚ କରୁଛନ୍ତି। ସେମାନେ ନିଜେ ନିଜର ଆବଶ୍ୟକତା ପୂରଣ କରିପାରୁନାହାନ୍ତି। ଆର୍ଥିକ ସଙ୍କଟ ସେମାନଙ୍କୁ ଅପରାଧ ଜଗତକୁ ଟାଣି ନେଉଛି। ଏହି କାରଣରୁ ୩୦ ବର୍ଷରେ ସାରା ପୃଥିବୀରେ ମହିଳା କଏଦୀଙ୍କ ସଂଖ୍ୟା ୫୦%ରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଛି। ବ୍ରିଟେନରେ ୨୦୧୫-୧୬ରେ ବିଭିନ୍ନ କାରଣରୁ ଗିରଫ ହୋଇଥିବା ମହିଳାଙ୍କ ସଂଖ୍ୟା ହାରାହାରି ୫୦% ବଢ଼ିଛି। ଏଥିରୁ ମହିଳାମାନେ ହିଂସାକାଣ୍ଡ ଭଳି ଘଟଣାରେ ନିଜକୁ ସାମିଲ କରୁଥିବା ସ୍ପଷ୍ଟ ହୋଇଛି। ରିପୋର୍ଟରେ ଆହୁରି ମଧ କୁହାଯାଇଛି, ପୃଥିବୀର ବିଭିନ୍ନ ଜେଲରେ ଏବେ ୭ ଲକ୍ଷ ୧୪ ହଜାର ମହିଳା କଏଦୀ ରହୁଛନ୍ତି। ଏହା ମୋଟ ଏକଦୀ ସଂଖ୍ୟାର ମାତ୍ର ୭%। ହେଲେ ୩ ଦଶନ୍ଧିର ତଥ୍ୟକୁ ଆକଳନ କଲେ ଜେଲରେ ମହିଳା କଏଦୀଙ୍କ ସଂଖ୍ୟା ଦ୍ରୁତ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଇତିହାସରେ ଆଗରୁ କେବେ ଦେଖାଯାଇ ନ ଥିଲା। ଆମେରିକାରେ ସବୁଠାରୁ ବେଶି ମହିଳା କଏଦୀ ଅଛନ୍ତି। ଏହିସଂଖ୍ୟା ୨ ଲକ୍ଷ ୧୧ ହଜାର। ଏହି କ୍ରମରେ ଚାଇନାରେ ୧ଲକ୍ଷ ୭ ହଜାର, ରୁଷିଆରେ ୪୮ ହଜାର ୪୭୮, ବ୍ରାଜିଲରେ ୪୪ ହଜାର ୭୦୦, ଥାଇଲାଣ୍ଡରେ ୪୧ ହଜାର ୧୧୯ ଏବଂ ଭାରତରେ ୧୭ ହଜାର ୮୩୪ ଜଣ ମହିଳା କଏଦୀ ବିଭିନ୍ନ ଜେଲରେ ରହୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ମୂର୍ତ୍ତି କାରିଗର ତିଆରି କଲେ କୃଷି ମେଶିନ୍

**ଚିତ୍ରକୂଟ:** ନୂଆବର୍ଷ ଆରମ୍ଭରେ ମୂର୍ତ୍ତିକାର ପରିବାରର ଦୁଇ ଭାଇ କୃଷି କ୍ଷେତ୍ରକୁ ଭେଟି ଦେଇଛନ୍ତି ଏକ ମେଶିନ୍ । ଏହାର ନାମ ରଖିଛନ୍ତି କିଷାନ୍ ପାଓ୍ୱାର -୨୦୨୦। ଉତ୍ତରପ୍ରଦେଶ ଚିତ୍ରକୂଟର ଦୁଇ ଭାଇ ରମେଶ ଚନ୍ଦ୍ର ମୌର୍ଯ୍ୟ ଓ ସୁରେଶ ଚନ୍ଦ୍ର ମୌର୍ଯ୍ୟ ଜ୍ଞାନକୌଶଳ ଉପଯୋଗ କରି ସେମାନଙ୍କ ସ୍ୱପ୍ନ ସାକାର କରିବା ସହ କୃଷକଙ୍କ ପାଇଁ ତିଆରି କରିଛନ୍ତି ଏହି ମେଶିନ୍। ଦୁଇ ଭାଇଙ୍କ ଏହି ଆବିଷ୍କାର ବଡ ବଡ ଇଞ୍ଜିନିୟରଙ୍କୁ ପଛରେ ପକାଇ ଦେଇଛି। କିଷାନ ପାଓ୍ୱାର-୨୦୨୦ କ୍ଷେତରେ ୪ଟି କାମ କରିପାରୁଛି। ମଉ ତହସିଲ ଅନ୍ତର୍ଗତ ଉସରିମାଫି ଗାଁରେ ସପରିବାର ରୁହନ୍ତି ଏହି ଦୁଇ ଭାଇ। ସୁରେଶ ଓ ରମେଶଙ୍କୁ ବର୍ତ୍ତମାନ ବୟସ ଯଥାକ୍ରମେ ୪୯ ଓ ୪୫ ବର୍ଷ। ଉଭୟେ ଚିତ୍ରକୂଟର ରୟାଲ୍ ଇଣ୍ଟର୍ କଲେଜରୁ ଇଣ୍ଟର୍‌ମିଡିଏଟ୍ ପାସ୍ କରିବା ପରେ ଆର୍ଟରେ ଡିପ୍ଲୋମା ହାସଲ କରିଛନ୍ତି। ପରେ ଗାଁରେ ଏକ ମୂର୍ତ୍ତିକାର କେନ୍ଦ୍ର ଖୋଲି ସେଠାରେ ମୂର୍ତ୍ତି,ଫୁଲଦାନୀ ଆଦି ତିଆରି କରିବା ସହ ଚାଷ କରୁଛନ୍ତି।



ଇଣ୍ଟରନେଟ୍‌ରେ ବିଭିନ୍ନ ମେଶିନ୍ ଦେଖି ଦୁଇ ଭାଇ ବର୍ଷେ ଲଗାତର ପ୍ରୟାସ କରି ଏହି ମେଶିନ ତିଆରି କରିଛନ୍ତି। ଏଥିଲାଗି ୨୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି ଏମାନେ। ଏହା ହଳ କରି ଜମିକୁ ସମାନ କରିପାରୁଛି, ଗାଡ଼ ଖୋଳୁଛି ଓ ଘାସ ବାଛିପାରୁଛି। ମେଶିନ୍‌ରେ ଧାନ କଟାଯାଇପାରିବ। ଏହାବ୍ୟତୀତ ଏଥିରେ ଆଳୁ ଲଗାଯିବା ସହ ଚାରାରେ ମାଟି ଦିଆଯାଇପାରିବ। ଏଥିରେ ଲଗାଯାଇଥିବା ଇଞ୍ଜିନ ଦ୍ୱାରା ବି ଜଳସିଞ୍ଚନ ହୋଇପାରିବ। ମଉ ତହସିଲଦାର ସଞ୍ଜୟ ଅଗ୍ରହରି ଏହି ମେଶିନ୍‌ର କ୍ଷେତ୍ର ପରୀକ୍ଷା ଅନୁଧ୍ୟାନ କରିବାପରେ ଏହା କୃଷକମାନଙ୍କ ପାଇଁ ଲାଭଦାୟକ ହେବ ବୋଲି କହିଛନ୍ତି। ଏଥିପାଇଁ ଏହାର ରିପୋର୍ଟ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ମେଶିନର ଯାଞ୍ଚ କରାଯିବା ପରେ ଏହାର ଉପଯୋଗ ଲାଗି ସରକାରଙ୍କୁ ପ୍ରସ୍ତାବ ଦେବେ, ଯାହାଦ୍ୱାରା ଅନ୍ୟ କୃଷକମାନେ ଲାଭ ପାଇପାରିବେ ବୋଲି କହିଛନ୍ତି ଜିଲାପାଳ ଶେଷମଣି ପାଣ୍ଡେ।

# ଯୁବତୀଙ୍କ ଅଧିକ ପସନ୍ଦ ଚଷମା ପିନ୍ଧୁଥିବା ଯୁବକ

**ନୂଆଦିଲ୍ଲୀ:** ପ୍ରେମ ଏକ ସ୍ୱର୍ଗୀୟ ଅନୁଭୂତି। ତେବେ ଏକ ଗବେଷଣାରୁ ଜଣାପଡ଼ିଛି ଯୁବତୀମାନେ ପ୍ରେମ ପାଇଁ ଯୁବକଙ୍କ ପାଖରେ କେତେକ ନିର୍ଦ୍ଦିଷ୍ଟ ଗୁଣ ଉପରେ ଗୁରୁତ୍ୱାରୋପ କରିଥାନ୍ତି। ସାଧାରଣତଃ ଚଷମା ପିନ୍ଧୁଥିବା ଯୁବକଙ୍କୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି ବୋଲି ପର୍‌ଫେକ୍ଟ ଗ୍ଲାସ୍ ଡଟ୍ କୋ ଡଟ୍ ୟୁକେ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚଷମା ପିନ୍ଧୁଥିବା ଯୁବକ ବେଶ୍ ମାର୍ଜିତ ଦେଖାଯାଇଥାନ୍ତି। ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ



ଯତ୍ନଶୀଳ ହେବା ସହିତ ନମ୍ର ସ୍ୱଭାବର ହୋଇଥାନ୍ତି ବୋଲି ସ୍ଥଳ ବିଶେଷରେ ଯୁବତୀମାନେ ଭାବନ୍ତି। ସେମାନେ ଜୀବନରେ ଡିସିପ୍ଲିନ୍‌କୁ ଗୁରୁତ୍ୱ ଦେଇଥାନ୍ତି। ସେହିପରି ସେମାନେ କାହା ମନରେ କଷ୍ଟ ଦେବାକୁ ଚାହିଁ ନ ଥାନ୍ତି। ଏସବୁ ଗୁଣକୁ ଯୁବତୀମାନେ ଅଧିକ ପସନ୍ଦ କରିଥାନ୍ତି। ଚଷମା ପିନ୍ଧିଲେ ବ୍ୟକ୍ତିତ୍ୱ ବୃଦ୍ଧି ହୋଇଥାଏ ବୋଲି ଯୁବତୀମାନେ ଭାବିଥାନ୍ତି। ତେଣୁ ଏଭଳି ଯୁବକଙ୍କ ସହିତ ଜୀବନ ବିତାଇବା ପାଇଁ ଯୁବତୀମାନେ ପସନ୍ଦ କରନ୍ତି। ତେବେ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଭାବେ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ ହୋଇ ନ ଥାଏ ବୋଲି ପର୍‌ଫେକ୍ଟ ଗ୍ଲାସ୍ ଡଟ୍ କୋ ଡଟ୍ ୟୁକେ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗବେଷଣା କିଛି ଯୁବତୀ-ଯୁବକଙ୍କ ନିଜସ୍ୱ ମତାମତ ଉପରେ ପ୍ରସ୍ତୁତ କରାଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି।

# ସାଇକୋ କିଲର ହେବାକୁ ଚାହାନ୍ତି ଅକ୍ଷୟ



**ମୁମ୍ବାଇ:** ବଲିଉଡ୍ ସୁପର୍‌ଷ୍ଟାର ଅକ୍ଷୟ କୁମାର ନିଜ ଅପ୍‌କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଶୁଟିଂ ଶେଷ କରି 'ଲକ୍ଷ୍ମୀ ବମ୍ବ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ଶୁଟିଂ ଦୁବାଇରେ ଚାଲିଛି। ଏପଟେ ତାଙ୍କ ଅଭିନୀତ ଫିଲ୍ମ 'ଗୁଡ୍ ନ୍ୟୁଜ୍' ମଧ ବକ୍ସ ଅଫିସ୍‌ରେ ପ୍ରାୟ ୧୬୨ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିସାରିଛି। ଫିଲ୍ମଟି ୧୦୦ କୋଟି କ୍ଲବ୍‌ରେ ସାମିଲ୍ ହେବାପରେ ଅକ୍ଷୟ ବଲିଉଡ୍‌ରେ ନୂଆ ରେକର୍ଡ କରିଛନ୍ତି। ଅକ୍ଷୟ ବଲିଉଡ୍‌ର ପ୍ରଥମ ହିରୋ, ଯାହାଙ୍କ ଫିଲ୍ମ ବର୍ଷତମାମ ମୋଟ ୭୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ କରିଛି। ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଅକ୍ଷୟ ନିଜର ଭବିଷ୍ୟତ ଯୋଜନା ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, ଡିପ୍ରେଶନ ଭଳି ଏକ ଗମ୍ଭୀର ସମସ୍ୟା ଉପରେ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି। ଭାରତ ଭଳି ଦେଶରେ ଡିପ୍ରେଶନ ଏକ ବଡ଼ ସମସ୍ୟା ବୋଲି ସେ କହିଛନ୍ତି। ଏହାଛଡ଼ା ସେ ସାଇକୋ କିଲର ଜନର୍‌ରେ ଫିଲ୍ମ ନିର୍ମାଣ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। ମୁଁ ସାଇକୋ କିଲର୍ ଭୂମିକାରେ ଅଭିନୟ କରିବାକୁ ଚାହେଁ ବୋଲି ଅକ୍ଷୟ କହିଛନ୍ତି। ଅନ୍ୟପଟେ ବଲିଉଡ୍ ଖିଲାଡି ଅକ୍ଷୟ କୁମାରଙ୍କ ଗୋଟିଏ ଇଚ୍ଛା ଥିଲା।

ଯେ, ପୃଥ୍ୱୀରାଜ ଚୌହାନଙ୍କ ଭୂମିକାରେ ସେ ଅଭିନୟ କରିବେ। ତେବେ ତାଙ୍କର ଏହି ଆଶା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ଫିଲ୍ମ 'ଲକ୍ଷ୍ମୀ ବମ୍ବ'ର ଶୁଟିଂ ଶେଷ ହେବା ପରେ ପରେ ଅକ୍ଷୟ 'ପୃଥ୍ୱୀରାଜ'ର ଶୁଟିଂ ଆରମ୍ଭ କରିବେ। ଫିଲ୍ମଟି ୨୦୨୦ ଦୀପାବଳିରେ ରିଲିଜ୍ ହେବ। ଏପଟେ ବଲିଉଡ୍‌ରେ କରିଥିବା ଅକ୍ଷୟଙ୍କ ରେକର୍ଡକୁ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ର ଆରମ୍ଭରେ ଫିଲ୍ମ 'କେସରୀ', 'ମିଶନ୍ ମଙ୍ଗଲ୍', 'ହାଉସ୍‌ଫୁଲ୍-୪' ଏବଂ 'ଗୁଡ୍ ନ୍ୟୁଜ୍' ବକ୍ସ ଅଫିସ୍‌ରେ ସୁପର୍‌ହିଟ୍ ରହିଥିଲା।



# ଅଜୟଙ୍କ ମୁହଁରେ କାଜୋଲଙ୍କ ତାରିଫ୍

**ମୁମ୍ବାଇ:** ସିଲ୍‌ଭର ସ୍କ୍ରିନ୍‌ରେ ପୁଣିଥରେ ଅଜୟ ଦେବଗନ ଏବଂ କାଜୋଲଙ୍କ ଯୋଡ଼ି ଦେଖିବାକୁ ମିଳିବ। ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ଓ୍ୱାରିୟର୍'ରେ ଏହି ରିୟଲ୍ ଲାଇଫ୍ କପଲ୍ ନିଜ ଫ୍ୟାନ୍‌ମାନଙ୍କୁ ଏଣ୍ଟରଟେନ୍ କରିବେ। ଫିଲ୍ମରେ ଅଜୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କାଜୋଲ ତାନାଜୀଙ୍କ ପତ୍ନୀ ସାବିତ୍ରୀବାଇ ମାଲୁସାରେଙ୍କ ଭୂମିକାରେ ନଜରକୁ ଆସିବେ। ୧୯୯୫ରେ ଦୁହେଁ ଫିଲ୍ମ 'ହଲ୍‌ଚଲ୍'ରେ ପ୍ରଥମେ ଏକାଠି ନଜରକୁ ଆସିଥିଲେ। ହେଲେ ଫିଲ୍ମ 'ଇସ୍କ'ରୁ କାଜଲ-ଅଜୟଙ୍କ ଯୋଡ଼ି ହିଟ୍ ହୋଇଥିଲା। ଏମିତିରେ କାଜୋଲଙ୍କୁ ଦଶନ୍ଧିର ଜଣେ ସଫଳ ଅଭିନେତ୍ରୀ ବୋଲି କୁହାଯାଉଥିବାବେଳେ ଅଜୟ ବଲିଉଡ୍‌ରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ନିକଟରେ ନିଜେ ଅଜୟ ପତ୍ନୀ କାଜୋଲଙ୍କ ଅଭିନୟର ଭୂରି ଭୂରି ପ୍ରଶଂସା କରିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ଇଣ୍ଟରଭ୍ୟୁ ଦେବା ସମୟରେ ଅଜୟ କହିଛନ୍ତି, ସମୟ ଅନୁସାରେ କାଜୋଲଙ୍କ ଅଭିନୟ ଅନେକ ମାତ୍ରାରେ ପ୍ରଭାବିତ ହୋଇଛି। ପୂର୍ବ ଅପେକ୍ଷା ତାଙ୍କ ଅଭିନୟ ଶୈଳୀରେ ଅନେକ ଗାମ୍ଭୀର୍ଯ୍ୟ ଆସିଯାଇଛି। ସେ ଏବେ ଜଣେ ପରିପକ୍ୱ ଏବଂ ପାରଦର୍ଶୀ ଅଭିନେତ୍ରୀ ହୋଇସାରିଛନ୍ତି, ଯେଉଁଥିପାଇଁ ସେ କ୍ୟାମେରା ସାମ୍ନାରେ ସମ୍ପୂର୍ଣ୍ଣ ଭାବେ ନିଜ ଭୂମିକାରେ ହଜିଯାଉଛନ୍ତି। ଅଜୟ ପୁଣି କହିଛନ୍ତି, କ୍ୟାମେରା ସମ୍ମୁଖରେ କାଜୋଲ ଯେଭଳି ଭାବେ ବଦଳି ଯାଉଛନ୍ତି, ତାହା ଦେଖି ଶୁଟିଂ ସେଟ୍‌ରେ ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇପଡୁଛନ୍ତି। କାଜୋଲ୍ ଅଫ୍ ସ୍କ୍ରିନ୍ ହେଉ ବା ଅନ୍ ସ୍କ୍ରିନ୍, ସବୁବେଳେ ଆବଶ୍ୟକ ଅନୁଯାୟୀ ଅତି ସହଜରେ ନିଜ ଚରିତ୍ରରେ ମଗ୍ନ ହୋଇ ରହିଥାନ୍ତି। ପରିସ୍ଥିତି ଓ ଆବଶ୍ୟକତାକୁ ବୁଝିବା ଦୃଷ୍ଟିରୁ ଜଣେ ଅଭିନେତ୍ରୀ ହିସାବରେ ସେ ପୂର୍ବ ଅପେକ୍ଷା ଆହୁରି ପରିପକ୍ୱ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ଓ୍ୱାରିୟର୍'ରେ କାଜୋଲ, ଅଜୟଙ୍କ ବ୍ୟତୀତ ସୈଫ୍ ଅଲୀ ଖାନ୍ ମଧ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସୈଫ୍ ଫିଲ୍ମରେ ଭିଲେନ୍ ହୋଇଛନ୍ତି। ଫିଲ୍ମଟି ଆସନ୍ତା ୧୦ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଦୀପିକା ପାଦୁକୋନ୍‌ଙ୍କ ଫିଲ୍ମ 'ଛପାକ୍'କୁ ଏହା ଟକ୍କର ଦେବ।

# ସପ୍ତାହରେ ୩ ଦିନ ଛୁଟି ପ୍ରସ୍ତାବ ଆଣିଲେ ସନା

**ହେଲ୍‌ସିଙ୍କି:** ଯଦି ସପ୍ତାହକୁ ୪ ଦିନ ଓ ପ୍ରତିଦିନ ମାତ୍ର ୬ ଘଣ୍ଟା କାମ କରିବାକୁ ପଡ଼େ ତେବେ କେହି ଏଭଳି ଚାକିରିକୁ ହାତଛଡା କରିବାକୁ ଚାହିଁବେନି। କାମର ବୋଝକୁ ହାଲୁକା କରିବା ଓ ପରିବାରକୁ ସମୟ ଦେବା ପାଇଁ କର୍ମଚାରୀଙ୍କ ଲାଗି ଏକ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଛନ୍ତି ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ସନା ମରିନ୍। ୩୪ବର୍ଷୀୟ ସନା ବିଶ୍ୱର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇ ବେଶ୍ ଚର୍ଚ୍ଚା ସାଉଁଟିଥିଲେ। ଏବେ କର୍ମଚାରୀଙ୍କ ପାଇଁ ଏଭଳି ପ୍ରସ୍ତାବ ଆଣି ସେ ପୁଣି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଫିନ୍‌ଲାଣ୍ଡର କର୍ମଚାରୀମାନଙ୍କୁ ଏବେ ସପ୍ତାହରେ ୩ ଦିନ ଛୁଟି ଓ ଦିନକୁ ୬ଘଣ୍ଟା କାମ କରିବାକୁ ପଡ଼ିବ। ସନାଙ୍କ ଅନୁସାରେ ଏହି ପ୍ରସ୍ତାବ ଦ୍ୱାରା ଲୋକମାନେ ପରିବାରକୁ ସମୟ ଦେବା ସହିତ ନିଜର ଅଧା ରହିଥିବା ସ୍ୱପ୍ନକୁ ପୂରା କରିପାରିବେ।



ଏଥିସହ କର୍ମଚାରୀମାନେ ଖୁସିରେ ରହିବେ। ଖୁସି ରହିବା ସହ କମ୍ ସମୟରେ ଅଧିକ କାମ କରିବା ଦ୍ୱାରା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଫିନ୍‌ଲାଣ୍ଡର ପଡୋଶୀ ଦେଶ ସ୍ୱୀଡେନରେ ୨୦୧୫ରେ ୬ଘଣ୍ଟା କାର୍ଯ୍ୟର ଆଇନ ଲାଗୁ କରାଯାଇଥିଲା। ଏଥିରେ କର୍ମଚାରୀ ଖୁସି ହୋଇ କାମ କରିଥିଲେ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଆସିଥିବା ଜଣାପଡ଼ିଛି। ସେହିପରି ନଭେମ୍ବର ୨୦୧୮ରେ ଜାପାନର ଏକ ମାଇକ୍ରୋସଫ୍ଟ କମ୍ପାନୀରେ ଏଭଳି ଏକ ପ୍ରସ୍ତାବକୁ ନେଇ ସର୍ଭେ କରାଯାଇଥିଲା। କର୍ମଚାରୀମାନେ ୪ ଦିନ କାମ କରିଥିବାବେଳେ ଏହାର ଫଳାଫଳ ଭଲ ଆସିଥିଲା। ଏଥିରେ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ୪୦ ପ୍ରତିଶତ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଥିଲା। ତେବେ ସନାଙ୍କ ଏହି ପ୍ରସ୍ତାବକୁ ଫିନ୍‌ଲାଣ୍ଡର ଶିକ୍ଷା ମନ୍ତ୍ରୀ ଓ ଜନତା ସ୍ୱାଗତ କରିଛନ୍ତି।




## ହୀରାକୁଦ ଡ୍ୟାମ୍‌ରେ ବିଦେଶୀ ପକ୍ଷୀ ଗଣନା

**ସମ୍ବଲପୁର, ୭ା୧(ବ୍ୟୁରୋ):** ଚଳିତବର୍ଷ ହୀରାକୁଦ ଡ୍ୟାମ୍‌କୁ ଆସିଥିବା ବିଦେଶୀ ପକ୍ଷୀ ଗଣନା ମଙ୍ଗଳବାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏମାନଙ୍କ ସଂଖ୍ୟା ଜଣା ପଡି ନ ଥିଲେ ମଧ୍ୟ ଗତବର୍ଷ ଅପେକ୍ଷା ଚଳିତବର୍ଷ ଏଠାକୁ ଅଧିକ ସଂଖ୍ୟକ ପକ୍ଷୀ ଆସିଥିବା ଆଶା କରାଯାଉଛି। ସକାଳ ୮ଟାରେ ୧୨୬ ଜଣ କର୍ମଚାରୀ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ସମ୍ବଲପୁର ଡିଭିଜନର ୯ଟି, ଝାରସୁଗୁଡାର ୬, ହୀରାକୁଦ ବନ୍ୟପ୍ରାଣୀ ବିଭାଗର ୬ଟି ଟିମ୍ ଏହିପରି ମୋଟ ୨୧ ଟିମ୍ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଗୋଟିଏ ଟିମ୍‌ରେ ଜଣେ ସ୍ୱତନ୍ତ୍ର ଅଧିକାରୀ, ୩ ଜଣ ବନ ବିଭାଗ କର୍ମଚାରୀ ଏବଂ ୨ଜଣ ନାଉରିଆ ରହିଥିଲେ। ସମ୍ବଲପୁର ଡିଭିଜନର ୯ଟି ଟିମ୍ ମଧ୍ୟରୁ ପାୱାର ଚ୍ୟାନେଲରେ ୩ଟି ଟିମ୍ ଗଣନା କରିଥିଲେ।

### ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୮୯୦୮୧୫୭୧୭୦**

## ଆଇଏଏସ୍ ଅଫିସର, ବ୍ୟାଙ୍କ ଅଧିକାରୀଙ୍କ ସମ୍ପର୍କ ଉପରେ ଭିଜିଲାନ୍ସ ଖୋଳତାଡ଼

# ୭ ବର୍ଷରେ ୭୦ ଲକ୍ଷର କାରବାର

**ସନ୍ଦେହଜନକ ଆକାଉଣ୍ଟ ଠାବ କଲା ଭିଜିଲାନ୍ସ**

**କଟକ ଅଫିସ, ୭ା୧**

ଲକ୍ଷେ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ ଓ ୟେସ୍ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମ୍ପର୍କ ଉପରେ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି। ଉଭୟଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଭିଜିଲାନ୍ସ ଯାଞ୍ଚ କରିଛି। ୨୦୧୨ରୁ ୨୦୧୯ ମଧ୍ୟରେ ଉପାଧ୍ୟାୟଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟରେ ୭୦ ଲକ୍ଷ ଟଙ୍କା ଡିପୋଜିଟ ହୋଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହି ୭୦ ଲକ୍ଷ ଟଙ୍କା କାରବାର ମଧ୍ୟରୁ କେବଳ ୨୨ ଲକ୍ଷ ଟଙ୍କା ଉପାଧ୍ୟାୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଥିବାବେଳେ ଜମା ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଟଙ୍କା ଆସିଥିବା ଆକାଉଣ୍ଟଗୁଡ଼ିକୁ ମଧ୍ୟ ଭିଜିଲାନ୍ସ ଠାବ କରିଛି। ସେଥିମଧ୍ୟରୁ କେତେକ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ଭିଜିଲାନ୍ସ ଖୋଳତାଡ଼ ଚଳାଇଛି। ଏହି ସନ୍ଦେହଜନକ ଆକାଉଣ୍ଟରୁ ଲାଞ୍ଚ ଆକାରରେ ଟଙ୍କା ଆସିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ସନ୍ତୋଷଙ୍କର ୟେସ୍ ବ୍ୟାଙ୍କରେ ୫ ମାସର କାର୍ଯ୍ୟକାଳ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭ ଲକ୍ଷ ଟଙ୍କା ଆସିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ବିଭିନ୍ନ ବ୍ୟାଙ୍କଗୁଡ଼ିକୁ ଉଭୟଙ୍କର ଆକାଉଣ୍ଟ ଓ କ୍ରେଡିଟ୍ କାର୍ଡ କାରବାର ସମ୍ପର୍କରେ ଜାଣିବା ନିମନ୍ତେ ଭିଜିଲାନ୍ସ ପକ୍ଷରୁ ଚିଠିକରାଯାଇଛି। ଅନ୍ୟପକ୍ଷରେ ଉଭୟଙ୍କର ଶେୟାର ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡ ଜମା ଜାଣିବା ନିମନ୍ତେ ନ୍ୟାଶନାଲ ସିକ୍ୟୁରିଟିଜ୍ ଡିପୋଜିଟାରୀ ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍), ସେଣ୍ଟ୍ରାଲ ଡିପୋଜିଟାରୀ ସର୍ଭିସେସ୍ ଲିମିଟେଡ୍ (ସିଡିଏସ୍‌ଏଲ୍) ଓ କମ୍ପ୍ୟୁଟର ଏଜ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ ଲିମିଟେଡ୍ (କାମ୍‌ସ)କୁ ମଧ୍ୟ ଭିଜିଲାନ୍ସ ଚିଠି ପଠାଇଛି।

ସୂଚନାଥାଉ କି, ଗତ ଡିସେମ୍ବର ୩୦ ତାରିଖରେ ଉଭୟଙ୍କୁ ଭିଜିଲାନ୍ସ ସେଲ୍ ଗିରଫ କରିଥିଲା। ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ ସଂସ୍ଥାର ୫୦ ଲକ୍ଷ ଟଙ୍କାର ବିଲ୍ କ୍ଲିୟର କରିବା ପାଇଁ ଆଇଏଏସ୍ ଅଫିସର ଉପାଧ୍ୟାୟ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ନିଜେ ଏହି ଲାଞ୍ଚ ଗ୍ରହଣ ନ କରି ସେ ବ୍ୟାଙ୍କ ମ୍ୟାନେଜର ସନ୍ତୋଷଙ୍କୁ ମଧ୍ୟସ୍ଥ କରିଥିଲେ। ଘଟଣାଦିନ ସନ୍ତୋଷ ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ୍‌ର ଜଣେ ଅଧିକୃତ ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସନ୍ତୋଷଙ୍କୁ ଭିଜିଲାନ୍ସ ଜେରା କରିବା ପରେ ଉପାଧ୍ୟାୟଙ୍କ ଲିଙ୍କ୍ ପଦାକୁ ଆସିଥିଲା। ଉଭୟଙ୍କୁ ୨୦୧୯ ଡିସେମ୍ବର ୩୧ ତାରିଖରେ କୋର୍ଟଚାଲାଣ କରାଯାଇଥିଲା। ତେବେ ଅଧିକ ପଚରାଉଚରା ପାଇଁ ଭିଜିଲାନ୍ସ ସେମାନଙ୍କୁ ୬ ଦିନିଆ ରିମାଣ୍ଡରେ ଆଣିଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ସେମାନଙ୍କୁ ଗତ ୫ ତାରିଖରେ ଜେଲ୍ ପଠାଯାଇଛି। ସର୍ବଶେଷ ସୂଚନା ଅନୁଯାୟୀ, ୟେସ୍ ବ୍ୟାଙ୍କ ଭାଇସ୍ ପ୍ରେସିଡେଣ୍ଟ ପଟ୍ଟନାୟକଙ୍କୁ ବ୍ୟାଙ୍କ ପକ୍ଷରୁ ମଧ୍ୟ ନିଲମ୍ବିତ କରାଯାଇଛି।

# ଓଡ଼ିଶାର ଗାଁ, ଆନ୍ଧ୍ରର ଜଣଙ୍କ ନାମରେ ୧୦୦ରୁ ଊର୍ଦ୍ଧ୍ୱ ପଟ୍ଟା

**ପାତ୍ରପୁର,୭ା୧(ଡି.ଏନ୍.ଏ.)**


ଅନ୍ତରସିଙ୍ଗି ଗ୍ରାମର ମହିଳା ଓ ପୁରୁଷମାନେ।

- ଶହେରୁ ଊର୍ଦ୍ଧ୍ୱ ପରିବାର ଆବାସ ଯୋଜନାରୁ ବଞ୍ଚିତ
- ସ୍କୁଲ, ଗ୍ରାମ୍ୟ ରାସ୍ତା ପଟ୍ଟା ବି ଆନ୍ଧ୍ରରେ

ପ୍ରାୟ ୨୦୦ ବର୍ଷ ତଳର ଗାଁ। ଏଠାରେ ପୁରାତନ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ପୋଖରୀ, ପକ୍କା ରାସ୍ତା, ପକ୍କା ଘର ଅଛି। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଚାଲିଛି। ହେଲେ ସ୍କୁଲ, ଗ୍ରାମ୍ୟ ରାସ୍ତା ଓ ୧୦୦ରୁ ଊର୍ଦ୍ଧ୍ୱ ପରିବାରର ପଟ୍ଟା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ଯଦ୍ୱାରା ଗ୍ରାମବାସୀଙ୍କୁ କେତେକ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଖମ୍ବାରିଗାଁ ପଞ୍ଚାୟତ ଅନ୍ତରସିଙ୍ଗିରେ। ୧୯୯୪ରେ ହୋଇଥିବା ସେଟେଲ୍‌ମେଣ୍ଟରେ ଏଭଳି ହୋଇଛି ବୋଲି ଜଣାପଡିବା ପରେ ଗ୍ରାମବାସୀ ଗଞ୍ଜାମ ଜିଲା ପ୍ରଶାସନକୁ ଭେଟି ସମସ୍ୟା ଜଣାଇବେ ବୋଲି ସୂଚନା ଦେଇଛନ୍ତି।

ଖମ୍ବାରିଗାଁ ପଞ୍ଚାୟତ ଅନ୍ତରସିଙ୍ଗି ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଗ୍ରାମବାସୀ ପାନୀୟ ଜଳଠାରୁ ଆରମ୍ଭ କରି ଓଡ଼ିଶା ସରକାରଙ୍କ ପ୍ରାୟ ସମସ୍ତ ସୁବିଧା ପାଉଛନ୍ତି। ହେଲେ ୧୦୦ରୁ ଊର୍ଦ୍ଧ୍ୱ ପରିବାରର ନିଜସ୍ୱ ଘରର ପଟ୍ଟା ନାହିଁ। ଫଳରେ ଏମାନେ ଆବାସ ଯୋଜନାରେ ଘର, ଘରଭଙ୍ଗା ସହାୟତା ଏପରିକି ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରମାଣପତ୍ର ଆଦି ପାଇଁ ହଇରାଣ ହେଉଛନ୍ତି। ତେଲୁଗୁ ଭାଷାଭାଷୀ ଏହି ପରିବାରଗୁଡିକ ଘର ପଟ୍ଟା କାହା ନାମରେ ଅଛି, ତାହା ଜାଣି ନ ଥିଲେ। କେତେଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରମାଣପତ୍ର ପ୍ରସ୍ତୁତ କରିବା ନିମନ୍ତେ ପଟ୍ଟା ପାଇଁ ତହସିଲକୁ ଆସିଥିବା ବେଳେ ପଟ୍ଟା ଆନ୍ଧ୍ରର ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। କେବଳ ଘର ନୁହେଁ, ଗାଁ ସ୍କୁଲଠାରୁ ଆରମ୍ଭ କରି ସର୍ବସାଧାରଣ ରାସ୍ତାର ପଟ୍ଟା ମଧ୍ୟ ଆନ୍ଧ୍ର ମସାଗାପୁର ବାଇଜାଗ୍ ଗ୍ରାମର ସେହି ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମରେ ଏକ ବୈଠକ ଡକାଯାଇ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଭେଟିବାକୁ ଆଲୋଚନା କରାଯାଇଛି। ତହସିଲଦାର ଓ ଜିଲାପାଳଙ୍କୁ ଭେଟି ପଟ୍ଟା ନିଜ ନାଁରେ କରାଇବାକୁ ଜଣାଇବେ ବୋଲି ଗ୍ରାମର ବି. ଜେଜାରାଓ, ଏ. କେଶବରାଓ, ଜି. ନାରସିଙ୍ଗୁଲୁ, ଏମ୍. ତାତେୟା, ବି. ଜାମ୍ପାଲୁ, କେ. କାନ୍ତାମ୍ମା, ଡ଼ି. ଧର୍ମାରାଓ, କେ. ଲାଛମାୟା, ବି. ପ୍ରକାଶ, ଟି. ଲକ୍ଷ୍ମୀ, ଏମ୍. ଗୁନ୍ନା, ପି. ଡ଼ାଲେୟା, ପି. ଖଗନାଥ, ଡ଼ି. ଡ଼ାଲାମ୍ମା, ଅର୍ଜୁନ ମହାନ୍ତି, ଜି. ଗୌରାମ୍ମା, ବି. ଏରାୟା ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୯୯୪ରେ ହୋଇଥିବା ସେଟେଲ୍‌ମେଣ୍ଟରେ ସମ୍ପୃକ୍ତ ଆନ୍ଧ୍ର ବ୍ୟକ୍ତି ଜଣଙ୍କ ନାମରେ ରୟତ ପଟ୍ଟା ଅଛି। ଏହା ଉପରେ ତହସିଲ କୌଣସି ହସ୍ତକ୍ଷେପ କରି ପାରିବନାହିଁ। ସେଟେଲ୍‌ମେଣ୍ଟ ବିଭାଗକୁ ଯାଇ ତଦନ୍ତ କଲେ ଜଣେ ବ୍ୟକ୍ତିଙ୍କ ନାମରେ କିଭଳି ଏତେ ପରିମିତ ସରକାରୀ ଓ ଘରବାରି ପଟ୍ଟା ହେଲା, ତାହା ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

# ଓଡ଼ିଶାରେ ଏନ୍‌ପିଆର୍ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୭ା୧(ବ୍ୟୁରୋ)**

ସାରା ଦେଶରେ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର)କୁ ନେଇ ବିକ୍ଷୋଭ ଏବଂ ବିତର୍କ ଚାଲିଥିବା ବେଳେ ରାଜ୍ୟ ସରକାର ଓଡିଶାରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଜଣେ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ପ୍ରାଥମିକଭାବେ ଏନ୍‌ପିଆର ପାଇଁ ପାଇଲଟ ସର୍ଭେ ଆରମ୍ଭ ହୋଇଛି। ଘରକୁ ଘର ବୁଲି ଏହି ପ୍ରକ୍ରିୟାରେ ତଥ୍ୟ ସଂଗ୍ରହ କରାଯିବ। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏହି କାର୍ଯ୍ୟର ପ୍ରକ୍ରିୟା ଆରମ୍ଭ ହୋଇଛି। ଏପ୍ରିଲ ଦ୍ୱିତୀୟ ସପ୍ତାହ ବେଳକୁ ଅଧିକାରୀମାନେ ଘରକୁ ଘର ବୁଲି ତାଲିକା ପ୍ରସ୍ତୁତ କରିବେ। କେତେକ ରାଜ୍ୟରେ ଏନ୍‌ପିଆରକୁ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)ର ପ୍ରଥମ ସୋପାନ ବୋଲି ଅଭିହିତ କରିଛନ୍ତି। ହେଲେ ଏନପିଆର୍ ସହ ଏଆର୍‌ସିର କୌଣସି ସମ୍ପର୍କ ନ ଥିବା ରାଜ୍ୟ ସରକାର ମତ ରଖିସାରିଛନ୍ତି। ସେହିଭଳି ଏହି ପ୍ରକ୍ରିୟାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଲାଗି ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଆଶୁତୋଷ ପ୍ରଧାନ


ଗୋପିକା ପାତ୍ର


ଜ୍ୟୋସ୍ନାରାଣୀ ମିଶ୍ର


ସନ୍ତୋଷ କୁମାର ରାଉତ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**■ ଜେଲରେ ମୋବାଇଲ ଫୋନ୍ ଉପରେ ଲାଗିଲା କଟକଣା**

# ୯୧ ଜେଲରେ ଲାଗିବ ମୋବାଇଲ ଡିଟେକ୍ଟର

- କର୍ମଚାରୀ ବି ଭିତରକୁ ନେଇପାରିବେନି ଫୋନ୍
- ସମସ୍ତ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ଡିଜି

**ଭୁବନେଶ୍ୱର, ୭ା୧(ବ୍ୟୁରୋ):** ଜେଲ୍ ଭିତରକୁ ଯାଉଛି ମୋବାଇଲ୍ ଫୋନ୍। ଏହି ମୋବାଇଲ୍ ଫୋନ୍ ମାଧ୍ୟମରେ ଜେଲ୍‌ରେ ରହି ଅପରାଧୀମାନେ ବାହାରେ ଘଟାଉଛନ୍ତି ଅପରାଧ, ବଢ଼ାଉଛନ୍ତି ସେମାନଙ୍କ ନେଟ୍‌ୱର୍କ। ନିକଟରେ ଚୌଦ୍ୱାର ଜେଲ୍ ଭିତରୁ ଦୁର୍ଦ୍ଦାନ୍ତ ସକିଲଙ୍କର ଏକ ସେଲ୍‌ଫି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏଭଳି ସାଂଘାତିକ ଘଟଣା ପଦାକୁ ଆସିଥିଲା। ଖୋଳତାଡ଼ ପରେ ସକିଲ ଜେଲ୍ ଭିତରୁ ମୋବାଇଲ୍ ଫୋନ୍ ମାଧ୍ୟମରେ ୩ଜଣ ଗର୍ଲଫ୍ରେଣ୍ଡଙ୍କ ଦ୍ୱାରା ଅପରାଧ ଘଟାଉଥିବା ଜଣାପଡିଥିଲା। ପୂର୍ବରୁ ମଧ୍ୟ ଏଭଳି ଘଟଣାର ଅନେକ ନଜିର ରହିଛି। ତେଣୁ ଏହାକୁ ଜେଲ୍ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ଗୁରୁତ୍ୱର ସହ ଗ୍ରହଣ କରିବା ସହ ମୋବାଇଲ୍ ଫୋନ୍ ଉପରେ କଟକଣା ଜାରି କରିଛନ୍ତି। ଜେଲ୍‌ରେ କଏଦୀମାନେ ଲୁଚାଇ ରଖୁଥିବା ମୋବାଇଲ୍ ଫୋନ୍‌କୁ ଧରିବା ପାଇଁ ପଦକ୍ଷେପ ନିଆଯିବ। ଅପରାଧୀଙ୍କ ସଂଖ୍ୟା ଆଧାରରେ ରାଜ୍ୟର ୯୧ ଜେଲରେ ପ୍ରାୟ ୩ଶହ ଫୋନ୍ ଡିଟେକ୍ଟର ଲଗାଯିବ। ଏଥିଲାଗି ୭୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସରିବ। ଅନ୍ୟପକ୍ଷରେ ଜେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି। ଏଣିକି ସେମାନେ ଆଉ ଜେଲ ଭିତରକୁ ମୋବାଇଲ୍ ନେଇ ପାରିବେ ନାହିଁ। ପ୍ରବେଶ ସମୟରେ ଫାଟକରେ ସୁରକ୍ଷାକର୍ମୀଙ୍କୁ ମୋବାଇଲ୍ ଫୋନ୍ ହସ୍ତାନ୍ତର କରିବେ। ଡ୍ୟୁଟି ସରିବା ପରେ ନିଜର ମୋବାଇଲ୍ ଫୋନ୍ ଧରି ବାହାରକୁ ବାହାରିବେ। ଏହାକୁ କଡାକଡି ପାଳନ କରିବା ପାଇଁ ରାଜ୍ୟର ସମସ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜି ଉପାଧ୍ୟାୟ ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଜେଲରେ ରହିଥିବା ଫୋନ୍‌ରେ କଏଦୀମାନେ ସେମାନଙ୍କ ସମ୍ପର୍କୀୟଙ୍କ ସହ କଥାହେବା ସମୟରେ ତାହା ଉପରେ କଡ଼ା ନଜର ରଖାଯାଉଛି। ସେମାନେ କାହାସହ କଥା ହେବାକୁ ଚାହୁଁଛନ୍ତି ଓ ସେ ବ୍ୟକ୍ତି ଜଣକ କିଏ, ତାହାକୁ ଦାୟିତ୍ୱରେ ଥିବା ଅଧିକାରୀ ଯାଞ୍ଚ କରିବା ପରେ ହିଁ ସୁଯୋଗ ଦେବେ। ଚୌଦ୍ୱାର ଜେଲ୍‌ରେ ଥିବା ସକିଲଙ୍କ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ଆବଶ୍ୟକ ପଡିଲେ ତାଙ୍କୁ ସ୍ୱତନ୍ତ୍ର ସେଲ୍‌ରେ ରଖାଯିବ। ସେହିଭଳି ଆଗକୁ ଜେଲରେ ଅପରାଧୀଙ୍କ ଉପରେ ଅଧିକ ନଜର ରଖିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯିବ। ଏହାସହ ଜାମୁଝରି ମୁକ୍ତାକାଶ ଜେଲ୍ ପରିସରରେ ହୋଇଥିବା ଜେଲ୍ ଏକାଡେମୀରେ ଜେଲ୍ କର୍ମଚାରୀଙ୍କୁ ଏହା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଡିଜି କହିଛନ୍ତି।

# ବନ୍ଦ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ୭ା୧(ବ୍ୟୁରୋ)**

- ସତର୍କ ରହିବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ
- କୌଣସି ପ୍ରକାର ହିଂସାକୁ ପ୍ରଶ୍ରୟ ଦିଆଯିବନି

କେନ୍ଦ୍ର ସରକାରଙ୍କ ଜନବିରୋଧୀ ତଥା ରାଷ୍ଟ୍ରଦ୍ରୋହୀ ନୀତିର ପ୍ରତିବାଦ କରିବା ସହ ୧୨ ଦଫା ଦାବି ନେଇ ୧୦ ଟ୍ରେଡ୍ ୟୁନିୟନ ବୁଧବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଛି। ବନ୍ଦକୁ ସମର୍ଥନ କରିଛି କଂଗ୍ରେସ ଓ ଅନ୍ୟ କେତେକ ସଂଗଠନ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି କଟକ, ଭୁବନେଶ୍ୱର, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ଭଦ୍ରକ, କେନ୍ଦ୍ରାପଡା, ପାରାଦୀପ, କୋରାପୁଟ, ବାଲେଶ୍ୱର ଓ ଜଗତ୍‌ସିଂହପୁର ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବଢାଇ ଦିଆଯାଇଛି। ବନ୍ଦ ସମୟରେ ଯେପରି କୌଣସି ସ୍ଥାନରେ ହିଂସା ନ ଘଟେ ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଲ' ଆଣ୍ଡ ଅର୍ଡର ଦାୟିତ୍ୱରେ ଥିବା ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ରାଜ୍ୟର ପ୍ରମୁଖ ସହରଗୁଡିକକୁ ଆବଶ୍ୟକତା ଅନୁଯାୟୀ ପୋଲିସ ଫୋର୍ସ ପଠାଯାଇଛି। କେଉଁ ସ୍ଥାନରେ ସେମାନଙ୍କୁ ମୁତୟନ କରାଯିବ ଓ କେଉଁଠି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ତାହା ଏସ୍‌ପିମାନେ ସ୍ଥିର କରିବେ। ବନ୍ଦ ପାଳନ ସମୟରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ତାହାର ମୁକାବିଲା ପାଇଁ ପୂରା ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। କୌଣସି ପ୍ରକାର ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଯେଉଁମାନେ ହିଂସା ଘଟାଇବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ରେଲ୍‌ୱେ, ସରକାରୀ ବସ୍, ସରକାରୀ ଅଫିସ୍ ଆଦିରେ ସୁରକ୍ଷା ବ୍ୟବସ୍ଥା ହୋଇଛି। ସରକାରୀ ଅଫିସ ଆଗରେ ପୋଲିସ ମୁତୟନ ରହିବେ। ଆମେ ଆଶା କରୁଛୁ ଆନ୍ଦୋଳନ ଶାନ୍ତିପୂର୍ଣ୍ଣଭାବେ ଶେଷ ହେବ ବୋଲି ଏଡିଜି ପ୍ରିୟଦର୍ଶୀ କହିଛନ୍ତି।

ଅନ୍ୟପକ୍ଷରେ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କଂଗ୍ରେସ ଓ ଟ୍ରେଡ୍ ୟୁନିୟନ ପକ୍ଷରୁ କୁହାଯାଇଛି ଯେ, ଏହି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିବ। କୌଣସି ପ୍ରକାର ହିଂସା ନ ଘଟାଇବା ପାଇଁ ସମସ୍ତ କର୍ମୀଙ୍କୁ କୁହାଯାଇଛି। ଏଥିରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

# ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

**କଟକ ଅଫିସ, ୭ା୧:** ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ନଗର ଉନ୍ନୟନ ସଚିବଙ୍କ ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଇଛି। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଏହି ମାମଲା ଦାଏର କରିଛନ୍ତି। ସୂଚନାଥାଉ କି, ଆସ୍କା, ଭଞ୍ଜନଗର, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି ନେଇ ପାଣିଗ୍ରାହୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ପୂର୍ବରୁ ଦାଏର କରିଥିଲେ। ଗତ ଅଗଷ୍ଟରେ ମାମଲାର ଶୁଣାଣି କରି ହାଇକୋର୍ଟ ସରକାରଙ୍କୁ ତୁରନ୍ତ ଉପରୋକ୍ତ ୩ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାକୁ ଆଦେଶ ଦେଇଥିଲେ। ଆଦେଶକୁ ୬ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ହେଲେ ଇତିମଧ୍ୟରେ ୪ ମାସ ବିତିଥିଲେ ମଧ୍ୟ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ପାଣିଗ୍ରାହୀ ମଙ୍ଗଳବାର ଏ ନେଇ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିଛନ୍ତି। ସେହିପରି ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନର ୩ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ୬୨ ରାଜସ୍ୱ ଗ୍ରାମକୁ ନିଗମରେ ସାମିଲ କରିବା ପାଇଁ ମଧ୍ୟ ପାଣିଗ୍ରାହୀ ଅନୁରୂପ ଭାବେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ୩ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ଗତ ଜୁନ୍‌ରେ ନଗର ଉନ୍ନୟନ ବିଭାଗକୁ ଆଦେଶ ଦେଇଥିଲେ। ଇତିମଧ୍ୟରେ ୬ ମାସ ବିତିଥିଲେ ମଧ୍ୟ ଏହି ଆଦେଶ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ନଗର ଉନ୍ନୟନ ସଚିବଙ୍କ ବିରୋଧରେ ପାଣିଗ୍ରାହୀ ଅନୁରୂପ ଭାବେ ଅଦାଲତ ଅବମାନନା ମାମଲା ଦାଏର କରିଛନ୍ତି।



# ସିଏଏ: ଏକ ନୈତିକ ଓ ସାମ୍ବିଧାନିକ ପ୍ରତିଫଳନ



ଧର୍ମେନ୍ଦ୍ର ପ୍ରଧାନ

ଉତ୍ତର ଦିଲ୍ଲୀ ଯମୁନା ନଦୀ କୂଳରେ ମଜନୁକା ଟିଲାର ଏକ ଶରଣାର୍ଥୀ ଶିବିରରେ ଜନ୍ମ ନିଏ ଏକ କୁନିଝିଅ 'ନାଗରିକତା'। ପାକିସ୍ତାନରେ ଉତ୍ପୀଡ଼ନ ସହ୍ୟ କରି ନ ପାରି ତା' ମା'ବାପା ଆସି ପହଞ୍ଚିଥିଲେ ସୀମାପାର ହୋଇ ଆମ ଦେଶରେ। ନାଗରିକତା ବିଲ୍ ଆଇନରେ ପରିଣତ ହେବା ପରେ ସମ୍ମାନର ସହିତ ବଞ୍ଚିବାର ଆଶା ନେଇ ସେମାନେ ଝିଅର ଏପରି ନାମକରଣ କରିଥିଲେ। ତାଙ୍କ ଦେଶରେ ଦୀର୍ଘଦିନ ଧରି ନାଗରିକତ୍ୱରୁ ବଞ୍ଚିତ ଥିବା ଏହି ଦମ୍ପତିଙ୍କ ମନରେ ନାଗରିକତା ବିଲ୍ ଆଇନରେ ପରିଣତ ହେବା ପରେ ଆଶାର ସଞ୍ଚାର ହୋଇଛି।

ନାଗରିକତା ସଂଶୋଧନ ଆଇନ ପାରିତ ହେବା ପରେ ଗୁଜବକୁ କେନ୍ଦ୍ରକରି ଉଠିଥିବା ବିରୋଧାଭାସ ଅନ୍ତରାଳରେ ରହିଯାଇଛି କେତେକ ଅସମାହିତ ପ୍ରଶ୍ନ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି – କେତେକ ଦେଶରେ ଧର୍ମ ନାମରେ ନିର୍ଯାତନା ବାସ୍ତବତା ଉପରେ ପର୍ଯ୍ୟବସିତ ନା ନୁହେଁ? ଏଭଳି ନିର୍ଯାତନାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ କ୍ଳେଶକୁ ଭାରତ ପରି ଏକ ସଭ୍ୟତାସମ୍ପନ୍ନ ରାଷ୍ଟ୍ର ଦୂର କରିପାରିବ କି ନାହିଁ? ଶେଷରେ ନାଗରିକତା ସଂଶୋଧନ ଆଇନ ସାମ୍ବିଧାନିକ ବିଧିବ୍ୟବସ୍ଥାର ଉଲ୍ଲଂଘନ କରୁନାହିଁ ତ? ଯଦି ଏହିସବୁ ତଥ୍ୟ ସତ୍ୟ ନୁହେଁ, ତେବେ ଲୋକମାନଙ୍କ ମଧ୍ୟରେ କରାଯାଉଥିବା ପ୍ରଚାର ନିଶ୍ଚିତଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ।

ଯେତେବେଳେ ଭାରତୀୟ ସଂସଦରେ ନାଗରିକତା ସଂଶୋଧନ ବିଲ୍ ଉପରେ ଆଲୋଚନା ଚାଲିଥିଲା, ସେତେବେଳେ ଆମେରିକାର ପରରାଷ୍ଟ୍ର ବିଭାଗ 'ପାକିସ୍ତାନକୁ ଧାର୍ମିକ ସ୍ୱାଧୀନତା ଉଲ୍ଲଂଘନକାରୀ' ବୋଲି ଅଭିହିତ କରିଥିଲା। ନାଗରିକତା ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟି ବିଭିନ୍ନ ତଥ୍ୟକୁ ଭିତ୍ତିକରି ଜାନୁୟାରୀ ୨୦୧୯ରେ ଉଭୟ ସଦନରେ ସେମାନଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ନିକଟରେ ୟୁରୋପୀୟ ସଂସଦ ଦ୍ୱାରା ମଧ୍ୟ ପାକିସ୍ତାନରେ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁ ଏବଂ ମହିଳାମାନଙ୍କ ଉପରେ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶେଷକରି ଅନେକ ହିନ୍ଦୁ ସେ ଦୃଷ୍ଟିରୁ ଭାରତରେ ରାଜନୀତିକ ଆଶ୍ରୟ ଲୋଡ଼ିଛନ୍ତି। ଏକଥା କହିବା ବାହୁଲ୍ୟ ଯେ ନାଗରିକତା ସଂଶୋଧନ ଆଇନ ଅଧୀନରେ ଆସୁଥିବା ତିନୋଟି ଯାକ ରାଷ୍ଟ୍ରଧର୍ମ ଭିତ୍ତିରେ ଗଠିତ।

ଏବେ ଦ୍ୱିତୀୟ ପ୍ରଶ୍ନକୁ ଆସିବା। ଯଦି ଧାର୍ମିକ ନିର୍ଯାତନାର ଶିକାର ହୋଇ ଭାରତରେ କେହି ବ୍ୟକ୍ତି ଆଶ୍ରୟ ଲୋଡ଼େ ତେବେ ସେ କ୍ଷେତ୍ରରେ ଭାରତ ନିକଟରେ କ'ଣ ବିକଳ୍ପ ରହିଛି? ଏ ନେଇ ୧୯୫୦ ମସିହାରେ ଶ୍ୟାମାପ୍ରସାଦ ମୁଖାର୍ଜୀ ଦେଇଥିବା ମନ୍ତବ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। ହବ୍‌ସଙ୍କ ଯୁକ୍ତିକୁ ତର୍ଜମା କରି ସେ କହିଥିଲେ– ''ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଜୀବନ କଦର୍ଯ୍ୟ, ଭୟଙ୍କର ଏବଂ ନିର୍ଦ୍ଦୟ।'' ଭାରତ ହେଉଛି ଶିଖ୍, ଜୈନ ଓ ବୌଦ୍ଧ ଭଳି ମହାନ୍ ଧର୍ମର ଜନ୍ମଦାତା। ଭାରତୀୟ ସଂସ୍କୃତି ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଓ ପରମ୍ପରାକୁ ନେଇ ଗଠିତ। ନାଗରିକତା ସଂଶୋଧନ ଆଇନ ଏହି ସଂଖ୍ୟାଲଘୁମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଦିଗରେ ଏକ ପଦକ୍ଷେପ।

ଶେଷରେ, ସ୍ଥାୟୀ ନାଗରିକତା ଆଇନ ତିଆରି କରିବା ଦାୟିତ୍ୱ ସଂସଦ ଉପରେ ଛାଡ଼ି ଦିଆଯାଇଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି, ନାଗରିକତା ସଂଶୋଧନ ଆଇନ (ସିଏଏ) ଭାରତୀୟ ସମ୍ବିଧାନର ଧାରା ୧୪ରେ ଥିବା ବ୍ୟବସ୍ଥା ଅନୁଯାୟୀ, ସମାନତା ଅଧିକାର ପୂରଣ କରୁଛି ନା ନାହିଁ। ସଂକ୍ଷେପରେ କହିବାକୁ ଗଲେ, ଭାରତର ଭୂଭାଗ ମଧରେ ରାଷ୍ଟ୍ର କୌଣସି ବ୍ୟକ୍ତିଙ୍କୁ ଆଇନ ଆଗରେ ସମାନତା କିମ୍ବା ଆଇନର ସମାନ ସଂରକ୍ଷଣରୁ ବଞ୍ଚିତ କରିପାରିବ ନାହିଁ। ଏଥି ସହିତ ସ୍ୱତନ୍ତ୍ର ପୃଥକୀକରଣ ମାଧ୍ୟମରେ ଧାରା ୧୪ରେ କୌଣସି ପ୍ରକାରର ଅବମୂଲ୍ୟାୟନ 'ତର୍କ ସଂଗତ ଓ ସୁସ୍ପଷ୍ଟ ବିଭେଦୀକରଣ'ର ଦ୍ୱୈତ ଉଦ୍ଦେଶ୍ୟକୁ ପୂରଣ କରୁଥିବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସହ ସଂଶ୍ଳିଷ୍ଟ ହେବା ଆବଶ୍ୟକ। ଅତୀତରେ ବିଭିନ୍ନ ନ୍ୟାୟିକ ରାୟ ମଧ ଏହାକୁ ସମର୍ଥନ କରିଛି।

ନାଗରିକତା ସଂଶୋଧନ ଆଇନର ଲକ୍ଷ୍ୟ ଓ ମୌଳିକତା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଛନ୍ତି। ଆମର ସାତଟି ପଡୋଶୀ ରାଷ୍ଟ୍ର ମଧ୍ୟରୁ ସିଏଏ ଲାଗୁ ହୋଇଥିବା ତିନୋଟି ରାଷ୍ଟ୍ରର ସମ୍ବିଧାନରେ 'ରାଷ୍ଟ୍ରଧର୍ମ' ଉପରେ ଅବତାରଣା କରାଯାଇଛି। ସେ ଦୃଷ୍ଟିରୁ ଆମର ଦ୍ୱିପାକ୍ଷିକ ସମ୍ପର୍କରେ କୌଣସି ବାଛ ବିଚାର କରାଯାଇନାହିଁ। ଇତିହାସ ପୃଷ୍ଠା ଲେଉଟାଇଲେ ଜଣାପଡ଼େ ଯେ, ଭାରତ ଏବଂ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶ ମଧ୍ୟରେ ଆଗରୁ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯିବା ଆସିବା ଥିଲା। ଏପରି କି ଯାତ୍ରା ଅବଧି ସରିଯିବା କିମ୍ବା ଅସମ୍ପୂର୍ଣ୍ଣ ଦସ୍ତାବିଜ ଥାଇ ମଧ୍ୟ ଧାର୍ମିକ ଉତ୍ପୀଡ଼ନରୁ ରକ୍ଷା ପାଇବା ପାଇଁ ସେ ଦେଶରୁ ଲୋକମାନେ ଆମ ଦେଶକୁ ଆସି ଆଶ୍ରୟ ଲୋଡ଼ିଛନ୍ତି। ମୋଦି ସରକାର ମଧ୍ୟ ପାସ୍‌ପୋର୍ଟ ଆଇନ-୧୯୨୦ ଓ ବିଦେଶୀ ଆଇନ-୧୯୪୬ର ଉଲ୍ଲଂଘନ କରି ସେସବୁ ଦେଶରୁ ଆସିଥିବା ନାଗରିକମାନଙ୍କ ପ୍ରତି କୌଣସି ଦଣ୍ଡବିଧାନ କରିନାହାନ୍ତି ଏବଂ ସେମାନଙ୍କୁ ଦୀର୍ଘସୂତ୍ରୀ ଭିଜା ମଧ୍ୟ ପ୍ରଦାନ କରିଛନ୍ତି। ସିଏଏ ବଳରେ କେବଳ ନିର୍ଯାତିତ ସଂଖ୍ୟାଲଘୁମାନେ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ।

ନାଗରିକତା ସଂଶୋଧନ ଆଇନ ସମ୍ବିଧାନର ୨୫ ଧାରାକୁ ଉଲ୍ଲଂଘନ କରୁଛି କି ନାହିଁ ସେଥିନେଇ ମଧ୍ୟ ତର୍କ ବିତର୍କ ଚାଲିଛି। ସ୍ୱାଧୀନଭାବେ ଧର୍ମର ପ୍ରଚାର ଓ ପାଳନ ନେଇ ଧାରା ୨୫ ସମସ୍ତଙ୍କୁ ଅଧିକାର ଦେଇଛି। ସେ ଦୃଷ୍ଟିରୁ ସିଏଏ ଏହାର କୌଣସି ଉଲ୍ଲଂଘନ କରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟଭାବେ କହିଛନ୍ତି ଯେ, ଏହା ସଂଖ୍ୟାଲଘୁମାନଙ୍କ ଅଧିକାର ଉଲ୍ଲଂଘନ କରୁନାହିଁ ବା ନାଗରିକତା ସଂଶୋଧନ ବିଲ୍ ପାସ୍ ହେବାଦ୍ୱାରା ଦେଶର ଧର୍ମନିରପେକ୍ଷତା ଓ ପରମ୍ପରା ପ୍ରତି କୌଣସି ପ୍ରଶ୍ନବାଚୀ ସୃଷ୍ଟି ହେଉନାହିଁ।

ଯୁଗଯୁଗ ଧରି ଉତ୍ପୀଡ଼ନ ସହ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ପାଇଁ ଏହା ହେଉଛି ଏକ ଐତିହାସିକ ପଦକ୍ଷେପ। ସ୍ୱାଚ୍ଛନ୍ଦ୍ୟରେ ବଢିଥିବା କେତେକ ନେତା, ଯେଉଁମାନେ ରାସ୍ତାଘାଟରେ ଏହି ଘଟଣାକୁ ନେଇ ହିଂସା ଉଦ୍ରେକ କରୁଛନ୍ତି, ସେମାନଙ୍କୁ ଶାଳୀନତା ରକ୍ଷା କରିବା ପାଇଁ ମୁଁ ନିବେଦନ କରୁଛି। ସେ ଦୃଷ୍ଟିରୁ ୧୮୯୩ ମସିହାର ପ୍ରସିଦ୍ଧ ବିଶ୍ୱ ଧର୍ମ ସଂସଦରେ ସ୍ୱାମୀ ବିବେକାନନ୍ଦ ଦେଇଥିବା ଭାଷଣ ବେଶ୍ ସ୍ମରଣୀୟ। ସେ କହିଥିଲେ– ''ପୃଥିବୀର ପ୍ରତ୍ୟେକ ଦେଶ ଓ ଧର୍ମରୁ ଉତ୍ପୀଡ଼ନ ସହ୍ୟ କରି ଓ ଶରଣାର୍ଥୀ ହୋଇ ଆସିଥିବା ଲୋକମାନଙ୍କୁ ଆଶ୍ରୟ ଦେଇଥିବା ଏକ ମହାନ୍ ଦେଶରୁ ଆସିଥିବାରୁ ମୁଁ ଗର୍ବିତ।'' ନାଗରିକତା ସଂଶୋଧନ ଆଇନ ସେ ଦୃଷ୍ଟିରୁ ଏହିସବୁ ଆଶା ଓ ସମ୍ଭାବନାକୁ ପୂରଣ କରିଛି।

**– ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ**

## ଭାରତ ବନ୍ଦକୁ ହିନ୍ଦ୍ ମଜଦୁର ସଭାର ସମର୍ଥନ

### ଏହି ସମର୍ଥନ ସହ ବିଜେଡିର ସମ୍ପର୍କ ନାହିଁ: ରଣେନ୍ଦ୍ର

ଭୁବନେଶ୍ୱର, ୭।୧(ବ୍ୟୁରୋ)

ଦେଶର ବିଭିନ୍ନ ଶ୍ରମିକ ସଂଗଠନ, ବିରୋଧୀ ରାଜନୈତିକ ଦଳ ଦ୍ୱାରା ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ କଂଗ୍ରେସ ପକ୍ଷରୁ ମଧ ସମର୍ଥନ ମିଳିଛି। ବନ୍ଦ ସମ୍ପର୍କରେ ବିଜେଡିର ଶ୍ରମିକ ସଙ୍ଗଠନ ତଥା ଦଳର କ'ଣ ଆଭିମୁଖ୍ୟ ତାହା ଉପରେ ସମସ୍ତଙ୍କ ନଜର ରହିଛି। ବନ୍ଦ କାର୍ଯ୍ୟକ୍ରମର ଗୋଟିଏ ଦିନ ପୂର୍ବରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବନ୍ଦକୁ ସମର୍ଥନ କରିବା ନେଇ ଘୋଷଣା କରିଥିଲେ। ହେଲେ ଏହା ବିଜେଡିର ନିଷ୍ପତ୍ତି ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଟୁଇଟ୍ କରି ସ୍ୱାଇଁ କହିଛନ୍ତି ଯେ, ଗଣମାଧ୍ୟମରେ ବନ୍ଦ ସମ୍ପର୍କରେ ମୋର କିଛି ବକ୍ତବ୍ୟ ଆସିଛି। ମୁଁ ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ରହିଛି। ତେଣୁ କାର୍ଯ୍ୟରତ ଶ୍ରମିକ ଶ୍ରେଣୀଙ୍କ ସ୍ୱରକୁ ଶାଣିତ କରିବା ମୋର ନୈତିକ ଦାୟିତ୍ୱ। ଏହି ସମର୍ଥନ ସହ ବିଜୁ ଜନତା ଦଳର କୌଣସି ସମ୍ପର୍କ ନାହିଁ ବୋଲି ରଣେନ୍ଦ୍ର ଉଲ୍ଲେଖ କରିଛନ୍ତି। ସେହିପରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଭାରତ ବନ୍ଦ'କୁ ନେଇ ଯାହା ନିଷ୍ପତ୍ତି ନେବେ, ତାହାକୁ ସେ ମାନିବେ ବୋଲି ରଣେନ୍ଦ୍ର ଉଲ୍ଲେଖ କରିଛନ୍ତି। ମଙ୍ଗଳବାର ପ୍ରଥମାର୍ଦ୍ଧରେ ରଣେନ୍ଦ୍ରଙ୍କ ଏହି ବୟାନକୁ ବିଜେଡିର ଆଭିମୁଖ୍ୟ ବୋଲି ମନେ କରାଯାଉଥିଲା।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ଶାଶୁ ଗୁରୁତର

ପରଜଙ୍ଗ, ୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ପଙ୍ଗାତୀରା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ମଦ୍ୟପ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଶାଶୁ ଗୁରୁତର ହୋଇଛନ୍ତି। ହତ୍ୟାକାଣ୍ଡ ପଛର କାରଣ ସ୍ୱାମୀଙ୍କ ଅନୈତିକ ସମ୍ପର୍କ ବୋଲି କୁହାଯାଉଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ମୃତ ମହିଳାଙ୍କ ବାପା କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ନଂ.୨/୨୦ରେ ହତ୍ୟା ମାମଲା ରୁଜୁ କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଙ୍ଗାତୀରା ଗ୍ରାମର ଲଳିତ ସାହୁଙ୍କ ସହ ସେହି ଗ୍ରାମର ମିତା ସାହୁ (୨୨)ଙ୍କ ୩ବର୍ଷ ତଳେ ବିବାହ ହୋଇଥିଲା। ହେଲେ ଲଳିତଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ କହଳ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଅଧିକାଂଶ ସମୟ ମିତା ଏବଂ ଲଳିତଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଫଳରେ ମିତା ବାପଘରେ ଆସି ରହୁଥିଲେ। ସୋମବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଲଳିତ ଶ୍ୱଶୁର ଘରେ ପହଞ୍ଚିଥିଲେ। ଶାଶୁ ଗେଲ ସାହୁ କବାଟ ଖୋଲିବା ବେଳେ ଲଳିତ ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ମିତା ଶୋଇଥିବା ଘରେ ପଶି ତାଙ୍କୁ ନିର୍ମମ ଭାବେ ହାଣି ପକାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
**କେନ୍ଦ୍ର ସରକାର / ଆଞ୍ଚଳିକ ନିର୍ଦ୍ଦେଶକ,**
**ପୂର୍ବାଞ୍ଚଳ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**କ୍ୱାଲିକମ୍ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ସି-୬୮, ପଳାଶପଲ୍ଲୀ (ବିଏସ୍ଏନ୍ଏଲ୍ ଏକ୍ସଚେଞ୍ଜ ନିକଟ), ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା, ଭାରତ ମାମଲାରେ...... **ବାଦୀ**
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ୨୭ ଡିସେମ୍ବର, ୨୦୧୯ରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାର/ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ ''ଓଡ଼ିଶା ରାଜ୍ୟ''ରୁ ''ପଶ୍ଚିମବଙ୍ଗ ରାଜ୍ୟ''କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ **ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ** କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ଏମ୍‌ସିଏଙ୍କ ନିକଟକୁ **''ନିଜାମ ପ୍ୟାଲେସ୍, IIୟ ଏମ୍ଏସ୍ଓ ବିଲ୍‌ଡିଂ, ୩ୟ ମହଲା, ୨୩୪/୪, ଏ.କେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦, ପଶ୍ଚିମବଙ୍ଗ''** ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ଚଉଦ ଦିନ ମଧରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।
ଆବେଦନକାରୀଙ୍କ ପାଇଁ ଏବଂ ତରଫରୁ
**କ୍ୱାଲିକମ୍ ସଲ୍ୟୁସନ୍ସ ପ୍ରା. ଲିଃ**
**କ୍ୱାଲିକମ୍ ସଲ୍ୟୁସନ୍ସ ପ୍ରା. ଲିଃ**
ସି-୬୮, ପଳାଶପଲ୍ଲୀ (ବିଏସ୍ଏନ୍ଏଲ୍ ଏକ୍ସଚେଞ୍ଜ ନିକଟ), ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା, ଭାରତ
ସ୍ୱା./-
**ଶୁଭାରୁଣ ବାନାର୍ଜୀ**
ନିର୍ଦ୍ଦେଶକ
ତାରିଖ: ୮ ଜାନୁୟାରୀ, ୨୦୨୦
ସ୍ଥାନ: ଭୁବନେଶ୍ୱର
ଡିଆଇଏନ୍: ୦୧୯୩୦୯୩୪

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK**
**C-71, CDA, SECTOR-7, CUTTACK-753014**
**O.A. No. 285 of 2018**
**Odisha Gramya Bank, Baliguali Branch, Puri .....Applicant**
**Vrs.**
**Basanti Jena .....Defendants**
**To,**
**Basanti Jena,** aged about 52 yrs., W/o: Dinabandhu Jena, At: Badagaon, P.S.: Ramchandi, Dist.: Puri.
**SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an Application in **OA No. 285 of 2018** in the Court of Debts Recovery Tribunal, Cuttack for a recovery from the Defendant is liable to the Applicant, a sum of Total of **Rs.15,09,450=00 [Rupees fifteen lakhs nine thousand four hundred and fifty]** only with interest calculated upto **dt.30.10.2017** and future interest, costs and for other reliefs.
The above mentioned defendant[s] are therefore, hereby directed to appear before this Tribunal in person or through an Advocate or duly authorized agent, in support of his/their defence to show cause within **30 days** from the date of publication or on **19th day of February, 2020 at 10.30 a.m.** [fore noon] as to why relief prayed for should not be granted.
Take notice that in case of default the Application will be heard and determined in your absence.
Given under my hand and the seal of this Tribunal on this Day of **18th December, 2019.**
**Sd/- M. K. PATNAIK**
**Registrar**
**Debts Recovery Tribunal, Cuttack**

## ଯୁବକଂଗ୍ରେସକୁ କ୍ରିୟାଶୀଳ କରିବାକୁ ଉଦ୍ୟମ

# ୧୨ରେ ମତାମତ ରଖିବେ ଯୁବନେତା

ଭୁବନେଶ୍ୱର,୭।୧(ବ୍ୟୁରୋ)

ଯୁବ କଂଗ୍ରେସ ସଙ୍ଗଠନକୁ ପୁନଃଗଠିତ, ଅଧିକ କ୍ରିୟାଶୀଳ ଓ ସଶକ୍ତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଉକ୍ତ କମିଟିରେ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ରଞ୍ଜୀବ ବିଶ୍ୱାଳ ଅଧ୍ୟକ୍ଷ ଥିବାବେଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଆବାହକ ଦାୟିତ୍ୱରେ ଅଛନ୍ତି। ପୂର୍ବତନ ଯୁବ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ଜେନା ଏବଂ ରଜତ ଚୌଧୁରୀ କମିଟି ସଦସ୍ୟ ଅଛନ୍ତି। ଏହାର ପ୍ରଥମ ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟ ଏକ ବୈଠକରେ ଏହି କମିଟି ଯୁବ କଂଗ୍ରେସର ସଂଗଠନକୁ ସୁଦୃଢ଼ ଏବଂ ଅଧିକ କ୍ରିୟାଶୀଳ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଆଗକୁ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ତୃଣମୂଳସ୍ତରରେ ଯୁବ ନେତୃତ୍ୱକୁ ସୁସଙ୍ଗଠିତ କରିବା ଲାଗି ନିଷ୍ପତ୍ତି ହୋଇଛି। ଯୁବ କଂଗ୍ରେସରେ ବିଭିନ୍ନସ୍ତରରେ କାର୍ଯ୍ୟ କରୁଥିବା ରାଜ୍ୟର ନେତୃବୃନ୍ଦ ଏବଂ ଯୁବ କଂଗ୍ରେସ ସଙ୍ଗଠନ ସହ ଜଡିତ ଥିବା ନେତାମାନେ ଆସନ୍ତା ୧୨ତାରିଖରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ନିଜର ମତ ଓ ପରାମର୍ଶ ଉପସ୍ଥାପନ କରିବାକୁ ପ୍ରଦୀପ ମାଝୀ ଅନୁରୋଧ କରିଛନ୍ତି।

## ଜିଲା ଚିଠି



### ଅନୁଗୋଳ

## ବସ୍ ଟର୍ମିନାଲ

ଅନୁଗୋଳ ସହରରେ ହେବ ଅତ୍ୟାଧୁନିକ ବସ୍ ଟର୍ମିନାଲ। ରେଳଷ୍ଟେଶନ ଓ ବିମାନବନ୍ଦରରେ ଯାତ୍ରୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଭଳି ଏଠାରେ ମଧ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଯିବ। ୨୦୧୧ ଜୁଲାଇ ୧୩ରେ ରାଜ୍ୟ ସରକାର ଜିଲାବାସୀଙ୍କୁ ଏପରି ସ୍ୱପ୍ନ ଦେଖାଇଥିଲେ। ୨୦୧୨ ଏପ୍ରିଲ୍ ୯ରେ ଏମ୍‌ଓୟୁ ପରେ ଏ ନେଇ ଆଶା ଆହୁରି ଦୃଢ଼ୀଭୂତ ହୋଇଥିଲା। ୨୦୧୩ ଜୁନ ୨୮ରେ ମୁଖ୍ୟମନ୍ତ୍ରୀ ଟର୍ମିନାଲ ନିର୍ମାଣର ଭୂମିପୂଜା କରିଥିଲେ। ଫଳରେ ଅନୁଗୋଳ ଜିଲାବାସୀ ଖୁବ୍‌ଶୀଘ୍ର ଅତ୍ୟାଧୁନିକ ବସ୍ ସୁବିଧା ପାଇବେ ବୋଲି ଆଶା ବାନ୍ଧିଥିଲେ। ହେଲେ ସେବେଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଏଯାଏ ସରିନାହିଁ, ବରଂ ଏହା ଅଟକିଯାଇଛି। ଅନୁଗୋଳରେ ନିର୍ମାଣ ହେଉଥିବା ବସ୍ ଟର୍ମିନାଲ କାର୍ଯ୍ୟ ମିଲନ୍ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ପ୍ରଦାନ କରାଯାଇଛି। ୨୦୧୨ ଏପ୍ରିଲ୍ ୯ରେ ଉକ୍ତ ସଂସ୍ଥା ଏ ନେଇ ଅନୁଗୋଳ-ତାଳଚେର-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ତାମଡା) ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଛି। ୯.୭୨ ଏକର ଜାଗାରେ ଏହି ଟର୍ମିନାଲ ନିର୍ମାଣ ପାଇଁ ମୋଟ୍ ୫୬.୩୧ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଥିଲା। ସେଥିରୁ ୫.୮୩ ଏକରରେ ବସ୍ ଟର୍ମିନାଲ୍ ପାଇଁ ୧୩.୯୫ କୋଟି ଏବଂ ବସ୍‌ଷ୍ଟାଣ୍ଡ ପରିସରରେ ୩.୮୯ ଏକର ଜାଗାରେ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ନିମନ୍ତେ ୪୨.୩୬ କୋଟି ଟଙ୍କା ଖର୍ଚ୍ଚ ଅଟକଳ ଧାର୍ଯ୍ୟ ହୋଇଥିଲା। ଦୁଇବର୍ଷ ମଧରେ କାର୍ଯ୍ୟ ଶେଷ ସହ ଠିକା ସଂସ୍ଥା ୧୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ କରିବ ବୋଲି ଏମ୍‌ଓୟୁରେ ଉଲ୍ଲେଖ ରହିଥିଲା। କିନ୍ତୁ କାର୍ଯ୍ୟରେ ଭଲ ଅଗ୍ରଗତି ନ ହେବାରୁ ପରବର୍ତ୍ତୀ ଅବସ୍ଥାରେ ଉକ୍ତ ଅବଧିକୁ ୨୦୧୮କୁ ବଢ଼ାଇ ଦିଆଯାଇଥିଲା। ଇତିମଧ୍ୟରେ ଅଧିକ ବର୍ଷଟିଏ ବିତିଯାଇଥିଲେ ବି ଟର୍ମିନାଲ ନିର୍ମାଣ କାର୍ଯ୍ୟ ୪୦ ପ୍ରତିଶତ ଶେଷ ହୋଇପାରିନାହିଁ। ବାରମ୍ବାର ଜିଲାପାଳ ଏହାର ସମୀକ୍ଷା କରୁଛନ୍ତି। ହେଲେ ଟର୍ମିନାଲ କେବେ ସମ୍ପନ୍ନ ହେବ ନା ସରକାର ଜାଣିଛନ୍ତି ନା ଠିକାସଂସ୍ଥା। ଗୋଟିଏ ପକ୍ଷରେ ଏମ୍‌ଓୟୁରେ ଥିବା ବ୍ୟୟ ଅଟକଳ ବଢ଼ି ଚାଲିଥିବା ବେଳେ ଅନ୍ୟପଟେ ନିର୍ମାଣ କାର୍ଯ୍ୟକୁ ୬ ପୂରି ୭ ବର୍ଷ ଚାଲିଲାଣି। ଏବେ କୁହାଯାଉଛି ଠିକା ସଂସ୍ଥା ପାଖରେ ଅର୍ଥ ଅଭାବରୁ ସମୟ ଅନୁସାରେ କାର୍ଯ୍ୟ ଆଗେଇପାରୁ ନାହିଁ। ତେବେ ବସ୍ ଟର୍ମିନାଲ କେବେ ପୂର୍ଣ୍ଣାଙ୍ଗ ରୂପ ନେବ ଓ ଜିଲାବାସୀଙ୍କୁ ଅତ୍ୟାଧୁନିକ ପରିବହନ ସୁବିଧା ମିଳିବ ତାହା ଏବେ ଆଶା ଆଶଙ୍କା ଭିତରେ ରହିଛି।

**– ଅମିତ୍ କୁମାର ସାମଲ**

## ■ ଉତ୍କଳ ବାଳାଶ୍ରମ: ପାଚେରି ଡେଇଁ ୧୩ ଅନ୍ତେବାସୀ ନିଖୋଜ

# ୭ ଉଦ୍ଧାର, ୩ କର୍ମଚାରୀ ନିଲମ୍ବିତ

ବ୍ରହ୍ମପୁର ଅଫିସ,୭।୧

ଗଞ୍ଜାମ ଜିଲା ବ୍ରହ୍ମପୁର ଗୋଷାଣୀନୂଆଗାଁରେ ଥିବା ଉତ୍କଳ ବାଳାଶ୍ରମରୁ ସୋମବାର ବିଳମ୍ବିତ ରାତିରେ ୧୩ ଜଣ ଅନ୍ତେବାସୀ ନିଖୋଜ ହୋଇଯାଇଥିଲେ। ଏନେଇ ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅନ୍ତେବାସୀମାନେ ନିର୍ଯାତନାର ଶିକାର ହୋଇ ସୋମବାର ରାତିରେ ବାଳାଶ୍ରମ ପାଚେରି ଡେଇଁ ପଳାଇ ଯାଇଥିଲେ। ପରେ ସେମାନେ ବ୍ରହ୍ମପୁର ରେଳଷ୍ଟେଶନ ଯାଇ ସେଠାରୁ ଭୁବନେଶ୍ୱର ଚାଲିଯାଇଥିବା ପୋଲିସ ସୂଚନା ପାଇଥିଲା।

ମଙ୍ଗଳବାର ସନ୍ଧ୍ୟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ କହିଛନ୍ତି, ବାଳାଶ୍ରମରୁ ନିଖୋଜ ହୋଇଥିବା ୧୩ ଜଣଙ୍କ ମଧ୍ୟରୁ ୭ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଖଣ୍ଡଗିରି ଥାନାରେ ରଖାଯାଇଛି। ସେହିପରି ଜଣେ ଗଞ୍ଜାମ ଜିଲାର ଚିକିଟି କେ.ନୂଆଗାଁ ଥାନାରେ ଓ ଅନ୍ୟ ଜଣଙ୍କୁ ଜଗନ୍ନାଥପ୍ରସାଦ ଥାନାରେ ରଖାଯାଇଛି ବୋଲି ସେ କହିଛନ୍ତି। ଗତ ଦୁଇଦିନ ତଳେ ବାଳାଶ୍ରମରେ ଅନ୍ତେବାସୀଙ୍କ ମଧ୍ୟରେ କୌଣସି କାରଣକୁ




ଉତ୍କଳ ବାଳାଶ୍ରମ।

ନେଇ ମତଭେଦ ସୃଷ୍ଟି ହୋଇଥିଲା। ପରେ ସେମାନେ ସୋମବାର ରାତି ସାଢ଼େ ଗୋଟାଏରୁ ୨ଟା ମଧ୍ୟରେ ପାଚେରି ଡେଇଁ ପଳାଇଥିଲେ। ଟ୍ରେନ ଯୋଗେ ସେମାନେ ଭୁବନେଶ୍ୱର ଯାଇଥିବା ବେଳେ ସେଠାରୁ ଜଣେ ଉଦ୍ଧାର ହୋଇଥିଲେ। ତାଙ୍କ ବୟାନକୁ ଆଧାର କରି ଅନ୍ୟମାନଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ଯୋଗୁ ବାଳାଶ୍ରମରେ କାମ କରୁଥିବା ସୁରକ୍ଷା କର୍ମୀ, ରାତ୍ରି ଜଗୁଆଳି ଓ ହାଉସ୍ ମଦରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ କରାଯାଇଛି। ସେହିପରି ଏହି ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

### ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

**ଭୁବନେଶ୍ୱର,୭।୧(ବ୍ୟୁରୋ):** ଗଞ୍ଜାମ ଜିଲା ଅନ୍ତର୍ଗତ ବ୍ରହ୍ମପୁର ଉତ୍କଳ ବାଳାଶ୍ରମରେ ୧୩ ନାବାଳିକା ସୋମବାର ନିଖୋଜ ଘଟଣା ରାଜ୍ୟବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି। ବିଗତ ବର୍ଷକ ମଧ୍ୟରେ ଗଞ୍ଜାମରେ ପ୍ରାୟ ୩୮ ନାବାଳିକା ନିଖୋଜ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଅଧକ୍ଷା ଘଟଣାସ୍ଥଳ ଗସ୍ତ କରି ରାଜ୍ୟବାସୀଙ୍କ ଆଗରେ ଉକ୍ତ ଘଟଣାର ସବିଶେଷ ତଥ୍ୟର ଖୁଲାସା କରିବାକୁ କଂଗ୍ରେସ ପ୍ରତିନିଧିମଣ୍ଡଳୀ ଦୃଢ଼ ଦାବି କରିଛନ୍ତି। ପ୍ରତ୍ୟେକ ବର୍ଷ ରାଜ୍ୟରେ ଯେଉଁଭଳି ଶତାଧିକ ନାବାଳିକା ଓ ନାବାଳକ ନିଖୋଜ ହେଉଛନ୍ତି ଏହା ପଛରେ ଏକାଧିକ ଶିଶୁ ଚାଲାଣ ର୍ୟାକେଟ୍ ସକ୍ରିୟ ଭାବରେ କାର୍ଯ୍ୟ କରୁଛି ବୋଲି କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ୧୩ ନାବାଳିକା ନିଖୋଜ ଘଟଣାର ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

### ଗଞ୍ଜାମ ଜିଲାର ସମସ୍ତ ସ୍କୁଲ ଛୁଟି

**ବ୍ରହ୍ମପୁର ଅଫିସ, ୭।୧:** ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଜିଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ସୂଚନା ଦେଇଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍-୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ବିନାୟକ ଏଜେନ୍ସିଜ୍, ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ମହାନ୍ତି, ପିତା: ଆର୍ତ୍ତ ବନ୍ଧୁ ମହାନ୍ତି, ୨) ଶ୍ରୀମତୀ ପ୍ରଭାତୀ ମହାନ୍ତି, ସ୍ୱାମୀ: ଅଶୋକ କୁମାର ମହାନ୍ତି, ପ୍ଲଟ୍ ନଂ.: ଏନ୍‌୧/୧୫୯, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ / ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତାମାନେ: | ଶ୍ରୀ ଉତ୍ତମ ପାତ୍ର, ଶ୍ରୀ ବୃନ୍ଦାବନ ପାତ୍ର, ପିତା: ଅର୍ଜୁନ ପାତ୍ର, ଶ୍ରୀମତୀ ସୀତା ପାତ୍ର, ପିତା: ଅର୍ଜୁନ ପାତ୍ର ଏବଂ ଶ୍ରୀମତୀ କାଞ୍ଚନ ପାତ୍ର, ସ୍ୱାମୀ: ଅର୍ଜୁନ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୨୨, ଭୀମପୁର, ଥାନା: ଏୟାରଫିଲ୍ଡ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩, ପ୍ଲଟ୍ ନଂ.: ୭୨୦, କ୍ଷେତ୍ର: ଏକର୦.୦୪୩ଡିସିମିଲି, କିସମ: ଘରବାରୀ | ତା.୧୬.୦୬.୨୦୧୯ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧୯,୯୩,୭୮୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୮.୦୬.୨୦୧୯ / ୦୪.୦୧.୨୦୨୦ |

୧) ଶ୍ରୀ ବୃନ୍ଦାବନ ପାତ୍ର, ୨) ଉତ୍ତମ ପାତ୍ର, ପିତା: ଅର୍ଜୁନ ପାତ୍ର, ୩) ଶ୍ରୀମତୀ କାଞ୍ଚନ ପାତ୍ର, ସ୍ୱାମୀ: ଅର୍ଜୁନ ପାତ୍ର, ପ୍ଲଟ୍ ନଂ.: ୭୨୦, ଏରୋଡ୍ରମ ଏରିଆ, ଭୀମପୁର, ଭୁବନେଶ୍ୱର-୭୫୧୦୨୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ୪) ଶ୍ରୀମତୀ ସୀତା ପାତ୍ର, ସ୍ୱାମୀ: ନରସିଂହ ପାତ୍ର, ପ୍ଲଟ୍ ନଂ.: ୩୮୨, ତମାଣ୍ଡୋ, ଭୁବନେଶ୍ୱର-୭୫୧୦୨୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୭.୦୧.୨୦୨୦
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ପୂର୍ବ ତଟ ରେଳପଥ**
**ବ୍ରାହ୍ମଣୀ, ଧଉଳିମୁହଁ ଏବଂ ନୟା ଭାଗିରଥୀପୁର ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ୍ ନିଯୁକ୍ତି ପାଇଁ ଅଧିସୂଚନା**
ସଂ.**G.51/P.H./BRMI, DLMH & NBT** ତାରିଖ : **31.12.2019**
ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନରେ **(1) ଜଖପୁରା ଓ ଜେନାପୁର ଷ୍ଟେସନ ମଧ୍ୟରେ ବ୍ରାହ୍ମଣୀ ପାସେଞ୍ଜର ହଲ୍ଟ, (2) କାଇପଦର ରୋଡ୍ ଓ ତାପଙ୍ଗ ଷ୍ଟେସନ ମଧ୍ୟରେ ଧଉଳିମୁହଁ ପାସେଞ୍ଜର ହଲ୍ଟ, (3) ହିନ୍ଦୋଳ ରୋଡ୍ ଓ ମେରାମଣ୍ଡଳି ଷ୍ଟେସନ ମଧ୍ୟରେ ନୟା ଭାଗିରଥୀପୁର ପାସେଞ୍ଜର ହଲ୍ଟ ଠାରେ** ଟିକଟ ବିକ୍ରୟ କରିବା ନିମନ୍ତେ କମିଶନ ଏଜେଣ୍ଟ ରୂପେ ନିଯୁକ୍ତି ପାଇଁ ଆଗ୍ରହୀ ଆବେଦନକାରୀମାନଙ୍କ ଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯାଉଛି ।
ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନାନୁଯାୟୀ ହେବ :
ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ପ୍ରାପ୍ୟ କମିଶନ : • ₹ 1 ରୁ ₹ 15,000/- : 15%, • ₹ 15,001 ରୁ ₹ 50,000/- : 12%, • ₹ 50,001 ରୁ ₹ 1,00,000/- : 9%, • ₹ 1,00,001 ରୁ ₹ 2,00,000/- : 6%, • ₹ 2,00,001 ଏବଂ ତଦୁର୍ଦ୍ଧ୍ୱ : 3%.
ସୁରକ୍ଷା ଜମା ରାଶି : ₹ 2,500/-(ସୁରକ୍ଷା ଜମା ବାବଦକୁ ₹ 2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ₹ 500/-) ।
କିପରି ଆବେଦନ କରିବେ : ଆବାସ ଦୃଷ୍ଟିକୋଣରୁ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟ୍‌ରେ ଆବଶ୍ୟକୀୟ ନଥିପତ୍ର ସହିତ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍ - 752050**ଙ୍କ ଠିକଣାରେ ଆବେଦନ କରିପାରିବେ ଏବଂ ଆବେଦନପତ୍ରକୁ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ । ଡାକ ସେବା କିମ୍ବା କୌଣସି ଅନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।
**ଉପଯୁକ୍ତ ଭାବେ ପୂରଣ କରାଯାଇଥିବା ଆବେଦନପତ୍ର ଗୁଡ଼ିକ ଏହି କାର୍ଯ୍ୟାଳୟରେ ତା.03.02.2020 ରିଖ (ସୋମବାର)1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.03.02.2020 ରିଖ ଦିନ ଛୁଟି ଦିବସ ହୋଇଥାଏ କିମ୍ବା ଘୋଷିତ ହୁଏ, ତେବେ ଆବେଦନପତ୍ର ଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ ।**
ରେଳବାଇ ପ୍ରଶାସନ ଯେକୌଣସି ଆବେଦନକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଅଗ୍ରାହ୍ୟ କରିବାର ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛନ୍ତି ।
ସମ୍ପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ତଥା ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଆମ୍ଭର ୱେବ୍‌ସାଇଟ୍ www.eastcoastrail.indianrailways.gov.in ପରିଦର୍ଶନ କରନ୍ତୁ ।
PR-631/K/19-20 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ , ଖୋର୍ଦ୍ଧା ରୋଡ୍

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

–ଶ୍ରୀମା



# ଅଷ୍ଟ୍ରେଲିଆ ନିଆଁ

ଏବେ ପୃଥିବୀ ସମ୍ମୁଖରେ ଆମେରିକା–ଇରାନ୍ ମଧ୍ୟରେ ତିକ୍ତତା ସବୁଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରୁଛି। ବିନା କାରଣରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ ଉସୁକାଇବା ପଛରେ ତାଙ୍କର ନିଜ ନିର୍ବାଚନୀ ସଫଳତା ସକାଶେ ମନ୍ଦ ଉଦ୍ଦେଶ୍ୟ ଥାଇପାରେ। ଅନ୍ୟପଟେ ସେହି କାର୍ଯ୍ୟାନୁଷ୍ଠାନ ଯୋଗୁ ବିଶ୍ୱର ବାଣିଜ୍ୟ ବଜାରରେ ପ୍ରବଳ ପ୍ରଭାବ ପଡ଼ିସାରିଲାଣି। ଶେୟାର ବଜାରରେ ଏହି ପ୍ରଭାବ ସୀମିତ ରହିନାହିଁ। ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ଅର୍ଥନୀତି ଉପରେ କୁପ୍ରଭାବ ପକାଉଛି। ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧ ସମାନ୍ତରାଳ ପ୍ରଚ୍ଛଦପଟରେ ଦେଖିବାକୁ ପଡ଼ିବ। କେବଳ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ ଜାନୁୟାରୀରେ ଭାରତର ବଡ଼ ବ୍ୟବସାୟୀଙ୍କ ସହିତ ଆଲୋଚନା କରିଛନ୍ତି ବୋଲି ନୁହେଁ, ସମଗ୍ର ପୃଥିବୀର ସବୁ ନେତା ଏବେ ଏହି ଅର୍ଥନୈତିକ ମାନ୍ଦାବସ୍ଥା ବିଷୟରେ ଅତ୍ୟନ୍ତ ବ୍ୟସ୍ତ। ଏହାଠାରୁ ଏବେ ଅନ୍ୟ ଏକ ଅଧିକ ବିରାଟକାୟ ସମସ୍ୟା ପୃଥିବୀ ସମ୍ମୁଖରେ ଛିଡ଼ା ହୋଇଛି। ତାହା ହେଉଛି ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟି ହେଉଥିବା ବିପଦ। ଏବେ ପ୍ରକୃତିର ରୋଷ କେତେ ଭୟଙ୍କର ହୋଇପାରେ, ତାହାର ସଦ୍ୟ ଦୃଷ୍ଟାନ୍ତ ଅଷ୍ଟ୍ରେଲିଆର ବନାଗ୍ନି ସୂଚାଇ ଦେଇଛି। ବ୍ରାଜିଲ୍‌ର ଆମାଜନ୍ ଜଙ୍ଗଲ ଜଳୁଥିବା ବେଳେ ଅଷ୍ଟ୍ରେଲିଆର ପାଳି ପଡ଼ିଛି। ଆମାଜନ୍ ଜଳିଲା ବେଳେ ଫ୍ରାନ୍ସ ଭଳି ଦେଶର ମୁଖ୍ୟ ଇମାନୁଏଲ ମାକ୍‌ରନ୍ ବ୍ରାଜିଲ ରାଷ୍ଟ୍ରପତି ଜେ. ବୋଲସୋନାରୋଙ୍କୁ ସମାଲୋଚନା କରିଥିଲେ। ମନ୍ତବ୍ୟ ଦିଆଯାଇଥିଲା ଯେ, ବୋଲସୋନାରୋ ଜାଣିଶୁଣି ଶିଳ୍ପକୁ ସାହାଯ୍ୟ କରିବା ପାଇଁ ଜଙ୍ଗଲ ପୋଡ଼ି ଦେଉଛନ୍ତି। ବୋଲସୋନାରୋ ପାଲଟା ଉତ୍ତର ଦେଲେ ଯେ, ସେଭଳି ସମ୍ବଳକୁ ବ୍ୟବହାର ନ କଲେ ବ୍ରାଜିଲ ଗରିବ ରହିଯିବ। ହେଲେ ସମସ୍ତେ ଜାଣନ୍ତି ଅଷ୍ଟ୍ରେଲିଆ ଏକ ବିକଶିତ ରାଷ୍ଟ୍ର। ତେଣୁ ଏହାର ଜଙ୍ଗଲରେ ନିଆଁ ଲଗାଇବାର ଆବଶ୍ୟକତା ନାହିଁ। ତେବେ କାହିଁକି ପ୍ରାକୃତିକ ବନାଗ୍ନି ଯୋଗୁ ଏହି ମହାଦେଶୀୟ ରାଷ୍ଟ୍ର ଏବେ ମହାବିପଦରେ ପଡ଼ିଛି, ତାହା ସମସ୍ତଙ୍କୁ ବ୍ୟଥିତ କରିବା କଥା।

ଅଷ୍ଟ୍ରେଲିଆର ସମଗ୍ର ଆୟତନ ୭,୭୪୧,୨୨୦ ବର୍ଗ କିଲୋମିଟର ହୋଇଥିବା ବେଳେ ଭାରତର ଆୟତନ ୩,୨୮୭,୨୬୩ ବର୍ଗ କିଲୋମିଟର ରହିଛି। ଅର୍ଥାତ୍ ଭାରତଠାରୁ ଅଷ୍ଟ୍ରେଲିଆ ୨ ଗୁଣାରୁ ଅଧିକ। ଅଷ୍ଟ୍ରେଲିଆରେ ଲାଗିଥିବା ନିଆଁ ପ୍ରାୟ ୮.୪ ନିୟୁତ ହେକ୍ଟର (୨୧ ମିଲିୟନ ଏକର) ଅର୍ଥାତ୍ ୮୪ ହଜାର ବର୍ଗକିଲୋମିଟର ଯାଏ ବ୍ୟାପି ସାରିଲାଣି। ସେହି ଦେଶକୁ ବନାଗ୍ନି ଗ୍ରାସ କରିବା ସୂଚାଇ ଦେଉଛି ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀବ୍ୟାପୀ କିଭଳି ହେଲାଣି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଅଷ୍ଟ୍ରେଲିଆ ଭୂଭାଗର ୧୭ ପ୍ରତିଶତ ଘଞ୍ଚ ଜଙ୍ଗଲ ଥିବାରୁ ସେଠାରେ ବିଗତ ୧୦୦ ବର୍ଷ ମଧ୍ୟରେ ମାତ୍ର ୧ ପ୍ରତିଶତ ତାପମାତ୍ରା ବୃଦ୍ଧି ପାଇଛି। ତା' ସତ୍ତ୍ୱେ ସେଠାରେ ଆପେ ଆପେ ନିଆଁ ଲାଗିଯିବାରୁ ପ୍ରାୟ ୫୦ କୋଟି ବନ୍ୟପ୍ରାଣୀଙ୍କ ପ୍ରାଣ ଗଲାଣି। ଏବେ ଅଷ୍ଟ୍ରେଲିଆରୁ ଆସୁଥିବା ଭିଡିଓରେ ଜଙ୍ଗଲୀ ପଶୁ ମଣିଷର ସାହାଯ୍ୟ କିଭଳି ଲୋଡ଼ୁଛନ୍ତି ତାହା ଦେଖିବାକୁ ମିଳିଥିଲା।

ଆଜିର ମଣିଷ ବିକାଶ ନାମରେ ପୃଥିବୀ ଓ ବାୟୁମଣ୍ଡଳ ପ୍ରତି ଅନେକ ଅନ୍ୟାୟ କରିଚାଲିଛି। ଆବଶ୍ୟକତାଠାରୁ ଅଧିକ ପ୍ରକୃତିଠୁଁ ଛଡ଼ାଇ ନେବାକୁ ଚେଷ୍ଟା କରୁଥିବାରୁ ସନ୍ତୁଳନ ବିଗିଡ଼ିଗଲାଣି। ଫଳରେ ଋତୁଚକ୍ରରେ ଦେଖାଦେଇଛି ଅସ୍ୱାଭାବିକ ପରିବର୍ତ୍ତନ। ଜଳବାୟୁ ପରିବର୍ତ୍ତନ ନେଇ ବିଶ୍ୱସ୍ତରରେ ବାରମ୍ବାର ବୈଠକ, ଆଲୋଚନାଚକ୍ର ଓ ତର୍କବିତର୍କର କୌଣସି ମାନେ ରହୁନାହିଁ। କାରଣ ଭାଷଣ ଅପେକ୍ଷା ସାମାନ୍ୟ ସକାରାତ୍ମକ ପଦକ୍ଷେପ ନିଆଯାଇପାରିଲେ ତଫାତ୍ ବାରି ହୋଇପଡ଼ନ୍ତା। ପୃଥିବୀର ଶକ୍ତିଶାଳୀ ଦେଶ ଆମେରିକା ଇରାନ୍ ଉପରେ ଆକ୍ରମଣ କରି ଲୋକଙ୍କୁ ମାରିବା ସକାଶେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ଜଳବାୟୁ ପରିବର୍ତ୍ତନକୁ ଗମ୍ଭୀର ଭାବେ ଦେଖୁନାହିଁ। ବିକଶିତ ରାଷ୍ଟ୍ର ଭାବେ ସର୍ବାଗ୍ରେ ଆମେରିକା ରହିଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ୟାରିସ୍ ଚୁକ୍ତିରୁ ଓହରିବାକୁ ପସନ୍ଦ କରୁଛି। ଏ ଯେଉଁ ମାନସିକତା ବୃଦ୍ଧି ପାଉଛି, ତାହାର ପରିଣତି ଧ୍ୱଂସ ଆଡ଼କୁ ଅଗ୍ରସର। ସବୁ ପ୍ରକାରର ବିକାଶ ଅପେକ୍ଷା ମଣିଷ ତିଷ୍ଠି ରହିବା ଲାଗି ନିତାନ୍ତ ଜରୁରୀ ଉତ୍ତମ ଜଳବାୟୁ ଓ ଏକ ପ୍ରଦୂଷଣମୁକ୍ତ ପରିବେଶ। ପୃଥିବୀର ପ୍ରତ୍ୟେକ ରାଷ୍ଟ୍ର ଏହି ସୂକ୍ଷ୍ମ କଥାକୁ ଏବେଠାରୁ ଠିକ୍ ଭାବେ ହୃଦୟଙ୍ଗମ କରିବା ଦରକାର। ଅନ୍ୟର କ୍ଷତି କରି ନିଜେ ଧନୀ ହେବାକୁ ଚେଷ୍ଟା କରୁଥିବା ମଣିଷ ପୃଥିବୀ ରକ୍ଷାର ପ୍ରତିଜ୍ଞା ନ ନେଲେ ଆଗକୁ ସ୍ଥିତି ଆହୁରି ବିଗିଡ଼ିଯିବ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୫

- ଇସ୍ରୋ ଗୁପ୍ତଚର ବୃତ୍ତି ଘଟଣାରେ ଅଭିଯୁକ୍ତ ୬ଜଣ ବ୍ୟକ୍ତିଙ୍କ ଜାମିନ ଆବେଦନକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସ୍ୱତନ୍ତ୍ର କୋର୍ଟ ଅଗ୍ରାହ୍ୟ କରିଦେଇଛି।
- ଇମ୍ଫାଲରେ ଏକ ମେଡିକାଲ କଲେଜ ହସ୍ପିଟାଲ ପରିସର ମଧ୍ୟରେ ସଶସ୍ତ୍ର ଉଗ୍ରପନ୍ଥୀ ଏବଂ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟି ୯ଜଣ ଲୋକ ପ୍ରାଣ ହରାଇଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | 1 | | | | A | | 9 | | | | |
| 2 | | | 8 | | | | | 7 | | | | 5 | 6 | |
| | 8 | | | 0 | | | | 5 | B | | | 9 | | |
| | 9 | | 3 | 2 | | | | B | | D | | 0 | | |
| 7 | 5 | B | C | | | D | | | | 2 | | 3 | 8 | E |
| B | 3 | | | | | | | | | | 7 | | | |
| 9 | | | 7 | | | | | | | | E | 1 | D | |
| | 0 | | 5 | B | 2 | | | 4 | | | | | 9 | |
| | | | | C | | 3 | 1 | | | 5 | | | | |
| 8 | E | | D | | 4 | 7 | | | | 6 | | B | | A |
| 6 | | 3 | | | | E | A | 1 | | | 8 | | | |
| | A | | | | | | D | | | | 2 | | | 6 |
| | D | | | | 9 | | | | | E | | 2 | | 7 |
| | | | | | | | 5 | | 4 | | C | A | 0 | B |
| | C | 0 | | 8 | | | | | | | D | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | 4 | C | 8 | 1 | A | 7 | E | 9 | 6 | D | 5 | 3 | B |
| 3 | A | D | 5 | 4 | 7 | 8 | 6 | 0 | C | 2 | B | 1 | 9 | E |
| 1 | 7 | 9 | 0 | D | E | B | 4 | C | A | 5 | 3 | 6 | 8 | 2 |
| E | 5 | B | A | 6 | 3 | D | 9 | 2 | 4 | 8 | 1 | 0 | C | 7 |
| 8 | 6 | C | 9 | B | 2 | 5 | 3 | 1 | E | 7 | 0 | D | 4 | A |
| 9 | 1 | 3 | D | 2 | 0 | 6 | 5 | A | 7 | E | C | 8 | B | 4 |
| 4 | E | 8 | 3 | 5 | 9 | 0 | 2 | B | D | 1 | A | 7 | 6 | C |
| 0 | C | 7 | B | 1 | A | E | 8 | 4 | 6 | 3 | 5 | 2 | D | 9 |
| 6 | D | 2 | 4 | E | C | 7 | 1 | 9 | 0 | B | 8 | 3 | A | 5 |
| A | B | 5 | 8 | 7 | 6 | C | D | 3 | 2 | 4 | 9 | E | 0 | 1 |
| 5 | 3 | 0 | 7 | A | B | 1 | E | D | 8 | C | 4 | 9 | 2 | 6 |
| D | 9 | 6 | 2 | 0 | 5 | 3 | C | 7 | B | A | E | 4 | 1 | 8 |
| C | 2 | E | 1 | 9 | D | 4 | A | 8 | 5 | 0 | 6 | B | 7 | 3 |
| B | 8 | A | 6 | 3 | 4 | 2 | 0 | 5 | 1 | 9 | 7 | C | E | D |
| 7 | 4 | 1 | E | C | 8 | 9 | B | 6 | 3 | D | 2 | A | 5 | 0 |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

# ନଳ ଭିତରେ ଜଳ ଯୋଜନା

କେହି କେହି ଅବଶ୍ୟ ଦୂର ସ୍ଥାନରୁ ବୋହି ପାଣି ଆଣିବାକୁ ମହିଳାଙ୍କ ସାମାଜିକ ଭାବବିନିମୟର ଏକ ମାଧ୍ୟମ ଭାବରେ ବିବେଚନା କରିପାରନ୍ତି, କିନ୍ତୁ ଖରା, ବର୍ଷା, ଶୀତରେ ଆବୁଡ଼ାଖାବୁଡ଼ା ବାଟଦେଇ ଗରାର ବୋଝ ବୋହିବାର ଦୁଃଖ ଓ ଯନ୍ତ୍ରଣାକୁ ଅନୁଭବ କରିଥିବା ଜଣେ ବ୍ୟକ୍ତି ବୋଧହୁଏ କେବେ ବି ସେମିତି ବିଚାରିବ ନାହିଁ। ନିଜ ଘର ଟ୍ୟାପ୍‌ରେ ପାଣି ପାଉଥିବା ଜଣେ ବ୍ୟକ୍ତିକୁ ଦୂର ସ୍ଥାନ ତ ଦୂରର କଥା, ନିଜ ଘର ଆଗକୁ ଆସିଥିବା ଟ୍ୟାଙ୍କରରୁ ପାଣି ସଂଗ୍ରହ କରିବାର ଆବଶ୍ୟକତା ପଡ଼ିଲେ ତାହାକୁ ଦୁର୍ଭାଗ୍ୟ ବିଚାରେ। ନିଜ ଘରେ ସଫା ଓ ସୁରକ୍ଷିତ ପାଣି ସହଜରେ ପାଇବା ସମସ୍ତେ ଚାହାନ୍ତି। ଦୁଃଖର କଥା ଯେ ଆମେ ଲୋକଙ୍କୁ ତାଙ୍କ ଘରେ ପାଣି ପାଇବାର ବ୍ୟବସ୍ଥା କରିବାରେ ବିଫଳ ହୋଇଛୁ।

ସୁଖର କଥା ଯେ, ଉଭୟ ଓଡ଼ିଶା ଓ କେନ୍ଦ୍ର ସରକାର ଏହି ନିତାନ୍ତ ଅତ୍ୟାବଶ୍ୟକତାକୁ ଖୁବ୍ ଗମ୍ଭୀରତାର ସହ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ୨୦୧୪–୧୫ ମସିହାର ବଜେଟରେ ଓଡ଼ିଶା ସରକାର 'ଓଡ଼ିଶା ଗ୍ରାମ୍ୟ ପାନୀୟ ଜଳ ଯୋଜନା' ଘୋଷଣା କରିଥିଲେ। ପରେ ୨୦୧୭–୧୮ ମସିହାରେ ତାହାକୁ 'ବକ୍ସି ଜଗବନ୍ଧୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ' ବା 'ବସୁଧା' ଯୋଜନା ନାମରେ ନାମିତ କଲେ। ସେହିଭଳି ୨୦୧୯ ମସିହାର ବଜେଟ ଅଭିଭାଷଣରେ କେନ୍ଦ୍ର ସରକାର 'ଜଳ ଜୀବନ ମିଶନ' ଘୋଷଣା କଲେ। ବସୁଧା ଯୋଜନାରେ ଓଡ଼ିଶା ସରକାର ପ୍ରତ୍ୟେକ ଗ୍ରାମବାସୀଙ୍କୁ ଦୈନିକ ମୁଣ୍ଡପିଛା ଅନ୍ୟୁନ ୭୦ ଲିଟର ସ୍ୱଚ୍ଛ ଓ ସୁରକ୍ଷିତ ଜଳ ପାଇପ ମାଧ୍ୟମରେ ଯୋଗାଇବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ କେବେ ସୁଦ୍ଧା ସେହି ଲକ୍ଷ୍ୟ ହାସଲ କରିବେ କି ପାଣି ଘରଠାରୁ କେତେ ଦୂରତାରେ ପହଞ୍ଚାଇବେ ତାହା ସ୍ପଷ୍ଟ କରିନାହାନ୍ତି। ବସୁଧା ଯୋଜନାର କାର୍ଯ୍ୟାନ୍ୱୟନ ମାର୍ଗଦର୍ଶିକାରେ କେବଳ କୁହାଯାଇଛି ଯେ, 'ସମସ୍ତ ପରିବାର ନିଜ ଘରଠାରୁ ଯୁକ୍ତିସଙ୍ଗତ ଦୂରତାରେ ଉପଯୁକ୍ତ ମାତ୍ରାରେ ସୁରକ୍ଷିତ ପାଣି ପାଉଥିବେ, ଯାହା ପିଇବାଯୋଗ୍ୟ, ଭରସାଯୋଗ୍ୟ, ସ୍ଥାୟୀ, ସହଜଲଭ୍ୟ ହୋଇଥିବ ଓ କୌଣସି ବୈଷମ୍ୟ ରଖୁ ନ ଥିବ।'

୨୦୧୯ ନଭେମ୍ବର ୨୦ରେ ରାଜ୍ୟ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, '୨୦୧୫ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ପାଇପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବାର ଯୋଜନା ଅଛି।' ମନ୍ତ୍ରୀ କେବଳ ଗାଁ କଥା କହିଥିଲେ, ସମସ୍ତ ଘରେ ପାଇପ ଜଳ ପହଞ୍ଚାଯିବାର ଲକ୍ଷ୍ୟ ଥିବାର କୌଣସି ସୂଚନା ଦେଇ ନ ଥିଲେ। 'ଜଳ ଜୀବନ ମିଶନ'ର ଲକ୍ଷ୍ୟ ଘୋଷଣା ହୋଇସାରିଥିଲା ବେଳେ ଓଡ଼ିଶା ସରକାର କାହିଁକି ପ୍ରତି ଘରେ ପାନୀୟ ଜଳ ଟ୍ୟାପ୍ ମାଧ୍ୟମରେ ପହଞ୍ଚାଯିବାର ଲକ୍ଷ୍ୟ ସ୍ପଷ୍ଟ କଲେନି ତାହା ଆଶ୍ଚର୍ଯ୍ୟଜନକ। ଜଳ ଜୀବନ ମିଶନରେ ସ୍ପଷ୍ଟ ଲକ୍ଷ୍ୟ ରଖାଯାଇଛି ଯେ, ୨୦୨୪ ମସିହା ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ଘରେ କାର୍ଯ୍ୟକ୍ଷମ ନଳ ଯୋଗେ ଦୈନିକ ମୁଣ୍ଡପିଛା ହାରାହାରି ୫୫ ଲିଟର ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯିବ। ପାନୀୟ ଜଳ ରାଜ୍ୟ ସରକାରଙ୍କ ଅଧୀନ ପ୍ରସଙ୍ଗ। ଜଳ ଜୀବନ ମିଶନ ଅନୁସାରେ ଉଭୟ ଭାରତ ଓ ଓଡ଼ିଶା ସରକାର ଅଧାଅଧି ଅର୍ଥ ବ୍ୟୟ କରିବେ। ତେଣୁ ଓଡ଼ିଶା ସରକାର ମଧ୍ୟ ପ୍ରତି ଘରେ କାର୍ଯ୍ୟକ୍ଷମ ପାଇପ ଜଳର ଲକ୍ଷ୍ୟ ରଖିବେ। ଜଳ ଜୀବନ ମିଶନ ମୁଣ୍ଡପିଛା ଦୈନିକ ୫୫ ଲିଟର ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ସରକାର ପୂର୍ବରୁ ମୁଣ୍ଡପିଛା ଦୈନିକ ୭୦ ଲିଟର ଜଳ ଯୋଗାଣର ଘୋଷଣା କରିସାରିଛନ୍ତି। ତେଣୁ ଓଡ଼ିଶା ସରକାର ୨୦୨୪ ସୁଦ୍ଧା ପ୍ରତି ଘରେ ଦୈନିକ ମୁଣ୍ଡପିଛା ଅନ୍ୟୁନ ୭୦ ଲିଟର ସୁରକ୍ଷିତ ପାନୀୟ ଜଳ ଯୋଗାଇବାର ଲକ୍ଷ୍ୟ ରଖିବେ ବୋଲି ଆଶା କରିବା କଥା।

ଏହି ଲକ୍ଷ୍ୟ ହାସଲ କରିବା ସହଜ କି କଠିନ ତଥା ଆମର ନିକଟ ଅତୀତର ଅଭିଜ୍ଞତା କ'ଣ ରହିଛି ତାହା ଟିକେ ବୁଝିବାକୁ ଚେଷ୍ଟା କରିବା। ସରକାରୀ ତଥ୍ୟ ଅନୁସାରେ ଆଜିର ତାରିଖରେ ଭାରତର ଗ୍ରାମାଞ୍ଚଳରେ ଥିବା ପରିବାର ମଧ୍ୟରୁ ପ୍ରାୟ ୮୧.୫% ପରିବାର ପାଖରେ ପାଇପ ଜଳର ସଂଯୋଗ ପହଞ୍ଚି ପାରିନାହିଁ। ଓଡ଼ିଶାରେ ଏହି ସ୍ଥିତି ଆହୁରି ଖରାପ। ଓଡ଼ିଶାର ଗ୍ରାମାଞ୍ଚଳର ୯୫% ପରିବାର ବା ୭୭ ଲକ୍ଷରୁ ଅଧିକ ପରିବାର ପାଖରେ ଘରୋଇ ପାଇପ ପାଣି ସଂଯୋଗ ନାହିଁ। ବସୁଧା ଯୋଜନା ଆରମ୍ଭ ହେବା ପରେ ଓଡ଼ିଶାରେ ଘରୋଇ ପାଇପ ସଂଯୋଗର ସ୍ଥିତି କେମିତି ବଦଳିଛି ଦେଖିବା। ୨୦୧୭–୧୮ ମସିହାରେ ମାତ୍ର ୧୧,୧୧୫ଟି ଘରେ ଘରୋଇ ପାଇପ ସଂଯୋଗ ହୋଇପାରିଥିଲା। ତାହାର ପୂର୍ବ ବର୍ଷ ଏହି ସଂଖ୍ୟା ମାତ୍ର ୪,୭୮୯ ଥିଲା। ଚଳିତ ବର୍ଷ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି। ଏହି ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧,୦୨,୨୧୪ଟି ନୂତନ ଘରୋଇ ପାଇପ ସଂଯୋଗ ଦିଆଯାଇସାରିଛି ବୋଲି ସରକାରୀ ନଥି କହୁଛି। ଗତ ୨ବର୍ଷ ୯ମାସରେ ଓଡ଼ିଶାରେ ମାତ୍ର ୧ଲକ୍ଷ ୧୮ ହଜାର ଘରେ ହିଁ ନୂଆ ପାଇପ ସଂଯୋଗ ହୋଇପାରିଛି। ଆସନ୍ତା ୨୦୨୪ ସୁଦ୍ଧା ସମସ୍ତ ଗ୍ରାମ୍ୟ ପରିବାର ଘରେ ନଳ ମାଧ୍ୟମରେ ପାଣି ପହଞ୍ଚାଇବାର ଲକ୍ଷ୍ୟ ସାଧନ କରିବାକୁ ହେଲେ ବର୍ଷ ନୁହଁ, ପ୍ରତି ମାସରେ ହାରାହାରି ୧,୨୮,୩୯୪ଟି ପରିବାରକୁ ନୂଆ ପାଇପ ସଂଯୋଗ ଦେବାକୁ ପଡ଼ିବ। ଅର୍ଥାତ୍ ଓଡ଼ିଶାରେ ଗତ ୨ବର୍ଷ ୯ମାସରେ ମୋଟ ଯେତିକି ନୂଆ ପାଇପ ସଂଯୋଗ ଦିଆହୋଇଛି, ତାହାଠାରୁ ଅଧିକ ସଂଯୋଗ ପ୍ରତି ମାସରେ ଯୋଡ଼ିବାକୁ ପଡ଼ିବ। ଏହା ଆଦୌ ସହଜ ନୁହେଁ।

ଓଡ଼ିଶା ସରକାର ୨୦୧୮–୧୯ ଆର୍ଥିକ ବର୍ଷରେ ଗ୍ରାମ୍ୟ ଜଳଯୋଗାଣ ପାଇଁ ପ୍ରଥମେ ୧୦୦୦ କୋଟି ଟଙ୍କାର ବଜେଟ ରଖିଥିଲେ ଓ ପରେ ଅତିରିକ୍ତ ହଜାରେ କୋଟି ଟଙ୍କା ଯୋଡ଼ିଥିଲେ। ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଜଳ ଯୋଗାଣ ପାଇଁ ୨,୭୪୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ଏତିକି ଟଙ୍କା ଖର୍ଚ୍ଚ କରି ହାସଲ କରାଯାଇଥିବା ଘରୋଇ ସଂଯୋଗର ମାମୁଲି ସଂଖ୍ୟା ଏହା ଦର୍ଶାଏ ଯେ ୨୦୨୪ ସୁଦ୍ଧା ସମସ୍ତଙ୍କ ଘରେ ପାଇପ ଜଳ ସଂଯୋଗର ଲକ୍ଷ୍ୟ ଆଦୌ ସହଜ ବା ସମ୍ଭବ ନୁହେଁ। ଜଳ ଜୀବନ ମିଶନର ଆକଳନ ଅନୁସାରେ ସାରା ଦେଶରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୩.୬ ଲକ୍ଷ କୋଟି ଟଙ୍କା ଦରକାର। ସେହି ହିସାବରେ ଓଡ଼ିଶାରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରାୟ ୧୯,୦୦୦ କୋଟି ଟଙ୍କା ଦରକାର ପଡ଼ିବ ବା ପ୍ରତି ବର୍ଷ ହାରାହାରି ପ୍ରାୟ ୪,୦୦୦ କୋଟି ଟଙ୍କା ଦରକାର ହେବ। ୨୨।୧୧।୨୦୧୯ରେ ବିଧାନସଭାରେ ଓଡ଼ିଶା ସରକାର କହିଥିଲେ ଯେ, ୨୦୨୪ ସୁଦ୍ଧା ସମସ୍ତ ଗ୍ରାମରେ ଶୁଦ୍ଧ ପାଇପ ପାଣି ପହଞ୍ଚାଇବା ପାଇଁ ୧୭,୩୭୨ କୋଟି ଟଙ୍କା ଦରକାର ବୋଲି ଆକଳନ ହୋଇଛି। ଓଡ଼ିଶା ସରକାରଙ୍କ ଚଳିତ ବର୍ଷର ବଜେଟକୁ ଦେଖିଲେ ଏହି ଆବଶ୍ୟକତା ବିଶେଷ ବଡ଼ ଲାଗେ ନାହିଁ କିନ୍ତୁ ଘରୋଇ ପାଇପ ସଂଯୋଗର ଗତିକୁ ଦେଖିଲେ ଏହି ଆକଳନ ଉପରେ ସନ୍ଦେହ ହୁଏ।

ସମ୍ବିଧାନର ଧାରା ୨୧ ଅନୁସାରେ ନାଗରିକଙ୍କୁ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ସ୍ୱଚ୍ଛ ଓ ସୁରକ୍ଷିତ ପାଣି ପର୍ଯ୍ୟାପ୍ତ ମାତ୍ରାରେ ଯୋଗାଇଦେବା ହେଉଛି ସରକାରଙ୍କ ଦାୟିତ୍ୱ ଓ ତାହା ପାଇବା ନାଗରିକର ମୌଳିକ ଅଧିକାର। ଏବେ ବେଳ ଆସିଛି, ସରକାର କେଉଁ ମାନର କେତେ ପାଣି କେମିତି ଭାବରେ ଲୋକଙ୍କୁ ଯୋଗାଇବେ ତାହା ସ୍ପଷ୍ଟ ଭାବରେ ଘୋଷଣା କରିବା ସହିତ ଲୋକଙ୍କୁ ସେହି ମୌଳିକ ଅଧିକାର ପ୍ରଦାନ କରିବାରେ କୁଣ୍ଠିତ ହେବେ ନାହିଁ। ଏହି ଦୃଷ୍ଟିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ।



ହରିହର ତ୍ରିପାଠୀ

# ଡିଜିଟାଲ ଗାଁ

କେନ୍ଦ୍ର ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ସମସ୍ତ ଗାଁକୁ ମାଗଣା ୱାଇଫାଇ ସେବା ଯୋଗାଇ ଦିଆଯିବ। ହରିୟାଣାର ରେୱାରୀଠାରେ ଗୁରୱାରା ନାମକ ଗ୍ରାମକୁ ଡିଜିଟାଲ୍ ଗ୍ରାମ ଭାବେ ଉଦ୍‌ଘାଟନ କରି ରବିଶଙ୍କର ଏହା କହିଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ଭାରତ ନେଟ୍ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୩୦ ହଜାର ଗ୍ରାମପଞ୍ଚାୟତକୁ ସଂଯୋଗ କରାଯାଇ ପାରିଛି। ତେବେ ୨ ଲକ୍ଷ ୫୦ ହଜାର ଗ୍ରାମପଞ୍ଚାୟତକୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୧୫ ପ୍ରତିଶତ ଗ୍ରାମକୁ ଡିଜିଟାଲ୍ ଗ୍ରାମରେ ପରିଣତ କରିବା ପାଇଁ ସରକାର ଯୋଜନା କରିଛନ୍ତି। ମନ୍ତ୍ରୀଙ୍କର ମତ ହେଲା ଡିଜିଟାଲ୍ ଗ୍ରାମରେ ପରିଣତ ହେଲେ ଗାଁଗୁଡ଼ିକର ଚିତ୍ର ବଦଳିଯିବ।

ସରକାର ଡିଜିଟାଲ୍ ଶବ୍ଦଟିକୁ ଯେଭଳି ବହୁଳ ବ୍ୟବହାର କରୁଛନ୍ତି ତାହା ସୂଚନା ଓ ପ୍ରଯୁକ୍ତିରେ ଜ୍ଞାନଥିବା ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଦୁଇମାସ ତଳେ ରବିଶଙ୍କର ମଧ୍ୟ କହିଥିଲେ ଯେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ସରକାର ୧ଲକ୍ଷ ଡିଜିଟାଲ୍ ଗାଁ ସ୍ଥାପନ କରିବେ। ଆଗାମୀ ଦିନରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ ଓ ଏଥିରେ ସଫ୍ଟୱେର, ଇଲେକ୍ଟ୍ରୋନିକ ପଲିସି ଏବଂ ଡିଜିଟାଲ କମ୍ୟୁନିକେଶନକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନଉଠୁଛି ହୁଏତ ସରକାର ଗାଁଗହଳିର ସ୍ଥିତି ଜାଣିପାରୁ ନାହାନ୍ତି ଅଥବା କେବଳ କାଗଜକଲମରେ ଯୋଜନା ଚାଲିଛି। କାରଣ ଏବେ ନିର୍ଦ୍ଦିଷ୍ଟଭାବେ ସରକାରଙ୍କ ପକ୍ଷରୁ ଡିଜିଟାଲ୍ ଗାଁ ସ୍ଥାପନ କରିବାର ଆବଶ୍ୟକତା ନାହିଁ। ସରକାରଙ୍କର ଏକମାତ୍ର ନିଜସ୍ୱ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ସଂସ୍ଥା ବିଏସ୍‌ଏନ୍‌ଲ୍ ଏବେ ବି ଥ୍ରୀ ଜି ସ୍ତରରେ ରହିଥିବାବେଳେ ଦେଶରେ ହୋଇଥିବା ସବୁପ୍ରକାର ଡିଜିଟାଲ୍ ବିପ୍ଳବର ଶ୍ରେୟ ଘରୋଇ ସଂସ୍ଥାଗୁଡ଼ିକୁ ଯାଉଛି। କେବଳ ଜିଓ ବା ସେହିଭଳି ସ୍ପିଡ୍ ନେଟ୍‌ୱର୍କ, ଗୋଟିଏ ସ୍ମାର୍ଟଫୋନ ଓ ଗୁଗୁଲ୍‌ର କିଛି ବ୍ୟବହାର ଦ୍ୱାରା ହୋଇପାରୁଥିବା ସମସ୍ତ କାର୍ଯ୍ୟକୁ ସରକାର ଡେଲିକି ବନାଉଛନ୍ତି। ଗାଁଗହଳିର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକେ ଗାଁରେ ହେଉଥିବା କୀର୍ତ୍ତନ କାର୍ଯ୍ୟକ୍ରମର ଫେସ୍‌ବୁକ୍ ଲାଇଭ କରିପାରୁଥିବା ବେଳେ ସରକାରଙ୍କ ଡିଜିଟାଲ୍ ଗାଁ ଘୋଷଣା ତୁଚ୍ଛା ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ।

ଚାରିବର୍ଷ ତଳେ ଡିଜିଟାଲ୍ ଇଣ୍ଡିଆ ମିଶନ୍ ମାଧ୍ୟମରେ ମୋଦି ସରକାର ଇ–ଗଭର୍ନାନ୍ସ ଏବଂ ସମସ୍ତଙ୍କୁ ଇଣ୍ଟରନେଟ୍ ସୁବିଧା ଦେବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସରକାରଙ୍କର ଏହି ମିଶନ୍ ସଫଳ କରିବାରେ ମୋବାଇଲ କମ୍ପାନୀଗୁଡ଼ିକର ଅବଦାନ ଯଥେଷ୍ଟ ଅଧିକ। ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ବର୍ତ୍ତମାନ ସାରା ସଂସାରକୁ ଡିଜିଟାଲ୍‌ରେ ପରିଣତ କରିଥିବା ବେଳେ ସରକାରଙ୍କର ଲକ୍ଷେ ଡିଜିଟାଲ ଗାଁ ସ୍ଥାପନ କରିବାର ଘୋଷଣା ଦଶନ୍ଧିତଳର ମାନସିକତାର ପ୍ରତିଫଳନ।

ବିଶ୍ୱରେ ଯେତେ ଲୋକ ଫେସ୍‌ବୁକ୍ ବ୍ୟବହାର କରିଥାନ୍ତି ସେମାନଙ୍କ ମଧ୍ୟରେ ଭାରତରେ ଫେସ୍‌ବୁକ୍ ବ୍ୟବହାରକାରୀ ସର୍ବାଧିକ। ଏହି ସଂଖ୍ୟା ୨୪ କୋଟି। ଏ ଦିଗରେ ଭାରତୀୟମାନେ ଆମେରିକାକୁ ପଛରେ ପକାଇ ସାରିଲେଣି। ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଏବେ ୫୬ କୋଟିରେ ପହଞ୍ଚିଲାଣି। କେବଳ ଗ୍ରାମାଞ୍ଚଳରେ ଏବେ ୨୫ କୋଟି ଲୋକ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ସରକାରଙ୍କର ଡିଜିଟାଲ ଇଣ୍ଡିଆ ଡାକରାରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବିଗତ ପାଞ୍ଚବର୍ଷରେ ଦୁଇଗୁଣରୁ ଅଧିକ ହୋଇପାରିଛି। ମୋବାଇଲ୍ ଫୋନ ଓ ସେଲୁଲାର ନେଟ୍‌ୱର୍କରେ ବିଭିନ୍ନ ଭାରତୀୟ ଭାଷାର ପ୍ରଚଳନ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟାରେ ପ୍ରତିଦିନ ବୃଦ୍ଧି ଘଟାଉଛି।

ଏଭଳି ସ୍ଥିତିରେ ସରକାର ଡିଜିଟାଲ୍ ଗାଁ କଥା ଚିନ୍ତା ନ କରି 'ଡିଜିଟାଲ୍ ଡିଭାଇଡ୍'କୁ ସମାପ୍ତ କରିବା ଦିଗରେ ପ୍ରୟାସ କରିବା ଦରକାର। ଇଣ୍ଟରନେଟ୍ ଜ୍ଞାନ ଥିବା ଏବଂ ଏ ସମ୍ପର୍କରେ ଜ୍ଞାନ ନ ଥିବା ଲୋକଙ୍କ ମଧ୍ୟରେ ଥିବା ବ୍ୟବଧାନ ସଙ୍କୁଚିତ ହେବା ଆବଶ୍ୟକ। ଏଥିଲାଗି ଲୋକଙ୍କର ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଦରକାର ଓ ଲୋକଙ୍କୁ ଦ୍ରୁତତମ ଯୋଗାଯୋଗ ସୁବିଧା ଯୋଗାଇଦେବା ଉଚିତ। ଦୁର୍ଭାଗ୍ୟର କଥା ଦେଶର ଦୁର୍ଗମ, ଦୂରଦୂରାନ୍ତ ସ୍ଥାନ ପାଇଁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ସମ୍ଭବପର ହୋଇ ପାରିନାହିଁ। ଡ୍ରୋନ୍ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକରେ ବ୍ରଡ୍‌ବ୍ୟାଣ୍ଡ ସୁବିଧା ପ୍ରଦାନ କରାଯାଇ ପାରିବ। ଏ ଦିଗର ସରକାର ଉଚ୍ଚାକାଂକ୍ଷୀ ହେବା ଆବଶ୍ୟକ। ଆମ ଦେଶର ଅଢେଇ ଲକ୍ଷ ଗ୍ରାମପଞ୍ଚାୟତକୁ ଉଚ୍ଚବେଗର ବ୍ରଡ୍‌ବ୍ୟାଣ୍ଡ ବ୍ୟବସ୍ଥା ଦ୍ୱାରା ସଂଯୋଗ କରିବା ଉଦ୍ଦେଶ୍ୟରେ ନ୍ୟାଶନାଲ୍ ଅପ୍‌ଟିକାଲ୍ ଫାଇବାର୍ ନେଟ୍‌ୱର୍କ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ତେବେ ପରିତାପର ବିଷୟ ୨୦୧୯ ସୁଦ୍ଧା ଏହା ସମାପ୍ତ ହେବାକୁ ଲକ୍ଷ୍ୟ ରହିଥିଲେ ବି ଏ ଦିଗରେ ସଫଳତା ମିଳିନାହିଁ। କାରଣ ଏହି କାର୍ଯ୍ୟ ଅତି ଧୀର ଓ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି।

ଏବେ ସମୟ ଆସିଛି ଲୋକେ ଇଣ୍ଟରନେଟ୍‌ର କିପରି ଉପଯୋଗ କରିବେ ସେ ଦିଗରେ ସେମାନଙ୍କୁ ସଚେତନ କରାଇବା। ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ ବ୍ୟବସ୍ଥା ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ସୁଗମ ଓ ସୁଲଭ ହୋଇପାରିବ। ଜ୍ଞାନ ସୀମିତ ଲୋକଙ୍କ ମଧ୍ୟରେ ଆବଦ୍ଧ ନ ହୋଇ ସର୍ବବ୍ୟାପୀ ହୋଇପାରିବ। ସାମାଜିକ ସଚେତନତା ବୃଦ୍ଧି ହେବା ଦ୍ୱାରା ସାମାଜିକ, ଅର୍ଥନୈତିକ ବୈଷମ୍ୟର ଅବସାନ ହେବ। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଇଣ୍ଟରନେଟ୍ ବରଦାନ ସଦୃଶ କାର୍ଯ୍ୟ କରିପାରିବ। ମାତ୍ର ଏହାର ସୁଫଳକୁ ଶିକ୍ଷକ ଓ ଛାତ୍ରସମାଜ ଭିତରେ ବାଣ୍ଟିବାର ଦାୟିତ୍ୱ ଓ ଏ ଦିଗରେ ସଚେତନତା ଆଣିବା କାର୍ଯ୍ୟ ସରକାରଙ୍କର।

ଡିଜିଟାଲ ପ୍ରଯୁକ୍ତି କୌଶଳର ପ୍ରୟୋଗ ଦ୍ୱାରା ପ୍ରଶାସନିକ ବ୍ୟବସ୍ଥାରେ ଅବ୍ୟାହତ ଅନେକ ଦୋଷଦୁର୍ବଳତାର ପରିସମାପ୍ତି କରାଯିବା ସମ୍ଭବ। ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଦେୟ ପ୍ରଦାନ, ଆବେଦନ, ସଂରକ୍ଷଣ ଆଦି କାର୍ଯ୍ୟ ଏବେ କାର୍ଯ୍ୟାଳୟଗୁଡ଼ିକରେ ଭିଡ଼କୁ ସମାପ୍ତ କରିଛି। ବ୍ୟାଙ୍କ ସାମ୍ନାରେ ଲୋକଙ୍କର ଧାଡ଼ି ନାହିଁ। ସରକାରୀ ଦପ୍ତରଗୁଡ଼ିକରେ କର୍ମଚାରୀମାନଙ୍କ ଉପସ୍ଥିତିକୁ ଶୃଙ୍ଖଳିତ କରିବା ପାଇଁ ବାୟୋମେଟ୍ରିକ୍ ପ୍ରବେଶ ବ୍ୟବସ୍ଥା ବଳବତ୍ତର ହୋଇଛି। ଏହାଫଳରେ ଅନଧିକୃତ ଅନୁପସ୍ଥିତି, ଜଣକ ବଦଳରେ ଅନ୍ୟ ଜଣେ କାମ କରିବା ସମ୍ଭାବନା ବର୍ତ୍ତମାନ ସମ୍ଭବପର ହୋଇପାରୁ ନାହିଁ। ଏସବୁ ସୁଫଳ ଡିଜିଟାଲ ଭାରତ ଆଣିପାରିଛି। ଏବେ ସରକାରଙ୍କର ଦାୟିତ୍ୱହେଲା କେବଳ ଡିଜିଟାଲ ସଚେତନତା ଆଣିବା ଓ ଲୋକଙ୍କୁ ନିରନ୍ତର ଯୋଗାଯୋଗ ସୁବିଧା ଯୋଗାଇଦେବା। ଏଥିସହିତ ଲୋକଙ୍କ ଭିତରେ ସୂଚନା ଓ ପ୍ରଯୁକ୍ତି ସାକ୍ଷରତା ବୃଦ୍ଧି କରାଯିବା ଦରକାର।

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା,
ମୋ – ୯୪୩୯୯୦୩୨୨୦

## ଏଇ ଭାରତରେ

ଦୁଇ ମହଲା ବିଶିଷ୍ଟ କୋଠାର ୪ଟି ରୁମ୍‌ରେ ଚାଲିଛି ସ୍କୁଲ୍, କିନ୍ତୁ ପଢୁଛି ଜଣେ ପିଲା। ଆହୁରି ରୋଚକ କଥା ହେଉଛି ଏହି ପିଲାକୁ ପଢାଇବା ଲାଗି ରହିଛନ୍ତି ଦୁଇ ଜଣ ଶିକ୍ଷକ। ବିହାରର ଗୟାଠାରୁ ୨୦ କିଲୋମିଟର ଦୂର ଜାତୀୟ ରାଜପଥ–୮୩ କଡ଼ରେ ମନସା ବିଘାସ୍ଥିତ ପ୍ରାଥମିକ ସ୍କୁଲ୍‌କୁ ନିୟମିତ ଆସୁଥିବା ଛାତ୍ରୀ ଜଣକ ହେଉଛନ୍ତି ଜାହ୍ନବୀ। ସେ ପ୍ରଥମ ଶ୍ରେଣୀରେ ପଢୁଛି। ଜାହ୍ନବୀକୁ ପଢାଇବା ପାଇଁ ସ୍କୁଲରେ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ମଧ୍ୟାହ୍ନଭୋଜନ ଲାଗି ରୋଷେୟା ବି ଭୋଜନ ପ୍ରସ୍ତୁତ କରୁଛନ୍ତି। ମନସା ବିଘା ବସ୍ତିରେ ୩୫ଟି ପରିବାର ରହୁଛନ୍ତି। କିନ୍ତୁ ଅଭିଭାବକମାନେ ସରକାରୀ ସ୍କୁଲ୍‌କୁ ପିଲାମାନଙ୍କୁ ନ ପଠାଇ ଘରୋଇ ସ୍କୁଲ୍‌ରେ ପିଲାଙ୍କ ନାମ ଲେଖାଉଛନ୍ତି। ସ୍କୁଲ୍‌ର ପ୍ରଧାନଶିକ୍ଷକ ସତ୍ୟେନ୍ଦ୍ର ପ୍ରସାଦ ଓ ଶିକ୍ଷୟିତ୍ରୀ ପ୍ରିୟଙ୍କା କୁମାରୀ ନିୟମିତ ସ୍କୁଲ୍‌କୁ ଆସି ଜାହ୍ନବୀକୁ ପଢ଼ାଉଛନ୍ତି। ଏହି ସ୍କୁଲ୍‌ରେ ପଞ୍ଚମ ଶ୍ରେଣୀଯାଏ ରହିଛି। ପ୍ରଥମ ଓ ପଞ୍ଚମ ଶ୍ରେଣୀରେ ଦୁଇ ଜଣ ଲେଖାଏ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ୪ ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ କେହି ନାମ ଲେଖାଇନାହାନ୍ତି। ଏହି ବିଦ୍ୟାଳୟ ପାଖରେ କୌଣସି ସ୍କୁଲରେ ଏହି ସ୍କୁଲକୁ ମିଶାଇ ଦିଆଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲେ ବି ଏଯାବତ୍ ତାହା କାର୍ଯ୍ୟକାରୀ ହୋଇନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

## ଚିରନ୍ତନୀ

ସବୁବେଳେ ଛଟପଟ ଦିନରାତି କାଉଁ କାଉଁ
ଦେଉଛି ସକାଳେ ପେଇଟୋପେ ତାକୁ ଚିନାଜାଉ।
ଏ ବେଳାକୁ ନାହିଁ କିଛି ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ ବିଲରେ ପଡ଼ିଛି ସୁଅ।
ଚଇତନ ଡାକିଥିଲା ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି ଘରେ ନାହିଁ ଚୁଡାଭଜା !
ବିଲରେ ପଡ଼ିଛି ସୁଅ ତିନିଦିନ ନାହିଁ ଚାଷ
ବାର ବରଷର ପୁଅ ଭୋଗି ଭୋଗି ଧଇଁ କାଶ।
ଭୋଗ ରାଗ କେତେ କଣ ଯାଚିଲା ତ ଦିଅଁ ଠାଇଁ
ଡାକି ଡାକି ଥକିଲା ତ ନ ଶୁଣିଲେ କିଏ କାହିଁ।
ଛିଡାଇ ଯାଇଛି ବାହା ଶିଖିଥିଲା ସବୁ କାମ
ସବୁ ମିଛ, ରଖେ କିଏ ? ହୋଇଲେ କରମ ବାମ।
କିଣିଥିଲା ଛଡାଟିଏ ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା ତାଗଦା କରିଛି ସୁଧ !
ଜମିଦାର ପିଆଦାକୁ ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା ସତାରିବ ମାସେ ଖାଲି !
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବରେ କାର୍ଯ୍ୟାନୁଷ୍ଠାନ

ମହାଶୟ,

ଗତବର୍ଷ ଡିସେମ୍ବରରେ ମହାପ୍ରଭୁଙ୍କୁ ଯେଉଁମାନେ ୧୪ ଘଣ୍ଟା କାଳ ଉପାସରେ ରଖିଥିଲେ ଏବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ କୈଫିୟତ ଦାଖଲ କରିବାକୁ ନୋଟିସ ଦେବା ଖବର ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଜାନୁୟାରୀ ୮ରେ ଶ୍ରୀମନ୍ଦିର ପରିଚାଳନା ସମ୍ବନ୍ଧୀୟ ୨୩ଟି ବିଷୟରେ ଆକ୍ୱନ ରିପୋର୍ଟ ଅଧାରରେ ଶୁଣାଣି କରିବାର ତାରିଖ ଧାର୍ଯ୍ୟ ହୋଇଛି। ଦୀର୍ଘ ଏକବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ କାହା ଚାପରେ ଏହାକୁ ଏ ପର୍ଯ୍ୟନ୍ତ ଦବାଇ ରଖିଥିଲେ ତାହା ଜଣାପଡୁନାହିଁ। ଗତ ନବକଳେବର ବ୍ରହ୍ମ ମହାବିଭ୍ରାଟ ଘଟଣାବଳୀରେ ସମଗ୍ର ହିନ୍ଦୁ ଜଗତ ବ୍ୟଥିତ ହୋଇଥିବା ବେଳେ ବିଶୃଙ୍ଖଳିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇ କେବଳ ନୋଟିସ ଦେବାରେ ସୀମିତ ରହିଥିଲା। ଦୋଷୀ ଯଦି ନିଜ ଅପରାଧ ଯୋଗୁ ଦଣ୍ଡିତ ନ ହେଲା ତେବେ ଏଥିରୁ ଭବିଷ୍ୟତ ପାଇଁ କି ସଙ୍କେତ ମିଳିବ ? ମହାପ୍ରଭୁ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ବଳିବାମନ ପୀଠର ସୁରକ୍ଷା ହେଉ

୪୨ ମୌଜାର ଚାନ୍ଦୁଲିଠାରେ ଅବସ୍ଥିତ ବଳିବାମନ ପୀଠର ସୁରକ୍ଷା କରାଯାଉ। ନଦୀଗର୍ଭରେ ଥିବାରୁ ବନ୍ୟା ସମୟରେ ଅବକ୍ଷୟ ହେଉଛି। କୁହାଯାଏ ରାଜା ବଳିଙ୍କୁ ବାମନରୂପୀ ବିଷ୍ଣୁ ଦୁଇପାଦରେ ସ୍ୱର୍ଗ, ମର୍ତ୍ତ୍ୟ ମାଗିନେଇ ତୃତୀୟ ପାଦରେ ପାତାଳଗାମୀ କରିଥିଲେ। ତା'ର ସ୍ମୃତିକୁ ବହନ କରୁଥିବା ପୀଠର ମାହାତ୍ମ୍ୟ ରହିଛି। ଯଦି ପୀଠକୁ ସୁରକ୍ଷିତ କରା ନ ଯାଏ ତେବେ ନଦୀଗର୍ଭରେ ଲୀନ ହେବାର ଆଶଙ୍କା ରହିଛି।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ■ ତନ୍ତ୍ର ସାଧନା ପଛର ରହସ୍ୟ ଖୋଲିଲା ପୋଲିସ

# ଭଉଣୀର ତଣ୍ଟି କାଟି ବଳି ଦେଇଥିଲେ ଭାଇ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୭।୧ (ଡି.ଏନ୍.ଏ.)**


ଜନନୀ ରଣା

■ ୧୪ ମାସ ଭିତରେ ଦ୍ୱିତୀୟ ବଳି
■ ଗୁରୁଙ୍କ କୋପ ଭଉଣୀ ଜୀବନ ନେଲା
■ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲା ଫଇସଲା ହେଉ
■ ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଦାବି


ଶୋଭାବନ ରଣା

ନିଜ ମାମୁପୁଅ ଭାଇକୁ ଅପହରଣ କରି ତଣ୍ଟି କାଟି ବଳି ଦେବାର ୧୪ ମାସ ପରେ ତନ୍ତ୍ରସାଧକ ଶୋଭାବନ ରଣା ଜେଲରୁ ଜାମିନରେ ଆସି ସମାନ ଢଙ୍ଗରେ ନିଜ ସାନ ଭଉଣୀଙ୍କୁ ଅପହରଣ କରି ତଣ୍ଟି କାଟି ବଳି ଦେଇଥିଲେ। ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ସାଲେବରଟ ଗାଁରେ ଘଟିଥିବା ଏହି ନାରକୀୟକାଣ୍ଡ ଉପରୁ ପରଦା ହଟିଛି। ମଙ୍ଗଳବାର ତନ୍ତ୍ରସାଧନା ପଛର ରହସ୍ୟ ଖୋଲିଛି ପୋଲିସ। ଏସ୍‌ପି ସନ୍ଦୀପ ମାଡକର ସିନ୍ଧେକେଲା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିଛନ୍ତି।

ତନ୍ତ୍ରଗୁରୁ କୁଞ୍ଜ ରଣାଙ୍କ କୋପରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ ଶୋଭାବନ (୨୮) ନିଜ ସାନଭଉଣୀ ଜନନୀଙ୍କୁ ଚକାଗୁଜିଆ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଗୁଜିଆ ପାହାଡ ଉପରେ ବଳିଦେଇଥିଲେ। ଶୋଭାବନଙ୍କ ସ୍ୱୀକାରୋକ୍ତି ଓ ସୂଚନା ଅନୁଯାୟୀ ପୋଲିସ ଟିମ୍ ଗୁଜିଆ ପାହାଡ ଉପରୁ ଜନନୀଙ୍କ ମୁଣ୍ଡ ଗଣ୍ଡି ଅଲଗା ମୃତଦେହକୁ ଉଦ୍ଧାର କରିଛି। ବଳିରେ ବ୍ୟବହୃତ ସିନ୍ଦୂର, ଛୁରି ଓ ଜନନୀଙ୍କ ବସ୍ତ୍ର ଜବତ କରାଯାଇଥିବା ଏସ୍‌ପି କହିଛନ୍ତି। ଶୋଭାବନଙ୍କୁ ମଙ୍ଗଳବାର ଅପରାହ୍ଣରେ କୋର୍ଟ ଚାଲାଣ କରାଯାଇଛି।

ଗତ ଡିସେମ୍ବର ୨୪ରେ ସାଲେବରଟ ଗାଁର ମୁସୁରୁ ରଣାଙ୍କ ନାବାଳିକା ଝିଅ ଜନନୀ (୧୨) ନିଖୋଜ ହୋଇଥିଲେ। ନିଖୋଜ ପଛରେ ବଳି ସନ୍ଦେହ କରି ସେହି ମାସ ୨୮ ତାରିଖରେ ସାଲେବରଟ ଗ୍ରାମବାସୀ ସିନ୍ଧେକେଲା ଥାନା ଘେରାଉ କରିବା ସହ ଜନନୀଙ୍କ ବଡଭାଇ ଶୋଭାବନଙ୍କ ଗିରଫ ଦାବି କରିଥିଲେ। ଏହାପରେ ପୋଲିସ ଶୋଭାବନଙ୍କୁ ଅଟକ ରଖି ପଚରା ଉଚରା କରିଥିଲା।

୨୦୧୮ ଅକ୍ଟୋବରରେ ପାରିବାରିକ ସୁଖ ପାଇଁ ତନ୍ତ୍ରଗୁରୁ କୁଞ୍ଜ ରଣାଙ୍କ ସହ ମିଶି ଉନ୍ଦେର ନଦୀରେ ମାମୁପୁଅ ମିଥୁନ୍ (୯)ଙ୍କୁ ସେ ବଳି ଦେଇଥିଲେ। ଏହି ଘଟଣାରେ ତନ୍ତ୍ରଗୁରୁ କୁଞ୍ଜ ଓ ତନ୍ତ୍ରସାଧକ ଶୋଭାବନ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରେ ଥିବା ସମୟରେ କୁଞ୍ଜ କୁଆଡେ ଶୋଭାବନଙ୍କୁ ତାଗିଦ୍ କରିଥିଲେ। ଶୋଭାବନର ଭୁଲ ଯୋଗୁ ତାଙ୍କୁ ଜେଲ ଯିବାକୁ ପଡିଛି ବୋଲି କହିଥିଲେ। ଆଗକୁ ଏହାର ପରିଣାମ ଭୟାବହ ହେବ ବୋଲି କୁଞ୍ଜ କୁଆଡେ ଚରମବାଣୀ ଶୁଣାଇଥିଲେ। ଗୁରୁଙ୍କ କୋପରୁ ବର୍ତ୍ତିବାକୁ ହେଲେ ଜେଲରୁ ବାହାରିବା ପରେ ନିଜ ଭଉଣୀକୁ ବଳି ଦେବାକୁ ପଡିବ ବୋଲି କୁଆଡେ କୁଞ୍ଜ ଶୋଭାବନଙ୍କୁ କହିଥିଲେ। ଗତ ସେପ୍ଟେମ୍ବର ମାସରେ କୁଞ୍ଜ ଓ ଶୋଭାବନ ହାଇକୋର୍ଟରୁ ଜାମିନ୍ ପାଇ ଘରକୁ ଫେରିଥିଲେ। ଜେଲରୁ ବାହାରି ଶୋଭାବନ ନିଜ ଭଉଣୀ ଜନନୀଙ୍କୁ ବଳି ଦେବାକୁ ଯୋଜନା କରିଥିଲେ। ଗୁଜିଆ ପାହାଡ ଉପର ଗୁଜେନ୍ ଦେବୀଙ୍କ ପାଖରେ ଜନନୀଙ୍କୁ ବଳି ଦେବାର ସମସ୍ତ ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ ସମସ୍ତ ବଳି ସାମଗ୍ରୀ ଆଣିବା ପରେ ଗତ ୨୪ ତାରିଖରେ ଜନନୀଙ୍କୁ ସାଇକେଲରେ ଅପହରଣ କରି ନେଇଥିଲେ ଶୋଭାବନ। ପରେ ଭଉଣୀକୁ ଗୁଜିଆ ଜଙ୍ଗଲକୁ ନେଇ ପୂଜାର୍ଚ୍ଚନା ପରେ ଛୁରିରେ ତଣ୍ଟି କାଟି ବଳି ଦେଇଥିଲେ। ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେବା ପରେ ରକ୍ତ ଅର୍ପଣ କରି ନିକଟସ୍ଥ ବୁଦାରେ ମୁଣ୍ଡ, ଗଣ୍ଡି ଓ ଛୁରିକୁ ଲୁଚାଇ ଦେଇଥିଲେ। ସେଠାରୁ ଆସି କାଲ୍‌କୁଟ୍ ଗାଁ ନିକଟ ମନ୍ଦାରମୁଣ୍ଡା ବନ୍ଧରେ ଜନନୀ ପିନ୍ଧିଥିବା ବସ୍ତ୍ରକୁ ଫିଙ୍ଗି ଦେଇଥିଲେ। ଏହାପରେ ଅପହରଣରେ ବ୍ୟବହୃତ ସାଇକେଲକୁ ଶ୍ରୀରାମ ଓ ଡୁଙ୍ଗ୍ଲା ଗାଁ ମଝିରେ ଛାଡି ଦେଇ ଶୋଭାବନ ଫେରାର ହୋଇଯାଇଥିବା ଏସ୍‌ପି ମାଡକର ସୂଚନା ଦେଇଛନ୍ତି। ଶୋଭାବନର ବୟାନ ଅନୁଯାୟୀ ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଇଥିବା ଏସ୍‌ପି କହିଛନ୍ତି। ଏହି ସବୁ ଘଟଣାରେ ତନ୍ତ୍ରଗୁରୁ କୁଞ୍ଜଙ୍କ ଭୂମିକା କ'ଣ ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଜାମିନ୍‌ରେ ବାହାରିବା ପରେ କୁଞ୍ଜ କୁଆଡେ ଚାଲିଯାଇଥିବା ଜଣାପଡିଛି। ଖବରଦାତା ସମ୍ମିଳନୀରେ ଏସ୍‌ପି ମାଡକରଙ୍କ ସହ ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପଧାନ, ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ସିନ୍ଧେକେଲା ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଅନନ୍ତ ପ୍ରଧାନ ଉପସ୍ଥିତ ଥିଲେ।

ମାତ୍ର ୧୪ ମାସ ଭିତରେ ଦୁଇଜଣ ସମ୍ପର୍କୀୟଙ୍କୁ ଶୋଭାବନ ବଳି ଦେବା ଘଟଣାକୁ ନେଇ ସିନ୍ଧେକେଲା ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏହି ବଳି ମାମଲାକୁ ଫାଷ୍ଟଟ୍ରାକ କୋର୍ଟରେ ଫଇସଲା କରାଯାଇ ତୁରନ୍ତ ଶୋଭାବନଙ୍କୁ ଫାଶୀ ଦିଆଯାଉ ବୋଲି ଉତ୍ତ୍ୟକ୍ତ ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ସାନଭଉଣୀକୁ ବଳିଦେଲେ ଭାଇ' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ

**ନବରଙ୍ଗପୁର/ରାଇଘର,୭।୧(ବି.ପ୍ର/ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ଜୋଡିଙ୍ଗା ପଞ୍ଚାୟତ ବରଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଏହି ଚଢାଉ କରାଯାଇଛି। ରଞ୍ଜିତ ଶିକ୍ଷକତା କରିବା ସହ ସ୍ତ୍ରୀଙ୍କ ନାମରେ ଏକ ସାର, ବିହନ ବିକ୍ରୟ ଦୋକାନ କରିଛନ୍ତି।

## ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ '୫-ଟି' ସଚିବ

# ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

**ଝାରସୁଗୁଡ଼ା ଅଫିସ/ଲଖନପୁର,୭।୧(ଡି.ଏନ୍.ଏ.)**

'୫-ଟି' ସଚିବ ଭି.କେ. ପାଣ୍ଡିଆନ୍ ମଙ୍ଗଳବାର ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଭୁବନେଶ୍ୱରରୁ ସ୍ୱତନ୍ତ୍ର ଏକ ବିମାନ ଯୋଗେ ଆସି ୫ଟି ସଚିବ ପାଣ୍ଡିଆନ୍ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଓହ୍ଲାଇଥିଲେ। ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲ ଓ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ୫-ଟି ସଚିବ ପାଣ୍ଡିଆନଙ୍କ ସହ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସଚିବ ପାଣ୍ଡିଆନଙ୍କ ସହ ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଁଞ୍ଚି ବିଭିନ୍ନ ୱାର୍ଡ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀଙ୍କୁ ପଚାରି ବୁଝିଥିଲେ। ପରେ ସଚିବ ପାଣ୍ଡିଆନ୍ ମୁଖ୍ୟ ଚିକିତ୍ସାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଉତ୍ତମ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା, ସୁରକ୍ଷା, ମାଗଣାରେ ଔଷଧ ପ୍ରଦାନ, ଖାଦ୍ୟ, ଡାଇଲୋସିସ୍ ଆଦି ସ୍ୱାସ୍ଥ୍ୟସେବା ସହ ରୋଗୀଙ୍କୁ ଉତ୍ତମ ବ୍ୟବହାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଡାକ୍ତରଖାନାରେ ଆବଶ୍ୟକତା ରହିଥିବା ଲାପରସ୍କୋପି ମେଶିନ୍, ଇଏନ୍‌ଟି ରିଲେଟେଡ୍ ଇକ୍ୱିପ୍‌ମେଣ୍ଟ, ଥାର୍ମୋଲୋଜି ଇକ୍ୱିପ୍‌ମେଣ୍ଟ, ଏଣ୍ଡୋସ୍କୋପି ମେଶିନ୍ ଆଦି ସମ୍ପର୍କରେ ସିଡିଏମ୍‌ଓ ଡା.ବାରିକ '୫-ଟି' ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବଶ୍ୟକ ଯନ୍ତ୍ରାଂଶ ଯଥାଶୀଘ୍ର ଯୋଗାଇ ଦିଆଯିବ ବୋଲି ବୈଠକରେ ସଚିବ କହିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ସଚିବ ମହାପାତ୍ର, ସ୍ୱାସ୍ଥ୍ୟବିଭାଗ ଯୁଗ୍ମ ସଚିବ ଗୁହା ପୁନମ୍, ଜିଲାପାଳ ସାମଲ, ଡିଆଇଜି ହିମାଂଶୁଲାଲ୍, ଏସ୍‌ପି ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ମୁଖ୍ୟ ଚିକିତ୍ସକ ଡା.ଜଗଦୀଶ ଚନ୍ଦ୍ର ବାରିକ, ଏଡିଏମ୍‌ଓ ଡା.ଡୋଲାମଣି ପଟେଲ, ଡା.ସୁପ୍ରଭା ବାରିକ, ଡା.ରବୀନ୍ଦ୍ର ମାଝି, ଡା.ଲକ୍ଷ୍ମଣ କର୍ମୀ, ଡିପିଏମ୍ ଗୁଲୁ ସାହୁ, ଅଭିଷେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

## ୨୪ ଘଣ୍ଟା ପରେ ଧରାପଡ଼ିଲେ ଜେଲରୁ ଚମ୍ପଟ ବଳାତ୍କାର ଅଭିଯୁକ୍ତ

# ମୁଖ୍ୟ ୱାର୍ଡର ନିଲମ୍ବିତ

**ଛତ୍ରପୁର,୭।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ସବ୍‌ଜେଲ ପାଚେରି ଡେଇଁ ସୋମବାର ସନ୍ଧ୍ୟାରେ ଚମ୍ପଟ ମାରିଥିବା ବଳାତ୍କାର ଅଭିଯୁକ୍ତ ୨୪ ଘଣ୍ଟା ପରେ ମଙ୍ଗଳବାର ସନ୍ଧ୍ୟାରେ ଧରାପଡ଼ିଛନ୍ତି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅଧୀନ ସୁନାଥର ଗାଁର କବିରାଜ ବେହେରା। ଜେଲ ନିକଟସ୍ଥ ବିଲପାର୍ଶ୍ୱ କିଆବୁଦାରୁ ଜେଲ କର୍ମଚାରୀମାନେ ତାଙ୍କୁ କାବୁ କରିଛନ୍ତି। ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଗତ ଡିସେମ୍ବର ୭ରେ ଛତ୍ରପୁର ସବ୍‌ଜେଲକୁ ଆସିଥିଲେ। ସେ ସୋମବାର ପାଚେରି ଡେଇଁ ପଳାଇଯାଇଥିବା ନେଇ ସବ୍‌ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭସ୍ମିତା ବିଶ୍ୱାଳ ମଙ୍ଗଳବାର ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏଥିସହ ଏ ସମ୍ପର୍କରେ ସେ ଡିଆଇଜି(ପ୍ରିଜନ୍) ରଘୁନାଥ ମାଝିଙ୍କୁ ମଧ୍ୟ ଜଣାଇଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ ଓ ଜେଲ୍ ପଛପଟ ପାଚେରି ବାହାରେ ଥିବା ଚିହ୍ନରୁ ଅଭିଯୁକ୍ତ ପାଚେରି ଡେଇଁ ଚମ୍ପଟ ମାରିଥିବା ଜଣାପଡିଥିଲା। କବିରାଜଙ୍କ ବିରୋଧରେ ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିଥିଲେ। ଗତ ମାର୍ଚ୍ଚ ୬ ତାରିଖରେ ଏ ନେଇ ଛତ୍ରପୁର ଥାନାରେ ଏତଲା ହୋଇଥିଲା। ଏହାପରେ କବିରାଜ ଫେରାର୍ ଥିଲେ। ଡିସେମ୍ବର ୭ ତାରିଖରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ସନ୍ଧ୍ୟାରେ ଜେଲ ଅନ୍ତେବସୀଙ୍କ ଗଣତି ବେଳେ କବିରାଜ ନ ଥିବା ଜଣାପଡ଼ିଥିଲା। ମଙ୍ଗଳବାର ପୂର୍ବାହ୍ଣରେ ଏ ସମ୍ପର୍କରେ ଛତ୍ରପୁର ଥାନାରେ ଅବଗତ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ଯୋଗୁ ମୁଖ୍ୟ ଜେଲ ୱାର୍ଡର ଚିତ୍ତରଞ୍ଜନ ନାୟକଙ୍କୁ ବ୍ରହ୍ମପୁର ଜେଲ ଡିଆଇଜି ରଘୁନାଥ ମାଝି ନିଲମ୍ବିତ କରିଛନ୍ତି।




For More Information & Booking Contact
LANDLINE : 0674 - 2431515, 2430764, 2435618
MOBILE : 7978037089, 9437206100, 8847862669
mkt.section@gmail.com
www.odishatourism.gov.in
37001/13/0041/1920


## ଆକାଂକ୍ଷା ଯୋଜନାରେ ନବରଙ୍ଗପୁର ୩ୟ

**ନବରଙ୍ଗପୁର,୭।୧(ବି.ପ୍ର.):** କେନ୍ଦ୍ରର ଆକାଂକ୍ଷା ଯୋଜନାରେ ସାମିଲ ହୋଇଥିବା ଜିଲାମାନଙ୍କ ମଧ୍ୟରେ ବିକାଶ ଧାରାକୁ ନେଇ ନବରଙ୍ଗପୁର ଜିଲା ୩ୟ ସ୍ଥାନରେ ରହିଛି। ଛତିଶଗଡ ରାଜ୍ୟର ସୁକମା ଜିଲା ପ୍ରଥମ, ଆସାମର ଉଦାଲଗିରି ଦ୍ୱିତୀୟ, ଓଡିଶାର ନବରଙ୍ଗପୁର ତୃତୀୟ, ରାଜସ୍ଥାନର ଜୟସାଲମେର ୪ର୍ଥ ଓ ଛତିଶଗଡ ରାଜ୍ୟର ରାଜନନ୍ଦଗାଓଁ ୫ମ ସ୍ଥାନରେ ରହିଛି। ବିକାଶ ଧାରାର ବୃଦ୍ଧିକୁ ଆଧାର କରି ଭାରତ ସରକାରଙ୍କ ପକ୍ଷରୁ ସ୍କୋର ର୍‍ୟାଙ୍କିଂ କରାଯାଇଛି। ନବରଙ୍ଗପୁର ଜିଲା ନଭେମ୍ବର ସୁଦ୍ଧା ସ୍ୱାସ୍ଥ୍ୟ ଓ ପୁଷ୍ଟିକରରେ ୬୩.୮ ପ୍ରତିଶତ ସ୍କୋର ପାଇଛି। ସେହିଭଳି ଶିକ୍ଷାରେ ୪୦.୫, କୃଷି ଓ ଜଳ ସମ୍ବଳରେ ୧୯. ୯, ଆର୍ଥିକ ଓ ଦକ୍ଷତା ଉନ୍ନତି କ୍ଷେତ୍ରରେ ୨୭.୩ ଏବଂ ଆଧାର ସଦୃଶ୍ୟ ତଥ୍ୟରେ ୬୩.୩ ପ୍ରତିଶତ ରହିଛି। ଡେଲଟା ର୍‍ୟାଙ୍କ (ତ୍ରିକୋଣ ତଥ୍ୟ)କୁ ଆଧାର କଲେ ସ୍ୱାସ୍ଥ୍ୟ ଓ ପୁଷ୍ଟିକରରେ ୧୬, ଶିକ୍ଷାରେ ୧୫, କୃଷି ଓ ଜଳ ସମ୍ବଳରେ ୭, ଆର୍ଥିକ ଓ ଦକ୍ଷତା ଉନ୍ନତି କ୍ଷେତ୍ରରେ ୧୮ ଓ ଆଧାର ସଦୃଶ୍ୟ ତଥ୍ୟରେ ୨ ନମ୍ବର ସ୍ଥାନରେ ରହିଛି। ସେହିପରି ଅକ୍ଟୋବର ସୁଦ୍ଧା ସ୍ୱାସ୍ଥ୍ୟ ଓ ପୁଷ୍ଟିକରରେ ୬୧.୩ ପ୍ରତିଶତ ସ୍କୋର ପାଇଛି।

# ଯନ୍ତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

## ନିଖୋଜର ୨୪ ଘଣ୍ଟା ପରେ ଜଙ୍ଗଲରୁ ମିଳିଲା ମୃତଦେହ

**ବୋରିଗୁମ୍ମା/ଜୟପୁର, ୭।୧(ଡି.ଏନ୍.ଏ./ନି.ପ୍ର.)**


ଭେଙ୍କଟେଶ୍ୱର ରାଓ (ଫାଇଲ ଫଟୋ)

କୋରାପୁଟ ଜିଲା ବୋରିଗୁମ୍ମାରେ କାର୍ଯ୍ୟରତ ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଭେଙ୍କଟେଶ୍ୱର ରାଓଙ୍କ ମୃତଦେହ ମଙ୍ଗଳବାର ଜଙ୍ଗଲରୁ ଉଦ୍ଧାର ହୋଇଛି। ଗୋଟିଏ ଦିନ ପୂର୍ବରୁ ସେ ନିଖୋଜ ଥିବାବେଳେ ହରଡ଼ାଗୁଡ଼ା ନିକଟସ୍ଥ ମୃଷାମାଟି ଜଙ୍ଗଲରୁ ବିସିଂହପୁର ପୋଲିସ ରାଓଙ୍କ ମୃତଦେହ ଉଦ୍ଧାର କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଛି। ଯନ୍ତ୍ରୀଙ୍କ ଏଭଳି ରହସ୍ୟମୟ ମୃତ୍ୟୁ ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ସୋମବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗର ୫ ଜଣିଆ ଟିମ୍ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ପ୍ରକଳ୍ପ ଦେଖିବା ପାଇଁ ଟିମ୍‌ରେ ବୋରିଗୁମ୍ମା ବ୍ଲକ ଏସ୍‌ଡିଓ, ଦୁଇଜଣ କନିଷ୍ଠ ଯନ୍ତ୍ରୀ, ଦୁଇ ଜଣ ଠିକାଦାର ହରଡ଼ାଗୁଡ଼ା ଗସ୍ତ କରିଥିଲେ। କିନ୍ତୁ ସେଠାରୁ ହଠାତ୍ କନିଷ୍ଠ ଯନ୍ତ୍ରୀ ରାଓ ଦଳରୁ ବାଦ୍ ପଡ଼ି ନିଖୋଜ ହୋଇଯାଇଥିଲେ। ଦଳର ଅନ୍ୟ ସଦସ୍ୟ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶେଷରେ ସହକାରୀ ଯନ୍ତ୍ରୀ ହରିନାରାୟଣ ରଥ ବିସିଂପୁର ଥାନାରେ ତାଙ୍କ ନିଖୋଜ ଏତଲା ଦେଇଥିଲେ। ଏନେଇ ମାମଲା ରୁଜୁହୋଇ ପୋଲିସ ମଧ୍ୟ ରାଓଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲା। ମଙ୍ଗଳବାର ସକାଳେ ରାଓଙ୍କ ସ୍ତ୍ରୀ ସଂଘମିତ୍ରା ପାତ୍ର ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀଙ୍କ ସହ ୫ ଜଣ ଗୋଟିଏ ଗାଡ଼ିରେ ଯାଇଥିବା ବେଳେ ୪ ଜଣ ସୁରକ୍ଷିତ ଫେରିଲେ। କିନ୍ତୁ ତାଙ୍କ ସ୍ୱାମୀ କିପରି ନିଖୋଜ ହୋଇଗଲେ ବୋଲି ସେ ପ୍ରଶ୍ନ କରିଥିଲେ। ସ୍ୱାମୀଙ୍କୁ ଶୀଘ୍ର ଉଦ୍ଧାର କରିବା ପାଇଁ ସେ ନିବେଦନ କରିଥିଲେ। କିନ୍ତୁ ନିଖୋଜ ହେବାର ୨୪ ଘଣ୍ଟା ପରେ ଜଙ୍ଗଲରୁ ରାଓଙ୍କ ମୃତଦେହ ମିଳିଥିଲା। ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ବିସିଂପୁର ଆଇଆଇସି ହରଡ଼ାଗୁଡ଼ା ଜଙ୍ଗଲ ଛାନଭିନ୍ କରିବା ବେଳେ କଳା ପଡ଼ିଯାଇଥିବା ମୃତଦେହ ଉଦ୍ଧାର କରାଯାଇଥିଲା। କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୦ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)

ବିଜ୍ଞପ୍ତି ନଂ 029 / (Exam. Conf.)/ ତା 06/01/20 ରିଖ

ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଆସନ୍ତା ୨୦୨୦ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (Regular ଏବଂ Ex-Regular) ପରୀକ୍ଷା 1st Sittingରେ ତା ୧୯/୦୨/୨୦୨୦ରିଖ ଠାରୁ ଆରମ୍ଭ ହୋଇ ତା ୦୨/୦୩/୨୦୨୦ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ Regular ଏବଂ Ex-Regular ପରୀକ୍ଷା ଗୋଟିଏ Sitting ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ 10.00 am ରୁ ଆରମ୍ଭ ହୋଇ 12.30 pm ରେ ଶେଷ ହେବ । କେବଳ MTH ପରୀକ୍ଷା 12.45 pm ରେ ଶେଷ ହେବ । ନିର୍ଦ୍ଧାରିତ ପରୀକ୍ଷା ଦିବସ ଓ ବିଷୟମାନ ନିମ୍ନରେ ପ୍ରଦାନ କରାଗଲା ।

| REGULAR & EX-REGULAR (1ST SITTING) (10.00 AM TO 12.30 PM) | |
|---|---|
| **19/02/2020 ବୁଧବାର (Wednesday)**<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟର୍‌ନେଟିଭ ଇଂରାଜୀ (Alt. English) | **22/02/2020 ଶନିବାର (Saturday)**<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) |
| **24/02/2020 ସୋମବାର (Monday)**<br>ତୃତୀୟ ଭାଷା (Third Language)<br>TLH ହିନ୍ଦୀ, TLS ସଂସ୍କୃତ, TLO ଓଡ଼ିଆ, TLP ପାର୍ଶି<br>TLV (THEORY) & IT, RT, TT, TH, AG, MS, PL, BW, BF, HC, AH, AM & EH (THEORY)<br>Time 01 Hour – 10.00 am to 11.00 am<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ IT, RT, TT, TH, AG, MS, PL, BW, BF, HC, AH, AM & EH କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ | **26/02/2020 ବୁଧବାର (Wednesday)**<br>MTH ଗଣିତ (Mathematics)<br>**28/02/2020 ଶୁକ୍ରବାର (Friday)**<br>GSC ବିଜ୍ଞାନ (Science)<br>**01/03/2020 ରବିବାର (Sunday)**<br>TLV (Practical) 10.00 am to 12.00 noon Time : 2 Hours<br>ଭିଜୁଆଲ୍ ଆର୍ଟ (ପ୍ରାକ୍ଟିକାଲ୍) ତୃତୀୟ ଭାଷା<br>Visual Art – (Practical) 3rd Language<br>**02/03/2020 ସୋମବାର (Monday)**<br>SSC ସାମାଜିକ ବିଜ୍ଞାନ (Social Science) |

✓ 09.45 am ରେ ଉଭୟ Part-I (Objective) ଓ Part-II (Subjective) ପ୍ରଶ୍ନପତ୍ର ବଣ୍ଟାଯିବ ।

✓ Part–I (Objective) ପରୀକ୍ଷା 10.00am ରୁ 11.00am ପର୍ଯ୍ୟନ୍ତ ଚାଲିବ । କେବଳ MTH (Objective) ପରୀକ୍ଷା 10.00am ରୁ 11.15 am ପର୍ଯ୍ୟନ୍ତ ଚାଲିବ ।

ସ୍ୱା/-ସମ୍ପାଦକ

## ସଂକ୍ଷେପରେ

### ଆଜି ଖୋର୍ଦ୍ଧା ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ଖୋର୍ଦ୍ଧା ଅଫିସ,୭।୧:
କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦେଇଥିବା ଭାରତ ବନ୍ଦ ଡାକରା ଦୃଷ୍ଟିରୁ ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ଜିଲାପାଳ ସୀତାଂଶୁ ରାଉତ ଜଣାଇଥିବା ଭୁବନେଶ୍ୱର ଜିଲା ସୂଚନା ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ମାଡ଼ ମାରି ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୭।୧(ବ୍ୟୁରୋ):
କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଥିବା ଜଣେ ମହିଳାଙ୍କୁ ମାଡ ମାରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କେଦାରପଲ୍ଲୀ ବସ୍ତି ଅଞ୍ଚଳର ଦିଲୀପ ଦଳେଇ। ପୋଲିସ ସୂଚନା ମୁତାବକ, ବସ୍ତିରେ ରହୁଥିବା ସୁଷମା ଦେଈଙ୍କ ସହ ଦିଲୀପଙ୍କର ଅଗଷ୍ଟ ୧୦ରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଦିଲୀପ ଗାଳି ଗୁଲଜ କରିବା ସହ ସୁଷମାଙ୍କୁ ମାଡ ମାରି ଫେରାର ହୋଇଯାଇଥିଲେ। ଏ ନେଇ ସୁଷମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୯୦/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ବଙ୍ଗଚୁଆଁରେ ଖୋଲିଲା ଧାନମଣ୍ଡି

ବାଲିଅନ୍ତା,୭।୧(ଡି.ଏନ୍.ଏ.):
ବାଲିଅନ୍ତା ବ୍ଲକ ଅଞ୍ଚଳରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବଙ୍ଗଚୁଆଁ ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ହାଟପଡ଼ିଆରେ ଖୋଲାଯାଇଥିବା ଧାନମଣ୍ଡିକୁ ବିଧାୟକ ଡ. ଅରବିନ୍ଦ ଢାଲି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମିତି ସଭାପତି ବେଣୁଧର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସରପଞ୍ଚ ବିଜୟ କୁମାର ସାହୁ, ସମିତିସଭ୍ୟା ରାଜଲକ୍ଷ୍ମୀ ନାଥ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଶାନ୍ତ ଦାସ, କୃଷି ଅଧିଦର୍ଶକା ବିଷ୍ଣୁପ୍ରିୟା ବେହେରା, ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଧାନ ବିକ୍ରୟ ପାଇଁ ୨୨୨ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ପ୍ରଥମ ଦିନରେ ୨୪ଜଣ ଚାଷୀ ଧାନ ବିକ୍ରି କରିଥିବା ସହ-ସମ୍ପାଦକ ବିଶ୍ୱଜିତ୍ ପୃଷ୍ଟି କହିଛନ୍ତି।

### ଜାତୀୟ ଆଲୋଚନାଚକ୍ର

କଟକ ଅଫିସ, ୭।୧- କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମୋଣ୍ଟାନା ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଶାନ୍ତ ବନ୍ଦ୍ୟୋପାଧ୍ୟାୟ, ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଫେସର ରାମଚନ୍ଦ୍ର ମାଝୀ, ପ୍ରଫେସର ବସନ୍ତ ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଡ. ହରିଶ୍ଚନ୍ଦ୍ର ସାହୁ ଯୋଗଦେଇଥିଲେ। ପ୍ରିୟଙ୍କା ଦାଶ ଧନ୍ୟବାଦ ଦେଇଥିଲେ।

# ୪ ଘରୋଇ ପ୍ଲଟରୁ କୋଠା ଉଚ୍ଛେଦ

ପୁରୀ ଅଫିସ, ୭।୧:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ପୁଣି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ମଙ୍ଗଳବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଥିବା ୪ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ବୁଧବାର ଭାରତ ବନ୍ଦ ଡାକରା ଯୋଗୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିବ। ଗୁରୁବାରଠାରୁ ପୁଣି ଉଚ୍ଛେଦ ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି।

ଗତ ମାସ ୨୧ ତାରିଖରେ ଭିତର ସେବାୟତ ନିଯୋଗ କୋଠା ଭଙ୍ଗାଯିବା ପରେ ପ୍ରଶାସନ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖିଥିଲା। ବଡ଼ଦିନ ଏବଂ ନୂଆବର୍ଷ ଉପଲକ୍ଷେ ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଥିଲା। ପ୍ରାୟ ୧୬ ଦିନ ହେବ ଭଙ୍ଗାଭଙ୍ଗି ବନ୍ଦ ରହିଥିବାବେଳେ ମଙ୍ଗଳବାର ପୁନଶ୍ଚ ଏହା ଆରମ୍ଭ ହୋଇଛି। ସକାଳେ ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଉଚ୍ଛେଦ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଥିଲା। ଭକ୍ତଙ୍କ ଯା'ଆସରେ ଯେପରି କୌଣସି ଅସୁବିଧା ନ ହେବ ତାହା ଉପରେ ଧ୍ୟାନ ଦିଆଯାଇଥିଲା। ପ୍ରାୟ ୨ ପ୍ଲାଟୁନ


ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଥିବା କୋଠାକୁ ଭଙ୍ଗାଯାଉଛି।

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**

ଫୋର୍ସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ଏହାକୁ ତଦାରଖ କରିଥିଲେ। ୩ ମହଲା ବିଶିଷ୍ଟ ୨ଟି କୋଠା ଭଙ୍ଗାଯିବା ପରେ ପୁଣି ଅନ୍ୟ ୨ଟି ପ୍ଲଟରେ ଥିବା କୋଠା ଭଙ୍ଗାଯାଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, କିଛିଦିନ ପରେ ସୁରକ୍ଷା ଜୋନ୍‌ରେ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ୪ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ପର୍ଯ୍ୟାୟକ୍ରମେ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ। ତେବେ ଭକ୍ତଙ୍କ ଯା'ଆସରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ତାହାକୁ ଦୃଷ୍ଟିରେ ରଖାଯାଇ ବ୍ୟାରିକେଡିଂ କରାଯାଉଛି। ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ଉଚ୍ଛେଦ ବନ୍ଦ ରଖାଯିବ ଏବଂ ଗୁରୁବାରଠାରୁ ଏହା ତ୍ୱରାନ୍ୱିତ ହେବ। ଯେଉଁମାନେ ସେମାନଙ୍କ ଜମି ବିକ୍ରି କବଲା ସାରିଛନ୍ତି ସେମାନଙ୍କୁ ଘର ଖାଲି କରିବାକୁ କୁହାଯାଇଛି। ଘର ଖାଲି କରିବା ପରେ ଉଚ୍ଛେଦ କରାଯିବ।

## ଜବରଦଖଲକୁ ନେଇ ମାରପିଟ

**ଉଭୟ ପକ୍ଷର ୩ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର, ୭।୧(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ମେ' ଫେୟାର ହୋଟେଲ ପଛପାର୍ଶ୍ୱରେ ରହିଥିବା ସରକାରୀ ଜାଗା ଜବରଦଖଲ କରିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଗଙ୍ଗନଗରର ଶିବ ଦାସ ଓ ସହଯୋଗୀ ଡୁମୁଡୁମା ଅଞ୍ଚଳର ସୁଶାନ୍ତ ଦାସ ଉକ୍ତ ସରକାରୀ ଜାଗାକୁ ଜବରଦଖଲ କରିଥିଲେ। ଅନ୍ୟପକ୍ଷରେ ସୁଶାନ୍ତ ଦାସ ନାମକ ଅନ୍ୟ ଜଣେ ବ୍ୟକ୍ତି ସେହି ଜାଗାକୁ ଲାଗି ଥିବା ସରକାରୀ ଜମିକୁ ଜବରଦଖଲ କରି ସେଠାରେ ଘର କରି ସ୍ତ୍ରୀ ଶୈଳବାଳାଙ୍କ ସହ ରହୁଥିଲେ। ସେମାନେ ଶିବଙ୍କ ଜବରଦଖଲ ଜମିକୁ ଅକ୍ତିଆର କରୁଥିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟରେ ପାଟିତୁଣ୍ଡ ହେଉଥିଲା। ମାମଲା ଥାନାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ୧୦୭ ନୋଟିସ ଜାରି କରିଥିଲା। ସୋମବାର ଅପରାହ୍ନରେ ଉକ୍ତ ଜମିକୁ ନେଇ ଉଭୟପକ୍ଷ ମୁହାଁମୁହିଁ ହୋଇଥିଲେ। ଆକ୍ରମଣ ଓ ପ୍ରତିଆକ୍ରମଣରେ ଏକାଧିକ ଆହତ ହୋଇଥିବାବେଳେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଶିବ ଓ ତାଙ୍କ ସହଯୋଗୀଙ୍କ ଅଭିଯୋଗ ମୁତାବକ ମାମଲା ନଂ ୧୩/୨୦ ଏବଂ ସୁଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ୧୪/୨୦ରେ ୩ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ମଙ୍ଗଳବାର ଶିବ, ସହଯୋଗୀ ସୁଶାନ୍ତ ଓ ଶୈଳବାଳାଙ୍କ ସ୍ୱାମୀ ସୁଶାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା ପୋଲିସ।

## ପ୍ରତିଶ୍ରୁତି ନ ରଖିବାରୁ ଭୂମିହୀନଙ୍କ ଆନ୍ଦୋଳନ


ଧାରଣାରେ ବସିଥିବା ଭୂମିହୀନ ପରିବାର ଓ ଅନ୍ୟମାନେ।

ନରାଜ,୭।୧(ଡି.ଏନ୍.ଏ.)
ବାରଙ୍ଗ ତହସିଲ ଅଧୀନ ରାମଦାସପୁର ମୌଜାରେ ଶିଳ୍ପ ନିର୍ମାଣ ବନ୍ଦ ଦାବିରେ ଭୂମିହୀନ ଦଳିତବର୍ଗ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଛି। ରାମଦାସପୁର ମୌଜାରେ ବସବାସ କରୁଥିବା ଭୂମିହୀନ ଦଳିତଙ୍କୁ ସରକାର ଶାବକ ଜମିପଟ୍ଟା ପ୍ରଦାନ କରିଥିଲେ। ପରେ ସରକାର ଉକ୍ତ ଜମିଗୁଡିକରୁ ଶାବକ ପଟ୍ଟା ଉଚ୍ଛେଦ କରି ହାଲ ପ୍ରଦାନ କରିଥିଲେ। ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଜମିଗୁଡ଼ିକୁ ସରକାରୀ ସଂସ୍ଥା ମାଧ୍ୟମରେ ବିକ୍ରି କରିଥିଲେ। ଏହାକୁ ବିରୋଧ କରି ଡିସେମ୍ବର ୨୪ରେ ଭୂମିହୀନ ଦଳିତବର୍ଗ ପକ୍ଷରୁ ଧାରଣା ଦିଆଯାଇଥିଲା। ବାରଙ୍ଗ ପୋଲିସ ଏଥିରେ ହସ୍ତକ୍ଷେପ କରି ଜାନୁୟାରୀ ୫ ସୁଦ୍ଧା ଜିଲା ପ୍ରଶାସନ ସହ ଏବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବିବାଦୀୟ ଜମିରେ କୌଣସି କାର୍ଯ୍ୟ ନ କରିବା ପାଇଁ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ସମସ୍ୟାର ସମାଧାନ ହୋଇ ନଥିବା ବେଳେ କମ୍ପାନୀଗୁଡିକ ପାଚେରୀ ନିର୍ମାଣ ଚଳାଇଛନ୍ତି। ଏଭଳି ଅଭିଯୋଗ କରି ନିରଞ୍ଜନ ଭୋଇ,ଫକିର ଭୋଇ, ଗୋବିନ୍ଦ ଭୋଇଙ୍କ ନେତୃତ୍ୱରେ ବହୁ ଭୂମିହୀନ ଉକ୍ତ ଜମିରେ ଧାରଣା ଦେଇଥିଲେ।

■ ଉର୍ଦ୍ଦୁ ଖବରକାଗଜ 'ଅଖବାରନାମା'ର ୮ମ ସ୍ୱନକ୍ଷତ୍ର ଉତ୍ସବ

## 'ପ୍ରତ୍ୟେକ ଖବରକୁ ଗଣମାଧ୍ୟମ ଗୁରୁତ୍ୱ ଦିଅନ୍ତୁ'

ଭୁବନେଶ୍ୱର, ୭।୧ (ବ୍ୟୁରୋ)

ଏକ ସଶକ୍ତ ଓ ବିକଶିତ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ହେଉଛି ସାଧାରଣ ଲୋକଙ୍କ ସ୍ୱର। ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ। ସମାଜରେ ଘଟୁଥିବା ଅନେକ ସକାରାତ୍ମକ ଘଟଣା ଲୋକଲୋଚନକୁ ଆସିବା ଦରକାର। ସବୁ ପ୍ରକାର ଖବର ପ୍ରକାଶ ପାଇଲେ ଖବରକାଗଜର ମହତ୍ତ୍ୱ ରହିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି।

ମଙ୍ଗଳବାର ସୂଚନା ଭବନରେ ଦୈନିକ ଉର୍ଦ୍ଦୁ ଖବରକାଗଜ 'ଅଖବାରନାମା'ର ୮ମ ସ୍ୱନକ୍ଷତ୍ର ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ୍ କହିଥିଲେ, ସୃଷ୍ଟି ଏକ ଏବଂ ଏହାର ସ୍ରଷ୍ଟା ମଧ୍ୟ ଏକ। ଆମ ଦେଶରେ ବହୁ ଧର୍ମର ସମାହାର ଦେଖିବାକୁ ମିଳେ। ଆଉ ସବୁ ଧର୍ମ କେବଳ ସମସ୍ତଙ୍କୁ ଭଲ ପାଇବା ହିଁ ଶିଖାଇଥାଏ। ଯେପରି ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଅତି ସୁନ୍ଦର ମହକ ଦେଇଥାଏ, ସେହିପରି ବିଭିନ୍ନ ଧର୍ମର ସମାହାର ଆମକୁ ମାନବିକତା ଓ ପରସ୍ପରକୁ ଭଲ ପାଇବାର ମହକ ଦେଇଥାଏ। ସମସ୍ତେ ଏକାଠି କାର୍ଯ୍ୟକଲେ ଆମ ଦେଶ ସଶକ୍ତ ହେବ। କୋରାନ୍‌ରେ ଥିବା ସଙ୍ଗୀତ ଓ ବାଇବେଲ୍‌ରେ ପ୍ରୟୋଗ ଉର୍ଦ୍ଦୁ ଭାଷା ଅନନ୍ୟ ସାହିତ୍ୟ ସୃଷ୍ଟି କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି।

ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, ଖୁବ୍‌କମ ଦିନରେ 'ଅଖବାରନାମା' ଭଳି ଏକ ଉର୍ଦ୍ଦୁ ଖବରକାଗଜ ରାଜ୍ୟବାସୀଙ୍କ ବିଶ୍ୱାସଭାଜନ କରିପାରିଛି। ଲୋକଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବାରେ ଏହା ଗୁରୁଦାୟିତ୍ୱ ନିର୍ବାହ କରିଛି। ରାଜ୍ୟର ଏକମାତ୍ର ଦୈନିକ ଉର୍ଦ୍ଦୁ ଖବରକାଗଜ ଭାବେ ଏହା ନୂଆ ଉଦାହରଣ ସୃଷ୍ଟି କରିପାରିଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମକବୁଲ ଇସଲାମ କହିଥିଲେ, ଉର୍ଦ୍ଦୁ ହେଉଛି ଦେଶର ୧୧ତମ ଭାଷା। ଇସଲାମର ସୁଫି ଦର୍ଶନ ଓ ବେଦ ବେଦାନ୍ତ ମଧ୍ୟରେ ନିବିଡ଼ ସମନ୍ୱୟ ରହିଛି ବୋଲି ସେ କହିଥିଲେ।

ବରିଷ୍ଠ ଖବରଦାତା ଦିଲୀପ୍ ବିଶୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ 'ଅଖବାରନାମା'ର ସମ୍ପାଦକ ସେଖ୍ ସିରାଜ ମହମ୍ମଦ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମ୍ପାଦକ ସେଖ୍ ରିଆଜ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନାବ ଅଲହଜ ମହମ୍ମଦ ଅବଦୁଲ ବାରି, ଡ. ଅବଦୁଲ ୱସିଦ ଖାନ, ମୌଲାନା ସୟଦ ନକିବୁଲ ଅମିନ ବାରିକି କ୍ୱାସମୀ, ମହମ୍ମଦ ଫକରୁଦ୍ଦିନ୍, ସଲମା ଆଜମି ବାନୁ, ସଞ୍ଜିଦ ରେହମାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉର୍ଦ୍ଦୁ ଖବରକାଗଜ 'ଅଖବାରନାମା'ର ୮ମ ସ୍ୱନକ୍ଷତ୍ର ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

### ମହିମା ସନ୍ନ୍ୟାସୀଙ୍କ ଆତ୍ମହତ୍ୟା

ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ.ଏ):

ଉତ୍ତରାଫିଣ୍ଡି ଅନ୍ତର୍ଗତ ସାମଲସାହି ଅଞ୍ଚଳରେ ସାଗର ସାମଲ ନାମକ ଜଣେ ୫୭ ବର୍ଷୀୟ ମହିମା ଅଲେଖ ସନ୍ନ୍ୟାସୀଙ୍କ ଝୁଲନ୍ତା ଅବସ୍ଥା ମୃତଦେହକୁ ପୋଲିସ ଜବତ କରିଛି। ମଙ୍ଗଳବାର ଭୋର୍ ସମୟରେ କେତେଜଣ ଲୋକ ଏହା ଦେଖିବା ପରେ ପୋଲିସକୁ ଜଣାଇଥିଲେ। ସେ ମହିମା ଦୀକ୍ଷା ଗ୍ରହଣ କରିଥିଲେ ମଧ ପରିବାର ସହ ରହୁଥିଲେ। ପାରିବାରିକ କଳହ ଯୋଗୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସପ୍ତମ ଝଙ୍କାର ଟେଲିଭିଜନ, ସିନେ ଆୱାର୍ଡ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୭।୧ (ବ୍ୟୁରୋ)

ସପ୍ତମ ଝଙ୍କାର ଟେଲିଭିଜନ ଓ ସିନେ ଆୱାର୍ଡ ପ୍ରଦାନ ଉତ୍ସବ ଓ ସପ୍ତମ କାକଟପୁର ମା' ମଙ୍ଗଳା ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡା ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ସମ୍ମାନିତ ଅତିଥିଭାବେ ଅଭିଜିତ୍ ଦିକ୍ଷୀତ୍ ଓ ପ୍ରସନ୍ନ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସେହିଭଳି ଉଦ୍‌ଯାପନୀ ସନ୍ଧ୍ୟାକୁ ମୁଖ୍ୟ ଅତିଥିଭାବେ ମହେନ୍ଦ୍ର ଗୁପ୍ତା ଓ ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାମାଜିକର୍ମୀ ମୀରା ପରିଡା ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ତଥା ଦେଶର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହାନ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସପ୍ତମ ଝଙ୍କାର ଟେଲିଭିଜନ ଓ ସିନେ ଆୱାର୍ଡ ପ୍ରଦାନ କରାଯାଇଥିଲା।

ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନଯଜ୍ଞ, ଆଧ୍ୟାତ୍ମିକ ବ୍ୟାଖ୍ୟା

## କାମନାର ବିନାଶ ନ ହେଲେ ବ୍ୟକ୍ତିର ଆତ୍ମବିକାଶ ଅସମ୍ଭବ

ଭୁବନେଶ୍ୱର, ୭।୧ (ବ୍ୟୁରୋ)

କାମନା ଥିଲେ ମନୁଷ୍ୟର ଆସକ୍ତି ଆସେ। କାମନା ପ୍ରତି ଜୀବନକୁ ଆନ୍ଦୋଳିତ କରି ବାହ୍ୟ ବିଷୟ ପ୍ରତି ଆକର୍ଷିତ କରାଏ। କିନ୍ତୁ କାମନା କେବେ ମନୁଷ୍ୟକୁ ସୁଖ ଦେଇପାରେ ନାହିଁ। ତାକୁ ଅନୁସରଣ କରୁଥିବା ବ୍ୟକ୍ତିକୁ ମହାପାପୀ କୁହାଯାଏ। ତେଣୁ କାମନାର ବିନାଶ ନ ହେଲେ ବ୍ୟକ୍ତିର ଆତ୍ମବିକାଶ ଅସମ୍ଭବ। ମନୁଷ୍ୟ ଜାତି ନିଜ ଭିତରୁ କାମ, କ୍ରୋଧ, ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟକୁ ଅବଦମିତ କଲେ ଭଗବାନଙ୍କ ଶରଣ ପ୍ରାପ୍ତି ହୋଇଥାଏ। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଉତ୍କଳ ମଣ୍ଡପଠାରେ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମରେ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ଉପରୋକ୍ତ ମତ ରଖିଛନ୍ତି। ଶ୍ରୀମଦ୍ ଭଗବଦ୍ ଗୀତା ତୃତୀୟ ଅଧ୍ୟାୟ କର୍ମଯୋଗର ୩୭ ନମ୍ବର ଶ୍ଳୋକ 'କାମ ଏଷ କ୍ରୋଧ ଏଷ ରଜୋଗୁଣ ସମୁଦ୍ଭବଃ, ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ'କୁ ପ୍ରଜ୍ଞାନାନନ୍ଦ ଅତି ସରଳ ଭାବେ ବାଖ୍ୟା କରିଥିଲେ। ଏଥିସହ ପ୍ରଜ୍ଞାନାନନ୍ଦ ଯୋଗ ସାଧନା ଏବଂ ମନୁଷ୍ୟ ଶରୀରର ସପ୍ତ ଚକ୍ର ସମ୍ପର୍କରେ ଭଗବତ ପ୍ରେମୀମାନଙ୍କୁ ବୁଝାଇଥିଲେ। ଗୀତା ପ୍ରବଚନ କାର୍ଯ୍ୟକ୍ରମ ପୂର୍ବରୁ ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଜ୍ଞାନାନନ୍ଦଙ୍କ ଗୀତାଜ୍ଞାନକୁ ଶ୍ରବଣ କରିବା ସହ ଗୀତା ପାଠ କରିଥିଲେ। ସକାଳେ ଜୟଦେବ ବିହାରସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟଠାରେ ଭଗବତ ପ୍ରେମୀମାନେ କ୍ରିୟା ଯୋଗ ଦୀକ୍ଷା ଗ୍ରହଣ କରିଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ଯାଏ ଚାଲିବ।

■ ମହିଳା ବ୍ୟାଙ୍କ୍ ଅଧିକାରୀଙ୍କୁ ଅସଦାଚରଣ, ନିର୍ଯାତନା ଘଟଣା

## କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

ଭୁବନେଶ୍ୱର, ୭।୧(ବ୍ୟୁରୋ)

■ ଥାନାରେ ହାଜର ହେଲେନି ଦୁଇ ଅଭିଯୁକ୍ତ
■ ବ୍ୟାଙ୍କରେ ପଚରାଉଚରା କରି ଫେରିଲା ପୋଲିସ

ଜଣେ ମହିଳା ବ୍ୟାଙ୍କ୍ ଅଧିକାରୀଙ୍କୁ ଅସଦାଚରଣ ଓ ନିର୍ଯାତନା ଘଟଣାକୁ ନେଇ ମଙ୍ଗଳବାର ମହିଳା ଥାନା ପୋଲିସ ପକ୍ଷରୁ ଖୋଳତାଡ଼ କରାଯାଇଥିଲା। କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯିବା ସହ ଦୁଇ ଅଭିଯୁକ୍ତ ଉକ୍ତ ବ୍ୟାଙ୍କ୍‌ର ସର୍କଲ ହେଡ୍ ଓ ମ୍ୟାନେଜରଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯାଇଥିଲା। ମାତ୍ର ସେମାନେ ନ ପହଞ୍ଚିବାରୁ ପୋଲିସ ବ୍ୟାଙ୍କରେ ପହଞ୍ଚି ସେମାନଙ୍କ ସମ୍ପର୍କରେ ପଚରାଉଚରା କରି ଫେରିଥିଲା। ଏ ନେଇ ଥାନା ଅଧିକାରୀ ବନିତା ମହାରଣା କହିଛନ୍ତି, ଦୁଇ ବ୍ୟାଙ୍କ୍ ଅଧିକାରୀଙ୍କ ନାମରେ ଆଇପିସି ଦଫା ୩୫୪(ଏ), ୨୯୪, ୩୪ ଅନୁଯାୟୀ ୧/୨୦ନମ୍ବରରେ ମାମଲା ରୁଜୁ କରାଯାଇଛି। ଏହା ତଦନ୍ତ ପରିସରଭୁକ୍ତ ଥିବାରୁ ଏ ସମ୍ପର୍କରେ ମତାମତ ଦେବା ଠିକ ହେବନାହିଁ ବୋଲି ସେ କହିଛନ୍ତି। ଅଭିଯୋଗକାରିଣୀ ମହିଳା ଜଣକ ଆକ୍ସିସ୍ ବ୍ୟାଙ୍କ୍‌ର ଭୁବନେଶ୍ୱରର ଏକ ଶାଖାରେ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ସେ ସୋମବାର ଅଭିଯୋଗ କରିଥିଲେ ଯେ, ୨୦୧୪ରୁ ଉକ୍ତ ବ୍ୟାଙ୍କର ସର୍କଲ ହେଡ୍ ଓ ବ୍ରାଞ୍ଚ ମୁଖ୍ୟ ତାଙ୍କୁ ନାନା ନିର୍ଯାତନା ଦେଇ ଆସୁଛନ୍ତି। ଅଫିସ କାର୍ଯ୍ୟ ଓ ବୈଠକ ଆଳରେ ମନ୍ଦ ଉଦ୍ଦେଶ୍ୟ ରଖି ବଡ଼ ତାରକା ହୋଟେଲକୁ ଡକାଇଥାନ୍ତି। ପ୍ରମୋଶନ ପାଇଁ ସିନିୟରଙ୍କୁ ଖୁସି କରିବାକୁ ପଡ଼ିବ ବୋଲି କହି ନାନା ପ୍ରଲୋଭନ ଦେଖାଇଥାନ୍ତି। କିନ୍ତୁ କୌଣସି ସୁଯୋଗ ନ ଦେବାରୁ ତାଙ୍କୁ ବଦଳି କରାଯିବା ସହ ନାନା ପ୍ରକାର ହଇରାଣ କରାଯାଉଛି। ଗତ ୩୧ ତାରିଖରେ ବିନା ଟ୍ରାଞ୍ଜିଟରେ ତାଙ୍କୁ ବ୍ରହ୍ମପୁର ବଦଳି କରାଯିବା ସହ ୧ ତାରିଖରେ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ମାତ୍ର ଏ ସଂକ୍ରାନ୍ତରେ ଗତ ୬ଦିନ ହେବ ସର୍କଲ ହେଡ୍‌ଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ସର୍କଲ ହେଡ୍‌ଙ୍କ ଚାମ୍ବରକୁ ଯାଇ ବଦଳି ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ ଗାଳିଗୁଲଜ କରିବା ସହ କୌଣସି ସହଯୋଗ କରାଯିବ ନାହିଁ ବୋଲି କହିଥିଲେ। ଏହାପରେ ସେ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

■ ସ୍ୱଚ୍ଛ ସର୍ବେକ୍ଷଣକୁ ନେଇ ବିଏମ୍‌ସିର ବ୍ୟାପକ ପ୍ରସ୍ତୁତି

## ସହର ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟୁଛି

ଭୁବନେଶ୍ୱର, ୭।୧ (ବ୍ୟୁରୋ)

**ମୁଁ ସଫେଇବାଲା ଅଭିଯାନ ମୁଖ୍ୟ ମାଧ୍ୟମ**

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ରହିଥିବା ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ଏଥର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସହରର ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟୁଛି। ପରିମଳ ବ୍ୟବସ୍ଥାର ଉନ୍ନତ ଓ ବିକଶିତ କରାଯିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇ ସହରକୁ ସ୍ୱଚ୍ଛ ରଖିବାକୁ ବିଏମ୍‌ସି ଗୁରୁତ୍ୱ ଦେଉଛି। ତେଣୁ ଚଳିତବର୍ଷ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିବ ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି।

ମଙ୍ଗଳବାର ସ୍ୱଚ୍ଛ ସର୍ବେକ୍ଷଣକୁ ନେଇ ବିଏମ୍‌ସିର କ'ଣ ପ୍ରସ୍ତୁତି ରହିଛି ପ୍ରଶ୍ନରେ ପ୍ରତିକ୍ରିୟା ରଖି ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସ୍ୱଚ୍ଛ ସର୍ବେକ୍ଷଣକୁ ଲକ୍ଷ୍ୟରେ ରଖି ମୁଁ ସଫେଇବାଲା ଅଭିଯାନକୁ ଆରମ୍ଭ କରାଯାଇଛି। ଯେଉଁଥିରେ କି ସହରବାସୀଙ୍କ ପାଇଁ ବିଏମ୍‌ସି କେତେକ ନିୟମ କାନୁନ ଜାରି କରିଥିବା ବେଳେ ସଚେତନତା କରିବାର କିଛି ନୂଆ ଉପାୟ ଓ ନୂତନ ଜ୍ଞାନ କୌଶଳରେ ନିର୍ମିତ କେତେଗୋଟି ନୂଆ ବର୍ଜ୍ୟ ପରିଚାଳନା ପଦ୍ଧତି ଆପଣାଇଛି। ସଚେତନ କରିବାକୁ ସ୍ୱଚ୍ଛତା ରଥ, ବ୍ୟାରେଲ କମ୍ପୋଷ୍ଟିଙ୍ଗ୍‌ର ପ୍ରଚାର ପ୍ରସାର, ପ୍ରାଚୀର ଚିତ୍ର ମାଧ୍ୟମରେ ସ୍ୱଚ୍ଛତା ଆପଣାଇବା ବାର୍ତ୍ତା, ସ୍ୱଚ୍ଛସାଥୀଙ୍କୁ ୱାର୍ଡ ବୁଲିବା ସକାଶେ ନିୟୋଜିତ କରିବା ପରି ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ହାତକୁ ନିଆଯାଇଛି। ସେହିପରି ସହରରେ ଖୋଲାରେ ମଳତ୍ୟାଗ, ଡ୍ରେନରେ ମଳ ବର୍ଜ୍ୟ ଛାଡିଲେ ଜରିମାନା ଦେବା ପରି ନୂଆ ଆଇନ ଲାଗୁ ହୋଇଛି। ଅନୁରୂପ ଭାବେ ବର୍ଜ୍ୟକୁ ସହରରେ ପରିଚାଳନା କରିବାକୁ ନୂତନ ତଥା ବିକଶିତ ଜ୍ଞାନକୌଶଳରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି), ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆରଏଫ) ଓ ପ୍ୟାରୋଲାଇସିସ୍ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ସ୍ୱଚ୍ଛ ସର୍ବେକ୍ଷଣର ଦୁଇ କ୍ୱାର୍ଟର ସର୍ଭେ ସରିଥିବା ବେଳେ ଗତ ୪ ତାରିଖଠାରୁ ତୃତୀୟ କ୍ୱାର୍ଟର ସର୍ଭେ ଆରମ୍ଭ ହୋଇଛି। ପୂର୍ବରୁ ହୋଇଥିବା ସର୍ଭେରେ ଭୁବନେଶ୍ୱର ପ୍ରଥମେ ୨୦୧୭ରେ ୯୪ତମ ସ୍ଥାନରେ ଥିଲା। ପରେ କ୍ରମାଗତ ଏହା ତଳକୁ ଖସି ୨୦୧୮ରେ ୨୧୮ ଓ ୨୦୧୯ରେ ୨୮୮ରେ ପହଞ୍ଚିଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ସାରା ଦେଶରୁ ମୋଟ ୪,୨୩୭ ସହରକୁ ଏହି ସର୍ଭେରେ ସାମିଲ କରାଯାଇଛି।



ଜେଏମ୍ଏମ୍ ବିଧାୟକ ରବୀନ୍ଦ୍ରନାଥ ମହାତୋ ମଙ୍ଗଳବାର ସର୍ବସମ୍ମତିକ୍ରମେ ଝାଡ଼ଖଣ୍ଡ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରଥମେ ତାଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଜେଏମ୍ଏମ୍ ବିଧାୟକ ଚମ୍ପଇ ସୋରେନ୍ ସମର୍ଥନ କରିଥିଲେ।



# ୨୦ ଜଣଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୭।୧(ପି.ଟି./ ଆଇଏଏନ୍ଏସ୍)



ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଶିକ୍ଷକ ସଂଘ ଏବଂ ଛାତ୍ର ସଂସଦ କର୍ମକର୍ତ୍ତା ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ)ରେ ଘଟିଥିବା ହିଂସାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ମଙ୍ଗଳବାର ପୋଲିସ ୨୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୋଲିସ ଏଫ୍ଆଇଆର୍‌ରେ ଜେଏନ୍ୟୁ ଛାତ୍ର ସଂସଦ ସଭାପତି ଐଶେ ଘୋଷ ଓ ଅନ୍ୟ ୧୯ ଜଣଙ୍କ ନାମ ରହିଛି। ଐଶେଙ୍କ ସହ ବହୁସଂଖ୍ୟକ ଛାତ୍ର ବିକ୍ଷୋଭକାରୀ କମ୍ୟୁନିକେଶନ ଆଣ୍ଡ ଇନଫର୍ମେଶନ ସର୍ଭିସେସ ଅଫିସକୁ ପ୍ରବେଶ କରି ସେଠାରେ ଥିବା ଗ୍ଲାସ୍ ଡୋର୍‌କୁ ଭାଙ୍ଗିଦେଇଥିଲେ। ଏହାସହ ଫାଇବର ଅପ୍ଟିକ୍ କେବୁଲ, ସର୍ଭର ଓ ବାୟୋମେଟ୍ରିକ୍ ଡିଭାଇସ୍‌ଗୁଡ଼ିକୁ ମଧ୍ୟ ଭଙ୍ଗାରୁଜା କରି ନଷ୍ଟ କରିଦେଇଥିବା ଏତଲାରେ ଦର୍ଶାଯାଇଛି। ଇତିମଧ୍ୟରେ ହିନ୍ଦୁ ସୁରକ୍ଷା ଦଳ ନାମକ ଏକ ସଙ୍ଗଠନ ଜେଏନ୍ୟୁ ହିଂସା ପାଇଁ ନିଜକୁ ଦାୟୀ କରିଛି।

ଜାନୁୟାରୀ ୪ ତାରିଖ ରାତି ୧ଟାରେ ଜେଏନ୍ୟୁଏସ୍ୟୁ ସଭାପତି ଐଶେ ଘୋଷଙ୍କ ସମେତ ଅନ୍ୟ ୧୯ ଜଣ କ୍ୟାମ୍ପସରେ ଭଙ୍ଗାରୁଜା କରିବା ସହ ସିକ୍ୟୁରିଟି ଗାର୍ଡମାନଙ୍କୁ ଆକ୍ରମଣ କରିଥିଲେ ବୋଲି ଦିଲ୍ଲୀ ପୋଲିସର ଜଣେ ଅଧିକାରୀ କହିଛନ୍ତି। ଜେଏନ୍ୟୁର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁସାରେ ରବିବାର ଏକ ମାମଲା ଦାଏର ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମର୍ଥିତ ବୋଲି କୁହାଯାଉଥିବା କେତେଜଣ ମୁଖାପିନ୍ଧା ଗୁଣ୍ଡା ଜେଏନ୍ୟୁ କ୍ୟାମ୍ପସକୁ ପଶିଥିଲେ। ସେମାନେ ଐଶେଙ୍କ ସମେତ କେତେଜଣ ଛାତ୍ରୀଛାତ୍ରଙ୍କୁ ଲାଠି ଓ ଲୁହାରଡ୍‌ରେ ଆକ୍ରମଣ କରିବା ପରେ ଫେରାର ହୋଇଯାଇଥିଲେ। ପୋଲିସ ଉପସ୍ଥିତିରେ ଆକ୍ରମଣକାରୀମାନେ ଏହି କାଣ୍ଡ ଭିଆଇଥିଲେ ହେଁ ସେମାନଙ୍କୁ ଧରାଯାଇ ପାରିନାହିଁ। ରବିବାରର ଆକ୍ରମଣ ନେଇ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ବସନ୍ତକୁଞ୍ଜ ନର୍ଥ ଥାନାରେ ମାମଲା ରୁଜୁ ହୋଇଛି। ସେପଟେ ହିନ୍ଦୁ ରକ୍ଷା ଦଳ ନାମକ ଏକ ଦକ୍ଷିଣପନ୍ଥୀ ସଙ୍ଗଠନ ଜେଏନ୍ୟୁରେ ହୋଇଥିବା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସଙ୍ଗଠନ ପକ୍ଷରୁ ସୋସିଆଲ ମିଡିଆରେ ସୋମବାର ପୋଷ୍ଟ କରାଯାଇଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ନିଜକୁ ପିଙ୍କି ଚୌଧରୀ ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି କହୁଛନ୍ତି, ଦେଶବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଲୋକଙ୍କୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଜେଏନ୍ୟୁ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଭଳି ସମାନ ଢଙ୍ଗରେ ଜବାବ ଦିଆଯିବ। ତେବେ ପିଙ୍କି ଚୌଧରୀଙ୍କ ଏହି ଦାବିକୁ ନେଇ ପୋଲିସ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ।

ଛାତ୍ରୀଛାତ୍ରଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ର ବିକ୍ଷୋଭ କରୁଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଜେଏନ୍ୟୁ କୁଳପତି ଏମ୍. ଜଗଦୀଶ କୁମାର ଅତୀତକୁ ପଛରେ ପକାଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଫେରିଆସିବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ ବିବୃତିରେ କୁଳପତି କହିଛନ୍ତି, ଆହତ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆମେ ଦୁଃଖିତ। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ସମସ୍ତ ଛାତ୍ରୀଛାତ୍ର ଅତୀତକୁ ଭୁଲି କ୍ୟାମ୍ପସକୁ ଫେରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ ରବିବାର ସନ୍ଧ୍ୟାରେ ହୋଇଥିବା ଆକ୍ରମଣରେ ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଫାକଲ୍ଟି ମେମ୍ବର ଆହତ ହୋଇଥିଲେ। ଏହି ହିଂସାକାଣ୍ଡର ତଦନ୍ତ ପାଇଁ ଜେଏନ୍ୟୁ କ୍ୟାମ୍ପସରେ ଅନେକ ଫରେନ୍ସିକ୍ ଲାବରେଟୋରି (ଏଫ୍ଏସ୍ଏଲ୍) ଟିମ୍ ତନାଘନା ଚଳାଇଛନ୍ତି। ଉକ୍ତ ଟିମ୍‌ଗୁଡ଼ିକରେ ଫିଜିକ୍ସ, କେମେଷ୍ଟ୍ରି ଓ ବାୟୋଲୋଜି ବିଭାଗର ସଦସ୍ୟ ରହିଛନ୍ତି। ସେହିପରି ସିସିଟିଭି ଫୁଟେଜ ଯାଞ୍ଚ କରି ପ୍ରମାଣ ସଂଗ୍ରହ କରିବା ଲାଗି ଏକ କମ୍ପ୍ୟୁଟର ଫରେନ୍ସିକ୍ ଟିମ୍‌କୁ ପଠାଇବା ପାଇଁ ଏଫ୍ଏସ୍ଏଲ୍‌କୁ ଦିଲ୍ଲୀ ପୋଲିସ ଅନୁରୋଧ କରିଛି। ହିଂସାକୁ ଦୃଷ୍ଟିରେ ରଖି କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଗକୁ ଯେପରି କୌଣସି ଅଘଟଣ ନ ଘଟେ ତାହା ସୁନିଶ୍ଚିତ କରିବା ପାଇଁ ବହୁସଂଖ୍ୟକ ପୋଲିସ କର୍ମଚାରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରବେଶପଥରେ ମୁତୟନ ହୋଇଛନ୍ତି। ଗେଟ୍‌ଗୁଡ଼ିକରେ ବ୍ୟାରିକେଡ୍ କରାଯାଇଛି। ବୈଧ ପରିଚୟପତ୍ର ଧରିଥିବା ବ୍ୟକ୍ତିଙ୍କୁ ହିଁ ଭିତରକୁ ଛଡ଼ାଯାଉଛି। କ୍ରାଇମବ୍ରାଞ୍ଚ ଓ ସ୍ଥାନୀୟ ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରୁଛନ୍ତି। ଏହାସହ ସେମାନେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ଓ ହ୍ୱାଟ୍ସଆପ୍‌ରେ ପ୍ରସାର କରାଯାଇଥିବା କେତେକ ଭିଡିଓ କ୍ଲିପ୍‌କୁ ମଧ୍ୟ ଅନୁଧ୍ୟାନ କରୁଛନ୍ତି।

### ଜେଏନ୍ୟୁ ହିଂସା

- ଛାତ୍ର ସଂସଦ ସଭାପତି ଐଶେ ଘୋଷଙ୍କ ବିରୋଧରେ ଏଫ୍ଆଇଆର୍
- ଆକ୍ରମଣ ପାଇଁ ନିଜକୁ ଦାୟୀ କଲା ହିନ୍ଦୁ ସୁରକ୍ଷା ଦଳ
- ପ୍ରମାଣ ସଂଗ୍ରହ ପାଇଁ କ୍ୟାମ୍ପସରେ ଫରେନ୍ସିକ୍ ଟିମ୍
- ସିସିଟିଭି ଫୁଟେଜକୁ ନେଇ ଚାଲିଛି ତନାଘନା
- ସବୁକିଛି ଭୁଲିଯାଇ କ୍ୟାମ୍ପସକୁ ଫେରିଆସନ୍ତୁ ଛାତ୍ରୀଛାତ୍ର: କୁଳପତି

# ନିର୍ଭୟାଙ୍କୁ ନ୍ୟାୟ



ନିର୍ଭୟା ମାମଲାର ରାୟ ପରେ ପାଟନାରେ ମିଠା ବାଣ୍ଟି ଉତ୍ସବ ମନାଉଛନ୍ତି ଝିଅମାନେ।

## ଆଇନ ପ୍ରତି ମହିଳାଙ୍କ ବିଶ୍ୱାସ ବଢ଼ାଇବ ରାୟ: ଆଶା ଦେବୀ

ନୂଆଦିଲ୍ଲୀ,୭।୧(ପି.ଟି.)

ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାରେ ୪ ଦୋଷୀଙ୍କୁ କୋର୍ଟ ଫାଶୀଦଣ୍ଡାଦେଶ ଦେଇଥିବାବେଳେ ଏହା ଆଇନ ପ୍ରତି ମହିଳାଙ୍କ ବିଶ୍ୱାସ ବୃଦ୍ଧି କରାଇବ ବୋଲି ନିର୍ଭୟାଙ୍କ ମା’ ଆଶା ଦେବୀ କହିଛନ୍ତି। କୋର୍ଟ ରାୟ ଦ୍ୱାରା ମୋ ଝିଅ ଉଚିତ ନ୍ୟାୟ ପାଇଛି। ଆଇନକୁ ଏଭଳି କଡ଼ାକଡ଼ି ଭାବେ ଲାଗୁ କରାଗଲେ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର, ଅତ୍ୟାଚାର, ଶୋଷଣ, ବଳାତ୍କାର ଆଦି ଦେଖିବାକୁ ମିଳିବ ନାହିଁ। ଜାନୁୟାରୀ ୨୨ ସକାଳ ୭ଟାରେ ନିର୍ଭୟା ଗଣବଳାତ୍କାର, ହତ୍ୟା ମାମଲାର ୪ ଦୋଷୀ ମୁକେଶ, ବିନୟ ଶର୍ମା, ଅକ୍ଷୟ ସିଂ ଓ ପଓ୍ୱନ ଗୁପ୍ତାଙ୍କୁ ଫାଶି ଦିଆଯିବା ଲାଗି କୋର୍ଟ



ସମୟ ଧାର୍ଯ୍ୟ କରିଥିବାବେଳେ ଏହି ଦିନ ମୋ ଝିଅ ଲାଗି ବହୁତ ବଡ଼ଦିନ ହେବ ବୋଲି ଆଶା ଦେବୀ ପ୍ରକାଶ କରିଛନ୍ତି।

> ନିର୍ଭୟା ମାମଲାର ଦୋଷୀଙ୍କ ଫାଶୀଦଣ୍ଡ ସୁନିଶ୍ଚିତ ହୋଇଥିବାବେଳେ ଦିଲ୍ଲୀବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ମହିଳାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଲୋକଙ୍କୁ ଏହା ଏକ ଶିକ୍ଷା ଭଳି ହେବ।
> -ଅରବିନ୍ଦ କେଜ୍‌ରିଓ୍ୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



> ନିର୍ଭୟା ମାମଲାର ରାୟ ସ୍ୱାଗତଯୋଗ୍ୟ। ଏହା ତାଙ୍କ ପରିବାରକୁ ଶାନ୍ତି ଆଣିଦେବ। ନ୍ୟାୟ ମିଳିବାରେ ବିଳମ୍ବ ହେବା ନ୍ୟାୟ ନ ମିଳିବା ସହ ସମାନ।
> - ସୁସ୍ମିତା ଦେବ, କଂଗ୍ରେସ ମୁଖପାତ୍ର





> କୋର୍ଟ ରାୟ ମହିଳାଙ୍କୁ ସଶକ୍ତକରିବା ଓ ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ଦୃଢ଼କରିବା କ୍ଷେତ୍ରରେ ସହାୟକ ହେବ।
> -ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

### ମାମଲାର ଘଟଣାକ୍ରମ



**୨୦୧୨ ଡିସେମ୍ବର ୬:** ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଲେ ୬ ଅଭିଯୁକ୍ତ।

**ଡିସେମ୍ବର ୧୭:** ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡ ପାଇଁ ଦେଶବ୍ୟାପୀ ବିକ୍ଷୋଭ।

-ଅଭିଯୁକ୍ତ ବସ୍ ଡ୍ରାଇଭର ରାମ ସିଂ, ତାଙ୍କ ଭାଇ ମୁକେଶ, ବିନୟ ଶର୍ମା ଓ ପବନ ଗୁପ୍ତାଙ୍କୁ ଚିହ୍ନଟ କଲା ପୋଲିସ।

**ଡିସେମ୍ବର ୧୮:** ରାମ ସିଂ ଓ ଅନ୍ୟ ୩ ଜଣ ଗିରଫ ହେଲେ।

**ଡିସେମ୍ବର ୨୦:** ସାକ୍ଷ୍ୟ ପ୍ରଦାନ କଲେ ପୀଡ଼ିତାଙ୍କ ବନ୍ଧୁ।

**ଡିସେମ୍ବର ୨୧:** ନାବାଳକ ଅଭିଯୁକ୍ତଙ୍କୁ ପୋଲିସ ଧରିଲା।

**ଡିସେମ୍ବର ୨୨:** ଅଭିଯୁକ୍ତ ଅକ୍ଷୟ ଠାକୁର ଗିରଫ

**ଡିସେମ୍ବର ୨୬:** ପୀଡ଼ିତାଙ୍କୁ ହୃଦ୍‌ଘାତ ହେବା ପରେ ଏକ ଏୟାରବସ୍‌ରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ନିଆଗଲା।

**ଡିସେମ୍ବର ୨୯:** ପୀଡ଼ିତା ଆଖି ବୁଜିଲେ। ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ଦାଏର।

**ଫେବୃୟାରୀ ୨୮:** ନାବାଳକ ଅଭିଯୁକ୍ତଙ୍କ ବିରୋଧରେ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ଚାର୍ଜଫ୍ରେମ୍।

**ଅଗଷ୍ଟ ୩୧:** ଜେଜେବି ନାବାଳକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ପାଇଁ ସୁଧାର ଗୃହକୁ ପଠାଇଲେ।

**ସେପ୍ଟେମ୍ବର ୧୦:** ଫାଷ୍ଟ ଟ୍ରାକ୍ କୋର୍ଟ ମୁକେଶ, ବିନୟ, ଅକ୍ଷୟ ଓ ପବନଙ୍କୁ ଦୋଷୀ ସାବ୍ୟସ୍ତ କଲେ।

**ସେପ୍ଟେମ୍ବର ୧୩:** ଫାଷ୍ଟ ଟ୍ରାକ୍ କୋର୍ଟ ୪ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଲେ।

**୨୦୧୪ ମାର୍ଚ୍ଚ ୧୩:** ୪ ଦୋଷୀଙ୍କ ଦଣ୍ଡାଦେଶ କାଏମ ରଖିଲେ ଦିଲ୍ଲୀ ହାଇକୋର୍ଟ।

**ମେ ୫:** ସୁପ୍ରିମକୋର୍ଟ ରାୟ ବଳବତ୍ତର ରଖିଲେ।

**୨୦୧୭ ଡିସେମ୍ବର ୧୫:** ବିନୟ ଓ ପବନ ରିଭ୍ୟୁ ପିଟିଶନ ଦାଏର କଲେ।

**୨୦୧୮ ଜୁଲାଇ ୯:** ସୁପ୍ରିମକୋର୍ଟ ରିଭ୍ୟୁ ପିଟିଶନ ଖାରଜ କଲେ।

## ୧୩ରେ ବିରୋଧୀଙ୍କ ମିଳିତ ରଣନୀତି

ନୂଆଦିଲ୍ଲୀ,୭।୧(ପି.ଟି.)

କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ନେତାମାନେ ଆଗାମୀ ୧୩ରେ ଦିଲ୍ଲୀରେ ଏକାଠି ହୋଇ ଜେଏନ୍ୟୁ ସ୍ଥିତି ଓ ସିଏଏ ବିରୋଧୀ ହିଂସାକାଣ୍ଡ ସମ୍ପର୍କରେ ଆଲୋଚନା କରିବେ। ବୈଠକରେ ଏନେଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ବୈଠକରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ, ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍, ବାମପନ୍ଥୀ ଓ ଆଞ୍ଚଳିକ ଦଳର ନେତାମାନେ ଯୋଗଦେବେ। ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତାମାନଙ୍କର ବୈଠକ ଏନେଇ ସୋମବାରକୁ ଡ଼କାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଦେଖାଦେଇଥିବା ହିଂସା ସମ୍ପର୍କରେ ଏଥିରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଗୁଲାମ୍ ନବୀ ଆଜାଦଙ୍କ ନେତୃତ୍ୱରେ କଂଗ୍ରେସର ପ୍ରାରମ୍ଭିକ ବୈଠକ ଶେଷ ହୋଇଥିବାବେଳେ ଯୁବ ଓ ଛାତ୍ର ନେତାଙ୍କ ସମର୍ଥନ ଲାଗି ବିରୋଧୀ ଦଳଗୁଡ଼ିକ ସଜବାଜ ହେଉଥିବା ଏଥିରୁ ସହଜେ ଅନୁମେୟ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଭାଜପା ବିରୋଧୀ ହାଓ୍ୱାକୁ ବଳଦେବା ଲାଗି ଜୋର୍‌ଦାର ପ୍ରୟାସ କରାଯାଉଛି।

### ଇତିହାସର ଆଇନାରେ — ଜାନୁୟାରୀ ୮ର ପ୍ରମୁଖ ଘଟଣା

#### ମସ୍କୋରେ ବିସ୍ଫୋରଣ

୧୯୭୭ ଜାନୁୟାରୀ ୮ରେ ରୁଷିଆର ମସ୍କୋ ସହରରେ ମାତ୍ର ୩୭ ମିନିଟ ମଧ୍ୟରେ ୩ଟି ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ପ୍ରାୟ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୩୪ ଜଣ ଆହତ ହୋଇଥିଲେ। ଆମେରିକାର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ପକ୍ଷରୁ ଏହି ସିରିଜ୍ ବିସ୍ଫୋରଣ କରାଯାଇଥିବା ସନ୍ଦେ କରାଯାଇଥିଲା।

#### କୋଷ୍ଟାରିକାରେ ଭୂକମ୍ପ

୨୦୦୯ ଜାନୁୟାରୀ ୮ରେ କୋଷ୍ଟାରିକାରେ ଭୂକମ୍ପ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ଥିଲା। ଉତ୍ତର-ପଶ୍ଚିମ ସନ୍ ଜୋସ୍ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହାଦ୍ୱାରା ପ୍ରାୟ ୧୬ ବ୍ୟକ୍ତି ପ୍ରାଣ ହରାଇବା ସହ ୪୦ ଜଣ ଆହତ ହୋଇଥିଲେ। ପଡ଼ୋଶୀ ନିକରାଗୋଆରେ ମଧ୍ୟ ଏହାର ପ୍ରଭାବ ଜଣାପଡ଼ିଥିଲା।

## ଜେଏନ୍ୟୁ ବିକ୍ଷୋଭରେ ଦୀପିକା

ନୂଆଦିଲ୍ଲୀ,୭।୧



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମଙ୍ଗଳବାର ରାତିରେ ଜେଏନ୍ୟୁ କ୍ୟାମ୍ପସ୍‌ରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଭେଟିଥିଲେ। ରବିବାର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପରେ ଦୁର୍ବୃତ୍ତମାନେ ମୁହଁରେ କପଡ଼ା ବାନ୍ଧି ଆକ୍ରମଣ କରାଯିବାରୁ ୩୯ ଜଣ ଆହତ ହୋଇଥିଲେ। ଏହା ପରେ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଥିଲା। ଆକ୍ରମଣକାରୀଙ୍କ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ଦୀପିକା ଅଚାନକ ଜେଏନ୍ୟୁରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ସମବେଦନା ସହ ସମର୍ଥନ ଜଣାଇଥିଲେ। ଛାତ୍ରୀଛାତ୍ରଙ୍କ ସହ ପ୍ରାୟ ୧୫ ମିନିଟ ସେ ଏକାଠି ଛିଡ଼ାହୋଇ ଆଲୋଚନା କରିଥିଲେ। ପରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀରେ ଏକ ସାଧାରଣ ସଭାରେ ଯୋଗଦେଇ ସେ ଚାଲିଯାଇଥିଲେ। ପ୍ରକାଶଥାଉ କି, ସୋମବାର ଦୀପିକା ଜେଏନ୍ୟୁ ଘଟଣାକୁ ନେଇ ପ୍ରତିକ୍ରିୟା ରଖି କହିଥିଲେ ଯେ, ଆମେ ନ ଡ଼ରି ଦେଶ ହିତ କଥା ଭାବି ରାଜରାସ୍ତାକୁ ଆସି ପ୍ରତିକ୍ରିୟା ପ୍ରକାଶ କରିପାରୁଛୁ।

## ମୃତ୍ୟୁ ଦଣ୍ଡାଦେଶକୁ ନେଇ ବିତର୍କ ଜାରି

ନୂଆଦିଲ୍ଲୀ,୭।୧(ପି.ଟି.)

ନିର୍ଭୟା ମାମଲାରେ ଦିଲ୍ଲୀର ଏକ କୋର୍ଟ ୪ ଦୋଷୀଙ୍କ ବିରୋଧରେ ମୃତ୍ୟୁ ଓ୍ୱାରେଣ୍ଟ ଜାରି କରିବା ପରେ ଫାଶୀ ଦଣ୍ଡାଦେଶ ଅପରାଧ ହ୍ରାସରେ ସହାୟକ ହେବ ନା ନାହିଁ ତାକୁ ନେଇ ବିତର୍କ ଆରମ୍ଭ ହୋଇଛି। କେତେକେ ଏହାକୁ ସ୍ୱାଗତ କରିଥିବାବେଳେ ଆଉ କେତେଜଣ ବିଶେଷଜ୍ଞ ଭିନ୍ନମତ ପ୍ରକାଶ କରିଛନ୍ତି। ବରିଷ୍ଠ ଆଇନଜୀବୀ ରେବେକା ଏମ୍. ଜନ୍ ଏବଂ ଅବନୀ ବଂଶଲଙ୍କ ମତରେ ମୃତ୍ୟୁ ଦଣ୍ଡାଦେଶ ସମାଧାନ ନୁହେଁ। କାରଣ ପୂର୍ବରୁ ଏଭଳି ଦଣ୍ଡାଦେଶକୁ ନେଇ ଅପରାଧ କମିନାହିଁ। ଅନ୍ୟପକ୍ଷରେ ଆଇନଜୀବୀ ବିକାଶ ସିଂ କହିଛନ୍ତି, ମୃତ୍ୟୁ ଦଣ୍ଡାଦେଶ ରହିବା ଉଚିତ। କାରଣ ଘୃଣ୍ୟ ଅପରାଧ ଘଟାଇଥିଲେ ସେମାନଙ୍କୁ ସମାନ ଭାବେ ବ୍ୟବହାର କରାଯିବ ବୋଲି ଲୋକଙ୍କ ପାଖକୁ ଏହା ଏକ ସନ୍ଦେଶ ପ୍ରେରଣ କରୁଛି। ରେବେକା ଏମ୍. ଜନ୍ କହିଛନ୍ତି, କର୍ମସ୍ଥଳ, ରାସ୍ତାଘାଟ ଓ ସମାଜକୁ ମହିଳାଙ୍କ ପାଇଁ ସୁରକ୍ଷିତ ରଖିଲେ ବଳାତ୍କାର କମିବ।

# ୫%କୁ ଖସିବ ଜିଡିପି

ନୂଆଦିଲ୍ଲୀ,୭।୧

### ସିଏସ୍ଓ ଆକଳନ

- ୧୦ ବର୍ଷର ସର୍ବନିମ୍ନ ସ୍ତର
- ଚଳିତ ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ଜିଡିପି ୪.୮%
- ମାନୁଫାକ୍ଚରିଂ ୨%କୁ ଖସିବ
- ଜିଭିଏ ୪.୯%

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ସରକାର ଜିଡିପିର ପ୍ରଥମ ଆଗୁଆ ପୂର୍ବାନୁମାନ ମଙ୍ଗଳବାର ଜାରି କରିଛନ୍ତି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ) ପକ୍ଷରୁ ପ୍ରକାଶ ପାଇଥିବା ସଦ୍ୟତମ ଡାଟା ମୁତାବକ ୨୦୧୯-୨୦ରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୫%କୁ ଖସିବ ବୋଲି ପୂର୍ବାନୁମାନ କରାଯାଇଛି। ଦେଶର ବିକାଶ ହାର ଗତ ଆର୍ଥିକ ବର୍ଷରେ ୬.୮% ରହିଥିବା ବେଳେ ଚଳିତ ବର୍ଷ ଏହା ଅନେକ ହାରରେ ଖସିଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ହାର ୫% ରହିବ ବୋଲି ଆର୍‌ବିଆଇ କହିସାରିଥିଲା। ସେହିଭଳି ୨୦୧୯-୨୦ରେ ଦେଶର ଗ୍ରସ୍ ଭାଲ୍ୟୁ ଆଡେଡ(ଜିଭିଏ) ଅଭିବୃଦ୍ଧି ୪.୯%ରେ ଧାର୍ଯ୍ୟ କରାଯାଇଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ବିକାଶ ୪.୫%କୁ ଖସି ଆସିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ହାର କମିବ ବୋଲି ବଜାର ବିଶେଷଜ୍ଞମାନେ କହି ଆସୁଛନ୍ତି। ମାନୁଫାକଚରିଂ କ୍ଷେତ୍ରର ଅଭିବୃଦ୍ଧି କମିବା, ଚାହିଦା ଏବଂ ନିବେଶ ଭଳି ପ୍ରମୁଖ କାରଣ ଯୋଗୁ ବିକାଶ ହାର ଖସୁଥିବା ଜଣାପଡିଛି। ୨୦୧୯-୨୦ରେ ଦେଶର ମାନୁଫାକ୍ଚରିଂ କ୍ଷେତ୍ର ଅଭିବୃଦ୍ଧି ୨%କୁ କମିବ ବୋଲି ଅନୁମାନ କରାଯାଇଛି। ଏହା ଗତ ଆର୍ଥିକ ବର୍ଷରେ ୬.୨%କୁ ରହିଥିଲା। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ୪.୮%କୁ ଖସି ଆସିଛି। ଏହା ପ୍ରଥମ ତ୍ରୈମାସରେ ୫% ରହିଥିଲା। ୨୦୧୮-୧୯ ବର୍ଷ ଲାଗି ଜିଡିପିର ଆଗୁଆ ପୂର୍ବାନୁମାନ ୭.୨% ଧାର୍ଯ୍ୟ କରାଯାଇଥିଲା। ଏହା ୭%କୁ ଖସିଥିଲା। ଦ୍ୱିତୀୟ ଆଗୁଆ ପୂର୍ବାନୁମାନରେ ଏହାକୁ ୬.୮%କୁ ଖସାଯାଇଥିଲା। ଯାହା ପ୍ରକୃତ ନମ୍ବର ରହିଥିଲା।

### ସୋଲେମାନୀଙ୍କ ଶେଷକୃତ୍ୟ ପାଇଁ ଶୋଭାଯାତ୍ରା

# ଦଳାଚକଟାରେ ୪୦ ମୃତ

କେରମାନ,୭।୧(ଏ.ପି./ ଆଇଏଏନ୍ଏସ୍)



ଆମେରିକାର ରକେଟ ମାଡ଼ରେ ନିହତ ହୋଇଥିବା ଇରାନ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ଶେଷକୃତ୍ୟ ମଙ୍ଗଳବାର ସମ୍ପନ୍ନ ହୋଇଛି। ସୋଲେମାନୀଙ୍କ ସହର କେରମାନରେ ଶେଷକୃତ୍ୟ ପୂର୍ବରୁ ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ ଦଳାଚକଟା ହୋଇଛି। ଏଥିରେ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪୫ ଜଣ ଆହତ ହୋଇଥିବା ଇରାନର ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି।

୬୩ ବର୍ଷୀୟ ସୋଲେମାନୀଙ୍କୁ ଇରାନବାସୀ ଶେଷସମ୍ମାନ ଜଣାଇଛନ୍ତି। ଶୋଭାଯାତ୍ରା ବେଳେ ଉପସ୍ଥିତ ଜନତା ସେମାନଙ୍କ ପ୍ରିୟ ଯୋଦ୍ଧାଙ୍କ ବୀରତ୍ୱର ଗାଥାକୁ ମନେପକାଇଥିଲେ। ସେମାନେ ସୋଲେମାନୀଙ୍କ ଫଟୋ ଧରି ‘ଆମେରିକା ମୁର୍ଦ୍ଦାବାଦ’ ବୋଲି ସ୍ଲୋଗାନ ଦେଇଥିଲେ। ଏଥିରେ ସୋଲେମାନୀଙ୍କୁ ସଲାମୀ ଦିଆଯାଇଥିଲା। ପ୍ରକାଶ ଯେ ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ ଆମେରିକା ସେନାର ରକେଟମାଡ଼ରେ ରିଭୋଲ୍ୟୁଶନାରୀ ଗାର୍ଡସ ମୁଖ୍ୟ ସୋଲେମାନୀ, ଇରାକୀ ମିଲିସିଆ ପପୁଲାଲ ମୋବିଲାଇଜେଶନ ଫୋର୍ସର ଉପନେତା ଅବୁ ମହଦି ଅଲ୍-ମୁହାନଦିସ୍‌ଙ୍କ ସମେତ ଆଉ କେତେଜଣ ନିହତ ହୋଇଥିଲେ। ସୋମବାର ତେହେରାନରେ ତାଙ୍କ ମୃତଦେହକୁ ନେଇ ଯାଉଥିବା ଶୋଭାଯାତ୍ରାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମିନୀ ଓ ସୋଲେମାନୀଙ୍କ ଝିଅ ଜୈନାବ ମଧ୍ୟ ଶୋଭାଯାତ୍ରା ବେଳେ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଜାନୁୟାରୀ, ୨୦୨୦



ଅନ୍ୟକୁ କଷ୍ଟ ଦେବାଭଳି ଭାଷା କହିବା ଅନୁଚିତ। ଏପରି କି ଅନ୍ଧକୁ ଅନ୍ଧ, ବଧିରକୁ ବଧିର, ନପୁଂସକୁ ସପୁଂସକ, ରୋଗୀକୁ ରୋଗୀ ଓ ଚୋରକୁ ଚୋର ବୋଲି ମଧ କହିବା ଅନୁଚିତ।
- ଭଗବାନ ବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭଏସ ଫର ଚାଇଲ୍ଡ ରାଇଟ ଇନ ଓଡ଼ିଶା ଓ ଚାଇଲ୍ଡ ରାଇଟସ ଆଣ୍ଡ ୟୁ ପକ୍ଷରୁ ପୁଷ୍ଟି ଉତ୍ସବ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- ଶିଶୁପାଳଗଡ଼ ମହୋତ୍ସବର 'ପୋଷ୍ଟର' ଲୋକାର୍ପଣ, ହୋଟେଲ ଚାନ୍ଦ୍ରେଲର, ପୂର୍ବାହ୍ନ ୧୧ଟା ୩୦।
- ତମାଣ୍ଡୋ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ତମାଣ୍ଡୋ ମିନି ଷ୍ଟାଡିୟମ, ଅପରାହ୍ନ ୨ଟା ୩୦।
- ସୃଜନ ଓ ଜିକେସିଏମ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଅନ୍ତରଦ୍ରିଷ୍ଟି, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**
- ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ ସଭା, ଜିଲାପାଳଙ୍କ ଅଫିସ ସମ୍ମୁଖ, ମଧାହ୍ନ ୧୨ଟା ୩୦।
- 'ସମୟ' କନକ୍ଲେଭ-୨୦୨୦, ମିରାସ୍ କୋର୍ଟୟାର୍ଡ, କୁରାଙ୍ଗ, ଅପରାହ୍ନ ୩ଟା ୩୦।

**ଖୋର୍ଦ୍ଧା**
- ସର୍ବଭାରତୀୟ ଛାତ୍ର ଧର୍ମଘଟ, ଖୋର୍ଦ୍ଧା, ସକାଳ ୮ଟା।

**ପୁରୀ**
- ଗ୍ଲୋରି ଫେଷ୍ଟ ପ୍ରତିଯୋଗିତା, ପୌର ସଦନ, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୨ଟା।

**ବାଲିଅନ୍ତା**
- ୨୩ତମ ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞ, ବଇଁଚୁଆ, ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ, ସକାଳ ୯ଟା।

### ୫-ଟି ଆଧାରରେ ତ୍ୱରାନ୍ୱିତ ହେବ ସୂଚନା, ଲୋକସମ୍ପର୍କ ବିଭାଗ କାର୍ଯ୍ୟାବଳୀ

# ଡିଜିଟାଇଜ୍ ହେବ ଫଟୋ, ଚଳଚ୍ଚିତ୍ର

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ସୂଚନା ଓ ଲୋକସମ୍ପର୍କ ବିଭାଗର କାର୍ଯ୍ୟାବଳୀକୁ ୫-ଟି ଆଧାରରେ ତ୍ୱରାନ୍ୱିତ କରାଯିବ। ଏହା ଦ୍ୱାରା ବିଭାଗ ଆଗାମୀ ଦିନରେ ଲୋକପ୍ରିୟତା ହାସଲ କରିବ। ତେଣୁ ପ୍ରତ୍ୟେକ କାର୍ଯ୍ୟରେ ୫-ଟିର ପ୍ରୟୋଗ ପାଇଁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନ ପରିସରରେ ଥିବା ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ କହିଥିଲେ ଯେ, ବିଭାଗରେ ବହୁବର୍ଷରୁ ସଂରକ୍ଷିତ ଥିବା ଫଟୋଗ୍ରାଫ୍ ଓ ଚଳଚ୍ଚିତ୍ରଗୁଡ଼ିକୁ ଡିଜିଟାଇଜ୍ କରି ଭବିଷ୍ୟତ ପାଇଁ ସୁରକ୍ଷିତ କରି ରଖାଯିବା ଜରୁରୀ। ତେଣୁ ଡିଜିଟାଲ ଆର୍କାଇଭିଂ ଉପରେ ଗୁରୁତ୍ୱାରୋପ କରାଯିବ। ଦିଲ୍ଲୀସ୍ଥିତ ଓଡ଼ିଶା ଭବନ ସମେତ ରାଜ୍ୟର ସମସ୍ତ ଜିଲାର ପ୍ରମୁଖ ସ୍ଥାନରେ ୫୦ ଏଲଇଡି ଭିଡିଓ ୱାଲ୍ ସ୍ଥାପନ କରାଯିବ। ଏଥିରେ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା, ସଫଳତାର ଆଲେଖ୍ୟ ଓ ମୁଖ୍ୟ ଖବରଗୁଡ଼ିକ ପ୍ରସାରିତ ହେବ। ଗଣମାଧ୍ୟମକୁ ସରକାରଙ୍କ ସମସ୍ତ ନିଷ୍ପତ୍ତି, ବୁଝାମଣାପତ୍ର ସ୍ୱାକ୍ଷର ଏବଂ ଅନ୍ୟାନ୍ୟ ସରକାରୀ ଖବର ସିଧା ପ୍ରସାରଣ ପାଇଁ ଗୋଟିଏ ଲାଇଭ୍ କମନ୍ ଫିଡ୍ ସିଷ୍ଟମ୍‌ର ବ୍ୟବସ୍ଥା କରାଯିବ। ସେହିଭଳି ଗୋଟିଏ ଡିଜିଟାଲ ନ୍ୟୁଜ୍ ରୁମ୍‌ର ବ୍ୟବସ୍ଥା କରାଯାଇ ସଫ୍ଟୱେର ମାଧ୍ୟମରେ ଖବରଗୁଡ଼ିକ ତ୍ୱରିତ ପ୍ରେରଣ କରାଯିବ। ସରକାରଙ୍କ ସମସ୍ତ ବିଜ୍ଞାପନ ସିଧାସଳଖ ଖବରକାଗଜ ସଂସ୍ଥା ନିକଟକୁ ପଠାଇବା ପାଇଁ ଇ-ବିଜ୍ଞାପନ ବ୍ୟବସ୍ଥା କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରିଚାଳିତ ସୂଚନା ଅଧିକାରକୁ ସୁବ୍ୟବସ୍ଥିତ ଓ ସୁସଂହତ କରାଯିବା ପାଇଁ ସୂଚନା ଅଧିକାର ପୋର୍ଟାଲ୍ ଖୁବ୍‌ଶୀଘ୍ର ଉନ୍ନୋତିତ ହେବ। ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସୁଚିନ୍ତିତ ପ୍ରସ୍ତାବମାନ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଦାସ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକି, ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ପ୍ରକୋଷ୍ଠରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀଙ୍କ ବୈଠକ।



## ମୁଖ୍ୟମନ୍ତ୍ରୀଙ୍କୁ ଭଦ୍ରକବାସୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଏହାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏକାଧିକ ଯୋଜନା ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି। ମୋ ସରକାର କାର୍ଯ୍ୟକ୍ରମ ଅଧୀନରେ ୫-ଟି ଅନୁସାରେ ଉକ୍ତ ଅଧିକାରୀଙ୍କ ଗସ୍ତ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଏଥିପାଇଁ ସ୍ଥାନୀୟ ଜନସାଧାରଣ, ଜିଲାର ବୁଦ୍ଧିଜୀବୀ, ପଞ୍ଚାୟତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ନବୀନ ନିବାସକୁ ଶୋଭାଯାତ୍ରାରେ ଶତାଧିକ ଶୁଭେଚ୍ଛୁ ଆସିବା ସହ ପୁଷ୍ପମାଲ୍ୟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ, ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପୂର୍ବାପେକ୍ଷା ଅଧିକ ସୁଦୃଢ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପଦକ୍ଷେପ ଜିଲାବାସୀଙ୍କ ଆଶା, ଆକାଂକ୍ଷାକୁ ନିଶ୍ଚୟ ପୂରଣ କରିବ।

## ୮ ଜଣଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେଶନ୍ ପକ୍ଷରୁ ଆସନ୍ତା ୧୦ ତାରିଖରେ ପଞ୍ଚମ ରାଜ୍ୟସ୍ତରୀୟ କଳିଙ୍ଗ ପ୍ରତିଭା ସମ୍ମାନ ଉତ୍ସବ-୨୦୨୦ ଅନୁଷ୍ଠିତ ହେବ। ସୂଚନା ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅତୀତର ଅଭୁଲା ଗୀତ 'ହୋପ୍-୨୦୨୦' ପ୍ରମୁଖ ଆକର୍ଷଣ ରହିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ୮ ପ୍ରତିଭାଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ସାହିତ୍ୟିକ ଭାଗୀରଥି ମହାସୁଆର, ଉଦ୍ୟୋଗୀ ସଞ୍ଜୟ ଲାଠ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ପ୍ରଶାସିକା ମନସ୍ୱିନୀ ସାହୁ, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସାମାଜିକ କର୍ମୀ ପ୍ରତିଭାରାଣୀ ମହାନ୍ତି ଓ ଶିକ୍ଷାବିତ୍ ସ୍ନେହ ମିଶ୍ର। ପ୍ରାରମ୍ଭିକ ପୁରସ୍କାର ଉତ୍ସବ ପରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଏନେଇ ହାଡ଼ିବନ୍ଧୁ ହାଲି ଫାଉଣ୍ଡେଶନ୍ ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଡ. ମୀନାକ୍ଷୀ ଦାଶ ଏବଂ ସଂସ୍କୃତି ଓ ସଂସ୍କୃତି ସମ୍ପାଦକ ଦିଲୀପ ହାଲି ସୂଚନା ଦେଇଛନ୍ତି।

### ଅଢ଼େଇ ହଜାର ଟଙ୍କା ଲାଞ୍ଚ

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ସମବାୟ ସମିତି ସମ୍ପାଦକ

**କଟକ ଅଫିସ, ୭।୧:** ଅଢେଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି ସମ୍ପାଦକ ହେମନ୍ତ କୁମାର ନାୟକ। ଉକ୍ତ ଥାନା ଅଧୀନ ପଞ୍ଚାଲୋ ଗ୍ରାମର ନିରଞ୍ଜନ ଦାସ ୨୦୦୯ରେ ସମବାୟ ସମିତିରୁ ୮ହଜାର ଟଙ୍କାର ଋଣ ନେଇଥିଲେ। ଋଣ ଦେୟ ଛାଡ଼ କରିବା ପାଇଁ ସମ୍ପାଦକ ନାୟକ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ନିରଞ୍ଜନ ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ମଙ୍ଗଳବାର ନାୟକ ଲାଞ୍ଚ ଟଙ୍କା ନିରଞ୍ଜନଙ୍କଠାରୁ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

## ବନ୍ଦରେ ସ୍ୱାଭାବିକ ରହିବ 'ମୋ ବସ୍' ଚଳାଚଳ

**ଭୁବନେଶ୍ୱର, ୭।୧ (ବ୍ୟୁରୋ):** ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେଶନ୍ ବୁଧବାର ଭାରତ ବନ୍ଦ ଡାକରା ଦେଇଛି। ସମ୍ଭାବ୍ୟ ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ବସ୍ ଚଳାଚଳ ନ କରିବାକୁ ଘରୋଇ ବସ୍ ମାଲିକ ସଂଘ ନିଷ୍ପତ୍ତି ନେଇଛି। କିନ୍ତୁ ବନ୍ଦ ପାଳନ ସମୟରେ 'ମୋ ବସ୍' ଚଳାଚଳ କରିବ ଓ ଲୋକଙ୍କୁ ସ୍ୱାଭାବିକ ଭାବେ ସେବା ଯୋଗାଇବ ବୋଲି ଏହାର ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଟୁଇଟ୍ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା।

## ଗଛ ଲଗାଇବାକୁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଲା ପ୍ରେରଣା ଗ୍ରୀନ ଆର୍ମି

**ଭୁବନେଶ୍ୱର, ୭।୧ (ବ୍ୟୁରୋ)**

ସବୁଜ ଓ ସ୍ୱଚ୍ଛ ବିଶ୍ୱର ପରିକଳ୍ପନା ନେଇ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସବୁଜ ମହୋତ୍ସବ ପାଳନ କରାଯାଉଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଫେବୃୟାରୀ ୨୮ ଯାଏ ଚାଲିବ। ଏହି ଅବସରରେ ସାରା ବିଶ୍ୱରେ ୧ କୋଟି ଚାରା ରୋପଣ କରିବାକୁ ଆର୍ମି ପକ୍ଷରୁ ସ୍ଥିର କରାଯାଇଥିବାବେଳେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମିଳିତ ଜାତିସଂଘର ସେକ୍ରେଟାରୀ ଜେନେରାଲଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଛି। ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡର ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଇଏ ମୋ ବୃତ୍ତି...**

# ପେସା ପୂଜା, ନିଶା କ୍ରିକେଟ୍

ସକାଳ ୯ଟା ବାଜିଲେ ଲିଙ୍କ୍‌ରୋଡ଼ରୁ ପାଲାମଣ୍ଡପ ପର୍ଯ୍ୟନ୍ତ ଥିବା ଦୋକାନରେ ପଣ୍ଡାନନାଙ୍କ ଖୋଜାପଡ଼େ। ସାଇକେଲ ଚଳାଇ, ହ୍ୟାଣ୍ଡେଲରେ ପୂଜା ଥାଳି ଝୁଲାଇ ପହଞ୍ଚି ଯାଆନ୍ତି ପଣ୍ଡାନନା। ଗୋଟିଏ ଦୋକାନରେ ଶୀଘ୍ର ପୂଜା ସାରି ପୁଣି ପରବର୍ତ୍ତୀ ଦୋକାନକୁ ଯାଆନ୍ତି। ଏମିତି ମଧାହ୍ନ ୧୨ଟା ପର୍ଯ୍ୟନ୍ତ ତାଙ୍କର ପୂଜା ଚାଲେ। ପଣ୍ଡାନନା ଭାବେ ପରିଚିତ ଏହି ଯୁବକଙ୍କ ନାମ ହିମାଂଶୁ ପଣ୍ଡା। ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଶୋଳ ଗ୍ରାମରେ। କୌଳିକ ବୃତ୍ତି ମାଧ୍ୟମରେ ପେଟ ପୋଷିବାକୁ ମନସ୍ଥ କରି ସ୍ତ୍ରୀ ପିଲାଙ୍କୁ ଧରି ଏବେ ସେ କଟକ ଖାନ୍‌ନଗର ବ୍ରାହ୍ମଣସାହିରେ ଭଡ଼ାଘରେ ରହୁଛନ୍ତି। ଏହି ବୃତ୍ତିରୁ ପଣ୍ଡାନନା ମାସକୁ ୮ରୁ ୧୦ହଜାର ଟଙ୍କା ରୋଜଗାର କରୁଛନ୍ତି ବୋଲି କହିଥିଲେ। ପଣ୍ଡାନନାଙ୍କର ଏକ ଭିନ୍ନ ପରିଚୟ ରହିଛି। ଯାହା ସମସ୍ତଙ୍କୁ ଚକିତ କରିବ। ପାନଖିଆ ପାଟିରେ ହସିହସି କଥା କହି ପୂଜା କାର୍ଯ୍ୟ ତୁଲାଉଥିବା ଏହି ଯୁବକ ଜଣକ ୧୯ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳର ଜଣେ ପୂର୍ବତନ ଖେଳାଳି। ଲେଗ୍‌ସ୍ପିନ ବୋଲିଂ କରିବାରେ ସେ ଧୂରନ୍ଧର। ଏଥିପାଇଁ ତାଙ୍କୁ କଟକର ପ୍ରାୟ ସମସ୍ତ କ୍ଲବ ଜାଣନ୍ତି। ପିଲାଦିନୁ କ୍ରିକେଟ ଖେଳ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ହେଲେ ପରିବାରର ଆର୍ଥିକ ଅଭାବରୁ ସେ ଆଉ ଆଗକୁ ଯାଇ ପାରି ନ ଥିଲେ ବୋଲି କହିଛନ୍ତି। ନିକଟ ଅତୀତରେ ନୟାଗଡ଼ରେ ଶେଷ ହୋଇଥିବା ଏକ କ୍ଲବସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ପଣ୍ଡାନନାଙ୍କୁ ଶ୍ରେଷ୍ଠ ବୋଲର ଭାବେ ସମ୍ମାନିତ କରାଯାଇଛି।



**ପେଟ ପୋଷେ ପରିଶ୍ରମ। ଭିନ୍ନ ଭିନ୍ନ ପରିଶ୍ରମକୁ ନେଇ ମଣିଷ ଏହାର ନାଁ ଦେଇଛି ବୃତ୍ତି। କୁଟୁମ୍ବ ପୋଷିବା ପାଇଁ ମଣିଷ ବାଧରେ ଏକ ବୃତ୍ତିରେ ବାନ୍ଧି ହୋଇ ରହେ। ସହରରେ ବୃତ୍ତିକୁ ଆବୋରି ବଞ୍ଚୁଥିବା ମଣିଷମାନଙ୍କ କାହାଣୀକୁ ନେଇ ଏହି ସ୍ୱତନ୍ତ୍ର ସ୍ତମ୍ଭ...**



"ପଣ୍ଡାନନା ନାମରେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ। କେବଳ ପୂଜାକର୍ମ ନୁହେଁ କେଉଁଠି କ୍ରିକେଟ ଟୁର୍ନାମେଣ୍ଟ ହେଲେ ତାଙ୍କୁ ଖୋଜା ପଡ଼େ। ଭଲ ଲେଗ୍ ସ୍ପିନର ଭାବେ ତାଙ୍କୁ କଟକ ସହରସ୍ଥ ବିଭିନ୍ନ କ୍ରିକେଟ କ୍ଲବର ସଦସ୍ୟମାନେ ଜାଣିଛନ୍ତି।
-ଭାଗବତ ବାରିକ, ସ୍ଥାନୀୟ ବାସିନ୍ଦା



"ହିମାଂଶୁ ନନାଙ୍କ ପୂଜା ପଦ୍ଧତି ଅନ୍ୟ ପୂଜକଙ୍କଠାରୁ ସ୍ୱତନ୍ତ୍ର। ସେ ଘରୁ ବାହାରିଲା ବେଳଠୁ ବିଭିନ୍ନ ଦୋକାନରେ ପହଞ୍ଚିବା ପର୍ଯ୍ୟନ୍ତ ମନ୍ତ୍ର ଜପ କରିଚାଲିଥାନ୍ତି। ସେ ଖୁବ୍ ମେଳାପି। ଅନେକ ସମୟରେ ଦୋକାନ ପାଖରେ ବସି ମଜା କରନ୍ତି।
- ଅକ୍ଷୟ ରାଉଳ, ବ୍ୟବସାୟୀ

**ରିପୋର୍ଟ: ଅଶୋକ କୁମାର ବାରିକ, କଟକ ଅଫିସ**

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଚୈତନ୍ୟ



ମୋହିତ



ଐଶ୍ୱର୍ଯ୍ୟା



ସୋମନାଥ



ଦିଲୀପ



ପ୍ରବୀର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ଆତ୍ମ ସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

- ସ୍ୱାମୀ ଚିଦାନନ୍ଦ

## ସଂକ୍ଷେପରେ

### ଆଜି ଭାରତ ବନ୍ଦ ହାଇକୋର୍ଟ କାର୍ଯ୍ୟରେ ଯୋଗ ଦେବେନି ଓକିଲ

**କଟକ ଅଫିସ,୭।୧:** ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏଥିପାଇଁ ଓକିଲମାନେ ହାଇକୋର୍ଟ କାର୍ଯ୍ୟରେ ଯୋଗ ଦେଇପାରିବେନାହିଁ ବୋଲି ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ହାଇକୋର୍ଟ କାର୍ଯ୍ୟ ବନ୍ଦ ରଖିବାକୁ ବାର୍ ଆସୋସିଏଶନ ପକ୍ଷରୁ ହାଇକୋର୍ଟ ରେଜିଷ୍ଟ୍ରାର୍‌ଙ୍କୁ ଲିଖିତ ଅନୁରୋଧ କରାଯାଇଛି। ସୂଚନାଥାଉ କି, ବିଭିନ୍ନ ଦାବି ନେଇ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଉକ୍ତ ବନ୍ଦକୁ କଂଗ୍ରେସ ସମର୍ଥନ ଜଣାଇଛି।

### ଜେଏନ୍‌ୟୁ ଛାତ୍ର, ଶିକ୍ଷକଙ୍କ ଉପରେ ଆକ୍ରମଣକୁ ନିନ୍ଦା

**ଭୁବନେଶ୍ୱର, ୭।୧ (ବ୍ୟୁରୋ):** ଦିଲ୍ଲୀ ଜବାହର ଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଛାତ୍ର ଓ ଶିକ୍ଷକଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାକୁ ଭୁବନେଶ୍ୱର ଷ୍ଟୁଡେଣ୍ଟସ୍ ଫେଡେରେଶନ ତୀବ୍ର ନିନ୍ଦା କରିଛି। ସଂଘର ସହପ୍ରତିଷ୍ଠାତା ତଥା ବିଜୁ ଛାତ୍ର ଜନତା ଦଳର ଭୁବନେଶ୍ୱର ଜୋନ୍ ସାଧାରଣ ସମ୍ପାଦକ ସୁଦୀପ୍ତ ପ୍ରକାଶ ପୃଷ୍ଟି ଆହତ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶିକ୍ଷାର ମନ୍ଦିରରେ ଯେଉଁଭଳି ହିଂସାକାଣ୍ଡ ହୋଇଛି ତାହା ଅତି ନିନ୍ଦନୀୟ ଓ କଦାପି ଗ୍ରହଣଯୋଗ୍ୟ ନୁହେଁ। ଏହି କାଣ୍ଡ ଘଟାଇଥିବା ସମସ୍ତ ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ସେ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।





ଭାରତ ବନ୍ଦକୁ ସଫଳ କରିବା ପାଇଁ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଏଜି ଛକରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

# ରାଜଧାନୀରେ ମୁତୟନ ହେବେ ୧୫ ପ୍ଲାଟୁନ ଫୋର୍ସ

- ଦାୟିତ୍ୱରେ ରହିବେ ସ୍ୱତନ୍ତ୍ର ଅଧିକାରୀ
- ଆଇନକୁ ହାତକୁ ନେଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଡିସିପି

ଭୁବନେଶ୍ୱର, ୭।୧(ବ୍ୟୁରୋ)

୧୦ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଶୃଙ୍ଖଳାରକ୍ଷା ସହ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ରାଜଧାନୀ ଭୁବନେଶ୍ୱରରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ଛକ ଓ ସମ୍ବେଦନଶୀଳ ଅଞ୍ଚଳରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ସହ ଷ୍ଟ୍ରାଇକିଂ ଫୋର୍ସ ମୁତୟନ ରହିବେ। ଏମାନେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବେ। ଆନ୍ଦୋଳନ ଯୋଗୁ ଯେପରି ଯାତ୍ରୀବାହୀ ବସ , ସ୍କୁଲ ବସ ଓ ରେଳ ସେବା ବାଧାପ୍ରାପ୍ତ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ଡିସିପି ଅନୁପ ସାହୁ ସୂଚନା ଦେଇଛନ୍ତି। ସେହିଭଳି ଟ୍ରାଫିକ ପୋଲିସ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବିଭିନ୍ନ ସମ୍ବେଦନଶୀଳ ଟ୍ରାଫିକ ପୋଷ୍ଟ ଓ ଛକଗୁଡିକରେ ଅଭିଜ୍ଞ ପୋଲିସ ଅଫିସରମାନେ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀ ଓ ସରକାରୀ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟାଳୟକୁ ଆସିବାବେଳେ ଯେପରି କୌଣସି ସମସ୍ୟା ଦେଖା ନ ଦିଏ ସେ ନେଇ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଛି। ବନ୍ଦ ସମୟରେ ଆନ୍ଦୋଳନକାରୀ ଆଇନକୁ ହାତକୁ ନେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ବୁଲାନ୍ସ, ସ୍କୁଲ ବସ ଏବଂ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ଯାନବାହନ ଆନ୍ଦୋଳନକାରୀମାନେ ଯେପରି ନ ଅଟକାନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଡିସିପି ସାହୁ ପରାମର୍ଶ ଦେଇଛନ୍ତି।



ଭୁବନେଶ୍ୱର ରାଜମହଲ ଛକରେ ସିପିଆଇର ମଶାଲ ଶୋଭାଯାତ୍ରା।


## ଖବରଦାତା ଆବଶ୍ୟକ

ଭୁବନେଶ୍ୱରର ଖଣ୍ଡଗିରି ଓ ଚନ୍ଦ୍ରଶେଖରପୁର ଅଞ୍ଚଳ ପାଇଁ ଧରିତ୍ରୀ ଖବରଦାତା ଆବଶ୍ୟକ କରୁଛି। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ।

- ସାମ୍ବାଦିକତା ଡିଗ୍ରୀଧାରୀ, କ୍ୟାମେରା ଏବଂ ବାଇକ୍ ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

Apply immediately to

Email: recruitment@dharitri.com


# ବନ୍ଦ ନାଁରେ ଭୟର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିବେ: ଭାଜପା

ଭୁବନେଶ୍ୱର,୭।୧(ବ୍ୟୁରୋ)

ଦେଶବାସୀ ଏବେ ନାଗରିକ ସଂଶୋଧନ ଆଇନ(ସିଏଏ)କୁ ସମର୍ଥନ କରିସାରିଛନ୍ତି। ଏହି ଆଇନ ପାର୍ଲାମେଣ୍ଟରେ ପାରିତ ହେବାବେଳେ ଯେଉଁ କିଛି ସ୍ଥାନରେ ମୁସଲମାନମାନେ ବିରୋଧ ପ୍ରଦର୍ଶନ କରୁଥିଲେ, ତାହା ବନ୍ଦ ହେଲାଣି। କାରଣ ମୁସଲମାନମାନେ ବୁଝିସାରିଲେଣି ଯେ ଏହି ଆଇନରେ ସେମାନଙ୍କର କିଛି କ୍ଷତିନାହିଁ। ହେଲେ ବାମପନ୍ଥୀ, କଂଗ୍ରେସ ଓ ଅନ୍ୟ କେତେକ ଦଳ ମିଛ ଗୁଜବ ପ୍ରଚାର କରି ହିଂସା କରିବା ପାଇଁ ଉସୁକାଉଥିଲେ। ଦେଶର ନାଗରିକମାନେ ଏହି ଗୁଜବକୁ ବୁଝିସାରିବାପରେ କଂଗ୍ରେସ ଓ ବାମପନ୍ଥୀ ଭାରତ ବନ୍ଦ ପାଇଁ ଘୋଷଣା କରିଛନ୍ତି। ବନ୍ଦ ପାଳନ ନାଁରେ ସେମାନେ ହିଂସା ଘଟାଇ ଭୟର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିବେ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, କଂଗ୍ରେସ ଓ ବାମପନ୍ଥୀ ସବୁବେଳେ ବନ୍ଦ ପାଳନ ନାଁରେ ହିଂସା କରିଥାଆନ୍ତି। ତେଣୁ ଏହି ଦୁଇ ଦଳର ଗୁଣ୍ଡାମାନେ ଯେପରି ବୁଧବାର ହିଂସା, ପୋଡ଼ାଜଳା ନ କରିବେ ସେଥିପ୍ରତି ରାଜ୍ୟ ପୋଲିସ ସଜାଗ ରହୁ। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଜାତୀୟ ସମସ୍ୟା ନେଇ ଭାରତ ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ସବୁବେଳେ ଅହିଂସାରେ ବିଶ୍ୱାସ କରେ, ହିଂସାରେ ନୁହେଁ।

# ମେରାଇନ୍ ଡ୍ରାଇଭ ମାର୍ଗ ଫଟୋ ଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧(ବ୍ୟୁରୋ)





ସାମୁଦ୍ରିକ ଝଡ଼ ଫନୀ ଉପକୂଳ ଓଡ଼ିଶାର ବହୁତ କ୍ଷତି ସାଧନ କରିଥିଲା। ବିଶେଷ କରି ପୁରୀ ଜିଲାକୁ ବହୁଳ କ୍ଷତି ପହଞ୍ଚାଇଥିଲା। ପର୍ଯ୍ୟଟନର ପ୍ରଶସ୍ତ ମାର୍ଗ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ବାଲୁଖଣ୍ଡର ହଜାର ହଜାର ଗଛ ଉପୁଡିଯିବା ସହ ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହୋଇଥିଲା। ହେଲେ ଏହି ଝଡର ପ୍ରାୟ ୮ ମାସ ପରେ ଏହି ମାର୍ଗ ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇଛି। ଏହି ମାର୍ଗର ଏକ ସୁନ୍ଦର ଫଟୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟର୍ ହ୍ୟାଣ୍ଡେଲରୁ ପୋଷ୍ଟ କରାଯାଇଛି। କୌଣସି ଝଡକୁ ସମ୍ମୁଖୀନ ହୋଇ ପୁଣି ଉଠିବାର ସାମର୍ଥ୍ୟ ଓଡ଼ିଶା ଜନସାଧାରଣଙ୍କ ଅଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଦୃଷ୍ଟିବାଧିତ ଅନନ୍ତ କୁମାର ପାଇଲେ ଓଏଏସ୍

# ଆତ୍ମବିଶ୍ୱାସ, ସକାରାତ୍ମକ ଚିନ୍ତାଧାରା ଦେଲା ସଫଳତା

ଖୋର୍ଦ୍ଧା ଅଫିସ/ବୋଲଗଡ, ୭।୧(ଡି.ଏନ୍.ଏ.)





ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଆରିକମା ଗାଁର ଦୃଷ୍ଟବାଧିତ ଅନନ୍ତ କୁମାର ନାୟକ ଓଏଏସ୍ ପାଇଛନ୍ତି। ଜେନେରାଲ ର୍‍ୟାଙ୍କରେ କ୍ରମିକ ନଂ. ୧୩୦ ଥିବାବେଳେ ଭିନ୍ନକ୍ଷମ ର୍‍ୟାଙ୍କରେ ପ୍ରଥମରେ ରହିଛନ୍ତି। ପୁଅକୁ ପାଠ ପଢ଼େଇବାକୁ ଘର ଛାଡିଥିବା ବାପାଙ୍କ ପରିଶ୍ରମ ସାକାର ହୋଇଛି। ତେବେ ଶ୍ରେୟ ନେବାକୁ ପାଖରେ ନାହାନ୍ତି ବାପା। ଅନ୍ୟପକ୍ଷେ ବାପାଙ୍କ ଅଭିଳାଷକୁ ପୂରଣ କରିବାକୁ ପୁଅଙ୍କ ଆତ୍ମବିଶ୍ୱାସ ଓ ସକରାତ୍ମକ ଚିନ୍ତାଧାରା ଅନନ୍ତଙ୍କୁ ସଫଳତାର ମାର୍ଗ ଦେଖାଇଛି। ଓଏଏସ ପାଇବା ପରେ ଘରେ ଓ ଗାଁରେ ଲାଗି ରହିଛି ଆନନ୍ଦର ଲହରି। ଗାଁଲୋକ ଅନନ୍ତଙ୍କୁ ନେଇ ଗର୍ବ କରୁଛନ୍ତି। ଅନନ୍ତ ୧୯୯୧ ସେପ୍ଟେମ୍ବର ୨୫ରେ ଜନ୍ମଗ୍ରହଣ କରିଥିଲେ। ଜନ୍ମର ୨ବର୍ଷ ପର୍ଯ୍ୟନ୍ତ ସବୁ କିଛି ଠିକ୍‌ଠାକ୍ ଥିଲା। ଅନନ୍ତ ଦୁନିଆକୁ ଦେଖିପାରୁଥିଲେ। ପରେ ତାଙ୍କର ଆଖି ଆପେ ଆପେ ନଷ୍ଟ ହୋଇଗଲା। ପରିବାର ଲୋକ ରୋଗ ସମ୍ପର୍କରେ ଜାଣିପାରିଲେ ନାହିଁ। ୨ ଝିଅରେ ଗୋଟିଏ ପୁଅ। ବାପା ପୁଅର ଭବିଷ୍ୟତ ନେଇ ଚିନ୍ତିତ ହୋଇପଡିଲେ। ଭୁବନେଶ୍ୱରରେ ଦୃଷ୍ଟିହୀନଙ୍କ ପାଇଁ ସ୍କୁଲ ଥିବା ଜାଣିପାରି ୧୯୯୮ରେ ଘର ଛାଡି ଭୁବନେଶ୍ୱରର ଗଣ୍ଡମୁଣ୍ଡାରେ ରହିଲେ। ଆଉ ସେଠାରେ ବ୍ୟବସାୟ କରି ପରିବାରକୁ ଚଳାଇବା ସହ ନିଜର ଦୁଇଝିଅଙ୍କୁ ବିବାହ ଦେଲେ। ପୁଅକୁ ୧୯୯୯ରେ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଭୁବନେଶ୍ୱର ୟୁନିଟ୍ ୩ ରେ ପାଠ ପଢ଼ାଇଲେ। ୧୯୯୯ରୁ ୨୦୦୯ ପର୍ଯ୍ୟନ୍ତ ସେଠାରେ ପାଠ ଅନନ୍ତ ପଢ଼ିଲେ। ପରେ ସେ ୨୦୧୪ରୁ ୧୬ ପର୍ଯ୍ୟନ୍ତ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଏମଏ କରିଥିଲେ। ୨୦୧୬ରୁ ୧୮ ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଲ ଆଣ୍ଡ ଗଭର୍ନାନ୍ସରେ ଏମଫିଲ୍ କରିଥିଲେ। ୨୦୧୮ରୁ ଅଦ୍ୟାବଧି ଲ ଆଣ୍ଡ ଗଭର୍ନାନ୍ସରେ ପିଏଚଡି କରୁଛନ୍ତି। ତେବେ ୨୦୧୮ରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଦେଇଥିଲେ। ଏଭଳିସ୍ଥଳେ ଅନନ୍ତଙ୍କୁ ଧରିତ୍ରୀ ପକ୍ଷରୁ ୪ଟି ପ୍ରଶ୍ନ ପଚରା ଯାଇଥିଲା।

**ସଫଳତାର ଶ୍ରେୟ କାହାକୁ ଦେବେ?**

ସଫଳତାର ଶ୍ରେୟ ପ୍ରଥମେ ବାପାଙ୍କ ପାଖକୁ ଯିବ। କାରଣ ସେ ଘର ଛାଡି ନ ଥିଲେ ଆଜି ମୁଁ ଓଏଏସ୍ ପାଇପାରି ନ ଥାନ୍ତି। ୨ୟରେ ମା, ଦୁଇ ଭଉଣୀ ଓ ଭିଣୋଇଙ୍କୁ ଦେବି। କାରଣ ସେମାନେ ମୋତେ ଆର୍ଥିକ, ମାନସିକ ସ୍ତରରେ ସହଯୋଗ ଓ ଉତ୍ସାହିତ କରିଥିଲେ। ହେଲେ ବାପା ୨୦୧୪ରୁ ଆରପାରିକୁ ଚାଲି ଯାଇଛନ୍ତି।

**ଭିନ୍ନକ୍ଷମ, ଅନ୍ୟମାନଙ୍କ ପାଇଁ ବାର୍ତ୍ତା କ'ଣ?**

ଭିନ୍ନକ୍ଷମମାନେ ନିଜକୁ ନିଜେ ଦୁର୍ବଳ ଅନୁଭବ କରିବା ଉଚିତ୍ ନୁହେଁ। ସରକାର ଭିନ୍ନକ୍ଷମଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ସେମାନେ ଯୋଜନା ସମ୍ପର୍କରେ ଅବଗତ ହୁଅନ୍ତୁ। ନିରାଶ ନ ହୋଇ କର୍ମ କରି ଚାଲନ୍ତୁ। ସଫଳତା ନିଶ୍ଚିତ ପାଇବେ। ସକ୍ଷମ ଯେ କେବଳ ସଫଳତା ପାଇବେ ତାହା ଭାବିବା ଭୁଲ। ପରିଶ୍ରମ କଲେ ସବୁ କିଛି ସମ୍ଭବ।

**ଆଗକୁ କ'ଣ କରିବାକୁ ଯୋଜନା ରଖିଛନ୍ତି?**

ଉଚ୍ଚ ଶିକ୍ଷାରେ ଗବେଷଣା ଜାରି ରଖିଛି। ମୋର ଶିକ୍ଷା ବିଭାଗ ପ୍ରତି ଦୁର୍ବଳତା ରହିଛି। ମୋତେ ସରକାର ଶିକ୍ଷା ବିଭାଗରେ ନିଯୁକ୍ତି ଦେଲେ, ଅନେକ କିଛି କରିପାରିବି ବୋଲି ଆଶା ରଖିଛି। ଭିନ୍ନକ୍ଷମମାନେ ଯେପରି ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିବେ ସେଥିପ୍ରତି ଦୃଷ୍ଟିଦେବି। ସାଧାରଣ ଲୋକ ଯେପରି ସରକାରୀ ସୁବିଧା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବି। ଶିକ୍ଷା ବ୍ୟତୀତ ଅନ୍ୟ ବିଭାଗ ମିଳିଲେ ମଧ୍ୟ କାମ କରିବି।

**କ'ଣ ଆପଣଙ୍କର ସଉକ, ଦିନକୁ କେତେ ସମୟ ପଢୁଥିଲେ?**

ଚେସ୍ ଖେଳିବା, ଖବରକାଗଜ ପଢ଼ିବା ମୋର ସଉକ୍। ବିଭିନ୍ନ ସମୟରେ ମ୍ୟୁଜିୟମରେ ସମୟ କଟାଏ। ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିଲି। ହେଲେ ମନ ଲାଗିଥିବା ପର୍ଯ୍ୟନ୍ତ ପଢୁଥିଲି। ମନକୁ ବାଧ କରି କୌଣସି କାମ କରୁ ନ ଥିଲି।



ଫଟୋ: ଅନିଲ ସାହୁ

ପୁରୀ ଗୋପୀନାଥପୁର ଗ୍ରାମର ଏକ ନଡ଼ିଆ ଗଛରେ ଦୁଇଟି ଶୁଆ ବସା ବାନ୍ଧୁଛନ୍ତି।

## ଫଟୋରେ ଖବର





ଜେଏନ୍‌ୟୁରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ହୋଇଥିବା ଆକ୍ରମଣର ପ୍ରତିବାଦ ଏବଂ ଶିକ୍ଷାନୁଷ୍ଠାନରେ ହିଂସାକୁ ବିରୋଧ କରି ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆଇଏମ୍‌ଏମ୍‌ଟି ସମ୍ମୁଖରେ ଛାତ୍ରୀଛାତ୍ରମାନେ ମହମବତି ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।





ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଟ୍ରେଡ ୟୁନିୟନ ପକ୍ଷରୁ ପୁରୀ ସହରରେ ମଙ୍ଗଳବାର ଆୟୋଜିତ ମଶାଲ ଶୋଭାଯାତ୍ରା।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ଜନ୍‌ଶନ୍



# ବିସ୍ଥାପିତଙ୍କ ଥଇଥାନ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

## ଓଡ଼ିଶା କୋଲ୍, ପାୱାର ଲିମିଟେଡ୍‌ର ସମୀକ୍ଷା

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ଶିଳ୍ପ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମଙ୍ଗଳବାର ଓଡ଼ିଶା କୋଲ୍ ଏବଂ ପାୱାର ଲିମିଟେଡ୍(ଓସିପିଏଲ୍)ର ମନୋହରପୁର କୋଇଲା କାରଖାନାର ବିକାଶ ଏବଂ ଏହାର ପରିଚାଳନା ନେଇ ସମୀକ୍ଷା କରିଛନ୍ତି। ମନୋହରପୁର ଗ୍ରାମର ବିସ୍ଥାପିତ ପରିବାରଙ୍କୁ ପ୍ରଦାନ କରାଯାଉଥିବା ଥଇଥାନ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଓସିପିଏଲ୍ ପକ୍ଷରୁ ପ୍ରଦାନ କରାଯାଉଥିବା ସମସ୍ତ ବ୍ୟବସ୍ଥା ଯେପରି ତ୍ରୁଟିଶୂନ୍ୟ ରହିବ ସେଥି ନିମନ୍ତେ ଦୃଷ୍ଟି ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଲ୍ ହ୍ୟାଣ୍ଡେଲିଂ ପ୍ଲାଣ୍ଟ(ସିଏଚ୍‌ପି) ଏବଂ ମନୋହରପୁର ଟାଉନ୍‌ସିପ୍ ଯୋଜନାର ନିର୍ମାଣ, ମହାନଦୀ କୋଲ୍‌ଫିଲ୍ଡ ଲିଃ(ଏମ୍‌ସିଏଲ୍) ଦ୍ୱାରା କୋଇଲା ଉତ୍ତୋଳନ ଏବଂ ଏହାର ବିକ୍ରିବଟା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଓସିପିଏଲ୍‌ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଡା. କ୍ଷୀରୋଦ ଚନ୍ଦ୍ର ବ୍ରହ୍ମା ଓସିପିଏଲ୍ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟାବଳୀ, ବିଧିବଦ୍ଧ ବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ ପାୱାର ପଏଣ୍ଟ ଦ୍ୱାରା ଉପସ୍ଥାପନ କରି ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ସଂଗ୍ରାମ ସ୍ୱାଇଁ, ଭାରତ ସରକାରଙ୍କ ପ୍ରବନ୍ଧ ନିର୍ଦ୍ଦେଶକ, ଓଡ଼ିଶା ପାୱାର ଜେନେରେଶନ୍‌ର ପରିଚାଳନା ନିର୍ଦ୍ଦେଶକ (ବାଣିଜ୍ୟ) ଇନ୍ଦ୍ରନିଲ ଦତ୍ତ, ଡିଏଫ୍, ଓଏଚ୍‌ପିସିର ପ୍ରଭାକର ମହାନ୍ତି ପ୍ରମୁଖ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

## କେମିତି ରହିବ ଆଜିର ପାଗ



ମଙ୍ଗଳବାର ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୪ | ୧୦.୬ |
| ଚାନ୍ଦବାଲି | ୨୪.୯ | ୧୨.୦ |
| କଟକ | ୨୮.୦ | ୧୧.୨ |
| ପାରାଦ୍ୱୀପ | ୨୫.୫ | ୧୩.୮ |
| ଭୁବନେଶ୍ୱର | ୨୬.୮ | ୧୨.୦ |
| ଗୋପାଳପୁର | ୨୮.୦ | ୧୫.୧ |
| ପୁରୀ | ୨୫.୦ | ୧୩.୮ |
| ଅନୁଗୋଳ | ୨୭.୧ | ୮.୦ |
| ବାରିପଦା | ୨୪.୬ | ୧୧.୪ |
| ଝାରସୁଗୁଡ଼ା | ୨୬.୬ | ୧୦.୨ |
| କେନ୍ଦୁଝର | ୨୫.୬ | ୯.୮ |
| ସମ୍ବଲପୁର | ୨୭.୬ | ୧୦.୭ |
| ସୁନ୍ଦରଗଡ଼ | ୨୫.୦ | ୧୨.୦ |
| ହୀରାକୁଦ | ୨୭.୧ | ୧୨.୧ |
| ତାଳଚେର | ୨୯.୫ | ୧୧.୭ |
| ଭବାନୀପାଟଣା | ୨୫.୫ | ୧୦.୫ |
| ବଲାଙ୍ଗୀର | ୨୬.୮ | ୧୧.୦ |
| କୋରାପୁଟ | ୨୭.୦ | ୧୨.୦ |
| ଫୁଲବାଣୀ | -- | ୮.୫ |
| ଟିଟିଲାଗଡ଼ | ୨୬.୪ | ୭.୬ |
| ମାଲକାନଗିରି | ୩୦.୨ | ୧୨.୦ |
| ସୋନପୁର | ୨୬.୪ | ୯.୦ |
| ଦାରିଙ୍ଗିବାଡ଼ି | ୨୪.୦ | ୭.୫ |

ଡିଗ୍ରୀ ସେଲ୍‌ସିୟସ୍

# ଟ୍ରେନ୍ ଲାଇନରେ ଯୁବକଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ.ଏ.)** ପୁରୁଣା ଭୁବନେଶ୍ୱର ମାଉସୀ ମା' ମନ୍ଦିର ନିକଟ ରେଲୱେ ଓଭରବ୍ରିଜ୍ ପାଖରେ ହଠାତ୍ ଟ୍ରେନ୍ ଲାଇନ୍‌ରେ ବେକ ଦେଖାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଧ୍ରୁବ ଚରଣ ମହାପାତ୍ର(୨୮) ବୋଲି ରେଲୱେ ପୋଲିସ ଜାଣିବାକୁ ପାଇଛି। ପୋଲିସ ଏକ ମାମଲା ରୁଜୁ କରିଛି। ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଦୀପ ସେବା ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି ଖଣ୍ଡବିଖଣ୍ଡିତ ମୃତଦେହକୁ ଉଦ୍ଧାର କରିବା ପରେ ରେଲୱେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


**GOVERNMENT OF ODISHA**
**DEPARTMENT OF WATER RESOURCES**
OFFICE OF THE EXECUTIVE ENGINEER,
MAYURBHANJ IRRIGATION DIVISION, BARIPADA
e-mail: exen.mid@gmail.com FAX/TEL: 06792-260442
No.A-545 :- "E" PROCUREMENT NOTICE NO. 03MBJ/2019-20.

| | |
|---|---|
| 1. Name of works | : i. Bank protection work on left bank of river Budhabalanga near village Angaragadia (Jambhirapal) under Kuliana Block ii. Restoration to TRE from Baradihi to Parchipur on right bank of river Sono near village Baradihi as mentioned in the website. |
| 2. Total no. of works | : 02 (Two) nos. of work. |
| 3. Estimated cost | : Varies from 39.28 lakh to 44.54 lakh |
| 4. Class of Contractor | : 'C' & 'B' and 'B' & 'A' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : **09.01.2020 from 10.00 Hours to 18.01.2020 up to 17.00 Hours.** |
| (iii) Date, time and place of opening of Bid. | : **On 20.01.2020 at 11.00 Hours** in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : On dt. 21.01.2020 at 11.00 AM. |
| 11. Further details can be seen from the 'e' Procurement Portal http://tendersorissa.gov.in | |

Sd/- Executive Engineer,
Mayurbhanj Irrigation Division, Baripada.
32041/11/0007/1920



**ଦୁଇ ଦିବ୍ୟାଙ୍ଗଙ୍କୁ ଜୋରଜବରଦସ୍ତି ବିବାହ କରାଇବା ଘଟଣା**


# ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୭।୧(ବ୍ୟୁରୋ)** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ଗତ ଡିସେମ୍ବର ୨୫ରେ ଦୁଇଜଣ ଦିବ୍ୟାଙ୍ଗଙ୍କୁ ସ୍ଥାନୀୟ ଲୋକେ ଜୋରଜବରଦସ୍ତି ବିବାହ କରାଇଥିଲେ। ଏପରି କି ସେମାନଙ୍କୁ ଫୁଲମାଲ ପକାଇ ବଜାର ବୁଲାଇବା ସହ ମୋବାଇଲ୍ ଫୋନ୍‌ରେ ଭିଡିଓ ରେକର୍ଡିଂ କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ ବିମଳପ୍ରସାଦ ଦାସ ଓ ସଦସ୍ୟ ଅସୀମ ଅମିତାଭ ଦାଶ ଏହି ମାମଲାର ବିଚାର କରି ୪ ସପ୍ତାହ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ବାଲେଶ୍ୱର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଗୋପାଳପୁର ବଜାରରେ ଜଣେ ବୟସ୍କ ମାନସିକ ତଥା ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତି ୪୦ବର୍ଷ ହେବ ରହୁଛନ୍ତି। ସେ ନିକଟ ଦୋକାନରେ କାମ କରି ପେଟ ପୋଷନ୍ତି। କିଛିଦିନ ତଳେ ତାଙ୍କ ଭଳି ଜଣେ ଦିବ୍ୟାଙ୍ଗ ମହିଳା ସେଠାକୁ ଆସିଥିଲେ। ସେ ଉକ୍ତ ବଜାରରେ ବୁଲି ବୁଲି ଭିକମାଗି ଚଳୁଥିଲେ। ଗତ ମାସ ୨୫ ତାରିଖରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଉଭୟଙ୍କୁ ଜୋର୍‌ଜବରଦସ୍ତ ବିବାହ କରାଇଥିଲେ। ଉଭୟଙ୍କୁ ଧରି ପରସ୍ପର ବେକରେ ଫୁଲମାଳ ପକାଇବା ପରେ ଶୋଭାଯାତ୍ରା କରି ବଜାର ବୁଲାଇଥିଲେ। ଏହାର ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରି ମଜା ନେଇଥିଲେ। ବହୁ ଲୋକ ଏହାକୁ ଦେଖୁଥିଲେ ମଧ୍ୟ କେହି ବିରୋଧ କରି ନ ଥିଲେ। ଏହାଦ୍ୱାରା ଦୁଇ ଦିବ୍ୟାଙ୍ଗଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା ଓଏଚ୍‌ଆର୍‌ସି ହୃଦ୍‌ବୋଧ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।


**ODISHA NURSES & MIDWIVES EXAMINATION BOARD, BHUBANESWAR**
Email- odishanursingboard@gmail.com
No.30/ BBSR Date: 07.01.2020
**NOTICE**
**Postponement of GNM Annual Examination 2019-20**
No.: E-649: Due to call for an all India Strike on 08.01.2020 by some trade unions being supported by some political parties and different Labour union, the Nursing Examination which was scheduled to be held on 08.01.2020 is hereby postponed to 15.01.2020. This is for kind notice of all students.
10110/11/0002/1920 Sd./- Secretary, ON&MEB



**OFFICE OF THE CDM & PHO CUM DMD, NUAPADA**
**ROGI KALYAN SAMITI, DHH, NUAPADA**
E-mail: dhhnuapada@gmail.com, Phone: (06678) 223346
No.: 011/DHH/19 Date: 04.01.20
**NOTICE INVITING TENDER**
No.: E-646: In continuation to tender Notice No. 983 Dated 27.12.19 & tender Notice No. 980 Dated 27.12.19, the submission of tender documents has been extended to 10.01.20 till 1 P.M. & the tender document will be opened on 10.01.20 at 3 P.M. The tender of bid will be received in the Office of the CDM & PHO through Registered Post/Speed Post/Courier or can be dropped in the Tender Box placed in the O/o. CDM & PHO. All other terms & conditions will be remained unchanged. Interested bidders can download the tender document along with detailed terms and condition & specification from the district website **www.nhmnuapada.nic.in** and apply. The undersigned reserves the right to accept or reject any or all the tenders without assigning any reason thereof.
10055/11/0012/1920 Sd./- CDM & PHO cum DMD, Nuapada



**MARKFED - ODISHA**
OLD STATION ROAD, BHUBANESWAR-06
Ref. No.: 34 Date: 04.01.2020
CAD-787
**NOTICE**
Sri Sudam Charan Pal, Sales Assistant (U/s)
At/P.o - Radhanga
Via - Nalibar,
Dist.- Jagatsinghpur
PIN - 754104
Take notice that shortage of different fertiliser stock to the tune of 237.600 MT worth Rs.38,90,092.00 have been found during your incumbency as Godown I/c, Jharsuguda Buffer Godown and you have undertaken through an affidavit Dtd.04.02.17 solemnized before the Executive Magistrate, Bhubaneswar to deposit the shortage amount of Rs.1,17,93,602.00 by 15th March, 2017. But you did not honour your commitment.
2. Jharsuguda Vigilance Unit conducted surprise check on 23.2.17 and found shortage of different fertiliser to the extent of 268.550 MT at Jharsuguda Buffer Godown worth of Rs.42,26,388.09.
3. You were kept under Vigilance custody on 23.2.17 and hence you were placed under suspension w.e.f. 23.2.17 as per Rule-80(2)(a) of Staff Service Rules (Amendment), 2003 of MARKFED.
4. Departmental Proceeding No. 3758 Dtd.27.10.17 was drawn up against you on the charges of Missapropriation of Fertiliser Stock to the tune of Rs.42,26,388.09 and Rs.78,76,455.00 for violation of office guide-lines & instructions and showing false and fabricated outstanding on Sundry Debtor Account to supress misappropriation, Breach of trust, Un-authorised and wilful transaction by manipulation of accounts, Causing financial loss to the Federation, Gross Misconduct, Dereliction of duty and Dishonesty.
5. The above charges are established in the enquiry. Besides, you were supplied a copy of the Enquiry Report through Speed Post with a direction to file reply with documentary evidences in support of your defence and if you want to be heard in person before the undersigned on 19.12.2019 at 12 Noon vide Notice No. 4358 Dtd.30.11.2019. But, you have neither submitted your show cause reply nor appeared on scheduled date and time.
You are, therefore, once again noticed through this publication to collect the relevant documents in connection to the above charges and file reply, if any, with documentary evidences in support of your defence and appear before the undersigned on **Dt.17.01.2020 at 12 Noon** and presence relevant documents in you favour, failing which the matter will be decided on merit as per provisions of Staff Service Rules of OSCMF Ltd.
Sd./- 03.01.2020
39017/11/0006/1920 Managing Director



**ଜିଲ୍ଲା କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ**
**କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ-୫୯), କନ୍ଧମାଳ, ଫୁଲବାଣୀ**
No. XXI-01:-
**ସର୍ବସାଧାରଣ ନୋଟିସ**
ଜାତୀୟ ରାଜପଥ ଆଇନ ୧୯୫୬ (Act. 48 of 56)ର ଧାରା 3(G) ଉପଧାରା (3) ମୁତାବକ P.R. ସଂଖ୍ୟା-୦୨/ଫୁଲବାଣୀ ତା।୧୮।୧୨।୨୦୧୯।
ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O.4169 (E), ତା।୧୮।୧୧।୨୦୧୯ରିଖ ଓ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା- 3743, ତା20.11.2019ରିଖ ପ୍ରୋକ୍ତ ଆଇନର ଧାରା (3)'A'ରେ ଉଲ୍ଲିଖିତ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଜାତୀୟ ରାଜପଥ ସଂଖ୍ୟା ୫୯ର ଓଡ଼ିଶା ରାଜ୍ୟର କନ୍ଧମାଳ ଜିଲ୍ଲାରେ କି.ମି. ୧୭୩.୩୭୦ରୁ କି.ମି.୨୨୯.୪୦୦ (ବାଲିଗୁଡ଼ା-ଦାରିଙ୍ଗବାଡ଼ି ସେକ୍ସନ) ପର୍ଯ୍ୟନ୍ତ ମୌଜା- ବାଲିଗୁଡ଼ା, ଡବେରି, ଗ୍ରେଓଡ଼ି, ଖଜୁରିପଦରୀ, କିରିକୁଟି, ମାଲେବାଡ଼ି, ପଟାଙ୍ଗି, ସିମନବାଡ଼ି, ସର୍ନିକେତା, ସୁବରଙ୍ଗା, ସୁଲୁମାହା, କାଣ୍ଡିବନ୍ଧ, ମହାସିଙ୍ଗ ନିମନ୍ତେ ଧାରା (3) (D)ର ଉପଧାରା 1 ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ୍ ଅଧିସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରି ଅଧିସୂଚନା ଜାରି ହୋଇଅଛି।
ଯେହେତୁ ପ୍ରୋକ୍ତ ଆଇନର ଧାରା 3(G)ର ଉପଧାରା 1 ଅନୁସାରେ ଅଧିଗ୍ରହଣ ନିମିତ୍ତ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ୍ ଅନୁସୂଚୀ ଜମି ଏବଂ ଜମିରେ ଥିବା ଗୃହ, କୂପ, ବୃକ୍ଷ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା କରାଯିବା ଆବଶ୍ୟକ।
ଅତଏବ ତଫସିଲଭୁକ୍ତ ଅନୁସୂଚୀ ଜମିର ଭୂମି ମାଲିକ ତଥା ଜମିରେ ସ୍ୱାର୍ଥସଂଶ୍ଳିଷ୍ଟ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସରେ ଧାର୍ଯ୍ୟ ତାରିଖରେ ପୂର୍ବାହ୍ନ ଘ.୧୧.୦୦ମି. ସମୟରେ ଆନୁଷଙ୍ଗିକ ସମସ୍ତ କାଗଜାତ ସହ ନିଜେ କିମ୍ବା ନିଜର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଯେହେତୁ ଭାରତ ସରକାରଙ୍କ ଉପରୋକ୍ତ ଅଧିସୂଚନା ସଂଖ୍ୟା ଅନୁସାରେ ନିମ୍ନ ତଫସିଲଭୁକ୍ତ ଜମି ଜାତୀୟ ରାଜପଥ ଆଇନ ୧୯୫୬ ଧାରା 3(D) ଅନୁଯାୟୀ କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତ ହୋଇଅଛି ଏବଂ କେନ୍ଦ୍ର ସରକାର ପ୍ରୋକ୍ତ ଜମି ପାଇଁ ଯଥୋଚିତ କ୍ଷତିପୂର୍ଣ୍ଣ ଅର୍ଥ କ୍ଷମତାପନ୍ନ ଅଧିକାରୀଙ୍କ ନିକଟରେ ଜମା କରିଛନ୍ତି। ତେଣୁ ପ୍ରୋକ୍ତ ଆଇନର ଧାରା 3(E) ଅନୁଯାୟୀ ଜଣାଇ ଦିଆଯାଉଅଛି କି, ଏହି ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜମିର ସ୍ୱତ୍ୱାଧିକାରୀ/ ଜମିମାଲିକ / ସ୍ୱାର୍ଥଥିବା ବ୍ୟକ୍ତି କାଗଜାତ ଦାଖଲ ପୂର୍ବକ କ୍ଷତିପୂରଣ ଗ୍ରହଣ କରିବା ନିମନ୍ତେ ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବେ ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଆମର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।
ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ, କନ୍ଧମାଳ, ଫୁଲବାଣୀ



**MINISTRY OF ROAD TRANSPORT AND HIGHWAYS**
**NOTIFICATION**
New Delhi, the 18th November, 2019
S.O. 4169(E).— Whereas by the notification of the Government of India in the Ministry of Road Transport and Highways number S.O 6014(E) dated 29.11.2018, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification required for building (widening/ two lane with paved shoulder/four laning etc.), maintenance, management and operation of NH59 in the stretch of land from Km 173.370 to Km 229.400 (Balliguda- Daringbadi Section ) in the district of Kandhamal in the state of Odisha.
And whereas the substance of the said notification has been published in "DHARITRI" and "SAMBAD" both dated 23.01.2019; under sub-section (3) of section 3A of the said Act;
And whereas no objection has been received from any person by the competent authority;
Or
And whereas objections have been received and the same have been considered and disallowed by the competent Authority;
And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;
Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;
And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.
**SCHEDULE**
**Brief description of the land to be acquired with or without structure falling within the stretch of land from Km. 173.370 to Km 229.400 (Balliguda-Daringbadi Section) of the NH59 in the district of Kandhamal in the State of Odisha.**

| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/ Interested Person (Part Survey No:) |
|---|---|---|---|---|---|
| **State: ODISHA, District: KANDHAMAL** | | | | | |
| 1 | 2 | 3 | 4 | 5 | 6 |
| **Taluk: Baliguda, Village: Baliguda** | | | | | |
| 1 | 3213 | Private | GHARABARI - 1 | 0.014 | TANUJA KUMAR DAS S/O BAURIBANDHU DAS **3213** |
| 2 | 3214 | Private | BILLA - 2 | 0.013 | DUKHA NAYAK S/O GHANIA NAYAK **3214** |
| 3 | 3229 | Private | BILLA - 2 | 0.011 | DAYANIDHI DAS S/O GOPINATH DAS **3229** |
| 4 | 3327 | Government | Patita | 0.011 | GOVERNMENT OF ODISHA **3327** |
| 5 | 3328 | Government | Patita | 0.006 | GOVERNMENT OF ODISHA **3328** |
| 6 | 3329 | Private | Billa - 1 | 0.023 | HADUBANDHU DAS S/O KHALI DAS **3329** |
| 7 | 3330 | Private | GHARABARI - 1 | 0.014 | TANUJA KUMAR DAS S/O BAURIBANDHU DAS **3330** |
| 8 | 3336 | Private | Billa - 1 | 0.001 | KHALI DAS S/O MADHAB DAS, HADUBANDHU DAS S/O KHALI DAS **3336** |
| 9 | 3534 | Private | BILLA - 2 | 0.004 | BICHITRANANDA ACHARYA S/O BANCHANIDHI ACHARYA **3534** |
| 10 | 3535 | Private | GHARABARI - 1 | 0.011 | SUSANTA KUMAR DAS S/O BAURIBANDHU DAS **3535** |
| 11 | 3536 | Private | GHARABARI - 1 | 0.011 | SURENDRA KUMAR PATRA S/O SUBASH PATRA, PADMINI PADHI W/O SURENDRA KUMAR PATRA **3536** |
| 12 | 3538 | Private | Billa - 2 | 0.015 | LAXMI NARAYANA PATRA S/O INDRAMANI PATRA **3538** |
| 13 | 3551 | Private | BILLA -2 | 0.018 | MADANABATI NAYAK W/O SUBALA NAYAK **3551** |
| 14 | 3553 | Private | Billa - 2 | 0.003 | BICHITRANANDA ACHARYA S/O BANCHANIDHI ACHARYA **3553** |
| **Taluk: Daringbadi, Village: Daberi** | | | | | |
| 1 | 183 | Government | JUNGLE | 0.044 | GOVERNMENT OF ODISHA **183** |
| 2 | 386 | Government | JUNGLE | 0.233 | GOVERNMENT OF ODISHA **386** |
| **Village: Greodi** | | | | | |
| 3 | 328 | Government | JUNGLE | 0.027 | GOVERNMENT OF ODISHA **328** |
| 4 | 493 | Government | JUNGLE | 0.184 | GOVERNMENT OF ODISHA **493** |
| **Village: Kajuripaderi** | | | | | |
| 5 | 68 | Government | JUNGLE | 0.296 | GOVERNMENT OF ODISHA **68** |
| **Village: Kirikuti** | | | | | |
| 6 | 13 | Government | JUNGLE | 0.022 | GOVERNMENT OF ODISHA **13** |
| 7 | 174 | Private | PADAR - 2 | 0.005 | JANAKI PRADHAN W/O PLABAN PRADHAN **174** |
| 8 | 175 | Government | PATITA | 0.04 | GOVERNMENT OF ODISHA **175** |
| 9 | 176 | Government | NADI | 0.121 | GOVERNMENT OF ODISHA **176** |
| 10 | 198 | Government | JUNGLE | 0.082 | GOVERNMENT OF ODISHA **198** |
| 11 | 8 | Government | PARBAT | 0.606 | GOVERNMENT OF ODISHA **8** |
| **Village: Malebadi** | | | | | |
| 12 | 1 | Government | JUNGLE | 0.444 | GOVERNMENT OF ODISHA **1** |
| 13 | 143 | Government | UNATAJOYANA-JOGYA | 0.039 | GOVERNMENT OF ODISHA **143** |
| 14 | 147 | Government | JUNGLE | 0.007 | GOVERNMENT OF ODISHA **147** |
| 15 | 147 / 401 | Government | JUNGLE | 0.018 | GOVERNMENT OF ODISHA **147 / 401** |
| 16 | 380 | Government | JUNGLE | 0.186 | GOVERNMENT OF ODISHA **380** |
| 17 | 384 | Government | JUNGLE | 0.032 | GOVERNMENT OF ODISHA **384** |
| 18 | 5 | Government | PATITA | 0.069 | GOVERNMENT OF ODISHA **5** |
| **Village: Patangi** | | | | | |
| 19 | 13 | Government | PARBAT | 0.813 | GOVERNMENT OF ODISHA **13** |
| 20 | 14 | Private | BILLA- 3 | 0.038 | MAATE PRADHAN S/O TIRAPA PRADHAN **14** |
| 21 | 16 | Government | JUNGLE | 0.452 | GOVERNMENT OF ODISHA **16** |
| 22 | 17 | Private | PADAR - 2 | 0.06 | FAKIR PRADHAN S/O SADA PRADHAN **17** |
| 23 | 18 | Government | PARBAT | 0.177 | GOVERNMENT OF ODISHA **18** |
| 24 | 3 | Government | PARBAT | 0.032 | GOVERNMENT OF ODISHA **3** |
| 25 | 57 | Government | PARBAT | 0.06 | GOVERNMENT OF ODISHA **57** |
| 26 | 58 | Government | PARBAT | 1.029 | GOVERNMENT OF ODISHA **58** |
| 27 | 67 | Government | PARBAT | 1.175 | GOVERNMENT OF ODISHA **67** |
| 28 | 68 | Government | JUNGLE | 0.018 | GOVERNMENT OF ODISHA **68** |
| 29 | 7 | Government | PARBAT | 0.022 | GOVERNMENT OF ODISHA **7** |
| 30 | 76 / 369 | Government | JUNGLE | 0.022 | GOVERNMENT OF ODISHA **76 / 369** |
| 31 | 8 | Government | PARBAT | 0.108 | GOVERNMENT OF ODISHA **8** |
| **Village: Simanbadi** | | | | | |
| 32 | 1951 | Private | BILLA - 1 | 0.038 | SULIMAN PRADHAN S / O BIRA PRADHAN **1951** |
| 33 | 1952 | Private | BILLA - 1 | 0.047 | BAIRA PRADHAN S/O BIRASHA PRADHAN **1952** |
| 34 | 1953 | Private | BILLA -1 | 0.002 | SULIMAN PRADHAN S/O BIRA PRADHAN **1953** |
| 35 | 1954 | Private | BILLA - 1 | 0.053 | LADA PRADHAN S/O DABA PRADHAN **1954** |
| 36 | 1955 | Private | BILLA - 1 | 0.043 | BURJYO PRADHAN S/O KURMA PRADHAN **1955** |
| 37 | 1956 | Private | BILLA - 1 | 0.007 | SANGERA DIGAL S/O SAMBURU DIGAL **1956** |
| 38 | 1957 | Private | BILLA - 1 | 0.017 | BAIRA PRADHAN S/O BIRASHA PRADHAN **1957** |
| 39 | 1958 | Private | BILLA - 1 | 0.07 | LADA PRADHAN S/O DABA PRADHAN **1958** |
| 40 | 1962 | Private | BILLA - 1 | 0.08 | TINUNGA PRADHAN S/O REJU PRADHAN **1962** |
| 41 | 1963 | Private | BILLA - 1 | 0.002 | SHIKRA PRADHAN S/O NARISHA PRADHAN **1963** |
| 42 | 1985 | Government | PARBAT | 0.602 | GOVERNMENT OF ODISHA **1985** |
| 43 | 1985 / 2835 | Government | PARBAT | 0.328 | GOVERNMENT OF ODISHA **1985 / 2835** |
| 44 | 2007 | Government | BASTIJOGYA | 0.675 | GOVERNMENT OF ODISHA **2007** |
| 45 | 2112 | Private | BILLA - 3 | 0.014 | PARTATI PADHANA , PITARA PADHANA S/O JANAPA PADHANA **2112** |
| 46 | 2113 | Private | BILLA - 1 | 0.003 | SEKUDU PADHANA S/O BISTI PADHANA **2113** |
| 47 | 2114 | Private | BILLA - 1 | 0.077 | GOPINATHA PADHANA , BABADA PADHANA S/O DEKENA PADHANA **2114** |
| 48 | 2116 | Private | GHARABARI | 0.057 | PARTATI PADHANA , PITARA PADHANA S/O JANAPA PADHANA **2116** |
| 49 | 2117 | Private | BILLA - 1 | 0.15 | PARTATI PADHANA , PITARA PADHANA S/O JANAPA PADHANA **2117** |
| 50 | 2118 | Government | PARBAT | 0.218 | GOVERNMENT OF ODISHA **2118** |
| 51 | 2123 / 2991 | Private | PADAR - 2 | 0.144 | RABINARAYAN BALYARSINGH S/O RUBEN BALYARSINGH **2123/2991** |
| 52 | 2738 | Government | PATITA | 0.312 | GOVERNMENT OF ODISHA **2738** |
| 53 | 2739 | Government | JUNGLE | 0.265 | GOVERNMENT OF ODISHA **2739** |
| 54 | 2740 | Government | JUNGLE | 0.228 | GOVERNMENT OF ODISHA **2740** |
| 55 | 2755 | Private | PADAR - 1 | 0.282 | TINUNGA PRADHAN S/O REJU PRADHAN **2755** |
| 56 | 2756 | Government | PATITA | 0.954 | GOVERNMENT OF ODISHA **2756** |
| 57 | 2760 | Private | BILLA - 2 | 0.163 | NIPARA PADHANA , PRASANNA PADHANA S/O GABUPA PADHANA **2760** |
| 58 | 2789 | Government | PARBAT | 0.016 | GOVERNMENT OF ODISHA **2789** |
| **Village: Sraniketa** | | | | | |
| 59 | 451 | Government | PARBAT | 0.089 | GOVERNMENT OF ODISHA **451** |
| 60 | 452 | Government | GOCHARA | 0.444 | GOVERNMENT OF ODISHA **452** |
| **Village: Subaranga** | | | | | |
| 61 | 198 | Government | JUNGLE | 0.202 | GOVERNMENT OF ODISHA **198** |
| 62 | 199 | Private | PADAR - 2 | 0.181 | PATRA PADHANA , KURANJI PADHANA S/O NIGU PADHANA **199** |
| 63 | 200 | Private | PADAR - 2 | 0.169 | SURYA PATI PARICHA S/O PADANA PARICHA **200** |
| **Village: Sulumaha** | | | | | |
| 64 | 1 | Government | JUNGLE | 0.518 | GOVERNMENT OF ODISHA **1** |
| **Taluk: K Nuagaon, Village: Kandibandha** | | | | | |
| 1 | 299 | Government | JUNGLE | 0.013 | GOVERNMENT OF ODISHA **299** |
| 2 | 310 | Government | JUNGLE | 0.048 | GOVERNMENT OF ODISHA **310** |
| 3 | 314 | Government | JUNGLE | 0.199 | GOVERNMENT OF ODISHA **314** |
| **Village: Mahasing** | | | | | |
| 4 | 783 | Government | JUNGLE | 0.101 | GOVERNMENT OF ODISHA **783** |
| 5 | 784 | Private | PADAR - 2 | 0.013 | BHAGIRATHI PRADHAN S/O SATYABADI PRADHAN **784** |
| 6 | 784 / 2698 | Private | PADAR -2 | 0.063 | PRADIP KUMAR NAYAK S/O MARKANDA NAYAK **784 / 2698** |
| 7 | 784 /2699 | Private | PADAR - 2 | 0.012 | UMASANKAR AGRAWAL S/O SATYANARAYAN AGRAWAL **784 / 2699** |
| | | | **TOTAL** | **13.515** | |

**[F. No. RO/BBSR/11011/59/ORS/2017-18/598/BMPR/23/04/2018/3A/3D]**
**RAJESH GUPTA, Dy. Secy.**
24184/14/0001/1920



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ। -ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ୯ରେ ଭୁବନେଶ୍ୱରରେ ଜିଲାସ୍ତରୀୟ ନିଯୁକ୍ତି ମେଳା

**ଖୋର୍ଦ୍ଧା ଅଫିସ,୭।୧:** ଭୁବନେଶ୍ୱରର ମଧୁସୂଦନ ପାର୍କ ସମ୍ମୁଖସ୍ଥ ଏନସିଏସ୍‌ପିଡିଏ ପ୍ଲଟ ନଂ. ୧,୨, ୫, ୬ରେ ଗଣ୍ଡମୁଣ୍ଡାଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଖୋର୍ଦ୍ଧା ଜିଲାର ବ୍ଲକ ଓ ସହରାଞ୍ଚଳର ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୩, ଆଇଟିଆଇ, ଡିପ୍ଲୋମା ପାସ ୧୮ରୁ ୩୫ ବର୍ଷର ଇଚ୍ଛୁକ ପ୍ରାର୍ଥିନୀପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ଏଥିରେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ସଂସ୍ଥା, ଜିଲା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ଘରୋଇ ସଂସ୍ଥା ଯୋଗଦେଇ କର୍ମଚାରୀ ଚୟନ କରିବେ। ଏହି ଅବସରରେ ଭୁବନେଶ୍ୱର ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ପ୍ରାକ୍ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ବିଭିନ୍ନ ପ୍ରାଣୀ ପାଳନର ଷ୍ଟଲ ଖୋଲାଯିବ। ଏ ସମ୍ବନ୍ଧୀୟ ଉଦ୍ୟୋଗ ପ୍ରତିଷ୍ଠା ଓ ସବ୍‌ସିଡିର ପୂର୍ଣ୍ଣାଙ୍ଗ ସୂଚନା ନିଯୁକ୍ତି ମେଳାର ଅନ୍ୟତମ ଅଂଶ ହେବା ଉଚିତ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ସେହିଭଳି ନିଯୁକ୍ତି ମେଳା ସମ୍ବନ୍ଧୀୟ ପର୍ଯ୍ୟାପ୍ତ ସୂଚନା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଫଟୋଗ୍ରାଫି ଓ ଡକୁମେଣ୍ଟେଶନ ଆଦି ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା। ଇଚ୍ଛୁକ ପ୍ରାର୍ଥିନୀପ୍ରାର୍ଥୀମାନେ ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ ସହ ନିଯୁକ୍ତି ମେଳାରେ ନିର୍ଦ୍ଧାରିତ ତାରିଖ ସକାଳ ୯ଟାରୁ ପହଞ୍ଚି ଦକ୍ଷତା ବିକାଶ ତାଲିମରେ ଭାଗ ନେବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲା ପ୍ରଶାସନ ଖୋର୍ଦ୍ଧା ଓ ଜିଲା ନିଯୋଜନ କାର୍ଯ୍ୟାଳୟ ଖୋର୍ଦ୍ଧା ଭୁବନେଶ୍ୱର, କେନ୍ଦ୍ର ସରକାରଙ୍କର ଶ୍ରମ ଓ ନିଯୋଜନ ବିଭାଗ ଅନ୍ତର୍ଗତ ଆଦର୍ଶ ବୃତ୍ତି କେନ୍ଦ୍ରର ମିଳିତ ସହଯୋଗରେ ହେବ। ବୈଠକରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ବିଏମ୍‌ସିର ଡେପୁଟି କମିଶନର, କ୍ୟାପିଟାଲ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ, ସାଧାରଣ ପରିଚାଳକ ୱାଟକୋ, ଭୁବନେଶ୍ୱର ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ନିଯୁକ୍ତି ମେଳା ସରକାରୀ ଚାକିରି ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୁହାଯାଇଛି।

### ବରଫି ପ୍ରକଳ୍ପକୁ ସିଏମ୍‌ଓର ପ୍ରଶଂସା

**ଭୁବନେଶ୍ୱର,୭।୧(ବ୍ୟୁରୋ):** କଟକ ବାଲିଯାତ୍ରା ରିଭର ଫ୍ରଣ୍ଟ ଇମ୍ପ୍ରୁଭମେଣ୍ଟ(ବରଫି) ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ପ୍ରଶଂସା କରାଯାଇଛି। ସିଏମ୍‌ଓ ପକ୍ଷରୁ ଟୁଇଟ୍‌ରେ କୁହାଯାଇଛି, ବରଫି ପ୍ରକଳ୍ପରେ ଛାତ୍ରୀଛାତ୍ରଙ୍କୁ ଇକୋ-ଅବଜରଭରଭାବେ ରଖାଯାଇଛି। ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ପ୍ରଶଂସନୀୟ। ଏହି ପ୍ରକଳ୍ପ ୪୨୦ ଏକର ଜମିକୁ ନୂଆ ରୂପ ଦେବ।

### ବଡ଼ବେରଣାରେ ଧାନମଣ୍ଡି ଖୋଲିଲା

**ଖୋର୍ଦ୍ଧା ଅଫିସ,୭।୧:** ବଡବେରଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଖୋଲିଛି। ଏଠାରେ ୧୫ ଚାଷୀ ୩୯୫ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସମିତି ସଭାପତି ପୁରୁଷୋତ୍ତମ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୩ ପଞ୍ଚାୟତର ଚାଷୀ ଧାନ ବିକିବେ।

### ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୭।୧:** ବିଶିଷ୍ଟ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପାଇକରାୟଙ୍କ ବିୟୋଗରେ ଖୋର୍ଦ୍ଧା ସଂସ୍କାର ଭାରତୀ ପରିସରରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସ୍ମୃତିଚାରଣ ସଭା ପାଳନ ହୋଇଯାଇଛି। ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସତ୍ୟବାଦୀ ବଳିଆରସିଂହ, ନଳିନୀକାନ୍ତ ସୁନ୍ଦରରାୟ, ଭାଗୀରଥି ରାଉତରାୟ, ସୁଧୀର କୁମାର ମାନସିଂହ, ପ୍ରସନ୍ନ କୁମାର ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରସନ୍ନ ପାଇକରାୟ, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କୁହୁଡିର ବିଶିଷ୍ଟ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପାଇକରାୟଙ୍କ ୭୮ ବର୍ଷ ବୟସରେ ଗତ ୪ ତାରିଖରେ ପରଲୋକ ହୋଇଥିଲା। ସେ ଦଧିମାଛଗାଡିଆ, ଗୋଳବାଇ ଓ ଗଡ଼ବଣୀକିଲୋ ହାଇସ୍କୁଲରେ ଶିକ୍ଷକତା କରିଥିଲେ। ପରବର୍ତ୍ତୀ ସମୟରେ ଆଦିବାସୀ ବିଭାଗ ଶିକ୍ଷା ବିଭାଗରେ ଯୋଗଦେଇ ଭୁବନେଶ୍ୱର ତପୋବନ ହାଇସ୍କୁଲ ପ୍ରଧାନ ଶିକ୍ଷକ ପଦରୁ ଅବସର ନେଇଥିଲେ। କଳିଙ୍ଗ ପାଇକ ସଙ୍ଗଠନର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସେ କାର୍ଯ୍ୟ କରିଥିଲେ।

## ■ ଆବାସ ପରେ ଭତ୍ତା, ଫନୀ ସହାୟତାରେ ଦୁର୍ନୀତି

# ମୃତବ୍ୟକ୍ତିଙ୍କ ନାଁରେ ଉଠିଛି ଟଙ୍କା, ରିଲିଫ ସାମଗ୍ରୀ

### ପୋଡ଼ାଡିହ ପଞ୍ଚାୟତ

**ଖୋର୍ଦ୍ଧା ଅଫିସ,୭।୧**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ହୋଇଥିଲା। ଏବେ ଭତ୍ତା, ବାତ୍ୟା ଫନୀରେ ହୋଇଥିବା ଦୁର୍ନୀତିର ଗୁମର ପଦାକୁ ଆସିଛି। ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା, ରିଲିଫ ସାମଗ୍ରୀ ଉଠାଯାଇଥିବା ପଞ୍ଚାୟତର ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଉଦ୍ଦେଶ୍ୟରେ ସେ ରାଜ୍ୟ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହି ପଞ୍ଚାୟତରେ ମୃତବ୍ୟକ୍ତିଙ୍କ ନାରେ ଭତ୍ତା ବଣ୍ଟା ଚାଲିଛି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ମୃତବ୍ୟକ୍ତିଙ୍କ ନା ଭତ୍ତାରେ ରହିଛି ବୋଲି ବିଭୂତି କହିଛନ୍ତି। ଅପରପକ୍ଷେ ବାତ୍ୟା ଫନୀରେ ମୃତବ୍ୟକ୍ତିଙ୍କୁ ବିପନ୍ନ ଦର୍ଶାଇ ସହାୟତା ବଣ୍ଟା ଯାଇଛି। ଏଥିପାଇଁ ବିଭୂତି କାର୍ଡ ନମ୍ବର ୩୧୩, ୩୭୪, ୫୪୯, ୮୬୬, ୨୯୧୪, ୨୯୯୮, ୨୮୩୭କୁ ଉଦାହରଣ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ୧ରୁ ୩ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥିବା ସେ କହିଛନ୍ତି। ପୁଣି ପଙ୍ଗାରସିଂହର ଜଣେ ବାସିନ୍ଦା ସ୍ଥାନୀୟ ଅଞ୍ଚଳରୁ ଫନୀ ସହାୟତା ଉଠାଇବା ସହ ପୋଡ଼ାଡିହ ପଞ୍ଚାୟତରୁ ରିଲିଫ୍ ଟଙ୍କା ହଡେଇଛନ୍ତି। ୩୭ ନମ୍ବର କାର୍ଡରେ ସହାୟତା ପାଇଥିବା ହିତାଧିକାରୀ ପ୍ରକୃତରେ ଫନୀ ସହାୟତା ନେଇଛନ୍ତି ନା ତାଙ୍କ ନାମରେ ଅନ୍ୟ କିଏ ହଡପ କରିଛନ୍ତି ତାହା ତଦନ୍ତ ସାପେକ୍ଷ। କଟକ, ଭୁବନେଶ୍ୱର ମ୍ୟୁନିସିପାଲିଟିର କାର୍ଡଧାରୀ ମଧ୍ୟ ପୋଡ଼ାଡିହ ପଞ୍ଚାୟତରୁ ଫନୀ ସହାୟତା ଉଠାଇଛନ୍ତି। ଏହାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡିବ।

### ୨ ହଜାର ନିଅ, ଚାଉଳ ଛାଡ଼

ବାତ୍ୟା ଫନୀରେ ବିପନ୍ନଙ୍କ ନାମରେ ପୋଡ଼ାଡିହ ପଞ୍ଚାୟତରେ ହରିଲୁଟ୍ ହୋଇଛି। ଘର ଭାଙ୍ଗୁ କି ନ ଭାଙ୍ଗୁ ଚାଉଳ ଓ ୫୦୦ ଟଙ୍କା ଛାଡି ଦେଲେ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅଫର ଅନେକ ସ୍ୱଚ୍ଛଳ ଲୋକଙ୍କୁ ସୁହାଇଥିଲା। ତେବେ ବିନା ଘର ଭଙ୍ଗାରେ ଦୁଇହଜାର ଟଙ୍କା ପାଇଥିବା ସ୍ୱଚ୍ଛଳ ବର୍ଗର ଲୋକେ ପ୍ରତିବାଦ କଲେ ନାହିଁ। କେତେଜଣ ବିପନ୍ନ ଏହି ଠକେଇର ଶିକାର ହେବା ପରେ କଥା ବାହାରକୁ ଆସିଛି। ଏହି ଦୁର୍ନୀତି ପଛରେ ଦଲାଲ ମୁଖ୍ୟ ସାଜି ଥିବା ଜଣେ ବିପନ୍ନ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହି ଗୁମର ଫିଟିବା ପରେ କେତେଜଣ ଲୋକଙ୍କୁ ଏବେ କିଛିଦିନ ତଳେ ଚାଉଳ ଦିଆଯାଇ ଚୁପ ରହିବାକୁ ପରାମର୍ଶ ଦିଆଯାଇଥିବା ବିଭୂତି କହିଛନ୍ତି।

### ଦୁର୍ନୀତି ପାଇଁ ର୍ୟାକେଟ

ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କେତେଜଣ ଲୋକ ଏଥିରେ ସାମିଲ ହୋଇ ରୋଜଗାର କରୁଛନ୍ତି। ଏହି ର୍ୟାକେଟକୁ କେତେଜଣ ରାଜନେତା, ସରକାରୀ କର୍ମଚାରୀ ଓ ଅଧିକାରୀ ସହଯୋଗ କରି ଭତ୍ତା ବାବଦ ଟଙ୍କା ଉପରେ ଭାଗ ବସାଇଛନ୍ତି। ଏଭଳି ଦୁର୍ନୀତି ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲି ଆସୁଛି। ତେବେ ଆବାସ ଯୋଜନାର ଦୁର୍ନୀତିର ପର୍ଦ୍ଦାଫାଶ ହେବା ପରେ ବେଗୁନିଆ ବ୍ଲକ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। କିନ୍ତୁ ଦଲାଲଙ୍କୁ ଧରି ଆବାସ ଦୁର୍ନୀତିର ତଦନ୍ତ କରାଗଲା। ଅଭିଯୋଗ ନାହିଁ କହି ଦଲାଲଙ୍କୁ କ୍ଲିନ୍‌ଚିଟ୍ ଦିଆଗଲା। ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଦୁର୍ନୀତି ଏବେ ବଢିଚାଲିଛି। ଦଲାଲ ଆଗ ଅପେକ୍ଷା ଅଧିକ ରୋଜଗାର କରିବାରେ ଲାଗି ପଡିଛନ୍ତି। ଏଥିଯୋଗୁ ହିତାଧିକାରୀଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ। ଏ ନେଇ ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତି କୁହନ୍ତି, ପୋଡାଡିହ ପଞ୍ଚାୟତରେ ଭତ୍ତା ଓ ବାତ୍ୟା ଫନୀରେ ରିଲିଫ୍ ଯୋଗାଣରେ ମୃତବ୍ୟକ୍ତି ପାଇଥିବା ନେଇ ଅଭିଯୋଗ ମିଳିନି। ତଥାପି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଜଟଣୀରେ ଶ୍ରମିକ ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଘରୋଇକରଣ ବନ୍ଦ ଦାବିରେ ଶ୍ରମିକ ୟୁନିୟନର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ଜଟଣୀ,୭।୧(ଡି.ଏନ.ଏ.):**

ଭାରତୀୟ ରେଲୱେରେ ଚାଲିଥିବା ଘରୋଇକରଣ, ପୁନର୍ଗଠନ, କର୍ମଚାରୀ ସଂଖ୍ୟା ହ୍ରାସ ଆଦି ବନ୍ଦ ଦାବିରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଖୋର୍ଦ୍ଧାରୋଡ଼ ଡିଭିଜନ ଡିଆର୍‌ଏମ୍‌ଙ୍କ ମାଧ୍ୟମରେ ରେଲୱେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ୟୁନିୟନର ମଣ୍ଡଳ କୋ-ଅର୍ଡିନେଟର ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟାସଦସ୍ୟ ମଙ୍ଗଳବାର ଶୋଭାଯାତ୍ରାରେ ବାହାରି ଜଟଣୀସ୍ଥିତ ଡିଆରଏମ୍ ଅଫିସ ସମ୍ମୁଖରେ ସଭା କରିଥିଲେ। କେନ୍ଦ୍ର ସରକାରଙ୍କ ଏପରି ନୀତିକୁ ନାପସନ୍ଦ କରିଥିଲେ। ଏଥିପାଇଁ ଏଆଇଆର୍‌ଏଫ୍ ନିର୍ଦ୍ଦେଶକ୍ରମେ ଏହାର ସହବନ୍ଧିତ ଶ୍ରମିକ ୟୁନିୟନ ୨ ତାରିଖରୁ ୭ ଦିନ ପାଇଁ ଇଷ୍ଟକୋଷ୍ଟ ରେଲୱେ ଜୋନରେ ପ୍ରତିବାଦ ସପ୍ତାହ ପାଳନ କରି ଆସୁଥିଲା।

## ମିଳୁନି କୁକୁର କାମୁଡ଼ା ଇଞ୍ଜେକଶନ୍, ରୋଗୀ ହନ୍ତସନ୍ତ

### ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର

**ବାଲୁଗାଁ,୭।୧(ଡି.ଏନ୍.ଏ.)**

ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ମାସ ହେଲା କୁକୁର କାମୁଡ଼ା ଇଞ୍ଜେକଶନ୍ ମିଳୁ ନ ଥିବାରୁ ରୋଗୀ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଥିବା ଦେଖାଦେଇଛି। ବର୍ତ୍ତମାନ ସମଗ୍ର ଅଞ୍ଚଳରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଏହି କୁକୁର କାମୁଡାର ଶିକାର ହେଉଛନ୍ତି ଛୋଟରୁ ବଡ ପର୍ଯ୍ୟନ୍ତ। ଦୈନନ୍ଦିନ କୁକୁର କାମୁଡାରେ ଆହତ ହୋଇ ରୋଗୀ ଚିକିତ୍ସା ପାଇଁ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ହେଲେ ପ୍ରତିଷେଧକ ଇଞ୍ଜେକଶନ ମିଳୁ ନ ଥିବାରୁ ରୋଗୀ ବାଧ୍ୟ ହୋଇ ଦୂରଦୂରାନ୍ତକୁ ଯାଉଛନ୍ତି। କେହି କେହି ଖୋଲା ବଜାରରୁ ଚଢ଼ା ଦରରେ ଇଞ୍ଜେକଶନ କିଣି ଚିକିତ୍ସିତ ହେଉଛନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟ ସରକାର କୁକୁର କାମୁଡା ପ୍ରତିଷେଧକ ଇଞ୍ଜେକଶନ ସମସ୍ତ ଡାକ୍ତରଖାନାରେ ମହଜୁଦ୍ ରଖିବା ସହ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବାସ୍ତବ ପକ୍ଷେ ତାହା କାର୍ଯ୍ୟକାରୀ ହେଉନାହିଁ। କାଁ ଭାଁ ମହଜୁଦ୍ ରହୁଥିବା ସ୍ଥଳେ ପ୍ରାୟତଃ ଏହି ଇଞ୍ଜେକଶନ୍‌ର ଅଭାବ ପରିଲକ୍ଷିତ ହେଉଛି। ବିଶେଷକରି କୁକୁର କାମୁଡାର ଶିକାର ଗରିବ ଶ୍ରେଣୀର ଲୋକେ ଖୋଲା ବଜାରରୁ ଚଢ଼ା ଦରରେ ଇଞ୍ଜେକଶନ କିଣିବା ସମ୍ଭବପର ହେଉନାହିଁ। ଫଳରେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇ କେହି କେହି ମୃତ୍ୟୁବରଣ କରୁଥିବା ନଜିର ରହିଛି। ଅନ୍ୟପକ୍ଷେ ଡାକ୍ତର ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବା ପାଇଁ ପରାମର୍ଶ ଦେଉଛନ୍ତି। ଶହେ କିମି ଦୂରତାକୁ ଯାଇ ରୋଗୀ ବାଧ୍ୟ ହୋଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଅତ୍ୟନ୍ତ ଗରିବ ଶ୍ରେଣୀର ରୋଗୀଙ୍କ ନିମନ୍ତେ ଏହା କଷ୍ଟସାଧ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୌମ୍ୟକାନ୍ତ ଦାସପଟ୍ଟନାୟକଙ୍କୁ ପଚାରିବାରେ ଇଞ୍ଜେକଶନ ମିଳୁ ନ ଥିବା କଥାକୁ ସ୍ୱୀକାର କରିବା ସହ ବାଧ୍ୟ ହୋଇ ରୋଗୀଙ୍କୁ ସ୍ଥାନାନ୍ତର ନିମନ୍ତେ ପରାମର୍ଶ ଦେଉଥିବା ସେ କହିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ପ୍ରତିଷେଧକ ଇଞ୍ଜେକଶନ ଯୋଗାଇ ଦେବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି।



ସମାବେଶରେ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀଙ୍କ ସହ ଅନ୍ୟମାନେ ।

## ଗଡ଼ହଳଦିଆରେ ମହିଳା ସମାବେଶ

**ଖୋର୍ଦ୍ଧା ଅଫିସ,୭।୧**

ଅଜିତା ମହିଳା ସଙ୍ଗଠନର ପ୍ରଥମ ମହାସମାବେଶ ଖୋର୍ଦ୍ଧା ଜିଲା ଜଟଣୀ ନିର୍ବାଚନମଣ୍ଡଳୀ ଗଡହଳଦିଆ ଯାତ୍ରା ପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ମହିଳାମାନଙ୍କୁ ଉତ୍‌ପ୍ରେରକର ଭୂମିକା ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବହୁଦିନର ଦାବି ହଳଦିଆ ମହାବିଦ୍ୟାଳୟରେ ସୌର ଚାଳିତ ପାନୀୟଜଳ ପ୍ରକଳ୍ପକୁ ଏମ୍‌ପି ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଖୋର୍ଦ୍ଧାରେ ଆଦିବାସୀ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀମାନଙ୍କର ଜାତିଗତ ପ୍ରମାଣପତ୍ର, ଜମିପଟ୍ଟା ସମ୍ପର୍କିତ ବହୁଦିନର ଦାବିକୁ ଭାରତ ସରକାରଙ୍କ ସହ ଆଲୋଚନା କରି ସମାଧାନ କରାଇବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବରିଷ୍ଠ ନେତା ବିଶ୍ୱରଞ୍ଜନ ବଡଜେନା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଏମ୍‌ପିଙ୍କର ବେଗୁନିଆ ପ୍ରତିନିଧି ପ୍ରକାଶ ରଣବିଜୁଳି, ଭାଜପା ନେତା ସୁବାସ ଗନ୍ତାୟତ, ଅଜିତାର ସଭାନେତ୍ରୀ ମୌସୁମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ, ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ

**ବୋଲଗଡ,୭।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଅଞ୍ଚଳର ଦେଉଳି ଏବଂ ତାଳତୁମ୍ବଠାରେ ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ପଠନ ସାମଗ୍ରୀ ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ସେବା ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକମାନଙ୍କ ଦ୍ୱାରା କରାଯାଇଛି। ଏଥିରେ ପିଲାମାନଙ୍କୁ ଖାତା, କଲମ ବଣ୍ଟନ କରାଯାଇଥିବା ବେଳେ ଆଦିବାସୀ ବୟସ୍କମାନଙ୍କୁ କମ୍ବଳ, ଧୋତି, ଗାମୁଛା ଓ ଚପଲ ଆଦି ବଣ୍ଟନ କରାଯାଇଛି। ସେବା ମହୋତ୍ସବ କମିଟି ପକ୍ଷରୁ ଏଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରୁଛନ୍ତି। ଏଥିରେ ଜିତେନ୍ଦ୍ର ସାହୁ, ସୁଶାନ୍ତ ମଲ୍ଲିକ, ଭାଗୀରଥି ସ୍ୱାଇଁ, ବିଭୂତି ଲେଙ୍କା, ରାକେଶ ନାୟକ,ଅକ୍ଷୟ ରାଉତରାୟ, ଜୀବନ ସଂଗ୍ରାମ ସାହୁ, ଶିବ ମୁନି ଏବଂ ପ୍ରଦୀପ ବାରିକ ପ୍ରମୁଖ ସ୍ୱେଚ୍ଛାସେବୀ ଯୁବକମାନେ ଉକ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ପାନୀୟଜଳ ସଙ୍କଟ ନେଇ ଗ୍ରାମବାସୀଙ୍କ ଜିଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା ଅଫିସ,୭।୧:**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ବେରୁଆଁରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରକଳ୍ପ ବେରୁଆଁରୁ ଉଭାନ ହୋଇଯାଇଛି। ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଥିଲେ ମଧ୍ୟ ତା'ର ସମାଧାନ କରାଯାଉ ନ ଥିବା ସାଧାରଣ ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଆଇନ ଅନୁସାରେ, ମିଳିଥିବା ତଥ୍ୟ ଆଧାରରେ ବେରୁଆଁରେ ପାନୀୟ ଜଳ ପ୍ରକଳ୍ପ ୨୦୧୬ ଜୁନ ୯ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ତେବେ ପ୍ରକଳ୍ପ ନ ଥାଇ ମୁଖ୍ୟମନ୍ତ୍ରୀ କିପରି ଉଦ୍‌ଘାଟନ କଲେ ବୋଲି ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଶ ପାଇଛି। ତେବେ ବେରୁଆଁରେ କେବଳ ପାଇପ ବିଛା କାର୍ଯ୍ୟ ଶେଷ ହୋଇଛି। ପରବର୍ତ୍ତୀ କାର୍ଯ୍ୟ କରାଯାଉନାହିଁ। ଅନ୍ୟପକ୍ଷେ ଗାଁରେ ୩ ନଳକୂପରୁ ୧ ଟି ୨ମାସ ହେଲା ଖରାପ। ନଳକୂପ ମରାମତି ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସଚଳ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ରହିଛି।

## ଫେରାର ଅଭିଯୁକ୍ତ ଗଲେ ଜେଲ

**ଖୋର୍ଦ୍ଧା ଅଫିସ,୭।୧:**

ଖୋର୍ଦ୍ଧା କୋର୍ଟ ନିକଟରୁ ସୋମବାର ଫେରାର ହୋଇଥିବା ଛଣଗିରିର ପ୍ରକାଶ ମହାପାତ୍ର(୪୬)ଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ପରେ ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପ୍ରକାଶଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶଙ୍କୁ ଜଙ୍କିଆ ଥାନା ପୋଲିସ ନଂ. ୧୯୩/୧୯, ୨୦୩/୧୯ରେ ଗିରଫ କରି ସୋମବାର ଖୋର୍ଦ୍ଧା କୋର୍ଟକୁ ଆଣିଥିଲା। ତେବେ ପ୍ରକାଶ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲା।

## ଜରାଶ୍ରମ ପରିଦର୍ଶନ କଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ,୭।୧:**

ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ ବିଶ୍ୱଜୀବନ ସେବା ସଂଘ ଦ୍ୱାରା ପରିଚାଳିତ ଖୋର୍ଦ୍ଧାଠାରେ ଥିବା ଜୀବନଧାରା ଜରାଶ୍ରମ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ର, ଉପଖଣ୍ଡ ଅଧିକାରୀ ପବିତ୍ର ମୋହନ ଜେନା ଓ ବିଶ୍ୱ ଜୀବନ ସେବାସଂଘର ସାଧାରଣ ସମ୍ପାଦକ ବୈଦ୍ୟନାଥ ବରାଳ ଉପସ୍ଥିତ ଥିଲେ। ଜିଲାପାଳ ଅନ୍ତେବାସୀଙ୍କର ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିବା ସହିତ ସେମାନଙ୍କୁ କମ୍ବଳ, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

## କାଇପଦରରେ ଧାନମଣ୍ଡି ଉଦ୍‌ଘାଟିତ



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

**ଖୋର୍ଦ୍ଧା ଅଫିସ,୭।୧**

ଖୋର୍ଦ୍ଧା ବ୍ଲକର କାଇପଦର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଏଆରସିଏସ୍ ଉମାଶଙ୍କର ଦାଶ ଉଦ୍‌ଘାଟନ କରିଥିଲେ। ପଞ୍ଜୀକୃତ ୪୩୫ ଚାଷୀଙ୍କ ମଧ୍ୟରୁ ୩୦ଜଣ ୯୩୫ କୁଇଣ୍ଟାଲ ଧାନ ବିକ୍ରୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭାପତି ତପନ ପାତ୍ର, ସରପଞ୍ଚ ପ୍ରତିନିଧି ବାପି ଚମ୍ପତିରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡିଜିଏମ୍ ସାରଥି ଶତପଥୀ, ମ୍ୟାନେଜର ଅଜୟ କୁମାର ଦାସ ଓ ଏଆଇ ଲଳିତ କୁମାର କର ଉପସ୍ଥିତ ଥିଲେ। ସମ୍ପାଦକ ଝଜ ସାମନ୍ତରାୟ, ସହକାରୀ ସମ୍ପାଦକ କୈଳାସ ଶ୍ରୀଚନ୍ଦନ ପରିଚାଳନା କରିଥିଲେ।

## ବେଗୁନିଆକୁ ଅବହେଳା: ଆନ୍ଦୋଳନ ପାଇଁ ସଜବାଜ

**ବେଗୁନିଆ,୭।୧(ଡି.ଏନ.ଏ)**

ବେଗୁନିଆ ବ୍ଲକକୁ କ୍ରମାଗତ ଭାବେ ଅବହେଳା କରାଯାଉଥିବା ଅଭିଯୋଗ ନେଇ ଗଣ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି। ଏହି ଆନ୍ଦୋଳନରେ ଅଞ୍ଚଳର ବୁଦ୍ଧିଜୀବୀ, ଆଇନ୍‌ଜୀବୀ, ଜନକଲ୍ୟାଣ ପ୍ରତିଷ୍ଠାନ, ବିକାଶ ମଞ୍ଚ ସମେତ ଛାତ୍ର ସଙ୍ଗଠନ ସାମିଲ୍ ହେଉଛନ୍ତି। ଅଭିଯୋଗ ହେଲା, ଦୀର୍ଘ ୨୭ ବର୍ଷ ହେଲା ଅଞ୍ଚଳର ମୌଳିକ ଆବଶ୍ୟକତାକୁ ନେଇ ବାରମ୍ବାର ଦାବି ଉଠୁଛୁ। କିନ୍ତୁ ପୂରଣ ହେଉନି। ସମସ୍ତ ଯୋଗ୍ୟତା ଥାଇ ସୁଦ୍ଧା ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଉନାହିଁ। ଜେଏମ୍‌ଏଫ୍‌ସି କୋର୍ଟ ଖୋଲାଯାଉନାହିଁ। ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯାଉନି। ବାରମ୍ବାର ଏହି ଦାବିଗୁଡ଼ିକ ପୂରଣ ପାଇଁ ପ୍ରତିଶ୍ରୁତି ମିଳୁଥିଲେ ତାହାର ସୁଫଳ ମିଳୁନି। ସରକାରୀ ଫାଇଲ୍ ଭିତରେ ବେଗୁନିଆର ମୌଳିକ ଦାବି ଦବିଯାଇଛି। ଏହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏଣୁ ଏବେ ବିକାଶ ମଞ୍ଚର ନେତୃତ୍ୱରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି। ବେଗୁନିଆ ସଦର ମହକୁମାରେ ବ୍ଲକ, ତହସିଲ୍, ଥାନା, ସବ୍‌ରେଜିଷ୍ଟ୍ରି, ଦମକଳ କେନ୍ଦ୍ର ସହ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାକୁ ଦୈନିକ ବେଗୁନିଆ ବ୍ଲକର ୨୧ ଏବଂ ବୋଲଗଡ଼ ବ୍ଲକର ୭ ପଞ୍ଚାୟତର ଲୋକମାନେ ନିର୍ଭର କରୁଛନ୍ତି। ଏଣୁ ତୁରନ୍ତ ଅଞ୍ଚଳର ମୌଳିକ ଆବଶ୍ୟକତା ଯଥା ଜେଏମ୍‌ଏଫ୍‌ସି କୋର୍ଟ, ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା ଦାବି ପୂରଣ କରିବାକୁ ଦାବି ହେଉଛି।

### ଏମାନେ ଯାହା କୁହନ୍ତି...

**ଲୋକଙ୍କ ମୌଳିକ ଆବଶ୍ୟକତାକୁ ଅଣଦେଖା**

ଲୋକଙ୍କ ମୌଳିକ ଆବଶ୍ୟକତାକୁ ଏଠି ଅଣଦେଖା କରାଯାଉଛି। ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବାକୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ତାହା ଏଯାଏ କାର୍ଯ୍ୟକାରୀ ହେଲାନାହିଁ। ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ମଧ୍ୟ ସରକାରୀ ଫାଇଲ୍‌ରେ ରହିଯାଇଛି। ୨୦୧୫ ମେ ୧୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ସଦସ୍ୟମାନେ ଆସି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷେ ଭିତରେ ପରିଣତ କରାଯିବ ବୋଲି କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନି।

-ସୁଶାନ୍ତ କୁମାର ରାୟ, ସରକାରୀ ଆଇନ୍‌ଜୀବୀ

**ପ୍ରତିଶ୍ରୁତି ପୂରଣ ହେଲାନି**

ଲୋକମାନେ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଦୀର୍ଘ ବର୍ଷ ହେଲା ଦାବି କରୁଛନ୍ତି । ୨୦୧୮ ମେ ୨୧ତାରିଖରେ ଗଣଆନ୍ଦୋଳନ କରାଯିବା ସହ ଜାତୀୟ ରାଜପଥକୁ ୧୨ଘଣ୍ଟା ପାଇଁ ଅବରୋଧ କରାଯାଇଥିଲା। ଆନ୍ଦୋଳନ ବଦଳରେ ଆଲୋଚନା କରିବାକୁ ସ୍ଥାନୀୟ ପ୍ରଶାସନ ପ୍ରସ୍ତାବ ଦେଇଥିଲା। ଦାବିଗୁଡ଼ିକ ଯଥା ଶୀଘ୍ର ପୂରଣ କରାଯିବ ବୋଲି କୁହାଯାଇଥିଲା। ମାତ୍ର ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଏଣୁ ପୁଣି ଥରେ ରିଲେ ଅନଶନ ପାଇଁ ପ୍ରସ୍ତୁତି ଚାଲିଛି ।

-ଶିବ କୁମାର ମୁନି, ବିକାଶ ମଞ୍ଚର ଆବାହକ

**ବିକାଶ କ'ଣ ଆମେ ଜାଣିଲୁନି**

୨୭ ବର୍ଷ ହେଲା ବିକାଶ କ'ଣ ବୋଲି ଆମେ ଜାଣିଲୁ ନାହିଁ। ବେଗୁନିଆ ବ୍ଲକର ବାସିନ୍ଦାଙ୍କ ପାଇଁ ଏନ୍‌ଏସି, ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ଏବଂ ଜେଏମ୍‌ଏଫ୍‌ସି କୋର୍ଟ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ବୋଲି ବିଭିନ୍ନ ସଭା ସମିତିରେ ସ୍ଥାନୀୟ ନେତୃତ୍ୱ ଏବଂ ଅଧିକାରୀ କହୁଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି ।

-ଅକ୍ଷୟ କୁମାର ରଥ, ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି

**ଜେଏମ୍‌ଏଫ୍‌ସି ଖୋଲିବାକୁ ପ୍ରକ୍ରିୟା ଜାରି ରହିଛି**

ଦାବିଗୁଡିକ ଦୃଢ଼ ଭାବେ ବେଗୁନିଆ ଅଞ୍ଚଳର ସାମୂହିକ ବିକାଶ ପାଇଁ ମୁଁ ଏକମତ। ଦାବିଗୁଡ଼ିକ ଦୃଢ଼ ଭାବେ ସରକାରଙ୍କ ନିକଟରେ ଉପସ୍ଥାପନ କରିଛି। ଖୁବ୍‌ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ସରକାରୀ ପ୍ରକ୍ରିୟା ଜାରି ରହିଛି। ବେଗୁନିଆ ସଦର ମହକୁମାରେ ଏରିଆ ହସ୍ପିଟାଲ୍ ନିର୍ମାଣ ପାଇଁ ସରକାରୀ ବନ୍ଦୋବସ୍ତ ଚାଲିଛି ।

-ରାଜେନ୍ଦ୍ର କୁମାର ସାହୁ, ବେଗୁନିଆ ବିଧାୟକ

## ଇଚ୍ଛାଧୀନ କୋଟା କେଳେଙ୍କାରୀ, ସରକାରୀ ଜମି ଜବରଦଖଲ ପ୍ରସଙ୍ଗ

# ବିଧାନସଭା ସରକାରୀ ହିସାବ କମିଟିର ଉଦ୍‌ବେଗ

### ୨୮ ପୂର୍ବରୁ ରିପୋର୍ଟ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୧(ବ୍ୟୁରୋ)

ଇଚ୍ଛାଧୀନ କୋଟା କେଳେଙ୍କାରୀ ଘଟଣା ପ୍ରଘଟ ହେବାର ୬ ବର୍ଷ ବିତିଗଲାଣି। ପୂର୍ବତନ ରାଜସ୍ୱ ବିଭାଗ ସଚିବ ତାରା ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟାସ୍କଫୋର୍ସ ରିପୋର୍ଟ ଉପରେ ସରକାର କି ପଦକ୍ଷେପ ନେଲେ ତାହା ଆଜି ଯାଏ ଅନ୍ଧାରରେ ରହିଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏନେଇ ୩ ମାସ ମଧ୍ୟରେ ରିପୋର୍ଟ ଦେବା ଜଣାଇବାକୁ କହିଥିଲେ । ୬ ବର୍ଷ ପରେ ମଧ୍ୟ ଏ ନେଇ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ଫଳରେ ଏହି କେଳେଙ୍କାରୀ ଉପରୁ ପରଦା ଉଠି ପାରୁନାହିଁ। ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ହଜାର ହଜାର ଏକର ସରକାରୀ ଜମି ଜବରଦଖଲକୁ ଚାଲିଯାଉଛି। ଏହାକୁ ନେଇ ବିଧାନସଭା ସରକାରୀ ହିସାବ କମିଟି ଉଦ୍‌ବେଗ ପ୍ରକାଶ କରିଛି।

ମଙ୍ଗଳବାର ବିଧାନସଭା ପରିସର ୫୪ ନମ୍ବର ପ୍ରକୋଷ୍ଠରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ସରକାରୀ ହିସାବ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଇଚ୍ଛାଧୀନ କୋଟାରେ ଜଣଙ୍କ ନାମରେ ଦୁଇ ତିନୋଟି ଘର ଓ ପ୍ଲଟ ବେଆଇନ ଭାବେ ଆବଣ୍ଟନ କରାଯାଇଥିଲା। ବେଆଇନ ଭାବେ ଘର ଓ ପ୍ଲଟ ହାତେଇଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କୁହାଯାଇଥିଲା। କେଉଁ ବ୍ୟକ୍ତିଙ୍କ ନାମରେ କେଉଁ ପ୍ଲଟ ଓ ଘର ରହିଛି, ସରକାର ଏ ଦିଗରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ଭିଜିଲାନ୍ସ ତଦନ୍ତର ଫଳାଫଳ କ'ଣ ରହିଛି ଆଦି ବିସ୍ତୃତ ରିପୋର୍ଟ ଆସନ୍ତା ୨୮ତାରିଖ ପୂର୍ବରୁ ଦାଖଲ କରିବାକୁ କମିଟି ପକ୍ଷରୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ସରକାରୀ ଜମି ମନଇଚ୍ଛା ଜବରଦଖଲ ହେଉଛି । ୨୦୧୮ରେ ଏ ନେଇ ରିପୋର୍ଟ ଦେବାକୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଛି। ଏହାର ଶହ ଶହ ଏକର ଜମି ଜବର ଦଖଲରେ ରହିଛି। ଫଳରେ ସମ୍ପ୍ରସାରଣ କାର୍ଯ୍ୟ ହୋଇ ପାରୁନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କମିଟି ପରାମର୍ଶ ଦେଇଛି। ଏହି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ ପ୍ରକାଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ବଦଳିବ ହୀରାକୁଦ ଡ୍ୟାମ୍‌ର ପୁରୁଣା ଯନ୍ତ୍ରାଂଶ

### ବିଶେଷଜ୍ଞ ଦଳର ପରିଦର୍ଶନ

ସମ୍ବଲପୁର,୭।୧(ବ୍ୟୁରୋ)


ହୀରାକୁଦ ଡ୍ୟାମ୍ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଅବସରରେ ବିଶେଷଜ୍ଞ ଦଳ।

ହୀରକୁଦ ଡ୍ୟାମ୍‌ର ସୁରକ୍ଷାକୁ ନେଇ ଏକ ବିଶେଷଜ୍ଞ ଦଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ସେମାନେ ଅତିରିକ୍ତ ସ୍ପିଲୱେ, ଗେଟ୍, ନଦୀବନ୍ଧ ମରାମତି କାମ, ଗେଟ୍ ମରାମତି କାମ ତଦାରଖ କରିବା ସହ ବନ୍ଧର ସୁରକ୍ଷା ନେଇ ଆଲୋଚନା କରିଛନ୍ତି। ଡ୍ୟାମରେ ପୁରୁଣା କାଳିଆ ଯନ୍ତ୍ରାଂଶ ଲାଗିଛି। ଏହାକୁ ବଦଳାଇ ଆଧୁନିକୀକରଣ କରାଯିବା ଉପରେ ମଧ୍ୟ ବିଚାରବିମର୍ଶ ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଓବାଇକେ ହାଣ୍ଡା, ପୂର୍ବତନ ଅଧ୍ୟକ୍ଷ ଏ. ବି. ପାଣ୍ଡିଆ, ପୂର୍ବତନ ସଦସ୍ୟ ଏସ.କେ.ଜି. ପଣ୍ଡିତ, ବନ୍ଧ ସୁରକ୍ଷା ମୁଖ୍ୟଯନ୍ତ୍ରୀ ପି.ସି. ସାହୁ, ବନ୍ଧ ସୁରକ୍ଷା ନିର୍ଦ୍ଦେଶକ ଅକ୍ଷୟ ଦାସ, ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଏମ.କେ. ମହାପାତ୍ର, ସୁଧାକର ପତି, ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁନୀଲ ନାଏକ, ଅଧୀକ୍ଷଣ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ନିରାକାର ବିଶି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ନରେଶ ବାରିକ, ଅତିରିକ୍ତ ସ୍ପିଲୱେ ଯନ୍ତ୍ରୀ ହିମାଂଶୁ ମିଶ୍ର ପ୍ରମୁଖ ଡ୍ୟାମ ପରିଦର୍ଶନ କରି ଆଲୋଚନାରେ ସାମିଲ ହୋଇଥିଲେ। କମିଟିର ଅଧ୍ୟକ୍ଷ ପାଣ୍ଡିଆ କହିଛନ୍ତି ଯେ, ଡ୍ୟାମ୍ ସୁରକ୍ଷିତ ରହିଛି । ପାଣି ଲିକ୍ ହେବା ସ୍ଥାନରେ ମରାମତି କରାଯାଉଛି। କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ। ଅତିରିକ୍ତ ସ୍ପିଲୱେ କାମ ମଧ୍ୟ ଠିକ ଭାବେ ଚାଲିଛି। ମ୍ୟାପ ଓ ଅଟକଳ ଅନୁସାରେ ଭଲ ଭାବେ କାମ ହେଉଛି। ବନ୍ଧ ପ୍ୟାଚିଂ ମରାମତି କାମ ମଧ୍ୟ ଠିକ ଭାବେ ଚାଲୁଛି । ଜଳଭଣ୍ଡାର ପଟୁ ମାଟିରେ ପୋତି ହେଉଛି। ହେଲେ ଏତେ ବଡ ବନ୍ଧ ହୋଇଥିବାରୁ ପଟୁମାଟି ଉଦ୍ଧାର କରିବା କଷ୍ଟକର। ଏହାର ବିକଳ୍ପ ବ୍ୟବସ୍ଥା କରାଯାଇ ପଟୁମାଟି ଉଦ୍ଧାର କରାଯିବ। ଗେଟ୍ ଓ ଅନ୍ୟାନ୍ୟ ସ୍ଥାନରେ ପୁରୁଣା ଯନ୍ତ୍ରାଂଶ ଲାଗି ରହିଛି । ଏବେ ତାହା ଅତ୍ୟାଧୁନିକ କରଣ କରିବା ଆବଶ୍ୟକ ରହିଛି। ଏ ଦିଗରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଧରିତ୍ରୀ DHARITRI

# CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Officially Staff**
For BBSR, CTC, Puri, Berhampur.
*Qualification 10th above.*
Salary upto Rs.25,000/-
M-9938699963

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**REQUIRED**
INDIAN, CHINESE, TANDOOR CHEFS WITH ASSISTANTS & ROOM SERVICE BOYS / DISH WASH BOYS FOR HOTEL AT BHUBANESWAR.
CALL :9438677331

**REQUIRED**
Pharmacist Required for retail Medicine Store
8 P.M. to 10 P.M.
7 A.M. to 10 A.M.
Contact No.-
7008190743

**The Tattoo Galaxy**
REQUIRES
**Fine artists** for its BBSR Branch. Fresher will be trained to become tatoo Artist. Qual : **Matric Pass / Fail.**
**Post : 20 Nos.** *Salary : 10k to 20k.*
**Add : Sahidnagar, BBSR.**
Cont : 8249383211
8270229250

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : **10th/ above. Monthly Salary upto Rs. 27000/-**
Contact : 9938676412

**WANTED**
Lady **OFFICE ASSISTANT** at Nakhara, Cuttack.
Free Accommodation with **Rs. 15,000/-**
Contact: 7809525452

See Career Appointment on every Wednesday & Saturday

**GURU NANAK E.M.PUBLIC SCHOOL-II**
GUDIAPOKHARI, BHUBANESWAR
REQUIRES
Trained Teachers in English, Hindi, Odia, Maths, Sc., S.St, P.E.T, Computer TR and Nursery Teachers with NTT, Art & Music, Special Education Teacher, Counsellor, Office Staff and Bus Driver.
*Send your resume to the Principal.*
E-Mail : gnps2bbsr@gmail.com
Ph.-0674 2395854

**SAI SMART SCHOOL**
*21st Century School*
Near Puri Engineering School Campus, At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120
SAI SMART SCHOOL, an English medium school having classes from Preschool-I to Class-V with the aim to impart quality education based on 21st Century skills, invites online applications through school website for various teaching and non-teaching posts. The recruitment will be made on the basis of performances in personal interview of the candidates. The schedule is as follows;

| POST | Date & Time of Interview | SALARY |
|---|---|---|
| Primary Teacher | 19.01.2020 & 20.01.2020 @ 10.00 a.m. | Rs.30,000/- p.m. |
| Nursery Teacher | 19.01.2020 & 20.01.2020 @ 10.00 a.m. | Rs.25,000/- p.m. |
| Abacus & Vedic Math Teacher, Spoken English Teacher | 19.01.2020 & 20.01.2020 @ 10.00 a.m. | |
| Educational Counselor, Dance Teacher, Music Teacher, Drawing Teacher | 20.01.2020 @ 10.00 a.m. | |
| Marketing Executive, Manager, Receptionist, Nurse, Driver, Vehicle Helper, Ayah, Cook,Cooking Helper | 21.01.2020 @ 10.00 a.m. | |

No T.A./D.A. will be paid to attend the interview. The eligible candidates will have to submit a set of photocopy of Marksheets, Pass certificates along with all the original documents & a colour photograph along with application at the time of interview. The candidates have to report at 9 a.m. on the date of interview. For details of qualification and online application, please visit Career page of www.saismartschool.com
*Secretary*

**TEAM ADMARK PVT. LTD.**
99/A, Saheed Nagar, 1st Lane Facing NH, Opp of Ayakar Bhawan, Bhubaneswar-751007, Phone-9238882225 / 7735220188
Mail id- hrteamadmark2020@gmail.com

**URGENTLY REQUIRED**

1. **SR. EXECUTIVE, CUM ADMIN OFFICER :** Post Graduates/ Graduates with min. 4-5 years' experience Male/Female (Experienced Females or Retd, Govt. Officers in same line will be preferred) in office work & having excellent computer knowledge. (Friendly in MS Office & internet) independent job handling capacity. Salary.Rs.12,000/- to Rs.14,000/- per month depending on capability & experience.
2. **SR. MARKETING EXECUTIVE (OUTDOOR)** : Graduate (Male & Female) withmin **4-5** years marketing experience in outdoor advertising trade or in space selling. Preferably MBA, Salary-**15,000- to 20,000/-** per month with Business monthly targets & incentive. Fuel and Mob. Expenses Extra, Two wheeler is a must.
3. **MARKETINGEXECUTIVE(OUTDOOR):** BBAGraduate(Male&Female) with min.2-3 years marketing experience in outdoor advertising trade or in space selling. Salary-10,000/- to 12,000/-per month. Fuel and Mob. Expenses Extra.
4. **BACK OFFICE EXECUTIVE:** We are looking to hire an experienced Back Office Executive Male/Female candidate for data management, project processing, data analysis, finances, and administrative duties. At least 3-4 years of relevant experience is a must. Salary -Rs 10,000- Rs 12,000 Per month depending on capacity and experience.
5. **ACCOUNTANT:** We are looking for an Accountant Male candidate prefer to manage all financial transactions, from fixed payments and variable expenses to bank deposits and budgets. He should have previous experience of minimum 4-5 years with bookkeeping and a flair for spotting numerical mistakes. Should work independently and handle Tally software. Salary- Rs 13,000 to Rs 15000 Per month depending on capacity and experience.
6. **OFFICE BOY/PEON:** We are looking for an experienced and dependable person who will work a support to our busy and dedicated team. Minimum 5 Years relevant experience in the field is a must Salary- Rs 6000 to Rs 7000 Per month depending on capacity and experience.
7. **FIELD SUPERVISOR :** We are looking for a field Supervisor who should be a graduate and affluent with MS Office work. He will be liable to monitor and supervise our outdoor advertising operations. Previous relevant experience would be preferred. Freshers may also apply. He must have his own two wheeler. Salary- Rs 8000 to 10000 Per month depending on capacity and experience.

**Interested candidates may apply to our above address & mail ID with complete Bio-data with photo within 5 days from the date of advertisement**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



DADLS-82

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ମୟୂରଭଞ୍ଜ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଜନହିତକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

ଓଡ଼ିଶା ସରକାର

୮ ଜାନୁଆରୀ ୨୦୨୦ ବୁଧବାର
ବାଙ୍କିଶୋଳ ପୂର୍ବାହ୍ନ : ୧୧.୩୦

ଶୁଭ ଉଦ୍‌ଘାଟନ
୫୩ କୋଟି ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ
ବାଙ୍କିଶୋଳଠାରେ ନବନିର୍ମିତ ଆଦାନୀ - କିସ୍ ଆବାସିକ ବିଦ୍ୟାଳୟ
ବହଳଦା, ରରୁଆଁ, ବିଶୋଇ, କୁସୁମୀ, ରାଇରଙ୍ଗପୁର, ବାରିପଦା, ଶାମାଖୁଣ୍ଟା ଏବଂ ସୁଳିଆପଦା ବ୍ଲକ୍‌ର ୧୮ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ
ଠାକୁରମୁଣ୍ଡା, କୁସୁମୀ, ଶୁକ୍ରୁଳି, ସାରସକଣା ଏବଂ ଶୁଳିଆପଦା ବ୍ଲକ୍‌ରେ ୫ଟି ହାଇଲେଭଲ୍ ସେତୁ
ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ନବନିର୍ମିତ ସାଇନ୍ସ ବ୍ଲକ୍
ମୋରଡ଼ା ବ୍ଲକର ନବନିର୍ମିତ ଭାଲିଆଶୋଳ ଆଦର୍ଶ ବିଦ୍ୟାଳୟ
କୁସୁମୀ ବ୍ଲକର ସାନଞ୍ଜୟଧାନପୋଷୀ ଏବଂ ବିଜାତଳା ବ୍ଲକର ଲୁହାଶିଳାଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀ ନିବାସ

ଭିତ୍ତିପ୍ରସ୍ତର ସ୍ଥାପନ
୨୦୦ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ
ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳବାସୀଙ୍କ ପାଇଁ ଜଳଯୋଗାଣ ବ୍ୟବସ୍ଥା
ରରୁଆଁ - ଫଗୁ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ
ତକତପୁରଠାରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର କମ୍ପୋଜିଟ୍ ବ୍ଲକ୍
ସାରସକଣା, ଗୋପବନ୍ଧୁ ନଗର ବ୍ଲକ୍‌ରେ ୨ଟି ମେଗା ଜଳଯୋଗାଣ ପ୍ରକଳ୍ପ ସହିତ ରାଇରଙ୍ଗପୁର, ବାଙ୍ଗିରିପୋଷୀ ଏବଂ ଖୁଣ୍ଟା ବ୍ଲକ୍‌ରେ ୩ଟି ଜଳଯୋଗାଣ ପ୍ରକଳ୍ପ
ଖୁଣ୍ଟା, ଗୋପବନ୍ଧୁ ନଗର ଏବଂ ବଡ଼ସାହି ବ୍ଲକ୍‌ରେ ୪ଟି ହାଇଲେଭଲ୍ ସେତୁ ଏବଂ ସାଧାରଣ ସଭାରେ ଉଦ୍‌ବୋଧନ

15001/13/0117/1920





ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ

## ସଂକ୍ଷେପରେ

### ୭.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର, ୭।୧(ବ୍ୟୁରୋ): ବର୍ଷା କମିଯିବା ପରେ ଶୀତ ପୁଣି ଫେରିଛି। ମଙ୍ଗଳବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଟିଟିଲାଗଡ଼ରେ ୭.୬, ଅନୁଗୋଳ ୮, ଫୁଲବାଣୀ ୮.୫, ସୋନପୁର ୯ ଓ କେନ୍ଦୁଝରରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବୁଧବାର ବିଭିନ୍ନ ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ଆଶଙ୍କା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ଗୁରୁବାର ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୧୦ ଜିଲାରେ କୋହଲା ପବନ ସହିତ ବଜ୍ରପାତ ହୋଇପାରେ। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ଘନ କୁହୁଡ଼ି ନେଇ ୧୨ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେଗୁଡ଼ିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, ଖୋର୍ଦ୍ଧା, ପୁରୀ ଓ କନ୍ଧମାଳ।

### ପୁରୁଣା ସରକାରୀ ବିଜ୍ଞପ୍ତି ଭାଇରାଲ
### କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର, ୭।୧(ବ୍ୟୁରୋ): ଟ୍ରେଡ୍ ୟୁନିୟନ୍ ୮ ତାରିଖରେ ଭାରତ ବନ୍ଦ ଡାକରା ଦେଇଥିବାରୁ ଉକ୍ତ ଦିନ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସମସ୍ତେ ଆଶା କରୁଥିଲେ। ଏହି ସମୟରେ ସରକାରୀ ଛୁଟି ଘୋଷଣା ନେଇ ମଙ୍ଗଳବାର ଏକ ବିଜ୍ଞପ୍ତି ଭାଇରାଲ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଉକ୍ତ ବିଜ୍ଞପ୍ତିରେ ଭାରତ ବନ୍ଦ ପାଇଁ ୮ ତାରିଖରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛୁଟି ବୋଲି ଉଲ୍ଲେଖ ରହିଥିଲା। ତେବେ ତାହା ଗତବର୍ଷର ବିଜ୍ଞପ୍ତି ବୋଲି ଜଣାପଡ଼ିଛି। ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ଏହି ବିଜ୍ଞପ୍ତିକୁ ଉଚ୍ଚଶିକ୍ଷା ବିଭାଗ ଗୁରୁତର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାର ତଦନ୍ତ ପରେ ଜଣାପଡ଼ିଥିଲା ଯେ, ଆଗରପଡ଼ା କଲେଜର ଜଣେ ଡେମନ୍‌ଷ୍ଟ୍ରେଟର ପ୍ରଥମେ ଏହି ବିଜ୍ଞପ୍ତି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଉଚ୍ଚଶିକ୍ଷା ବିଭାଗ। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୮ ଓ ୯ରେ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏନେଇ ୭ ତାରିଖରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ୮ତାରିଖ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି କୁହାଯାଇଥିଲା।

### ୯ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ସମ୍ବଲପୁର, ୭।୧ (ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପ୍ରତିଷ୍ଠା ଦିବସ ଉତ୍ସବ ୯ ତାରିଖ ଗୁରୁବାରକୁ ଘୁଞ୍ଚିଛି। ବୁଧବାର ପ୍ରତିଷ୍ଠା ଦିବସ ହେବାକୁ ଥିଲା। କିନ୍ତୁ ଭାରତ ବନ୍ଦ ଯୋଗୁ ଏହା ପାଳନ କରିବା ସମ୍ଭବ ହେଉନାହିଁ। ଏଣୁ ୯ ତାରିଖ ଗୁରୁବାର ଜ୍ୟୋତିବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଏହି ପ୍ରତିଷ୍ଠା ଦିବସ ଉତ୍ସବ ଆୟୋଜିତ ହେବ। କୁଳସଚିବ ଡ. ସଞ୍ଜିତ କୁମାର ସାହୁ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।

# ଭକ୍ତଙ୍କୁ ବଣ୍ଟାଯାଉନି ମାଗଣା ମହାପ୍ରସାଦ

ପୁରୀ ଅଫିସ, ୭।୧



- ପ୍ରତ୍ୟହ ୨୦ ଆଟିକା ବାଣ୍ଟିବା ପାଇଁ ହୋଇଥିଲା ଯୋଜନା
- ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଯୋଜନା ବନ୍ଦ

ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତିଲାଭ କରେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଠାକୁରଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ପାଇଁ ଚାହିଁ ରହିଥାନ୍ତି। କିନ୍ତୁ ପ୍ରତ୍ୟେକ ଭକ୍ତ ମହାପ୍ରସାଦ କିଣିବାକୁ ସମର୍ଥ ହେଉ ନ ଥିବାରୁ ବାଇଶିପାହାଚରେ ବଣ୍ଟାଯାଉଥିଲା ମାଗଣା ମହାପ୍ରସାଦ। ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁଙ୍କ ହାତକୁ କଣିକାଏ ଅବଢା ବଢାଇ ଦିଆଯାଉଥିଲା। ସେମାନେ ଖୁସି ମନରେ ଫେରୁଥିଲେ। ହେଲେ ପ୍ରାୟ ୨ବର୍ଷ ହେବ ଆଉ ବଣ୍ଟାଯାଉନି ମହାପ୍ରସାଦ। ଶ୍ରୀମନ୍ଦିର ବଜେଟ୍‌ରେ ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଇଚ୍ଛାଶକ୍ତି ଅଭାବରୁ ଏହା ବନ୍ଦ ହୋଇଯାଇଥିବା କୁହାଯାଉଛି। ଏ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଲେଖାଏ ଅବଢା ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ମାଗଣା ମହାପ୍ରସାଦ (ମିଷ୍ଟାନ୍ନ) ବଣ୍ଟନ। ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ୨ହାଣ୍ଡି ମିଷ୍ଟାନ୍ନ ଶ୍ରଦ୍ଧାଳୁଙ୍କୁ ବାଣ୍ଟିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ୨ ଜଣ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶିପାହାଚରେ ଦୁଇଟି ବଡ଼ ଆଟିକାରେ ପ୍ରତ୍ୟହ ଏହି ମିଷ୍ଟାନ୍ନ ବଣ୍ଟାଯାଉଥିଲା। ଭକ୍ତମାନେ କଣିକାଏ ଲେଖାଏ ମହାପ୍ରସାଦ ପାଇଁ ଖୁସି ମନରେ ଫେରୁଥିଲେ। ପ୍ରାୟ ୨ ବର୍ଷ ହେବ ବନ୍ଦ ହୋଇଯାଇଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିର ୨୦୧୮-୧୯ ବଜେଟ୍‌ରେ ଏଥିଲାଗି ୧.୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ପ୍ରଦୀପ ଜେନା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଥିବାବେଳେ ମାଗଣା ମହାପ୍ରସାଦ ପରିମାଣ ବଢାଇବା ଲାଗି ଯୋଜନା କରାଯାଇଥିଲା। ୨ ଆଟିକା ବଣ୍ଟାଯାଉଥିବାରୁ ଅନେକ ଭକ୍ତ ଏଥିରୁ ବଞ୍ଚିତ ହେଉଥିଲେ। ତେଣୁ ୨୦ ଆଟିକା ମହାପ୍ରସାଦ ଚାରିଦ୍ୱାରରେ ବଣ୍ଟାଯିବା ନିମନ୍ତେ ଯୋଜନା ହୋଇଥିଲା। ଏପରି କି ଭକ୍ତଙ୍କୁ ହାତରେ ନୁହେଁ, ଖଲି ଦନାରେ ମହାପ୍ରସାଦ ଦିଆଯିବା ନିମନ୍ତେ ମଧ୍ୟ ପ୍ରଶାସନ ସ୍ଥିର କରିଥିଲା। ଏଥିପାଇଁ ଖଲିଦନା ଅଣାଯାଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରଖାଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ ପୂର୍ବରୁ ମାଗଣା ମହାପ୍ରସାଦ ବଣ୍ଟନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ତେବେ ହଠାତ୍ କାହିଁକି ଏହାକୁ ବନ୍ଦ କରାଗଲା। ଏହା ବନ୍ଦ ହେବା ପଛରେ କାହାର କିଛି ସ୍ୱାର୍ଥ ରହିଛି କି ଏମିତି ନାନା ସନ୍ଦେହ ଏବେ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବାଲେଶ୍ୱର ଖଇରାର ମାଧବ ସାହୁ କହିଛନ୍ତି, ଆମେ ଟ୍ରେନରେ ପୁରୀ ଆସୁ। ଯଦି ଦର୍ଶନ ବିଳମ୍ବ ହୁଏ ତେବେ ଆନନ୍ଦବଜାରରେ ବସି ମହାପ୍ରସାଦ ସେବନ କରିବାକୁ ସମୟ ନ ଥାଏ। ଟ୍ରେନ୍ ଛାଡ଼ି ଦେବାର ଭୟ ଥାଏ। ତେଣୁ ପୂର୍ବରୁ ବାଇଶି ପାହାଚରେ ବଣ୍ଟା ଯାଉଥିବା ମହାପ୍ରସାଦ ପାଇ ଆମେ ଫେରିଥାଉ। ଟିକିଏ ମହାପ୍ରସାଦ ପାଇଲେ ମନ ଖୁସି ହୋଇଯାଏ। ପୂର୍ବରୁ ଏକାଧିକ ଥର ବାଇଶିପାହାଚରେ ବଣ୍ଟାଯାଉଥିବା ଅବଢା ପାଇଛି। ହେଲେ ଏବେ ଆଉ ତାହା ମିଳୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ବିଚାର କରି ଏହି ବ୍ୟବସ୍ଥା ପୁଣି ଆରମ୍ଭ କରିବା ଦରକାର।

### ଜେଏନ୍‌ୟୁ ପ୍ରସଙ୍ଗ ନେଇ ଏନ୍‌ଆଇଟିରେ ଉତ୍ତେଜନା

ରାଉରକେଲା ଅଫିସ, ୭।୧

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପ୍ରସଙ୍ଗ ନେଇ ମଙ୍ଗଳବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏନ୍‌ଆଇଟି ପରିସରରେ ପୋଲିସ ମୁତୟନ ଥିବା ଦେଖାଯାଇଛି। ଗୋଟିଏ ଗୋଷ୍ଠୀ ଜେଏନ୍‌ୟୁରେ ଘଟିଥିବା ଏଭଳି ଘଟଣାକୁ ସମର୍ଥନ କରୁଥିବା ବେଳେ ଆଉ ଗୋଟିଏ ପକ୍ଷ ଏହାକୁ ବିରୋଧ କରୁଛନ୍ତି। ଫଳ ସ୍ୱରୂପ ମଙ୍ଗଳବାର ସନ୍ଧ୍ୟାରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟ ପକ୍ଷ ପ୍ଲାକାର୍ଡ ଧରି ନିଜ ଦାବି ଉପସ୍ଥାପନ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରିଥିଲା। ତେବେ ନିଜ ଜିଦ୍‌ରୁ ଓହରି ନ ଥିବା ଛାତ୍ର ଗୋଷ୍ଠୀ କ୍ୟାମ୍ପସ ଭିତରେ ଧାରଣାରେ ବସିଥିବା ଦେଖା ଯାଇଛି। ଉତ୍ତେଜନା ସମ୍ପୂର୍ଣ୍ଣ ପ୍ରଶମିତ ହୋଇ ନ ଥିବା ସୂଚନା ମିଳିଛି।

### ରଥକାଠ ଅନୁକୂଳ ପାଇଁ ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା
# ନୟାଗଡ଼ ବନଖଣ୍ଡରୁ ଯିବ ୬୭୨ଖଣ୍ଡ ରଥକାଠ

ଗଣିଆ,୭।୧(ଡି.ଏନ.ଏ.)



ରଥକାଠ ଅନୁକୂଳ ପାଇଁ ବଡରାଉଳ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

ଆରମ୍ଭ ହୋଇଛି ୨୦୨୦ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ପର୍ବ। ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ବଡମୂଳ ଖଳଖଳା ସେତୁ ନିକଟସ୍ଥ ମା' ବଡ଼ରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ନନ୍ଦିଘୋଷ ରଥ ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ବଡ଼ରାଉଳ ପୀଠରେ ପହଞ୍ଚିଥିଲେ। ଏହି ୪ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ, ଖଣ୍ଡୁଆ, ମହାପ୍ରସାଦ, ପତନୀ ଓ ମହାର୍ଦ୍ଧ ଧରି ନୟାଗଡ଼ ବନବିଭାଗ ଜରିଆରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀ ନାମସଂକୀର୍ତ୍ତନ କରି ସେମାନଙ୍କୁ ବଡ଼ରାଉଳ ପୀଠକୁ ପାଛୋଟି ନେଇଥିଲେ। ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଏଚ.ଡି. ଧନରାଜ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାରମ୍ପରିକ ଢୋଲ ଓ ତୁରି ବାଦ୍ୟ ସହ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଏବଂ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ନିମନ୍ତେ ଅସନ, ଧଉରା, ଫାଶି ଓ ଶିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି। ତେବେ ଚଳିତ ବର୍ଷ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ୧୯୩ ଖଣ୍ଡ ରଥକାଠ ରଥଖଳାରେ ଗଚ୍ଛିତ ରହିଛି। ଅବଶିଷ୍ଟ ୬୭୨ଖଣ୍ଡ ରଥକାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି। ୬୭୨ଖଣ୍ଡ ରଥକାଠ ମଧ୍ୟରୁ ୨୮୫ଖଣ୍ଡ ଅସନ,୩୧୨ଖଣ୍ଡ ଧଉରା, ୭୨ଖଣ୍ଡ ଫାଶି ଓ ୩ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୪୦୬ଖଣ୍ଡ କାଠ ରଥଖଳାକୁ ଓ ୨୬୬ଖଣ୍ଡ କାଠ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି। ପରେ ଅପରାହ୍ନରେ ମା' ବଡ଼ରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତି, ନୟାଗଡ ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ଗଣିଆ ବନାଞ୍ଚଳ ଅଧିକାରୀ ସୋନାଲି ସିଓଙ୍କ ସମେତ ଓଡଗାଁ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା, ମହୀପୁର ବନାଞ୍ଚଳ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଭିତରକନିକାରେ ପକ୍ଷୀଗଣନା ଶେଷ
# ୧୧୫ ପ୍ରଜାତିର ୧,୧୮,୩୨୬ ବିଦେଶୀ ପକ୍ଷୀ

ରାଜନଗର, ୭।୧(ଡି.ଏନ.ଏ.)



- ୫ ବର୍ଷ ପରେ ନୂତନ ପକ୍ଷୀଙ୍କ ଆଗମନ
- ୯,୨୬୭ ପକ୍ଷୀ ଅଧିକ ଆସିଛନ୍ତି

କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ୬ ତାରିଖ ଦିନ ବନବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୯ ହଜାର ୦୫୯ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୧୮ ହଜାର ୩୨୬ ପକ୍ଷୀ ଆସିଛନ୍ତି। ଗତବର୍ଷଠାରୁ ଏବର୍ଷ ଜାତୀୟ ଉଦ୍ୟାନକୁ ୯୨୬୭ ପକ୍ଷୀ ଅଧିକ ଆସିଥିବା ଜଣାପଡିଛି। ଗତବର୍ଷ ଭିତରକନିକାକୁ ୭୪ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୧୫ ପ୍ରଜାତିର ପକ୍ଷୀ ଆସିଛନ୍ତି । ଏବର୍ଷ ଭିତରକନିକାରେ କମନପୋଚାର୍ଡ ପକ୍ଷୀ ଦେଖିବାକୁ ମିଳିଛି। ଗତ ୫ ବର୍ଷ ଧରି ଏହି ପକ୍ଷୀଙ୍କୁ ଦେଖିବାକୁ ମିଳୁ ନ ଥିଲା। ଏଥର ଗଣନା ବେଳେ ଏହି ଜାତୀୟ ପ୍ରଜାତି ୧୧ଟି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି ବୋଲି ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଚଳିତମାସ ୬ ତାରିଖ ୧୬ଟି ଟିମ୍ ଭିତରକନିକା ଅଭୟାରଣ୍ୟ ଓ ମହାନଦୀ ଡେଲଟା ଅଞ୍ଚଳରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରିଥିଲେ। ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ୯ଟି ଟିମ ଓ ମହାନଦୀ ଡେଲଟାରେ ୭ଟି ଟିମ ପକ୍ଷୀଗଣନା କରିଥିଲେ। ପକ୍ଷୀ ବିଶାରଦ ଡ. ଏସ୍ ବାଲଚନ୍ଦ୍ରନ, ସୁନିଲ ଦତ୍ତ, ଡ. ଶିବ ପରିଡା, ଡ. ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ମାଇକେଲ ପିଟରଙ୍କ ସମେତ ୫୮ଜଣ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ।

PARADIP PORT TRUST
CORRIGENDUM-II TO E-TENDER CALL NOTICE NO. EM/MM/P/PAINTS/07/2019/798, DT. 23.12.2019 FOR SUPPLY OF PAINTS
The bidder must confirm to supply the paints with self life of 24 months from date of manufacturing subject to supply the paints within 03 months from the date of manufacturing instead of 02 years from date of supply under Annexure-III Sl No. 04. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
Sr. Dy. Materials Manager
PPT/PR/597/19-20, Dt. 07.01.2020

SAMAGRA SHIKSHA GANJAM, CHATRAPUR
PH : 06811-260833 (DPO) / 262799 (MIS)
e-mail Id : dpcganjamssa.opepa@nic.in
Letter No.104 /PED/2020 Date: 06.01.2020
SHORT TENDER CALL NOTICE FOR PRINTING OF QUESTION-CUM-ANSWER SHEETS
Sealed tenders under two bid systems are invited from the reputed offset printers having valid TIN, PAN. GST. registration of firm etc for printing and supply of Question-cum- Blank answer sheets (Oriya /English /Telugu /Hindi/ Sanskrit) for Assessment Exercise, 2020 (Class I to VIII) The tender papers (bid documents) containing detailed specification with terms and conditions. application of Technical Bid & application of Financial Bid can be obtained by downloading from the Ganjam District website i.e. http://ganjam.nic.in and OSEPA website http://opepa.in or may be obtained from our office from 07.01.2020 to 26.01.2020 during working day by paying Rs.500/- in shape of DD in case of downloading the tender paper from website. The bidders are required to submit Demand Draft of Rs.500/- (Rupees five hundred only) towards cost of tender paper along with the application of Technical bid drawn in favor of Dist. Project Coordinator, SS, Ganjam. Chatrapur. Last date and time for receive of tender paper is 21.01.2020 at 2.00 P.M. and will be opened on the same day at 3.00 P.M. in the Office of the SSA, Ganjam in presence of tenderers or their authorized representatives The authority reserves the right to reject any or all the tenders without assigning any reason thereof.
By the order of Collector-cum-Chairman
Sd./-
District Project Coordinator
Samagra Shiksha, Ganjam

Zilla Swasthya Samiti, Bargarh
Dept. of Health & Family Welfare, Govt. of Odisha
District Head Quarter Hospital, Bargarh-768028
Phone / Fax : 06646-231763
CORRIGENDUM NOTICE
In reference to Advt. No.20/NHM/BGH/2019 & Advt. No.21/NHM/BGH/2019 dt.27.12.2019 & dt.31.12.2019 published for establishment of 24 X 7 Cafeteria at New DHH, Bargarh and procurement of Electronics & Furniture items, it is to inform you that last date for submission of tender is extended upto dt.13.01.2020 by 4 P.M. All other terms & conditions of tenders published will remain same.
Sd./-
CDM&PHO, Bargarh

DISTRICT PROJECT OFFICE
SAMAGRA SHIKSHA : CUTTACK (ODISHA)
XXII- 02/19, Phone : 0671-2509937/2509934
E-mail : dpccuttackssa.opepa@nic.in
No. 123/ Date : 07.01.2020
TENDER CALL NOTICE FOR PRINTING OF QUESTIONS CUM ANSWER SHEETS FOR SUMMATIVE ASSESSMENT-II, AND STUDENTS REPORT CARD, 2020
Sealed Quotations are invited from the registered offset printers having valid ITCC, PAN, GST regn. Certificate for printing & supply of Question Cum Blank Answer Sheets for Summative Assessment-II, 2020 (Class I to VIII) and Students Report Card, 2020 for Cuttack District. The specification of Papers & its quality along with other terms and conditions can be downloaded from the official website of OPEPA i.e. www.opepa.odisha.gov.in and District website i.e. www.cuttack.nic.in. The last date of receipt of Quotation only through Speed Post/ Registered Post is 24.01.2020 by 1 P.M. Quotations received after due date and time will not be entertained. The Quotation will be opened at 3.30 P.M. on the same day i.e. Dt. 24.01.2020 in DPO, Samagra sikshya, Cuttack.
The Collector-cum-Chairman, Samagra Sikshya, Cuttack reserves the right to cancel all or any quotation without assigning any reason thereof.
By order of Collector cum Chairman, SS Cuttack
Sd./- District Project Co-ordinator, Samagra Shiksha, Cuttack

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar,
Bohidar Nuapali, PO- Sankarma, Sambalpur-7680006
Telephone: (0663)2540039,Email: sgm.con2.sbp@optcl.co.in
No /SGM(TP&C) / Publication/Gaz/47 Date: 07.01.2020
NOTIFICATION
In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132 KV LILO line from 132KV Machhkund PH Machkund RTSS to newly proposed 132/33KV Grid Substation Lamptaput. | Tehsil:- Machhakund R.I.Circle- Balel Revenue Village: Lugun. | Rs 2.07 crores (Approx.) | Deputy General Manager (Elect.), EHT (Construction Division, Jeypore. | To develop quality power supply in & around areas of Lamptaput |

Sd./- (Er. Swarup Kumar Harichandan)
Chief General Manager (Const.)
Zone-II, OPTCL, Sambalpur

ODISHA STATE CIVIL SUPPLIES CORPORATION LTD., SUNDARGARH
No.59 CORRIGENDUM NOTICE Date: 07.01.2020
In pursuance to the Tender Call Notice no.3650 dt. 20.12.2019 calendar of activities are hereby changed according to Tender Call Notice No. 39 Dt. 04.01.2020 for Level-II Transport Contractor, Tender Call Notice No. 40 Dt. 04.01.2020 for Level-I Transport Contractor for Transportation of food grains and Tender Call Notice No. 41 Dt. 04.01.2020 for Handling (Labour Work) at RRCs for the financial year 2019-21. All other term and conditions remain unchanged. The calendar of activities for e-tender for appointment of said contractors are as mentioned below.

| Sl. No. | Activity | Dateline |
|---|---|---|
| 1 | Available of Tender Documents in the websites on uploading by district | 06.01.2020 |
| 2 | Pre-bid conference of tenderers | 10.01.2020 |
| 3 | Last date for online submission of complete tender documents with enclosures | 28.01.2020. upto 5.30 P.M. |
| 4 | Date of Technical Bid opening | 31.01.2020 |
| 5 | Date of submission of original documents by the tenderers in support of scanned copies uploaded in the portal for verification by district office | 31.01.2020 |
| 6 | Date of opening of Financial Bids (only of technically qualified tenderers) | 05.02.2020 |
| 7 | Execution of Agreement by the successful lowest tenderer | 14.02.2020 |
| 8 | Level-I, Level-II Transport Contractors and Handling Contractors to be in place for rendering service | 14.02.2020 |

Sd./- District Manager
OSCSC Ltd., Sundargarh

GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001
email: ceworldbankprojects@gmail.com
ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)
e-Procurement Notice No.B-556
Bid Identification No. CE-WBP(O)-12/2019-20
File No- CERP-RCPLWE-PH-2-14/2018
The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Koraput for 8 number of packages with estimated cost as mentioned in IFB totaling to Rs.3763.08 lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha. can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement.dtd.15.01.2020.
Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), Nirman Soudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
Last Date / Time for receipt of bids through e-procurement:16.02.2020 upto 5.00 P.M
For further details please log on to www.pmgsytenders.gov.in
Sd./- Chief Engineer, World Bank Projects, Odisha
O/o E.I.C (Civil), Odisha Nirman Soudha,
Unit-V, Bhubaneswar-751001
34003/11/0019/1920

# ଜିରୋ ବଜେଟ କୃଷି



ବିଗତ ୨୫ବର୍ଷ ପୂର୍ବେ ଅର୍ଥାତ୍ ୧୯୯୪ ମସିହାରେ ସୁଭାଷ ପାଲେକର ନାମକ ଜଣେ ଅଗ୍ରଗାମୀ ସାମାଜିକ କର୍ମୀ ଆନ୍ଧ୍ର ଏବଂ ହିମାଚଳ ପ୍ରଦେଶର ଗରିବ ଚାଷୀଙ୍କୁ କୃଷିରୁ ଋଣମୁକ୍ତ ହେବା ପାଇଁ ଜିରୋ ବଜେଟ କୃଷିକୁ ଆପଣାଇବା ପାଇଁ ଉପଦେଶ ଦେଇଥିଲେ । ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୧୯-୨୦ ଆର୍ଥିକ ବଜେଟରେ ଦେଶରେ ଜିରୋ ବଜେଟ କୃଷି ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି । ଜିରୋ ବଜେଟ କୃଷି କହିଲେ ଚାଷୀ ନିଜ ତହବିଲରୁ ଅର୍ଥ ଖର୍ଚ୍ଚ ନ କରି ଚାଷରୁ କିପରି ଲାଭବାନ୍ ହୋଇପାରିବେ। ଜିରୋ ବଜେଟ କୃଷି କେତେ ସଫଳ ଏହା ଉପରେ ତର୍କ ହେଉଛି ।

କୃଷିରୁ ସ୍ୱାବଲମ୍ବୀ ଏବଂ ଲାଭବାନ୍ ହେବାକୁ ହେଲେ ଉର୍ବର ଜମି, ଉନ୍ନତ କିସମ ବିହନ, ସୁଷମ ଖାଦ୍ୟ ଉପାଦାନ, ଜଳସେଚନ, ରୋଗ ପୋକ ନିୟନ୍ତ୍ରଣ,



କୃଷି ଯନ୍ତ୍ରପାତି ଆଦିର ଆବଶ୍ୟକତା ଅଛି । ଉପରୋକ୍ତ ଆନୁଷଙ୍ଗିକ ଆବଶ୍ୟକତାରୁ କିଛି ଅଭାବ ରହିଲେ ଚାଷୀ ଉପଯୁକ୍ତ ଅମଳ ପାଇବାରୁ ବଞ୍ଚିତ ହେବେ ।

କେତେକ ଯୌଥ ପରିବାରର କ୍ଷୁଦ୍ର ଚାଷୀ ପାଖରେ ଚାଷ ପାଇଁ ଆବଶ୍ୟକ ଜମି ନ ଥିଲେ, ସେ ମଧ୍ୟମ କିମ୍ବା ଧନୀ ଚାଷୀଙ୍କଠାରୁ ଜମି ଭାଗରେ ନେବା ପାଇଁ କିଛି ଅର୍ଥ ଜମିମାଲିକଙ୍କୁ ସିକ୍ୟୁରିଟ ଆକାରରେ ଅଗ୍ରିମ ଦେବାକୁ ପଡ଼େ । ଏହାଦ୍ୱାରା ଚାଷୀ ଆଶା ଆଶଙ୍କାରେ ଫସଲ ଅମଳ ପର୍ଯ୍ୟନ୍ତ ଅପେକ୍ଷାକରେ । ଫସଲ ଅମଳ ପରେ ଚାଷୀ ମହାଜନଙ୍କ ଜମିର ଭାଗ, ଅର୍ଥ କିମ୍ବା ଫସଲ ଆକାରରେ ଦେବାକୁ ପଡ଼େ ।

ଉତ୍କୃଷ୍ଟ ବିହନ ଅଧିକ ଅମଳର ପ୍ରଥମ ଚାବିକାଠି । କାରଣ ଉତ୍ତମ ବିହନ ବ୍ୟବହାରରୁ ଅମଳର ପ୍ରାୟ ଶତକଡା ୨୫ଭାଗ ମିଳିଥାଏ । ଉନ୍ନତ ଏବଂ ଅଧିକ ଅମଳକ୍ଷମ ବିହନ ବ୍ୟବହାର ପାଇଁ ଚାଷୀ ବଜାରରୁ ମଞ୍ଜି କ୍ରୟ ଲାଗି ଅର୍ଥ ଆବଶ୍ୟକ କରିଥାଏ । ସରକାର ରିହାତି ଦରରେ ଉନ୍ନତ ବିହନ ଯୋଗାଇଲେ ମଧ୍ୟ ଚାଷୀକୁ କିଛି ଅର୍ଥ ଦେବାକୁ ପଡ଼ିଥାଏ । ପୁନଶ୍ଚ ଚାଷୀ ଯଦି ପୂର୍ବ ବର୍ଷର ବିହନ ବ୍ୟବହାର କରନ୍ତି କିମ୍ବା ନିଜ ନିଜ ମଧ୍ୟରେ ବିହନ ଅଦଳବଦଳ କରନ୍ତି ତେବେ ବିହନ ବାବଦ ଅର୍ଥ ଖର୍ଚ୍ଚ ହେବନି ସତ, କିନ୍ତୁ ଉନ୍ନତ ବିହନର ସାଇତା ପ୍ରଣାଳୀ ବିଜ୍ଞାନ ସମ୍ମତ ନ ଥିଲେ, ଶତପ୍ରତିଶତ ଗଜା ହେବା ସମ୍ଭାବନା କମ୍ ।

ରାସାୟନିକ ସାର ଅଧିକ ଅମଳର ଦ୍ୱିତୀୟ ମୁଖ୍ୟ ଚାବିକାଠି । ସାର ପ୍ରୟୋଗ ଦ୍ୱାରା ଅମଳ ପ୍ରାୟ ୩୫ ରୁ ୪୦ ଶତକଡ଼ା ବଢ଼ିଥାଏ । ରାସାୟନିକ ସାର ପାଇଁ ସରକାର ଚାଷୀକୁ ରିହାତି ଦିଅନ୍ତି । ତଥାପି ରାସାୟନିକ ସାର ପାଇଁ ଚାଷୀକୁ କିଛି ଅର୍ଥ ବିନିଯୋଗ କରିବାକୁ ପଡ଼େ । ଅବଶ୍ୟ ରାସାୟନିକ ସାର ବଦଳରେ ଚାଷୀ ନିଜର କ୍ଷେତବାଡ଼ି ଓ ଗୁହାଳରୁ ମିଳୁଥିବା ଅଳିଆ, ଆବର୍ଜନା, ଗୋବର ଏବଂ ଗୋମୂତ୍ର ଆଦିକୁ ସଂଗ୍ରହକରି ଜୈବଖତ ପ୍ରସ୍ତୁତ କରି ଫସଲରେ ବ୍ୟବହାର କଲେ, ଏଥିପାଇଁ କିଛି ଅର୍ଥ ବ୍ୟୟ କରିବାକୁ ପଡ଼ିବ ନାହିଁ ।



ପ୍ର.ସୁବୋଧ କୁମାର ସାହୁ

କିନ୍ତୁ ଫସଲର ଆବଶ୍ୟକତାଠାରୁ ଏହା ଯଥେଷ୍ଟ କମ୍ । ଲାଭଜନକ ଅମଳ ଲାଗି କୃଷିବିତମାନେ ଶସ୍ୟଜାତୀୟ ଫସଲ ପାଇଁ ଏକର ପ୍ରତି ୩୦ ରୁ ୪୦ କିଲୋ ଯବକ୍ଷାରଜାନ, ୧୫ ରୁ ୨୦ କିଲୋ ଫସ୍‌ଫେଟ ଏବଂ ସମପରିମାଣର ପଟାସ ସାର ସହ ୨ଟନ୍ ଖତ ଅନୁମୋଦନ କରିଥାଆନ୍ତି । ପରିବା ଫସଲ ପାଇଁ ଏକର ପ୍ରତି ୧୦ରୁ ୧୨ ଟନ୍ ଜୈବଖତ ସହ ୫୦ ରୁ ୮୦ କିଲୋ ଯବକ୍ଷାରଜାନ, ୨୫ ରୁ ୪୦ କିଲୋ ଫସ୍‌ଫେଟ ଏବଂ ସମପରିମାଣର ପଟାସ ରାସାୟନିକ ସାର ଅନୁମୋଦନ କରାଯାଏ । ଅବଶ୍ୟ ଜମିର ମାଟି ସରକାରୀ ମୃତ୍ତିକା ପରୀକ୍ଷାଗାରରେ ବିନା ଖର୍ଚ୍ଚରେ ପରୀକ୍ଷା କରି ଖତ ସାର ଅନୁମୋଦନ କରାଯାଇଥାଏ । ପରୀକ୍ଷାରୁ ମାଟିର ଉର୍ବରତା କମ୍ ଥିଲେ ଅନୁମୋଦନଠାରୁ ଅଧିକ ଖତ ଏବଂ ରାସାୟନିକ ସାର ପ୍ରୟୋଗ କରିବାକୁ କୁହାଯାଏ, ଯାହାକି ଚାଷୀ ପାଖରେ ନ ଥାଏ । ଜୈବିକ ଖତରେ ଫସଲର ମୁଖ୍ୟ ଖାଦ୍ୟସାର ଯଥା ଯବକ୍ଷାରଜାନ, ଫସ୍‌ଫେଟ ଓ ପଟାସ ପରିମାଣ ଯଥାକ୍ରମେ ଶତକଡ଼ା ୦.୫ ରୁ ୦.୭୫ , ୦.୨୫ରୁ ୦.୩୦ ଏବଂ ୦.୩୦ ରୁ ୦.୫୦ ଥାଏ । ଉଭୟ ଫସଲ ଲାଗି ଏତେ ପରିମାଣର ଖାଦ୍ୟ ଉପାଦାନ କେବଳ ଜୈବଖତରୁ ମିଳିପାରିବ ନାହିଁ । ତେଣୁ ଆଶାନୁରୂପ ଅମଳ ପାଇଁ ଚାଷୀ ନିଶ୍ଚୟ ରାସାୟନିକ ସାର ଉପରେ କିଛି ପରିମାଣରେ ନିର୍ଭର କରିବାକୁ ପଡ଼ିବ । ଜୈବଖତ ସହ ରାସାୟନିକ ସାରର ମିଶ୍ରଣ ପ୍ରୟୋଗ ଦ୍ୱାରା ଫସଲ ଅମଳ ଠିକ୍ ହୁଏ । ଏହାକୁ ସମନ୍ୱିତ ସାର ପ୍ରୟୋଗ କୁହାଯାଏ ।

ଶତପ୍ରତିଶତ ମଞ୍ଜି ଗଜାହେବା ଏବଂ ମୃତ୍ତିକାରୁ ସୁଷମ ପରିମାଣର ଖାଦ୍ୟ ଉପାଦାନକୁ ଫସଲ ଗ୍ରହଣ କରିବାପାଇଁ ଜମିକୁ ଠିକ୍ ଭାବେ କର୍ଷଣ କରିବା ଦରକାର । ସେଥିପାଇଁ ଚାଷୀକୁ ଉନ୍ନତ କୃଷି ଯନ୍ତ୍ରପାତି ଯଥା: ଟ୍ରାକ୍ଟର, ପାୱାର ଟିଲର କିମ୍ବା ଲୁହା ଲଙ୍ଗଳ ଆଦି ବ୍ୟବହାର କରିବାକୁ ପଡ଼ିବ । ଏଥିପାଇଁ ଚାଷୀ ଏସବୁ ଯନ୍ତ୍ରପାତି ଭଡ଼ାରେ ଆଣିବେ କିମ୍ବା ନିଜକୁ କ୍ରୟ କରିବାକୁ ପଡ଼ିବ । ଏହାଦ୍ୱାରା ଚାଷୀକୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଦେଶୀ ହଳ ଲଙ୍ଗଳରେ ଜମି ଚାଷକଲେ ଚାଷୀକୁ ଅଧିକ ସମୟ ଲାଗିଥାଏ ଏବଂ ଏଥିସହ ଚାଷ ମଧ୍ୟ ଅଗଭୀର ହୁଏ । ଏହାଦ୍ୱାରା ଫସଲ ଅମଳ ଲାଭଜନକ ହୋଇପାରେ ନାହିଁ ।

ଜଳସେଚନ, ଫସଲ ଅମଳର ଶତକଡ଼ା ୧୫ ରୁ ୨୦ ଭାଗ ବଢ଼ାଇଥାଏ । ଏଣୁ ଅଣଜଳସେଚିତ , ବୃଷ୍ଟିପୃଷ୍ଟ ଏବଂ ଜଳସେଚିତ ଫସଲ ଚାଷ ପାଇଁ ଜଳସେଚନର ଆନୁଷଙ୍ଗିକ ଆବଶ୍ୟକତା ଯଥା ପାଣିପମ୍ପ, ପାଣି ପାଇପ, ଡିଜେଲ କିମ୍ବା ବିଦ୍ୟୁତ୍ ଆଦି ଆବଶ୍ୟକ । ଏସବୁର ବ୍ୟବହାର ପାଇଁ ଚାଷୀକୁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ଅବଶ୍ୟ ଚାଷୀ ତେଣ୍ଡା କିମ୍ବା ଶେଣୀ ଦ୍ୱାରା କୂଅ, ପୋଖରୀ ଆଦିରୁ ବିନା ଖର୍ଚ୍ଚରେ ନିଜ ପରିଶ୍ରମ ଦ୍ୱାରା ଫସଲକୁ ଜଳସେଚନ ଯୋଗାଇପାରିବେ । କିନ୍ତୁ ଏହା ସମୟ ସାପେକ୍ଷ ଏବଂ କେବଳ ସୀମିତ ପରିମାଣର କ୍ଷେତ ପାଇଁ ସମ୍ଭବ । (କ୍ରମଶଃ...)

- ଭୁବନେଶ୍ୱର,ଶୈଳଶ୍ରୀବିହାର
ମୋ: ୯୫୫୬୨୬୬୦୮୫

## ପନିପରିବା ସମ୍ପର୍କରେ

କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍



ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ ।

## ମଲ୍ଲୀଫୁଲ

ମଲ୍ଲୀଗଛର ପୁରୁଣା ଡାଳ, ରୋଗାକ୍ରାନ୍ତ, ଦୁର୍ବଳ ତଥା ମରିଯାଇଥିବା ଡାଳ ଗୁଡ଼ିକୁ କାଟିବାକୁ କାଣ୍ଟଛାଣ୍ଟ କୁହାଯାଏ। ଗଛରେ ଅଧିକ କଢ଼ ଧରିବା ଏବଂ ଫୁଲ ଫୁଟିବାରେ କାଣ୍ଟଛାଣ୍ଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ମଲ୍ଲୀଗଛକୁ କାଣ୍ଟଛାଣ୍ଟ କରିବା ପ୍ରକୃଷ୍ଟ ସମୟ। ଗଛର ପ୍ରତ୍ୟେକ ଡାଳକୁ ମାଟି ଉପରୁ ୪୫ରୁ ୫୦ସେ.ମି ରଖି ଅବଶିଷ୍ଟ ଅଂଶ କାଟି ଦିଅନ୍ତୁ। କାଣ୍ଟଛାଣ୍ଟ କରିବା ପରେ କଟାଅଂଶରେ ବୋର୍ଡୋମିକ୍ସଚର କିମ୍ବା କପର ଅକ୍ସିକ୍ଲୋରୋଇଡ୍ ପ୍ରଲେପ ଲଗାନ୍ତୁ।

## ପିଆଜର ରୋଗପୋକ ଦମନ

ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।



# କୀଟ ନିୟନ୍ତ୍ରଣ ପାଇଁ ନିମ୍ବର ବ୍ୟବହାର





ଲକ୍ଷ୍ମୀନାରାୟଣ ଦାଶ

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଖାଦ୍ୟ ନିରାପତ୍ତା ପାଇଁ କୃଷି ଉତ୍ପାଦନ ବୃଦ୍ଧି ଅପରିହାର୍ଯ୍ୟ। କୃଷି ଉତ୍ପାଦନ ବୃଦ୍ଧି ଲାଗି ଚାଷୀମାନେ ମଧ୍ୟ କ୍ଷେତରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରୁଛନ୍ତି। କିନ୍ତୁ ଫସଲରେ ରୋଗ, ପୋକ ଆକ୍ରମଣ କୃଷି ଉତ୍ପାଦନ ବୃଦ୍ଧିରେ ମୁଖ୍ୟ ବାଧକ। ରୋଗ, ପୋକଙ୍କୁ ଦମନ କରିବା ପାଇଁ ଚାଷୀମାନେ ମଧ୍ୟ ଫସଲରେ ରାସାୟନିକ କୀଟନାଶକ ଭଳି କେତେକ ବିଷାକ୍ତ ପଦାର୍ଥ ପ୍ରୟୋଗ କରିଥାଆନ୍ତି, କିନ୍ତୁ ଏଗୁଡ଼ିକର ଭୁଲ୍ ଏବଂ ବାରମ୍ବାର ପ୍ରୟୋଗ ଫଳରେ ନିମ୍ନଲିଖିତ ଅସୁବିଧାଗୁଡ଼ିକ ପରିଲକ୍ଷିତ ହୋଇଥାଏ। ଯଥା - ବାୟୁ, ପାଣି, ମାଟି ସହିତ ଆମର ପରିବେଶ ପ୍ରଦୂଷିତ ହୋଇଥାଏ। -ପରିବେଶର ଜୈବ ବିବିଧତା ନଷ୍ଟ ହୋଇଥାଏ। - ବିଷାକ୍ତ ପଦାର୍ଥଗୁଡ଼ିକର ଅବଶିଷ୍ଟାଂଶ ଖାଦ୍ୟ ପଦାର୍ଥରେ ରହି ମନୁଷ୍ୟ ତଥା ଗୃହପାଳିତ ଏବଂ ଉପକାରୀ ଜୀବମାନଙ୍କର ସ୍ୱାସ୍ଥ୍ୟରେ କ୍ଷତି ପହଞ୍ଚାଇଥାଏ। - ପ୍ରାକୃତିକ ପରିବେଶରେ ବଢୁଥିବା ଉପକାରୀ କୀଟପତଙ୍ଗଗୁଡ଼ିକ ନଷ୍ଟ ହେବା ଦ୍ୱାରା ପ୍ରାକୃତିକ ଉପାୟରେ ଜୈବ ନିୟନ୍ତ୍ରଣ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। - କୀଟନାଶକ ପ୍ରତି କୀଟମାନଙ୍କର ସହଣୀଶକ୍ତି ବୃଦ୍ଧି ହୋଇଥାଏ। -କୀଟନାଶକଗୁଡ଼ିକ ବ୍ୟୟବହୁଳ ହୋଇଥିବାରୁ ଚାଷର ଉତ୍ପାଦନ ଖର୍ଚ୍ଚ ବା କଷ୍ଟ ଅଫ୍ କଲ୍‌ଟିଭେଶନ୍ ମଧ୍ୟ ବୃଦ୍ଧି ପାଇଥାଏ। - ଚାଷୀମାନେ କୀଟନାଶକ ଭଳି ରାସାୟନିକ ବିଷାକ୍ତ ପଦାର୍ଥ ସହିତ ଜଡ଼ିତ ରହୁଥିବାରୁ ବିପଦର ସମ୍ଭାବନା ମଧ୍ୟ ଥାଏ। -ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ କୀଟନାଶକ ପ୍ରୟୋଗ କରି ମଧ୍ୟ ବେଳେବେଳେ ଚାଷୀମାନେ ସୁଫଳ ପାଇପାରି ନ ଥାଆନ୍ତି। ତେଣୁ ଚାଷୀମାନେ କେବଳ ରାସାୟନିକ କୀଟନାଶକ ଉପରେ ନିର୍ଭର ନ କରି ଆମର ପାରିପାର୍ଶ୍ୱିକରେ ଉପଲବ୍ଧ ଥିବା ବିଭିନ୍ନ ପ୍ରକାର ବୃକ୍ଷଲତାର ବିଭିନ୍ନ ଅଂଶକୁ ଜୈବ କୀଟନାଶକ/ କୀଟ ନିୟନ୍ତ୍ରକ ହିସାବରେ ବ୍ୟବହାର କରି ବିନା ଖର୍ଚ୍ଚରେ ବା କମ୍ ଖର୍ଚ୍ଚରେ, ନିରାପଦରେ, ସୁବିଧାରେ, ଉପଯୁକ୍ତ ଭାବରେ ଫସଲ ସଂରକ୍ଷଣ କରି କୃଷି ଉତ୍ପାଦନକୁ ବୃଦ୍ଧି କରାଇବା ସହିତ ରାସାୟନିକ କୀଟନାଶକଜନିତ ସମ୍ଭାବ୍ୟ ପରିବେଶ ପ୍ରଦୂଷଣକୁ ରୋକାଯିବା ସହିତ ପରିବେଶ ଜୈବ ବିବିଧତାକୁ ମଧ୍ୟ ଅକ୍ଷୁଣ୍ଣ ରଖିପାରିବେ । ବୃକ୍ଷଲତାଙ୍କ ମଧ୍ୟରେ ନିମ୍ବର ସ୍ଥାନ ସ୍ୱତନ୍ତ୍ର । ନିମ୍ବ ଏକ ଅବ୍ୟର୍ଥ ପରିବେଶ ଉପଯୋଗୀ କୀଟ ନିୟନ୍ତ୍ରକ। ନିମ୍ବରେ ଥିବା ପ୍ରାକୃତିକ ବିଷ ଆଜାଡିରାକ୍ଟିନ୍ କୀଟ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ତେଣୁ ଆମ ରାଜ୍ୟର ଅଗଣିତ ବୁଦ୍ଧିଜୀବୀ, ଜନସାଧାରଣ ତଥା ଚାଷୀମାନଙ୍କ ଅବଗତି ନିମନ୍ତେ ନିମ୍ବ ବିଷୟରେ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଜୈବ କୀଟନାଶକ/କୀଟ ନିୟନ୍ତ୍ରକ ଉଦ୍ଭିଦ ବିଷୟରେ ଆଲୋକପାତ କରାଯିବ।

**ନିମ୍ବର କାର୍ଯ୍ୟଶୈଳୀ ବା ମୋଡ୍ ଅଫ୍ ଆକ୍ସନ୍:** ନିମ୍ବରେ ଥିବା ପ୍ରାକୃତିକ ବିଷ ଆଜାଡିରାକ୍ଟିନ୍ ଯୋଗୁ ଏହାର ଯେକୌଣସି ଅଂଶ ଫସଲରେ ଯେମିତି ଭାବରେ ପ୍ରୟୋଗ କଲେ ମଧ୍ୟ ଏହାର ନିମ୍ନଲିଖିତ ବିଭିନ୍ନ କାର୍ଯ୍ୟଶୈଳୀ ଉପଲବ୍ଧ ହୋଇଥାଏ। ଯଥା: (୧)- ଫସଲ ପିତା ହୋଇଯିବା ଯୋଗୁ କୀଟମାନଙ୍କ ପାଇଁ ଏହାର ଅଭକ୍ଷ ହୋଇଥାଏ (ଆଣ୍ଟିଫିଡାଣ୍ଟ)। (୨)- ଏହାର ଏକ ପ୍ରକାର ଗନ୍ଧ ବା ବାସନା ଯୋଗୁ କୀଟ କ୍ଷେତରୁ ଆପେ ଆପେ ଘଉଡ଼େଇ ହୋଇଯାଏ। (୩)- ନିମ୍ବ ପ୍ରୟୋଗ ହୋଇଥିବା କ୍ଷେତରେ ପୋକ ଫସଲ ଖାଇଲେ ଅଣ୍ଡିରା ବା ପୁରୁଷ କୀଟ ନଂପୁସକ ହୋଇଥାଏ ଏବଂ ମାଈ ବା ସ୍ତ୍ରୀ କୀଟ ବନ୍ଧ୍ୟା ହୋଇଥାଏ। ଏଣୁ କୀଟମାନଙ୍କର ବଂଶ ବିସ୍ତାର ହୋଇପାରେ ନାହିଁ। (୪)- କୀଟମାନଙ୍କର ଅଣ୍ଡା ବା ଏଗ୍‌ରୁ ଶୂକ ବା ଲାର୍ଭା ନିର୍ଗତ ହୋଇପାରେ ନାହିଁ। (୫) -କୀଟମାନଙ୍କର ବୃଦ୍ଧି ବା ଗ୍ରୋଥ୍ ଠିକ୍ ଭାବରେ ହୋଇପାରେ ନାହିଁ। (୬)- କୀଟମାନଙ୍କର କାତି ବା କ୍ୟୁଟିକିଲ୍ ସୃଷ୍ଟିରେ ପ୍ରତିବନ୍ଧକ ଦେଖାଦିଏ । ଏହିସବୁ କାରଣ ଯୋଗୁ ନିମ୍ବ କୀଟନାଶକ ନ ହେଲେ ମଧ୍ୟ ଏକ ଅବ୍ୟର୍ଥ କୀଟ ନିୟନ୍ତ୍ରକ ହିସାବରେ କାର୍ଯ୍ୟ କରିଥାଏ। କୀଟ ନିୟନ୍ତ୍ରଣ ପାଇଁ ନିମ୍ବକୁ ଉଭୟ ପ୍ରତିଷେଧକ ଏବଂ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବ୍ୟବହାର କରାଯାଇପାରେ।

-କୃଷି ଜିଲା ଅଧିକାରୀ, ଦଶପଲ୍ଲା,
ମୋ:୯୯୩୭୬୫୨୬୮୬

## ନିମ୍ବର ବ୍ୟବହାର ବିଧି

**ନିମ୍ବତେଲ:** ସାଧାରଣତଃ ୧୦୦ କେ.ଜି. ନିମ୍ବ ମଞ୍ଜି ପେଡ଼ାଇଲେ ୧୦ କେ.ଜି. ନିମ୍ବତେଲ ବାହାରେ। ୧ ଲିଟର ପାଣି ସହିତ ୩ ମି.ଲି. ନିମ୍ବତେଲ ଏବଂ ୧ ଗ୍ରାମ୍ ଲୁଗାସଫା ପାଉଡ଼ର ବା ଡିଟରଜେଣ୍ଟ ପାଉଡ଼ର ମିଶାଇ ଏହି ଅନୁପାତରେ ନିମ୍ବତେଲ ଦ୍ରବଣ ସିଞ୍ଚନ କଲେ ଧାନର ପତ୍ରମୋଡ଼ା ପୋକ, ପତ୍ରଡ଼ିଆଁ, ଗଛଡ଼ିଆଁ, କାହାଳିଆ, ଗନ୍ଧିପୋକ, ମାଟିଆଗୁଣ୍ଡି ପୋକ, ହଳଦୀଗୁଣ୍ଡି ପୋକ, ଉକୁଣିଆ ପୋକ, ଅଷ୍ଟପଦୀ ପୋକକୁ ଦମନ କରାଯାଇପାରେ। ଚିନାବାଦାମର ଜଉପୋକ, ପତ୍ରଡ଼ିଆଁ ପୋକ, ପନିପରିବାର ଡାଳ ଓ ଫଳବିନ୍ଧା ପୋକ, ବନ୍ଧାକୋବିର ବିନ୍ଧାପୋକ, ଠିକିରିଆ ପୋକ, କରଡିଆ ମାଛି, ସୋରିଷର ଜଉପୋକ, ବାଇଗଣର ଫଳବିନ୍ଧା ପୋକ, ଭେଣ୍ଡିର ଧଳାମାଛି, ବୁଟର ଫଳବିନ୍ଧା, କପାର ଜଉପୋକ, ଧଳା ମାଛି, ଆମ୍ବର ଆମ୍ବଡାଆଣୀ ପୋକଙ୍କୁ ନିମତେଲ ଦ୍ୱାରା ସହଜରେ ନିୟନ୍ତ୍ରଣ କରାଯାଇପାରିବ। ଡାଲିଜାତୀୟ ଫସଲ ଏବଂ ଚିନାବାଦାମର ସୂତ୍ରକୃମିଜନିତ ଚେର ଗଣ୍ଠି ରୋଗ ନିମ୍ବତେଲ ଦ୍ୱାରା ମଧ୍ୟ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ବାଇଗଣ ଓ ଟମାଟୋ ଗଛର ଚାରାକୁ ୩% ନିମ୍ବତେଲରେ ୩୦ ମିନିଟ୍ ବୁଡାଇ ଲଗାଇଲେ ଏବଂ ୩୦ ଦିନରେ ପତ୍ରସିଞ୍ଚନ କଲେ ସେଥିରେ ଜଉପୋକ ଏବଂ ଫଳବିନ୍ଧା ପୋକ ପ୍ରାୟ ଲାଗନ୍ତି ନାହିଁ ।

**ନିମ୍ବପତ୍ର:** ନିମ୍ବପତ୍ରରୁ ରସ ବାହାର କରି ଏହାକୁ ସିଞ୍ଚନ କଲେ ପନିପରିବାର ଜଉପୋକ ନିୟନ୍ତ୍ରଣ ହୋଇଥାଏ। ପ୍ରାୟତଃ ପ୍ରତି ଲିଟର ପାଣି ପ୍ରତି ୫ ମି.ଲି. ନିମ୍ବପତ୍ର ରସ ଦରକାର ପଡ଼େ। ନିମ୍ବପତ୍ରକୁ ଶୁଖାଇ, ଗୁଣ୍ଡକରି ଏକର ପ୍ରତି ୧୦ କେ.ଜି. ନିମ୍ବପତ୍ର ଗୁଣ୍ଡ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରି ମଇ ମାରିଲେ ମାଟି ବିଶୋଧନ ହୋଇ ରୋଗ, ପୋକ କମ୍ ହୋଇଥାଏ।



**ନିମ୍ବପିଡ଼ିଆ** (ନିମ୍ କେକ୍): ଶେଷଓଡ଼ ଚାଷ ସମୟରେ ଏକର ପ୍ରତି ୧୦୦ କେ.ଜି. ନିମ୍ବପିଡ଼ିଆ ଜମିରେ ପ୍ରୟୋଗ କରି ମଇ ମାରିଲେ ଚିନାବାଦାମ ଏବଂ ଅନ୍ୟାନ୍ୟ ଫସଲରେ ଲାଗୁଥିବା ଉଇକୁ ଦମନ କରିହେବ। ନିମ୍ବପିଡ଼ିଆ ପ୍ରୟୋଗ କଲେ ସୂତ୍ର କୃମି ନିୟନ୍ତ୍ରଣ ମଧ୍ୟ ହୋଇଥାଏ।

**ନିମ୍ କର୍‌ନେଲ୍ ଏକ୍ସଟ୍ରାକ୍ଟ** ବା ନିମ୍ବମଞ୍ଜି ନିର୍ଯାସ : ନିମ୍ବରୁ ଜଳ ନିଃସାରଣ କରିବାକୁ ହେଲେ ପ୍ରଥମେ ସଦ୍ୟ କଞ୍ଚା ନିମ୍ବ ମଞ୍ଜିକୁ ଛେଚିବା ପରେ ଗୁଣ୍ଡକୁ ଗୋଟିଏ କନା ମୁଣିରେ ବାନ୍ଧି ବାଲ୍‌ଟି ବା ଏକ ଡ୍ରମ୍ ପାଣିରେ ରାତିସାରା ଝୁଲାଇ ରଖାଯାଏ । ଏଥିରୁ ବାହାରିଥିବା କଞ୍ଚା ରସକୁ ସିଧାସଳଖ ଫସଲରେ ସିଞ୍ଚନ କରାଯାଇ କୀଟ ନିୟନ୍ତ୍ରଣ କରାଯାଇଥାଏ। ପ୍ରାୟ ୧୦ ଲିଟର ପାଣିରେ ୫୦୦ ଗ୍ରାମ୍ କଞ୍ଚା ନିମ୍ବମଞ୍ଜି ଗୁଣ୍ଡ କରି ଭିଜାଯାଏ।

**ନିମ୍ବପିଡ଼ିଆ** ବତୁରା ପାଣି: ୧୦୦ ଗ୍ରାମ୍ ନିମ୍ବ ପିଡ଼ିଆକୁ ଗୋଟିଏ ପତଳା କନାରେ ୧ ଲିଟର ପାଣିରେ ରାତିସାରା ଭିଜାନ୍ତୁ। ସକାଳେ ଏହାକୁ ଛାଣି ୧ ଲିଟର ପାଣି ପ୍ରତି ଏହି ରସ ୧୦ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।





ଦେଶ ମଧ୍ୟରେ ପିଆଜ ଯୋଗାଣକୁ ତ୍ୱରାନ୍ୱିତ ଏବଂ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ସରକାର ବିଦେଶରୁ ପିଆଜ ଆମଦାନି ଧାରା ଜାରି ରଖିଛନ୍ତି।
– ରାମବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ

ନିୟାମକଗୁଡିକ ସରକାରଙ୍କ ଅନୁଦାନ ଉପରେ ବେଶି ନିର୍ଭରଶୀଳ ନ ହୋଇ ନିଜସ୍ୱ ଆୟ ଉତ୍ସ ରଖିବା ଆବଶ୍ୟକ।
– ୟୁ. କେ. ସିହ୍ନା, ପୂର୍ବତନ ସେବି ମୁଖ୍ୟ



## ସଂକ୍ଷେପରେ

### ଏୟାର ଇଣ୍ଡିଆ ବିକ୍ରି ଜାନୁୟାରୀରେ ଆସିବ ଇଓଆଇ



**ନୂଆଦିଲ୍ଲୀ,୭-୧:** ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ବସିଥିବା ମନ୍ତ୍ରୀ ଗୋଷ୍ଠୀ ଏୟାର ଇଣ୍ଡିଆ ବିକ୍ରି ପାଇଁ ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଏବଂ ଶେୟାର ପରଚେଜ୍ ଏଗ୍ରିମେଣ୍ଟକୁ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ଏହା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଘରୋଇକରଣ ଦିଗରେ ଏକ ବଡ ପଦକ୍ଷେପ ବୋଲି ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ବିଡରଙ୍କ ଲାଗି ଚଳିତ ମାସରେ ଇଓଆଇ ଜାରି କରାଯିବ ବୋଲି ଅଧିକାରୀ ଜଣକ ମତ ଦେଇଛନ୍ତି। ଏଥିଲାଗି ମନ୍ତ୍ରୀଗୋଷ୍ଠୀ ଗତବର୍ଷ ସେପ୍ଟେମ୍ବରରେ ମଞ୍ଜୁରୀ ପ୍ରଦାନ କରିଥିଲା। ଗତବର୍ଷ ଏୟାର ଇଣ୍ଡିଆ ସ୍ପେସିଫିକ ଅଲଟରନେଟିଭ ମେକାନିଜମ (ଏଆଇଏସ୍ଏମ୍) ବିମାନ କମ୍ପାନୀର ୧୦୦% ଅଂଶଧନ ବିକ୍ରିକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହା ସହ ଏୟାର ଇଣ୍ଡିଆ ଏକ୍ସପ୍ରେସ ଏବଂ ଯୌଥ ଉଦ୍ୟୋଗ ଏଆଇଏସ୍ଏଟିଏସ୍ର ମଧ ଘରୋଇକରଣ ନେଇ ପଥ ପରିଷ୍କାର ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆ ଉପରେ ୮୦ ହଜାର କୋଟି ଟଙ୍କାର ଋଣ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୮,୫୫୬ କୋଟି ଟଙ୍କାର ନେଟ୍ କ୍ଷତି ସହିଛି। ସେହିଭଳି ଏହି ବିମାନ କମ୍ପାନୀ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆରଏସ) ଏବଂ ଋଣ ପୁନର୍ଗଠନ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି।

### ଟାଟା-ମିସ୍ତ୍ରି ମାମଲା ସୁପ୍ରିମକୋର୍ଟରେ ଶୁକ୍ରବାର ଶୁଣାଣି



**ନୂଆଦିଲ୍ଲୀ,୭-୧:** ଟାଟାସନ୍ସ ଏବଂ ସାଇରସ ମିସ୍ତ୍ରି ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଶୁକ୍ରବାର ହେବ। ନ୍ୟାଶନାଲ କମ୍ପାନୀ ଲ ଆପିଲେଟ୍ ଟ୍ରିବ୍ୟୁନାଲ(ଏନ୍ସିଏଲ୍ଏଟି) ଟାଟା ଗ୍ରୁପର ପୂର୍ବତନ ଅଧକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଟାଟା-ଗ୍ରୁପ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାରେ ଏନ୍ସିଏଲ୍ଏଟି ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧକ୍ଷ ପଦବୀରୁ ବିଦା କରିବା ବେଆଇନ ଥିଲା ବୋଲି ରାୟରେ କହିଥିଲେ। ଏହାବାଦ ଟାଟାସନ୍ସକୁ ଏକ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ପରିବର୍ତ୍ତନ ଏବଂ ନୂଆ ଅଧକ୍ଷ ଭାବେ ଏନ୍.ଚନ୍ଦ୍ରଶେକରନଙ୍କୁ ଅବସ୍ଥାପିତ କରାଇବରକୁ ଟ୍ରିବ୍ୟୁନାଲ ବେଆଇନ ଦର୍ଶାଇଥିଲେ। ଗୋଟିଏ ମାସ ମଧ୍ୟରେ ରାୟର ଚ୍ୟାଲେଞ୍ଜ କରିବାକୁ ଟାଟାସନ୍ସକୁ ସମୟ ମିଳିଥିଲା। ସେହିଭଳି ମିସ୍ତ୍ରିଙ୍କୁ ପୁନଃ ଅଧକ୍ଷ ଭାବେ ଅବସ୍ଥାପିତ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଟାଟା ଟ୍ରଷ୍ଟ, ରତନ ଟାଟା, ଟିସିଏସ୍ ପ୍ରମୁଖ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଯାହାର ଶୁଣାଣି ଲାଗି ଚଳିତ ସପ୍ତାହ ଶୁକ୍ରବାର ସମୟ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବରରେ ସାଇରସ ମିସ୍ତ୍ରିଙ୍କୁ ଏକ ବିବାଦୀୟ ସ୍ଥିତିରେ ଟାଟାସନ୍ସର ଅଧକ୍ଷ ପଦବୀରୁ ବିଦା କରାଯାଇଥିଲା। ଏହା ବିରୋଧରେ ମିସ୍ତ୍ରି ପ୍ରଥରେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍ସିଏଲ୍ଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଠାରେ ମାମଲା ଟାଟାସନ୍ସ ସପକ୍ଷରେ ଶୁଣାଣି ହୋଇଥିଲା। ଏହା ପରେ ମିସ୍ତ୍ରି ଏନ୍ସିଏଲ୍ଏଟିର ଦ୍ୱାରସ୍ଥ ହୋଇଥିଲେ, ସେଠାରେ ତାଙ୍କ ସମକ୍ଷରେ ମାମଲା ଯାଇଥିଲା।

### ଟିକସର ସରଳୀକରଣ ଲାଗି ପଦକ୍ଷେପ ନିଆଯାଉଛି: ସୀତାରାମନ୍

ନୂଆଦିଲ୍ଲୀ,୭-୧:ଦେଶରେ ଟିକସ ବ୍ୟବସ୍ଥାର ସରଳୀକରଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିଭଳି ସାଧୁ ଟିକସଦାତା ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଶେଷ କରିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ର ଏକ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଜିଏସ୍ଟି ଫାଇଲିଂ ସିଷ୍ଟମର ଉନ୍ନତୀକରଣ ଲାଗି ସରକାର ପରାମର୍ଶ ଗ୍ରହଣ କରୁଛନ୍ତି। ବିଭିନ୍ନ ଅଂଶୀଦାରଙ୍କ ପରାମର୍ଶ ଗ୍ରହଣ କରିବା ପରେ ତାକୁ ଆଧାର କରି ସରକାର ପରବର୍ତ୍ତୀ ଯୋଜନା ହାତକୁ ନେଉଛନ୍ତି।

## ଆଜି ଧର୍ମଘଟ
# ପ୍ରଭାବିତ ହେବ ବ୍ୟାଙ୍କିଙ୍ଗ୍ ସେବା

ନୂଆଦିଲ୍ଲୀ/ଭୁବନେଶ୍ୱର, ୭-୧

ବୁଧବାର ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଦିଆଯାଇଥିବା ଧର୍ମଘଟ ଡାକରା ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଅଧିକାଂଶ ବ୍ୟାଙ୍କ ଏହି ଧର୍ମଘଟ ଏବଂ ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହେବା ନେଇ ଷ୍ଟକ ଏକ୍ସଚେଞ୍ଜକୁ ଅବଗତ କରାଇଛନ୍ତି। ଧର୍ମଘଟରେ ସାମିଲ ହେବା ନେଇ ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ(ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ(ଏଆଇବିଓଏ), ବିଇଏଫ୍ଆଇ, ଆଇଏନ୍ବିଇଏଫ୍, ଆଇଏନ୍ବିଓସି, ବ୍ୟାଙ୍କ କର୍ମଚାରୀ ସେନା ମହାସଂଘ(ବିକେଏସ୍ଏମ୍) ଭଳି ସଂଘ ସମ୍ମତି ଦେଇଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କରେ ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ, ଇନଷ୍ଟ୍ରୁମେଣ୍ଟ କ୍ଲିୟରାନ୍ସ ପ୍ରଭାବିତ ହେବା ନେଇ ଆଶଙ୍କା ଉପୁଜିଛି। ଘରୋଇ ବ୍ୟାଙ୍କ ସେବାରେ କୌଣସି



■ ଘରୋଇ ବ୍ୟାଙ୍କ କାରବାର ବନ୍ଦ ହେବନି

**୧୦** ଶ୍ରମିକ ସଙ୍ଗଠନର ଧର୍ମଘଟ

ପ୍ରଭାବ ପଡିବ ନାହିଁ ବୋଲି କୁହାଯାଉଛି।

ଧର୍ମଘଟରେ ସାରା ଦେଶରେ ପ୍ରାୟ ୨୫ କୋଟି ଲୋକ ସାମିଲ ହେବେ ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ଏକ ମିଳିତ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ସରକାର ବିଭିନ୍ନ ଜନବିରୋଧ ନୀତିକୁ ବିରୋଧ କରି ଏଭଳି ପ୍ରଦର୍ଶନ ହେଉଥିବା ସେମାନେ କହିଛନ୍ତି। ଏଥିରେ ଆଇଏନ୍ଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇଟିୟୁସି, ଟିୟୁସିସି, ଏସ୍ଇଡବ୍ଲ୍ୟୁଏ, ଏଆଇସିଟିୟୁ, ଏଲ୍ପିଏଫ୍, ୟୁଟିୟୁସି ଭଳି ଶ୍ରମିକ ସଙ୍ଗଠନ ଏଥିରେ ସାମିଲ ହେବେ। ଏହାବାଦ ବିଭିନ୍ନ କ୍ଷେତ୍ରରେ ସ୍ୱାଧୀନ ମହାସଂଘ, ସଙ୍ଗଠନ ମଧ୍ୟ ଏଥିରେ ଯୋଗ ଦେବେ।

ସଂଘ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ଜାନୁୟାରୀରେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବୈଠକରେ ସରକାର ଶ୍ରମିକମାନଙ୍କର ଦାବିକୁ ପୂରଣ କରିବାରେ ଅକ୍ଷମତା ପ୍ରକାଶ କରିଛନ୍ତି। ସରକାର ଦାବି ଶୁଣିବାକୁ ଅଗ୍ରାହ୍ୟ କରିଦେଉଛନ୍ତି। ବିଭିନ୍ନ ଅସୁବିଧା ଆଧାରରେ ଶ୍ରମିକ ବିରୋଧୀ, ଲୋକ ବିରୋଧୀ, ଜାତୀୟତା ବିରୋଧୀ ନୀତିକୁ ବିରୋଧ କରି ଧର୍ମଘଟରେ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି।

### ଧର୍ମଘଟରେ ସାମିଲ ନ ହେବାକୁ ରାଷ୍ଟ୍ରାୟତ୍ତ କର୍ମଚାରୀଙ୍କୁ ତାଗିଦ

**ନୂଆଦିଲ୍ଲୀ,୭-୧:** ବୁଧବାରର ଦେଶବ୍ୟାପୀ ଧର୍ମଘଟରେ ଯୋଗ ନ ଦେବା ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବିରତ କରନ୍ତୁ ବୋଲି ସରକାର ଉଦ୍ୟୋଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ କମ୍ପାନୀ ଯେଭଳି ଠିକ୍ ଭାବେ ଚାଲିପାରିବ ସେ ନେଇ ଏକ ଜରୁରିକାଳୀନ ଯୋଜନା ହାତକୁ ନେବା ଲାଗି କୁହାଯାଇଛି। ଯେଉଁ କର୍ମଚାରୀମାନେ ଧର୍ମଘଟରେ ସାମିଲ ହେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କର୍ମଚାରୀଙ୍କ ଦରମା କାଟ ହେବ ବୋଲି ସରକାର ଜାରି କରିଥିବା ଏକ ସରକାରୀ ପତ୍ରରେ କୁହାଯାଇଛି। ଷ୍ଟ୍ରାଇକ ସମୟରେ କାହାକୁ କାଜୁଆଲ୍ ଲିଭ ମଞ୍ଜୁରୀ କରାଯିବ ନାହିଁ। କାର୍ମିକ ଏବଂ ତାଲିମ ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶ ଜାରି କରାଯାଇଛି।

## ବିତ୍ତୀୟ ନିଅଣ୍ଟ ଚିନ୍ତା
# ଖର୍ଚ୍ଚକାଟ ନେଇ ସରକାରଙ୍କ ଯୋଜନା

ନୂଆଦିଲ୍ଲୀ,୭-୧

ସରକାରଙ୍କ ଖର୍ଚ୍ଚ ବଢିଥିଲେ ମଧ୍ୟ ସେହି ମୁତାବକ ରାଜସ୍ୱ ଆସିବା ଏବେ କଷ୍ଟକର ହେଉଛି। ରାଜସ୍ୱ ସଂଗ୍ରହ କମିଥିବା ବେଳେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୧୫% ଟପିଛି। ସରକାର ନିଅଣ୍ଟକୁ ନିୟନ୍ତ୍ରିତ କରିବା ଲାଗି ଖର୍ଚ୍ଚ କାଟ ଯୋଜନା ହାତକୁ ନେବାକୁ ଚିନ୍ତା କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ତାଙ୍କର ମୋଟ ଖର୍ଚ୍ଚରୁ ୨୭.୮୧ ବିଲିୟନ ଡଲାର ବା ପ୍ରାୟ ୨ ଲକ୍ଷ କୋଟି କାଟ କରପାରନ୍ତି। ପ୍ରକ୍ରିୟା ସହ ଜଡିତ ଜଣେ ସରକାରୀ ଅଧିକାରୀ ଏସମ୍ପର୍କରେ ମଙ୍ଗଳବାର ସୂଚନା ଦେଇଛନ୍ତି। ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ଭାରତ ବର୍ତ୍ତମାନ ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ୬ବର୍ଷର ନିମ୍ନରେ ରହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ବିକାଶ ହାର ୪.୫%କୁ ଖସି ଆସିଛି। ଏବେ ଚାହିଦା ଏବଂ ଘରୋଇ ନିବେଶ କମିବା ଯୋଗୁ ଅର୍ଥ ବ୍ୟବସ୍ଥାର ବିକାଶ ହାର ମନ୍ଥର ହୋଇଛି। ଏଭଳି ସ୍ଥିତିରେ ସରକାର ଯଦି ଖର୍ଚ୍ଚ କମାନ୍ତି ଏହା ଦେଶର ଅର୍ଥ ବ୍ୟବସ୍ଥାର ବିକାଶ ହାର ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଦେଶର ରାଜକୋଷକୁ ୨.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ କମ୍ ଆସୁଥିବାରୁ ବିତ୍ତୀୟ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ସୀମିତ ରଖିବା ଲାଗି ସରକାରଙ୍କ ପାଖରେ ବିକଳ୍ପ କମ୍ ରହୁଛି। ଏଣୁ ସରକାର ଏଭଳି ପଦକ୍ଷେପ ନେଇପାରନ୍ତି ବୋଲି ଅଧିକାରୀ ମତ ପ୍ରକାଶ କରିଛନ୍ତି। ମୋଟ ବ୍ୟୟ ଅଟକଳ ୨୭.୮୬ ଲକ୍ଷ କୋଟି ମଧ୍ୟରୁ ମଧ୍ୟରୁ ସରକାର ନଭେମ୍ବର ସୁଦ୍ଧା ୬୫% ଅର୍ଥ ଖର୍ଚ୍ଚ କରିଛନ୍ତି। ମାତ୍ର ଅକ୍ଟୋବର ଏବଂ ନଭେମ୍ବରରେ ଯେଉଁ ଭାବେ ଖର୍ଚ୍ଚ କରାଯିବା କଥା ତାର ହାରକୁ କମାଯାଇଛି ବୋଲି ସରକାରୀ ଡାଟା ପ୍ରକାଶ ପାଇଛି। ୨ ଲକ୍ଷ କୋଟି ଖର୍ଚ୍ଚ କମିଲେ ଏହା ମୋଟ ଅଟକଳର ପ୍ରାୟ ୭% ହେବ। ଅକ୍ଟୋବର ନଭେମ୍ବରରେ ସରକାରଙ୍କ ଖର୍ଚ୍ଚ ୧.୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ସେପ୍ଟେମ୍ବରରେ



ଖର୍ଚ୍ଚ ତୁଳନାରେ ପ୍ରାୟ ଅଧା। ସେପ୍ଟେମ୍ବରରେ ସରକାର ୩.୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଚାହିଦା ହ୍ରାସ ଏବଂ କର୍ପୋରେଟଗୁଡିକର ଆୟ କମିବା ଯୋଗୁ ଚଳିତ ବର୍ଷ ସରକାରଙ୍କ ରାଜସ୍ୱ ମଧ୍ୟ କମୁଛି। ଏହା ଯୋଗୁ ଅର୍ଥବ୍ୟବସ୍ଥାର ଗତି ମଧ୍ୟ ବାଧାପ୍ରାପ୍ତ ହୋଇଛି।

ଯେତେବେଳେ ଘରୋଇ କମ୍ପାନୀଙ୍କ ନିବେଶ ଅତିମାତ୍ରାରେ ହ୍ରାସ ଘଟେ ସେତେବେଳେ ଅର୍ଥ ବ୍ୟବସ୍ଥାର ବିକାଶ ହାର ଧିମା ହୋଇଥାଏ ବୋଲି ଏଲ୍ଆଣ୍ଡଟି ଫାଇନାନ୍ସର ମୁଖ୍ୟ ଅର୍ଥନୀତିଜ୍ଞ ରୂପା. ଆର. ନିତ୍ସୁସାର୍ କହିଛନ୍ତି। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ୧୩୫ ବେସିସ୍ ପଏଣ୍ଟ ରେପୋ କମାଇବା ପରେ ମଧ୍ୟ ଏହାର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ଦେଖାଯାଇନାହିଁ। ଅର୍ଥ ବ୍ୟବସ୍ଥା ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ଦରଦାମ ବଢୁଥିବାରୁ ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଶେଷଥର ହୋଇଥିବା ମୁଦ୍ରାନୀତି ସମୀକ୍ଷା ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସୁଧହାର ହ୍ରାସ ଧାରାରେ ବିରତି ଦେଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ବିକାଶ ହାର ୫%କୁ ଖସିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଏହାର ପୂର୍ବାନୁମାନରେ କହିଛି। ଏହା ହେଲେ ବିକାଶ ହାର ୧୦ ବର୍ଷର ନିମ୍ନ ସ୍ତରକୁ ଖସିଯିବ। ଗତ ବର୍ଷ ସେପ୍ଟେମ୍ବରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କର୍ପୋରେଟ ଟିକସକୁ କମାଇବା ସତ୍ତ୍ୱେ ଘରୋଇ ବଜାରରେ ଉତ୍ସାହଜନକ ନିବେଶ ଦେଖାଯାଇନାହିଁ। ଚଳିତ ଆର୍ଥିକ ବର୍ଷରେ ସରକାର ବିତ୍ତୀୟ ନିଅଣ୍ଟକୁ ମୋଟ ଜିଡିପିର ୩.୮% ରଖିପାରନ୍ତି। ଏହା ପୂର୍ବରୁ ୩.୩% ସ୍ତରରେ ରହିଥିଲା। ଅତିରିକ୍ତ ଋଣ କରିବା ନେଇ ସରକାର ଶୀଘ୍ର ଘୋଷଣା କରିପାରନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି।

# ମାର୍ଚ୍ଚ ସୁଦ୍ଧା ରାଜ୍ୟ ଇଜ୍ ଅଫ୍ ଡୁଇଂ ବିଜ୍ନେସ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ,୭-୧

ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ପରବର୍ତ୍ତୀ ଇଜ୍ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗ ଆସନ୍ତା ମାର୍ଚ୍ଚରେ ଆସିବା ସମ୍ଭାବନା ରହିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚକାଙ୍କ ଜାରି କରାଯାଉଥିବା ବେଳେ ରାଜ୍ୟଗୁଡିକରେ ବାଣିଜ୍ୟ କରିବାର ସୁବିଧା ସୁଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ଏଠାରେ ସାମିଲ କରାଯାଇଥାଏ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଅଧିକାରୀ ଜଣକ କହିଛନ୍ତି ଯେ, ଏହା ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚରେ ଆସିପାରେ। ବିଭିନ୍ନ ରାଜ୍ୟରେ ନିର୍ବାଚନ ଯୋଗୁ ଏହି ରିପୋର୍ଟ ଜାରି କରିବା ବିଳମ୍ବ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଦେଶରେ ବାଣିଜ୍ୟିକ ପରିବେଶକୁ ଉନ୍ନତ କରିବା ଏବଂ ରାଜ୍ୟ ସ୍ତରରେ ଏ ନେଇ ଏକ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟଗୁଡିକ ଏଥିରେ ଉନ୍ନତି କଲେ ଘରୋଇ ତଥା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ନିବେଶକଙ୍କୁ ଆକୃଷ୍ଟ କରିବା ସହଜ ହେବ ବୋଲି ଅଧିକାରୀ ମତ ଦେଇଛନ୍ତି।

ଇଜ୍ ଅଫ୍ ଡୁଇଂ ବିଜନେସର ପ୍ରୋତ୍ସାହନ ଲାଗି ରାଜ୍ୟଗୁଡିକ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏହା ମଧ୍ୟରେ ସିଙ୍ଗଲଓ୍ୱିଣ୍ଡୋ ସିଷ୍ଟମ ମଞ୍ଜୁରୀ ବ୍ୟବସ୍ଥା ରହିଛି। ରାଜ୍ୟଗୁଡିକର ର୍ୟାଙ୍କ ପ୍ରସ୍ତୁତି ଲାଗି ନିର୍ମାଣ ଅନୁମତି, ଶ୍ରମ ଆଇନ, ପରିବେଶ ମଞ୍ଜୁରୀ, ସୂଚନା ଲାଭ, ଜମିର ଉପଲବ୍ଧତା, ସିଙ୍ଗଲ ଓ୍ୱିଣ୍ଡୋ ସିଷ୍ଟମ ଭଳି ବିଭିନ୍ନ ସୁବିଧା ସାମିଲ ରହିଛି। ଡିପାର୍ଟମେଣ୍ଟ ଫର ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍(ଡିପିଆଇଆଇଟି) ଏବଂ ବିଶ୍ୱ ବ୍ୟାଙ୍କ ମିଳିତ ହୋଇ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟଗୁଡିକର ବାଣିଜ୍ୟ ସଂସ୍କାର ଧାରା ଜାରି ରଖିଛନ୍ତି। ଏ ଦିଗରେ ବିଜନେସ୍ ରିଫର୍ମ ଆକ୍ସନ ପ୍ଲାନ(ବିଆର୍ଏପି) କାର୍ଯ୍ୟଧାରା ଜାରି ହୋଇଛି। ଶେଷ ଥର ହୋଇଥିବା ର୍ୟାଙ୍କିଙ୍ଗ ଜୁଲାଇ ୨୦୧୮ରେ ପ୍ରକାଶ ପାଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ଶୀର୍ଷରେ ରହିଥିଲା। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ଏବଂ ହରିୟାଣା ତୃତୀୟ ସ୍ଥାନରେ ଥିଲା। ଶୀର୍ଷ ୧୦ ରାଜ୍ୟ ମଧ୍ୟରେ ଯଥାକ୍ରମେ ଝାଡଖଣ୍ଡ(୪), ଗୁଜରାଟ(୫), ଛତିଶଗଡ(୬), ମଧ୍ୟ ପ୍ରଦେଶ(୭), କର୍ଣ୍ଣାଟକ(୮), ରାଜସ୍ଥାନ(୯) ଏବଂ ପଶ୍ଚିମବଙ୍ଗ ୧୦ମ ସ୍ଥାନରେ ରହିଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଇଜ ଅଫ୍ ଡୁଇଂ ବିଜନେସ ରିପୋର୍ଟରେ ଭାରତ ୧୯୦ ଦେଶ ମଧ୍ୟରୁ ୬୩ତମ ସ୍ଥାନରେ ରହିଛି। ଏହି ଧାରାରେ ଉନ୍ନତି ଆଣିବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଉପରେ କାମ କରୁଛି। ଆସନ୍ତା ବର୍ଷରେ ଶୀର୍ଷ ୫୦ ଦେଶ ମଧ୍ୟକୁ ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି।

# ଫ୍ୟୁରୋ ଆଣିଲା ନୂଆ ଫିଟ୍ନେସ୍ ଆପ୍

ନୂଆଦିଲ୍ଲୀ,୭-୧

ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ପ୍ରମୁଖ ଲୋକପ୍ରିୟ ବ୍ରାଣ୍ଡ ଫ୍ୟୁରୋ ସ୍ପୋର୍ଟସ ପକ୍ଷରୁ ନୂଆ ଫିଟ୍ନେସ୍ କୋଟେଣ୍ଟ ଆପ୍ଲିକେଶନର ଶୁଭାରମ୍ଭ ହୋଇଛି। ଏହି ଆପ୍ଲିକେଶନ ଦ୍ୱାରା ଶାରୀରିକ ଦକ୍ଷତା ଏବଂ ଫିଟ୍ନେସ ପରୀକ୍ଷା କରାଯାଇପାରିବ। ଫିଟ୍ନେସର ହାର ବ୍ୟକ୍ତିର ସହନଶକ୍ତି, ଦୃଢ଼ତା ଏବଂ ନମନୀୟତାକୁ ବିଚାର କରି ମପାଯିବ। ଏଥିରେ ଟ୍ରାକିଂ କରିବାର ସୁବିଧା ମଧ୍ୟ ରହିଛି। ଟ୍ରାକିଂ ଦ୍ୱାରା ଫିଟ୍ନେସ ଦକ୍ଷତାକୁ ମଧ୍ୟ ବଢାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଲାଇଫ ଷ୍ଟାଇଲ ଚ୍ୟାଲେଞ୍ଜ ଏବଂ କାର୍ଯ୍ୟବ୍ୟବସ୍ଥା ଯୋଗୁ ଏବେ ଲୋକମାନେ ପରସ୍ପରକୁ ସମୟ ଦେବା ସମ୍ଭବ ହେଉ ନାହିଁ। ନୂଆ ଫିଟ୍ନେସ କୋଟେଣ୍ଟ ଆପ୍ଲିକେଶନ ଫିଟ୍ନେସକୁ ଆଧାର କରି ନୂଆ କମ୍ୟୁନିଟି ଭାବେ ଯୋଡି ପାରିବ ବୋଲି କମ୍ପାନୀର ଏମ୍ଡି ମନୋଜ ଜ୍ଞାନଚନ୍ଦାନୀ କହିଛନ୍ତି। ଜୀବନଶୈଳୀ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଲୋକମାନେ ଅବଗତ ରହିଲେ ଏହାକୁ ସୁଧାରିବା ସହ ଫିଟ୍ନେସ ଉପରେ ଧ୍ୟାନ ଦେବେ। ନୂଆ ଆପ୍ଲିକେଶନ ଏ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଜ୍ଞାନଚନ୍ଦାନୀ କହିଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485 7608013153
Salt Lake City, Kolkata-700091, Panditagaon, Khalikote, Ganjam

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ମହାଲକ୍ଷ୍ମୀ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered)
କମ୍ପାନୀ ଦ୍ୱାରା ଏକ୍ସୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ।
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9536405151 9520405151

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009 7056393742

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲାର ବ୍ୟାଙ୍କରୁ Stand Up India Scheme ଦ୍ୱାରା 8 % ସୁଧ, 30% Subsidy ସହିତ 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ଋଣ ନେଇପାରିବେ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ।
Ground Floor, Krishna Apartment, Badagada Brit Colony, Bhubaneswar 751018
8584044586 8584044492

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/–ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ତ୍ତେ ସମ୍ପାଦନ ପରେ।
ଯୋଗାଯୋଗ 9019390792
Address: Kankar Kooi, Saharanpur, Uttar Pradesh - 247001

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657 9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952, Mansi - 9977126495, Vedika - 7773046066, Riya - 9630505047, Priya - 8269113958, Anju - 7509661004

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900 9899587663

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

> କାସ୍ପର ରୁଡ୍‌ଙ୍କ ବିପକ୍ଷରେ ଖେଳିବା ବୋରିଂ ବୋଲି ଯଦିଓ ନିକ୍ କିରଗିଓସ କୁହନ୍ତି, କିନ୍ତୁ ମୋ ଦୃଷ୍ଟିରେ ଏହି ଖେଳାଳିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ।
> –ରାଫାଲ ନାଡାଲ, ଟେନିସ ଖେଳାଳି



> ଭାରତ ବିପକ୍ଷରେ ପ୍ରତିଶୋଧ ନେବା ଆମ ମନରେ ନାହିଁ, ରୋମାଞ୍ଚକ ଟେଷ୍ଟ ସିରିଜକୁ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛୁ ।
> –ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍
## ଫକୀରମୋହନ ବିଜୟୀ

**କଟକ ଅଫିସ,୭।୧:** ରେଭେନଶାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ସମ୍ବଲପୁରର ଫକୀରମୋହନ ବିଶ୍ୱବିଦ୍ୟାଳୟ ୨୬୨ରନରେ ବିହାରର ଏମ୍‌ଜିସିୟୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଫକୀରମୋହନ ଦଳ ଅବିନାଶ ସିଂଙ୍କ ୭୪ରନ ସହାୟତାରେ ୭ ଉଇକେଟ ହରାଇ ୩୦୦ରନ କରିଥିଲା। ଏମ୍‌ଜିସିୟୁ ପକ୍ଷରୁ ସନ୍ତୋଷ କୁମାର ସର୍ବାଧିକ ୨ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଏମ୍‌ଜିସିୟୁ ମାତ୍ର ୩୮ ରନରେ ଅଲଆଉଟ ହୋଇଥିଲା। ଫକୀରମୋହନ ପକ୍ଷରୁ ସନ୍ତୋଷ ଦାସ ୪ଟି ଓ ମହମ୍ମଦ ମାସୁଦ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମଧ ବିଶ୍ୱବିଦ୍ୟାଳୟ ୨ ଉଇକେଟରେ ଭୁବନେଶ୍ୱରର କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୧୨୭ରନରେ ଅଲଆଉଟ ହୋଇଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଅଭିନନ୍ଦନ କୁମାରଙ୍କ ଅପରାଜିତ ୧୮ରନ ବଳରେ ମଧ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅନ୍ୟ ମ୍ୟାଚ୍‌ରେ ଆଡାମାସ୍ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ତେଜପୁର ବିଶ୍ୱବିଦ୍ୟାଳୟକୁ ଓ ହେମଚାନ୍ଦ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୬ ଉଇକେଟରେ ଟି.ଏମ. ବିଶ୍ୱବିଦ୍ୟାଳୟକୁ ହରାଇଥିଲା।

## ୟୁଥ୍ ଗେମ୍ସରେ ୬ ଓଡ଼ିଆ ମ୍ୟାଚ୍ ଅଫିସିଆଲ୍

**କଟକ ଅଫିସ,୭।୧:** ଜାନୁୟାରୀ ୧୧ରୁ ୧୪ ପର୍ଯ୍ୟନ୍ତ ଆସାମର ଗୁଆହାଟୀ ଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଅନୁଷ୍ଠିତ ହେବ। ମ୍ୟାଚ୍ ପରିଚାଳନା ନିମନ୍ତେ ଓଡ଼ିଶାର ୬ଜଣ ଟେକ୍ନିକାଲ ଅଫିସିଆଲଙ୍କୁ ଆଥ୍‌ଲେଟିକ ଫେଡେରେଶନ ଅଫ ଇଣ୍ଡିଆ ମନୋନୀତ କରିଛି। ଏମାନେ ହେଲେ ରୂପାନ୍ୱିତା ପଣ୍ଡା, ପ୍ରବୋଧ ମହାନ୍ତି, ସସ୍ମିତା ପଣ୍ଡା, ଭବାନୀ ଶଙ୍କର ଜେନା, ଆଶିଷ ପ୍ରଧାନ ଓ ଡ. ରମେଶ ସ୍ୱାଇଁ।

## ରୋନାଲ୍ଡୋଙ୍କ ୫୬ତମ ହ୍ୟାଟ୍ରିକ

**ମିଲାନ, ୭।୧ (ଏଏଫ୍‌ପି):** ପର୍ତ୍ତୁଗାଲ ଫୁଟ୍‌ବଲ ଲିଜେଣ୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ୟାରିୟରର ୫୬ତମ ହ୍ୟାଟ୍ରିକ ସଫଳତା ପାଇଛନ୍ତି। ସ୍ଥାନୀୟ ଆଲିଆଞ୍ଜ ଷ୍ଟାଡିୟମରେ ଅନୁଷ୍ଠିତ ସିରିଏ ଏ'ର ଏକ ମୁକାବିଲାରେ ଦୁଇ ଇଟାଲୀର ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଜୁଭେଣ୍ଟସ ଓ କାଗଲିଆରି ପରସ୍ପରକୁ ଭେଟିଥିଲେ। ଏଥିରେ ଜୁଭେଣ୍ଟସ୍ ୪-୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ୩୪ ବର୍ଷୀୟ ରୋନାଲ୍ଡୋ ହ୍ୟାଟ୍ରିକ (୪୯ତମ, ୬୭ତମ ଓ ୮୨ତମ) ଗୋଲ ଦେଇଥିଲେ। ଗୋଞ୍ଜାଲୋ ହିଗୁଏନ୍ (୮୧ତମ) ଅନ୍ୟତମ ଗୋଲଟି ଦେଇଥିଲେ। ରୋନାଲ୍ଡୋଙ୍କ କ୍ୟାରିୟରର ଏହା ୫୬ତମ ତଥା ସିରିଏ ଏ'ରେ ପ୍ରଥମ ହ୍ୟାଟ୍ରିକ ରହିଥିଲା। ସେହିଭଳି ଜୁଭେଣ୍ଟସ୍ ପକ୍ଷରୁ ୨ୟ ହ୍ୟାଟ୍ରିକ ଥିଲା। ଅପରପକ୍ଷରେ ବିଶ୍ୱର ପ୍ରଥମ ଖେଳାଳିଭାବେ ରୋନାଲ୍ଡୋ ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ହ୍ୟାଟ୍ରିକ ଗୋଲସ୍କୋର କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ପୂର୍ବରୁ ରୋନାଲ୍ଡୋ ପ୍ରିମିୟର ଲିଗ୍, ଲା ଲିଗା, ଚାମ୍ପିୟନ୍ସ ଲିଗ୍, କୋପା ଡେଲ୍ ରେ, କ୍ଲବ ବିଶ୍ୱକପ୍, ବିଶ୍ୱକପ୍, ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ, ୟୁରୋ ଯୋଗ୍ୟତା ପର୍ଯ୍ୟାୟ ଓ ୟୁଏଫା ନେସନ୍ସ ଲିଗ୍‌ରେ ହ୍ୟାଟ୍ରିକ ଗୋଲ ଦେଇଥିଲେ।

## ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚରୁ ବାଦ୍ ପଡ଼ିଲେ ପୃଥ୍ୱୀ

**ନୂଆଦିଲ୍ଲୀ, ୭।୧ (ପି.ଟି.):** ଗତ ସପ୍ତାହରେ ମୁମ୍ବାଇର କର୍ଣ୍ଣାଟକ ବିପକ୍ଷ ରଣଜୀ ମ୍ୟାଚରେ ଓପନର ପୃଥ୍ୱୀ ଶ'ଙ୍କ କାନ୍ଧରେ ଆଘାତ ଲାଗିଛି। ଫଳରେ ନ୍ୟୁଜିଲାଣ୍ଡ ଟୁରର ଦୁଇଟି ଅଭ୍ୟାସ ମ୍ୟାଚରୁ ସେ ବାଦ୍ ପଡ଼ିଛନ୍ତି। ଶ' ଭାରତ ଏ' ତରଫରୁ ଖେଳିଥାନ୍ତେ। ବର୍ତ୍ତମାନ ସେ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ରେ ରିହାବିଲିଟେଶନ କାର୍ଯ୍ୟକ୍ରମରେ ଅଛନ୍ତି। ଫିଟ୍ ହେବା ଲାଗି ପୃଥ୍ୱୀଙ୍କୁ ୪ ସପ୍ତାହ ସମୟ ଲାଗିବ। ତେଣୁ ସେ ସମଗ୍ର ନ୍ୟୁଜିଲାଣ୍ଡ ଟୁର୍‌ରୁ ବାଦ୍ ପଡ଼ିପାରନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ। ଭାରତ ଏ' ଦଳ ଆସନ୍ତା ୧୦ତାରିଖରେ ଅକ୍‌ଲାଣ୍ଡ ଅଭିମୁଖେ ଯାତ୍ରା କରିବ।

### ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି
# ଫାଇନାଲରେ ଇଣ୍ଡିଆ 'ବି'

**କଟକ ଅଫିସ,୭।୧**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ–ବି ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ୩ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିବା ସହିତ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଏହି ଦଳ। ମଙ୍ଗଳବାର ହରମନପ୍ରିତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସିକୁ ଇଣ୍ଡିଆ–ବି ଦଳ ୩୫ରନରେ ହରାଇଥିଲା। ଇଣ୍ଡିଆ–ବି ପକ୍ଷରୁ ଖେଳୁଥିବା ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଉଇକେଟ ଅକ୍ତିଆର କରିବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ବୋଲିଂ ସ୍ପେଲ ସୁଶ୍ରୀ ୪–୦–୧୮–୨ ରହିଥିଲା।

ଇଣ୍ଡିଆ–ବି ଅଧିନାୟିକା ସ୍ମୃତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ଦଳ ଚମତ୍କାର ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୪ ଉଇକେଟ ହରାଇ ୧୩୯ରନ କରିଥିଲା। ଅଧିନାୟିକା ସ୍ମୃତି ସର୍ବାଧିକ ୩୪ରନ କରିଥିଲେ। ଏହା ମଧ୍ୟରେ ୪ ଚୌକା ଓ ୨ଟି ଛକା ସାମିଲ ଥିଲା। ଏହାଛଡ଼ା ଭେଲାସ୍ୱାମୀ ଭନିଥା ୩୦, ରିଚା ଘୋଷ ୨୨, ଜେମିହା ରୋଡ୍ରିଗ୍ସେଜ ୨୦ରନରେ ଆଉଟ ହୋଇଥିବା ବେଳେ ପୂଜା ବସ୍ତ୍ରକାର ୧୫ ଓ ଶିଖା ପାଣ୍ଡେ ୧୪ରନରେ ଅପରାଜିତ ଥିଲେ। ଇଣ୍ଡିଆ–ଏ ପକ୍ଷରୁ ସ୍ନେହ ରାଣା ସର୍ବାଧିକ ୨ଟି ଉଇକେଟ ନେଇଥିବା ବେଳେ ମାନସୀ ଯୋଶୀ ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ–ଏ ୭ ଉଇକେଟ ହରାଇ ୧୦୪ରନ କରି ପାରିଥିଲା। ଧୁଆଁଧାର ବ୍ୟାଟିଂ ସହ ୩୪ରନ କରିଥିବା ଓପନର ପ୍ରିୟା ପୁନିଆ ସୁଶ୍ରୀଙ୍କ ଶିକାର ହୋଇଥିଲେ। ଦୀପ୍ତି ଶର୍ମା



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ।

### ସୁଶ୍ରୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

୩୩ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରି ପାରି ନଥିଲେ। ତାନିଆ ଭାଟିଆ ୧୧, ଦେବିକା ବୈଦ୍ୟ ୬, ଅଧିନାୟିକା ହରମନପ୍ରିତ କୌର ୬, ଭାରତୀ ଫୁଲମଲି ୧୧, ରାଧା ଯାଦବ ୨ରନ କରିଥିଲେ। ଇଣ୍ଡିଆ ବି ପକ୍ଷରୁ ସୁଶ୍ରୀ ୧୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅନୁଜା ପାଟିଲଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ତନୁଜା କନୱର, ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି)**

ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ ଏହାର ଘରୋଇ ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଟୁର୍ନାମେଣ୍ଟ ଆରମ୍ଭ ପାଇଁ ଆଉ ୨ ସପ୍ତାହରୁ କମ୍ ସମୟ ଥିବାରୁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ସମ୍ପର୍କରେ ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିଯୋଗିତାର ଏହା ଦ୍ୱିତୀୟ ସଂସ୍କରଣ ହୋଇଥିଲେ ହେଁ ଭାରତ ପ୍ରଥମଥର ପାଇଁ ଭାଗ ନେଉଛି। କଳିଙ୍ଗ ଷ୍ଟାଡିୟମରେ ଭାରତ ବିଶ୍ୱର ୩ ନମ୍ବର ଦଳ ନେଦରଲାଣ୍ଡ୍ସ, ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ବେଲଜିୟମ, ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ଓ ୯ ନମ୍ବର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ପ୍ରତି ଦଳ ବିପକ୍ଷରେ ୨ଟି ଲେଖାଏ ମ୍ୟାଚ ଖେଳିବାକୁଥିବାରୁ ଭାରତ ଘରୋଇ ପରିବେଶରେ ମୋଟ ୮ଟି ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ସବୁ ମ୍ୟାଚ ଗୁଡ଼ିକର ଟିକେଟ ଷ୍ଟାଡିୟମର ୯ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସରେ ଉପଲବ୍ଧ। ଏହା ବ୍ୟତୀତ ଭୁବନେଶ୍ୱରର ବିଭିନ୍ନ ଆଉଟ୍‌ଲେଟ୍‌ରେ ମଧ ଟିକେଟ ମିଳୁଛି। ଏଫଆଇଏଚ୍ ପ୍ରୋ ଲିଗ୍ ୨୦୨୦ ପାଇଁ ଯେଉଁ ଦର୍ଶକ ଅନ୍‌ଲାଇନ୍ ଟିକେଟ କିଣିଛନ୍ତି ସେମାନେ ଷ୍ଟାଡିୟମର ୪ ନମ୍ବର ଗେଟ୍ ନିକଟରେ ଥିବା ରିଡମ୍ପଶନ କାଉଣ୍ଟରେ ରିଡିମ୍ କରିପାରିବେ। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକେଟ ମିଳିବ ଏବଂ ରିଡମ୍ପଶନ କରିହେବ। ହକି ପ୍ରୋ ଲିଗ୍ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୦୦ଟଙ୍କା, ଇଷ୍ଟ ଷ୍ଟାଣ୍ଡ ଟିକେଟ ୩୦୦ ଏବଂ ୱେଷ୍ଟଷ୍ଟାଣ୍ଡ ଟିକେଟର ମୂଲ୍ୟ ୫୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ମ୍ୟାଚଗୁଡ଼ିକ ଜାନୁୟାରୀ ୧୮ରୁ ମେ ୨୪ ମଧ୍ୟରେ ଅନୁଷ୍ଠିତ ହେବ। ଅନ୍‌ଲାଇନ୍‌ରେ ଟିକେଟ କିଣିଥିବା ଦର୍ଶକମାନେ ଜାନୁୟାରୀ ୬ରୁ ୨୨ ଏବଂ ପୁଣି ମେ ୮ରୁ ୨୪ ମଧ୍ୟରେ ରିଡମ୍ପଶନ କରିପାରିବେ।

### ଏଫଆଇଏଚ୍ ହକି ପ୍ରୋ ଲିଗ୍

ପ୍ରକାଶ ଯୋଗ୍ୟ ଯେ, ଗତ ନଭେମ୍ବର ୨୧ରୁ ଅନ୍‌ଲାଇନ୍ (https://in.ticketgenie.in/Tickets/FIH-Hockey-Pro-League-2020)ରେ ଟିକେଟ ଉପଲବ୍ଧ ହେଉଛି। "ଏକ ବିଶେଷ ଫର୍ମାଟରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ଅନୁଷ୍ଠିତ ହେଉଛି। ଏଥିରେ ବିଶ୍ୱର ୯ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଥିବାରୁ ଆଗାମୀ ୬ ମାସ ମଧ୍ୟରେ ରୋମାଞ୍ଚକ ହକି ଦେଖିବାକୁ ମିଳିବ' ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।

## ପଦକ ଆଶାରେ ଓଡ଼ିଶା ଲନ୍ ବଲ୍ ଦଳ



ଗୁଆହାଟୀ ଯାତ୍ରା କରିଥିବା ଓଡ଼ିଶା ଲନ୍ ବଲ୍ ଦଳ।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣ ଆସାମର ଗୁଆହାଟୀରେ ଆସନ୍ତା ୧୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଭାରତୀୟ ବୋଲିଂ ସଂଘ (ବିଏଫଆଇ) ଅଧିନରେ ପରିଚାଳିତ 'ଲନ୍ ବଲ୍' ପ୍ରଥମ ଥର ପାଇଁ ଏଥିରେ ସାମିଲ ହୋଇଛି। ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶା ଲନ୍ ବଲ୍ ଦଳ ମଙ୍ଗଳବାର ଆସାମ ଯାତ୍ରା କରିଛି। ରାଜ୍ୟ ପାଇଁ ପଦକ ଜିତିବା ନେଇ ଆଶାବାଦୀ ଥିବା ଏହି ଦଳର ସଦସ୍ୟ ଓ ସଦସ୍ୟାମାନଙ୍କୁ ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏସନର ସଭାପତି ତଥା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂହଦେଓ ଏବଂ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଆକାଶ ମାଝୀ, ଜଗା ମହାକୁଡ଼, ଚିନ୍ମୟ ତ୍ରିପାଠୀ, ବିଶ୍ୱରାଜ ସାହୁ, ସୌମ୍ୟ ମହାପାତ୍ର, ସଞ୍ଜନା ମେହେର, ପ୍ରିୟଙ୍କା କୁମ୍ଭାର, ଆରିଫା ବେଗମ୍, ଶ୍ୱେତଲାନା ବକ୍ସି, ସାଇନା ନାଏକ। କୋଚ୍: ସୁକାନ୍ତ ସେଠ୍, ରଶ୍ମିତା ପୁରୋହିତ, ମ୍ୟାନେଜର: ସୁମିତ ରଞ୍ଜନ ପୁରୋହିତ।

## ମ୍ୟାଚ୍ ବାତିଲ: ୯ରେ ଦୁଇଟି ମ୍ୟାଚ୍

**କଟକ ଅଫିସ, ୭।୧:** ଭାରତ ବନ୍ଦ ଡାକରା ଯୋଗୁ ବାରବାଟୀରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିର ବୁଧବାର ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଇଣ୍ଡିଆ–ସି ଓ ଇଣ୍ଡିଆ–ବି ମଧ୍ୟରେ ଏହି ମ୍ୟାଚ୍ ଖେଳା ଯାଇଥାନ୍ତା। ଗୋଟିଏ ଦିନର ମ୍ୟାଚ୍ ବାତିଲ ଯୋଗୁଁ ଆସନ୍ତା ୯ରେ ଦୁଇଟି ମ୍ୟାଚ ଖେଳାଯିବାକୁ ନିର୍ଦ୍ଧାରିତ କରିଛି ବିସିସିଆଇ। ୯ ତାରିଖ ପୂର୍ବାହ୍ନରେ ଇଣ୍ଡିଆ–ଏ ଓ ଇଣ୍ଡିଆ–ସି ମଧ୍ୟରେ, ଅପରାହ୍ନରେ ଇଣ୍ଡିଆ–ସି ଓ ଇଣ୍ଡିଆ–ବି ମଧ୍ୟରେ ମ୍ୟାଚ ଖେଳାଯିବ। ୧୦ ତାରିଖରେ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଖେଳାଯିବ।

# ମାନ୍ଧନା ଶ୍ରେଷ୍ଠ ବ୍ୟାଟ୍ସଓମ୍ୟାନ, ଦୀପ୍ତି କ୍ରିକେଟର୍

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ମହିଳା କ୍ରିକେଟ୍ ସମ୍ବନ୍ଧିତ ୱେବସାଇଟ୍ ଓ ଡିଜିଟାଲ ମାଗାଜିନ 'ଓମେନ୍ସ କ୍ରିକ୍‌ଜୋନ' ପକ୍ଷରୁ ଏହାର ଦ୍ୱିତୀୟ ସଂସ୍କରଣ ମାଗାଜିନ ଉନ୍ମୋଚିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ଓମେନ୍ସ କ୍ରିକ୍‌ଜୋନ୍' ମାଗାଜିନ ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ପ୍ରଥମଥର ଲାଗି ଭାରତୀୟ ମହିଳା କ୍ରିକେଟ୍ ଦଳର ଘରୋଇ ଓ ଅନ୍ତର୍ଜାତୀୟସ୍ତରର ଖେଳାଳିଙ୍କୁ ମଧ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୮–୧୯ ସିଜନର ପ୍ରଦର୍ଶନକୁ ଆଧାର କରି ଏହି ପୁରସ୍କାର ଦିଆଯାଇଥିଲା। କଟକର ବାରବାଟୀ ଷ୍ଟାଡିୟମରେ ବର୍ତ୍ତମାନ ମହିଳା ଚ୍ୟାଲେଞ୍ଜର ଟ୍ରଫି ଟି୨୦ ପ୍ରତିଯୋଗିତା ଚାଲିଛି। ଏଥିରେ ଇଣ୍ଡିଆ–ଏ, ବି ଓ ସି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନଭିତ୍ତିରେ ମ୍ୟାଚ୍ ଖେଳୁଛନ୍ତି। ତେଣୁ ଭାରତୀୟ ଘରୋଇ ଓ ଜାତୀୟ ଦଳର ଅଧିକାଂଶ ଖେଳାଳି ଏହି ଅବସରରେ ଉପସ୍ଥିତ ରହିଥିଲେ। ଯେଉଁମାନଙ୍କ ମଧ୍ୟରେ ସ୍ମୃତି ମାନ୍ଧନା, ହରମନପ୍ରୀତ୍ କୌର, ପ୍ରିୟା ପୁନିଆ, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସେଜଙ୍କ ପରି ପ୍ରମୁଖ ଖେଳାଳି ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିଥିଲେ।

ଜଣାଶୁଣା କ୍ରିକେଟ୍ ଭାଷ୍ୟକାର ସବା କରିମ, ପୂର୍ବତନ ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା ମମଥା ମାବେନ, ମିଲାନ କ୍ରିକେଟ ଆସୋସିଏଶନ ସଭାପତି ନନ୍ଦ କୁମାର କୁରୁପ, ୱିମେନ କ୍ରିକ୍‌ଜୋନ୍ ସିଇଓ ୟଶ ଲାହୋଟି, ସ୍ୱର୍ଗତ ସିଦ୍ଧାନ୍ତ ପଟ୍ଟନାୟକଙ୍କ ଭଉଣୀ, ଅନନ୍ୟା ପଟ୍ଟନାୟକ, ମା ବର୍ଷା ପଟ୍ଟନାୟକ, ଅଭିଜିତ୍ କାନଭିଲକର, ଜଣାଶୁଣା ଖବରଦାତା ସୁନନ୍ଦା ଲେଲେ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

### ଓମେନ୍ସ କ୍ରିକ୍‌ଜୋନ୍









ଦୀପ୍ତି ଶର୍ମା ଓ ସ୍ମୃତି ମାନ୍ଧନା ପୁରସ୍କାର ଗ୍ରହଣ କରୁଛନ୍ତି।

### ଭାରତ ଅନ୍ତର୍ଜାତୀୟ ସମ୍ମାନ
ଶ୍ରେଷ୍ଠ ଭାରତୀୟ ବୋଲର– ପୁନମ ଯାଦବ
ଶ୍ରେଷ୍ଠ ଭାରତୀୟ ବ୍ୟାଟ୍ସଓମ୍ୟାନ– ସ୍ମୃତି ମାନ୍ଧନା
ଶ୍ରେଷ୍ଠ ଭାରତୀୟ କ୍ରିକେଟର୍– ଦୀପ୍ତି ଶର୍ମା

### ଘରୋଇ ପୁରସ୍କାର
ଶ୍ରେଷ୍ଠ ଜୁନିୟର ବୋଲର: ତେଜସ୍ୱିନୀ ଦୁରାଗଡ଼ (ଗୋଆ)
ଶ୍ରେଷ୍ଠ ଜୁନିୟର ବ୍ୟାଟ୍ସଓମ୍ୟାନ: ଶେଫାଳୀ ବର୍ମା
ଶ୍ରେଷ୍ଠ ସିନିୟର ବୋଲର: ତରନ୍ନୁମ ପଠାନ (ବରୋଦା)
ଶ୍ରେଷ୍ଠ ସିନିୟର ବ୍ୟାଟ୍ସଓମ୍ୟାନ: ପ୍ରିୟା ପୁନିଆ (ରାଜସ୍ଥାନ)

### ଘରୋଇ ଦକ୍ଷ ପୁରସ୍କାର
- ରିମା ମାଲହୋତ୍ରା (ଅଲ୍‌ରାଉଣ୍ଡର, ଦିଲ୍ଲୀ)
- ଗୌହର ସୁଲତାନ (ବାମହାତୀ ସ୍ପିନର, ହାଇଦ୍ରାବାଦ)

### ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ପୁରସ୍କାର
- କରୁନ୍ୟା କେଶଭ

# ଫାଇନାଲରେ କ୍ରାଉନ୍ ସ୍ପୋର୍ଟିଂ

**ନିମାପଡ଼ା, ୭।୧ (ଡି.ଏନ୍.ଏ)**

ନିମାପଡ଼ା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର କ୍ରାଉନ୍ ସ୍ପୋର୍ଟିଂ ବିଜୟ ଲାଭ କରିଛି। ମଙ୍ଗଳବାର ଦଳ ୪ ଉଇକେଟରେ ଭୁବନେଶ୍ୱରର ଅନ୍ୟ ଏକ ଦଳ ଜାଗୃତି ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୃତି ସ୍ପୋର୍ଟିଂ ଦଳ ନିର୍ଦ୍ଧାରିତ ୩୦ ଓଭରରୁ ୨୮.୫ ଓଭରରେ ୧୨୯ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରଣଜିତ ପାଇକରାୟ ସର୍ବାଧିକ ୩୩ ରନ, ଅଙ୍କୁଶ ମହାନ୍ତି ୩୧ରନ କରିଥିଲେ। କ୍ରାଉନ ସ୍ପୋର୍ଟିଂ ତରଫରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ବ୍ରତୀସୁନ୍ଦର ବେହେରା ୫ଟି ଉଇକେଟ ନେଇଥିଲେ। କ୍ରାଉନ ସ୍ପୋର୍ଟିଂ ୨୭ ଓଭରରେ ୬ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିବା ସହ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଦୀପ୍ତି ମିଶ୍ର ୨୮ ଏବଂ କିଷାନ ରଥ ୨୩ ରନ କରିଥିଲେ। ଜାଗୃତି ସ୍ପୋର୍ଟିଂର ବାଦଲ ଭୋଳ ୪ ଉଇକେଟ ଅକ୍ତିଆର କରିଥିଲେ। ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। କ୍ରାଉନ୍ ସ୍ପୋର୍ଟିଂର ବ୍ରତୀସୁନ୍ଦର ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଜାଗୃତି ସ୍ପୋର୍ଟିଂର ବାଦଲ ଭୋଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ମ୍ୟାଚରେ ଆକ୍ସିସ ବ୍ୟାଙ୍କ ମ୍ୟାନେଜର ସତ୍ୟଦୀପ ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର ମ୍ୟାଚ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଏବଂ ନିମାପଡ଼ାର ଏସ୍.ପି. ଫାଉଣ୍ଡେଶନ ଦଳ ମଧ୍ୟରେ ହେବ।

### ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ



ଅତିଥିଙ୍କଠାରୁ ବାଦଲ ଭୋଳ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

### ବଙ୍ଗବନ୍ଧୁ ଆଡ୍‌ଭେଞ୍ଚର ଫେଷ୍ଟିଭାଲ
## ଓଡ଼ିଶାର ୫ ଭାଗନେବେ





ବାଂଲାଦେଶ ଯିବା ପୂର୍ବରୁ ପ୍ରତିଯୋଗୀଙ୍କୁ ଶୁଭକାମନା।

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି):** ବାଂଲାଦେଶର ଚିଟାଗଙ୍ଗଠାରେ ଚଳିତମାସ ୧୦ରୁ ୧୫ ପର୍ଯ୍ୟନ୍ତ ବଙ୍ଗବନ୍ଧୁ ଆଡ୍‌ଭେଞ୍ଚର ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏଥିରେ ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍(ଆସା)ର ୫ ଜଣ ଭାଗନେବେ। ସେମାନେ ହେଲେ ସତ୍ୟବ୍ରତ ଦାସ, ରୁଦ୍ର ନାରାୟଣ ଲେଙ୍କା, ଅତୁଲ୍ୟ କୁମାର ବାଉତ୍, ବିଭାରାଣୀ ପାତ୍ର ଓ ସଂଘମିତ୍ରା ଦଳାଇ। ଏହାଦ୍ୱାରା ବିଦେଶରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ଅଭିଜ୍ଞତା ଆହରଣ କରିହେବ ବୋଲି ଆସାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଓଡ଼ିଶାର ଏଭରେଷ୍ଟ ଆରୋହୀ ଗଣେଶଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥିଭାବେ ନିମନ୍ତ୍ରଣ କରାଯାଇଛି। ଫେଷ୍ଟିଭାଲରେ ଭାଗ ନେବାକୁ ଯାଉଥିବା ପ୍ରତିଯୋଗୀଙ୍କୁ ଆସାର ପରାମର୍ଶଦାତା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ଗଣେଶ ପ୍ରମୁଖ ମଙ୍ଗଳବାର ରେଲୱେ ଷ୍ଟେଶନରେ ଉପସ୍ଥିତ ରହି ବିଦାୟୀ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ଗିଲ୍‌ଙ୍କୁ ମ୍ୟାଚ ଫି'ର ଶତ ପ୍ରତିଶତ ଜରିମାନା



ନୂଆଦିଲ୍ଲୀ, ୭।୧ (ପି.ଟି.): ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବା ଅଭିଯୋଗରେ କ୍ରିକେଟର ଶୁବମନ ଗିଲ୍ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ମ୍ୟାଚ ଫି'ର ଶତପ୍ରତିଶତ ଜରିମାନା ହୋଇଛି। ଗତ ସପ୍ତାହରେ ମୋହାଲିଠାରେ ପଞ୍ଜାବ ଓ ଦିଲ୍ଲୀ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ ବେଳେ ଶୁବମନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଚରଣ ବିଧି ଉଲ୍ଲଂଘନ କରିଥିଲେ। ଏହି ମ୍ୟାଚ ବେଳେ ଖରାପ ଆଚରଣ ପାଇଁ ଦିଲ୍ଲୀର ସିନିୟର ବ୍ୟାଟ୍ସମ୍ୟାନ ଧ୍ରୁବ ଶୋରେଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି। ମ୍ୟାଚର ପ୍ରଥମ ସେସନରେ ବିବାଦ ସୃଷ୍ଟି ହୋଇଥିଲା। ଅନ୍-ଫିଲ୍ଡ ଅମ୍ପାୟର ମହମ୍ମଦ ରଫି ଆଉଟ ଦେବାପରେ ଗିଲ୍‌ଙ୍କର ତାଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ପରେ ରଫି ଲେଗ୍ ଅମ୍ପାୟର ପଶ୍ଚିମ ପାଠକଙ୍କ ସହିତ ପରାମର୍ଶ କରି ତାଙ୍କ ନିଷ୍ପତ୍ତି ବଦଳାଇଥିଲେ। ଦିଲ୍ଲୀ ଟିମ୍ ଏଥିରେ ଖୁସି ନ ଥିବା ଦେଖାଯାଇଥିଲା। ଶୋରେ ପଡ଼ିଆ ଛାଡ଼ି ଚାଲିଯିବା ଲାଗି ଧମକ ଦେଇଥିଲେ। ଏହି କାରଣ ଯୋଗୁ ମ୍ୟାଚ କିଛି ସମୟ ଅଟକି ଥିଲା।

### ରବିବାର ସମ୍ଭାବ୍ୟ ମହିଳା କ୍ରିକେଟ ଦଳ ଘୋଷଣା

ଇନ୍ଦୋର,୭।୧(ପି.ଟି.): ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ମହିଳା ଦଳ ଓ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ସମ୍ଭାବ୍ୟ ମହିଳା ଦଳ ରବିବାର ଘୋଷଣା ହେବ। ମୁମ୍ବାଇରେ ବୈଠକରେ ବସି ଚୟନ କମିଟି ଏହି ଦଳ ଘୋଷଣା କରିବ। ଏହି ତ୍ରିରାଷ୍ଟ୍ରୀୟ ସିରିଜରେ ଆୟୋଜକ ଅଷ୍ଟ୍ରେଲିଆ ସମେତ ଭାରତ ଓ ଇଂଲଣ୍ଡ ସାମିଲ ରହିବେ। କାନବେରାରୁ ଜାନୁୟାରୀ ୩୧ ତାରିଖରୁ ଏହି ସିରିଜ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲରେ ପରସ୍ପରକୁ ଭେଟିବେ। ଫେବୃୟାରୀ ୨୧ ତାରିଖରୁ ଟି୨୦ ବିଶ୍ୱ କପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ଏହି ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରୁ ଭାରତୀୟ ଖେଳାଳିମାନେ ସେମାନଙ୍କ ଦକ୍ଷତା ତଥା ପ୍ରତିଭା ପ୍ରମାଣିତ କରିବାର ସୁଯୋଗ ହାସଲ କରିବେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ୪ଥର ବିଶ୍ୱକପ୍ ହାସଲ କରିଥିବା ଆୟୋଜକ ଅଷ୍ଟ୍ରେଲିଆକୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ଭେଟିବ।

## ଦ୍ୱିତୀୟ ଟି୨୦

# ଭାରତର ସହଜ ବିଜୟ

ଇନ୍ଦୋର, ୭।୧(ପି.ଟି.)

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ସ୍ଥାନୀୟ ହୋଲକାର ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୪୩ ରନ ବିଜୟ ଲକ୍ଷ୍ୟକୁ ଭାରତ ୧୭.୩ ଓଭରରେ ୩ ଉଇକେଟ ହରାଇ ହାସଲ କରିଛି। ଫଳରେ ଟିମ୍ ଇଣ୍ଡିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଗୁଆହାଟୀରେ ରବିବାର ପ୍ରଥମ ଟି୨୦ ବର୍ଷା କାରଣରୁ ବାତିଲ ହୋଇଥିଲା।

ଲୋକେଶ ରାହୁଲ ଓ ଶିଖର ଧାୱନ ଓପନିଂ ଯୋଡ଼ିରେ ୫୫ ବଲ୍‌ରୁ ୭୧ ରନ ସଂଗ୍ରହ କରି ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ଆକ୍ରମଣାତ୍ମକ ଖେଳି ୩୨ ବଲ୍‌ରୁ ୬ ଚୌକା ସହାୟତାରେ ୪୫ ରନ କରିଥିବାବେଳେ ରାହୁଲ ୱାନିନ୍ଦୁ ହସରଙ୍ଗାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ୨୯ ବଲ୍‌ରୁ ୨ ଚୌକା ସହ ୩୨ ରନ କରିଥିବା ଧାୱନ ୱାନିନ୍ଦୁଙ୍କ ଦ୍ୱିତୀୟ ଶିକାର ହେବାରୁ ୧୧.୨ ଓଭରରେ ଭାରତ ସ୍କୋର ୮୬/୨ ହୋଇଥିଲା। ଶ୍ରେୟାସ ଆୟାରଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଅଧିନାୟକ ବିରାଟ କୋହଲି ଦ୍ରୁତ ହାରରେ ରନ ସଂଗ୍ରହ ସହ ଦଳର ବିଜୟକୁ ସହଜ କରି ଦେଇଥିଲେ।



କୁଶାଲ ପେରେରାଙ୍କ ଉଇକେଟ ନେବାପରେ କୁଲ୍‌ଦୀପ ଯାଦବଙ୍କୁ ବିରାଟ କୋହଲିଙ୍କ ବଧେଇ।

ଭାରତ ବିଜୟ ଲକ୍ଷ୍ୟଠାରୁ ୬ ରନ ଦୂରରେ ଥିବାବେଳେ ବଡ଼ ଶଟ୍ ଖେଳିବାକୁ ଯାଇ ଆୟାର ଲାହିରୁ କୁମାରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୨୬ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହାୟତାରେ ୩୪ ରନ କରିଥିଲେ। ଏହି ଓଭରରେ ରିଷଭ ପନ୍ତ ଏକ ସିଙ୍ଗଲ ନେଇଥିବାବେଳେ କୋହଲି ତୃତୀୟ ବଲ୍‌ରେ ଛକା ମାରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ୧୭ଟି ବଲ୍ ଖେଳିଥିବା ବିରାଟ ୧ ଚୌକା ଓ ୨ ଛକା ସହ ୩୦ ରନ କରି ଅପରାଜିତ ରହିଥିଲେ। ଏହି ଅବସରରେ କୋହଲି ଟି୨୦ରେ ୧୦୦୦ ରନ୍ ପୂରଣ କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଭଲ ଆରମ୍ଭ କରିଥିଲେ ମଧ୍ୟ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଦଳ ତରଫରୁ କୁଶଲ ପେରେରା ୨୮ଟି ବଲ୍ ଖେଳି ୩ଟି ଛକା ସହ ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ଦନୁଷ୍କା ଗୁଣତିଲକା ୨୦, ଅଭିଷ୍କା ଫର୍ନାଣ୍ଡୋ ୨୨ ରନ କରିଥିଲେ। ଭାରତ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩, ନବଦୀପ ସଇନୀ ଓ କୁଲଦୀପ ଯାଦବ ୨ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଶ୍ରୀଲଙ୍କା: ୨୦ ଓଭରରେ ୧୪୨/୯(ପେରେରା-୩୪, ଅଭିଷ୍କା-୨୨, ଶାର୍ଦ୍ଦୁଳ-୩/୨୩, ସଇନୀ-୨/୧୮, କୁଲଦୀପ-୨/୩୮, ବୁମ୍‌ରା-୧/୩୨, ସୁନ୍ଦର-୧/୨୯)।
- ଭାରତ: ୧୭.୩ ଓଭରରେ ୧୪୪/୩(ଲୋକେଶ-୪୫, ଆୟାର-୩୪, ଧାୱନ-୩୨, କୋହଲି-୩୦*, ୱାନିନ୍ଦୁ ହସରଙ୍ଗା-୨/୩୦, ଲାହିରୁ କୁମାର-୧/୩୦)।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଶ୍ରେୟାଂଶ୍ରୀ ସିଂ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ସଂଯୁକ୍ତା ସିଂ ଓ ପରିବାରବର୍ଗ ।
ଧ-୭୨୩୧୧

୯ମ ଜନ୍ମଦିନ ଶୁଭେଚ୍ଛା



ଆଦର୍ଶ ମେହେର
ନି- ଲାଉମୁଣ୍ଡା, ଥା: ବିଜେପୁର, ଜିଲ୍ଲା:ବରଗଡ଼
ଆଜି ତୁମର ନବମ ଜନ୍ମଦିନରେ ଶିରିଡି ସାଇ ବାବା ତୁମକୁ ଶୁଭାଶିଷ ଦିଅନ୍ତୁ। ତୁମର ଚଲାପଥ ସଦା କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ, ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବାପା: ଶୁକଦେବ ମେହେର, ମାଆ: ସୌଦାମିନୀ ମେହେର, ଭଉଣୀ: କୁକୁଲି ମେହେର, ମାମୁ, ମାଇଁ ଓ ଅଜା, ଆଈ ।
ଧ-୧୬୦୯୧

## ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ଅଘଟଣ

ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଏକ ଅଘଟଣ ଘଟିଛି। ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରତିଯୋଗିତା ସମୟରେ ୱାଲ୍‌ରୁ ଖସିପଡ଼ି କୋଲକାତାର ଅନୁସ ଖାନ୍ନା ନାମ୍ନୀ ଜଣେ ବାଳିକାଙ୍କ ହାତ ଭାଙ୍ଗିଛି। ମଙ୍ଗଳବାର ଦ୍ୱିତୀୟାର୍ଦ୍ଧରେ ଏହି ଅଘଟଣ ଘଟିଛି। ମ୍ୟାଟ୍‌ରେ ସମସ୍ୟା ଯୋଗୁ ଏପରି ହୋଇଥିବା ଜଣା ଯାଇଛି। ମ୍ୟାଟ୍‌କୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଆ ଯାଇଥିଲେ ହେଁ ତାହା କରାଯାଇ ନ ଥିଲା। ଦ୍ୱିତୀୟ ଦିବସରେ ସବ୍‌ଜୁନିୟର, ଜୁନିୟର ସ୍ପିଡ୍ ବୋଲ୍‌ଡରିଂ, ପୁରୁଷ ଓପନ ବୋଲଡରିଂ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ପୂର୍ବାଞ୍ଚଳ ଦଳ ଚୟନରେ ପାତର ଅନ୍ତର କରାଯାଇଥିବା କେତେକ ଖେଳାଳି ଅଭିଯୋଗ ଆଣିଥିଲେ। ମାତ୍ର ତାହାକୁ ଅସ୍ୱୀକାର କରାଯାଇଥିଲା।

## ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ୍ ୧୯କୁ ଘୁଞ୍ଚିଲା

ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି): ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ୍‌ର ପଞ୍ଚମ ସଂସ୍କରଣ ଚଳିତ ମାସ ୧୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତମାସ ୧୨ରେ ହେବାର ଥିଲା। ତେବେ ହାଫ୍ ମାରାଥନର ଆୟୋଜନ ସ୍ଥାନ, ଦୌଡ଼ର ବର୍ଗ, ଦୌଡ଼ ଆରମ୍ଭ ସମୟ, ପୁରସ୍କାର ରାଶି, ରୁଟ (ମାର୍ଗ) ଇତ୍ୟାଦି ଅପରିବର୍ତ୍ତିତ ରହିଛି।

## କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆଠାରୁ ମାନ୍ୟତା ପ୍ରତ୍ୟାହାର

ନୂଆଦିଲ୍ଲୀ,୭।୧(ପି.ଟି.)

ସମ୍ବିଧାନ ଓ ନିୟମ ଉଲ୍ଲଂଘନ ଅଭିଯୋଗରେ କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ (କେଏଆଇ)ଠାରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ମାନ୍ୟତା ପ୍ରତ୍ୟାହାର କରିଛି। ଗତ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ଆଇଓଏ ଏ ନେଇ ନିଷ୍ପତ୍ତି ନେଇଥିଲା। ତେବେ ଗତ ସୋମବାର ବିଶ୍ୱ କରାଟେ ଫେଡେରେଶନ (ଡବ୍ଲ୍ୟୁକେଏଫ୍)କୁ ଆଇଓଏ ମାମଲା ପ୍ରତ୍ୟାହାର ନେଇ ଔପଚାରିକ ଭାବେ ଚିଠି ପଠାଇଛି। ୨୦୧୭ ଅଗଷ୍ଟ ୮ ତାରିଖରେ ଆଇଓଏ କେଏଆଇକୁ ମାନ୍ୟତା ପ୍ରଦାନ କରିଥିଲା। ତେବେ ଏହାପୂର୍ବରୁ କେଏଆଇକୁ କାର୍ଯ୍ୟକାରୀ କାଉନସିଲ ତଥା ସାଧାରଣ ସଭାର ରାଟିଫିକେଶନ ବା ଅନୁସମର୍ଥନ କରିବାର ସର୍ତ୍ତ ରଖାଯାଇଥିଲା। ତେବେ ଏହା ଏପର୍ଯ୍ୟନ୍ତ ହୋଇପାରି ନ ଥିଲା। ଗତ ଦୁଇ ବର୍ଷ ମଧ୍ୟରେ କେଆଇଏ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା ବୋଲି ଆଇଓଏ ଏହି ଚିଠିରେ ଉଲ୍ଲେଖ କରିଛି।

ବୈଠକରେ ମଧ୍ୟ କେଏଆଇ ଆଇଓଏ ସମ୍ବିଧାନ ଓ ନିୟମର ଉଲ୍ଲଂଘନ କରିବା ନେଇ ଚର୍ଚ୍ଚା ହୋଇଥିଲା। ଏହା ଭାରତରେ ଅଲିମ୍ପିକ୍ ଆନ୍ଦୋଳନକୁ ସମର୍ଥନ କରୁନାହିଁ ବୋଲି କୁହାଯାଇଥିଲା। ଫଳରେ ଶେଷରେ କେଏଆଇଠାରୁ ମାନ୍ୟତା ପ୍ରତ୍ୟାହାର କରବାକୁ ହେଲା ବୋଲି ଆଇଓଏ ଚିଠିରେ ସ୍ପଷ୍ଟ କରିଛି।

ଫେଡେରେଶନର ପଦାଧିକାରୀ ମାନଙ୍କ କାର୍ଯ୍ୟକାଳ ପୂରା ହୋଇଥିବାରୁ ୨୦୧୮ ଡିସେମ୍ବରରେ ଆଇଓଏ ୧୨୦ ଦିନ ମଧ୍ୟରେ କେଏଆଇର ନିର୍ବାଚନ କରିବାକୁ ଏକ ୩ ଜଣିଆ ଆଡହକ୍ କମିଟି ଗଠନ କରିଥିଲା। ତେବେ ଏଥିରେ ବିଳମ୍ବ ହୋଇଥିଲା। ଆଇଓଏର ଆଡହକ୍ କମିଟି ଗଠନ ନିଷ୍ପତ୍ତିକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲେ ମଧ୍ୟ ଶେଷରେ ଏହାକୁ ପ୍ରତ୍ୟାହର କରାଯାଇଥିଲା। ଏହାପରେ କେଏଆଇ ଅବଶ୍ୟ ନିର୍ବାଚନ କରାଇଥିଲା। ତେବେ ଆଡହକ୍ କମିଟିର ତତ୍ତ୍ୱାବଧାନରେ ଏହା ହୋଇ ନ ଥିଲା। ଲିଖା ତାରାଙ୍କୁ ସଭାପତି ଓ ଆମ୍ବେଦକର ଗୁପ୍ତାଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଥିଲା। ଆଲୋଚନ ପାଇଁ ଏହି ଦୁହିଁଙ୍କୁ ଆଇଓଏ ଡାକିଥିଲେ ମଧ୍ୟ ଏମାନେ ଆସି ନ ଥିଲେ। ଏହାପରେ ଏକ ରୋଡ ମ୍ୟାପ୍ ପ୍ରସ୍ତୁତି ପାଇଁ ନବ ନିର୍ବାଚିତ ଅଧିକାରୀଙ୍କୁ ଗତ ଡିସେମ୍ବର ୨୭ ତାରିଖରେ ଅନୁଷ୍ଠିତ ବୈଠକକୁ ଡକାଯାଇଥିଲା। ତେବେ ସେମାନେ ଆସି ନ ଥିଲେ। ଫଳରେ ଶେଷରେ ଆଇଓଏ ଏହି ଚରମ ନିଷ୍ପତ୍ତି ନେଇଥିଲା।

## ସୌରଭ ଗୌଡ଼ଙ୍କ ଦ୍ୱିଶତକ

ସମ୍ବଲପୁର, ୭।୧(ବ୍ୟୁରୋ)

ସୌରଭ ଗୌଡଙ୍କ ଦ୍ୱିଶତକ ଓ ବୋଲର ପ୍ରୀତମ ସିଂ ଚୌହାନଙ୍କ ଘାତକ ବୋଲିଂ ସହାୟତାରେ ଓଡ଼ିଶା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ୧ ଇନିଂସ ୯୮ ରନ୍‌ରେ ସିକ୍କିମକୁ ପରାସ୍ତ କରିଛି। ଫଳରେ ଦଳ ୭ ପଏଣ୍ଟ ପାଇଛି। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୫୫୫/୩ରେ ଇନିଂସ ଘୋଷଣା କରିଥିଲା। ସୌରଭ ୩୫୨ଟି ବଲର ସମ୍ମୁଖୀନ ହୋଇ ୨୨୫ ରନ୍ ସଂଗ୍ରହ କରି ଅପରାଜିତ ରହିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଅମ୍ରିତ ଖଟୁଆ ୧୨୨, ବିନିତ ମହାନ୍ତି ୬୩, ଦଳର ଅଧିନାୟକ ସ୍ୱସ୍ତିକ ସାମଲ ୬୯ ରନ୍ କରିଥିଲେ। ଶୁଭମ ଶତ୍ରୁଜିତ ୩୭ ବଲ୍‌ରେ ଧୂଆଁଧାର ୬୩ ରନ୍ କରି ଅପରାଜିତ ରହିଥିଲେ। ସିକ୍କିମ ବୋଲର ସନ୍ଦୀପ, ଦିନେଶ ଓ ହରିତ ଗୋଟିଏ ଲେଖାଏ ଉଇକେଟ ନେବାରେ ସଫଳ ହୋଇଥିଲେ। ମଙ୍ଗଳବାର ଭ୍ରମଣକାରୀ ସିକ୍କିମ ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ମାତ୍ର ପ୍ରୀତମଙ୍କ ବୋଲିଂର ସାମ୍‌ନା କରି ନ ପାରି ଦଳ ୬୧ ଓଭରରେ ୨୪୯ ରନ କରି ଅଲଆଉଟ ହୋଇ ଯାଇଥିଲା। ପି. ପାର୍ଥ ୧୩୭ ବଲରେ ୧୧୫, ମହମ୍ମଦ ସାହାବାଜ ୯୯ ବଲରେ ୮୭, ଆକାଶ ଲୁଇଟେଲ ୫୧ ବଲରେ ୧୬ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ପ୍ରୀତମ ୨୧ ଓଭରରେ ୮୮ ରନ ଦେଇ ୭ଟି ଉଇକେଟ ଅକ୍ତିଆର କରିଥିଲେ। ପୂର୍ବ ଇନିଂସରେ ମଧ୍ୟ ସେ ୪ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଅନ୍ୟତମ ବୋଲର କାର୍ତ୍ତିକ ବିଶ୍ୱାଳ ୮ଓଭରରେ ୨୮ ରନ ଦେଇ ୧ଟି ଓ ଅମ୍ରିତ ଖଟୁଆ ୧ ଓଭରରେ ୧ ରନ ଦେଇ ୧ ଉଇକେଟ ନେଇଥିଲେ। ଅମ୍ପାୟର ଭାରତୀ ଭର୍ଜି, ଅରୁଣ ବାସା ମ୍ୟାଚ ପରିଚାଳନା କରିଥିଲେ। ଏସ. ସୁରେଶ ମ୍ୟାଚ ରେଫରି ଥିବା ବେଳେ ରଜତ ଦାଶ ଓ ବୀରବର ନାୟକ ଅନଲାଇନ ସ୍କୋରର ଥିଲେ। ଆୟୋଜକ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନା ଓ କାଉନସିଲ ସଭ୍ୟ ସୁନୀଲ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ପ୍ରିତମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡିଶା କ୍ରିକେଟ ଆସୋସିଏଶନ୍ ଯୁଗ୍ମ ସମ୍ପାଦକ ମେହେତାବ ଖାନ ମୁଖ୍ୟଅତିଥି, ୧୬ ଓ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଚୟନ କର୍ତ୍ତା ଶୋଭନ ଦେବ, ଝାରସୁଗୁଡା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କାଉନସିଲ ସଭ୍ୟ ସୁବୋଧ ସାହୁ, ଅଜୟ ହୋତା, ଅଭିନାଷ ନନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଦ୍ୱିଶତକ ହାସଲ ପରେ ସୌରଭ ଗୌଡ।

**ସି.କେ. ନାଇଡୁ ଟ୍ରଫି**

- ସିକ୍କିମକୁ ହରାଇଲା ଓଡ଼ିଶା
- ପ୍ରୀତମ ମ୍ୟାନ ଅଫ୍ ଦ ମ୍ୟାଚ

## ଇଂଲଣ୍ଡର ବୃହତ୍ ବିଜୟ

କେପ୍ ଟାଉନ,୭।୧: ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୮୯ ରନରେ ଘରୋଇ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହିତ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନ ସ୍ତରରେ ପହଞ୍ଚିଛି। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଇଂଲଣ୍ଡର ବେନ୍ ଷ୍ଟୋକ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୯୧.୫ ଓଭରରେ ୨୬୯ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ୮୯ ଓଭରରେ ୨୨୩ ରନ ସଂଗ୍ରହ କରି ୪୬ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୧୧ ଓଭରରେ ୮ ଉଇକେଟ ହରାଇ ୩୯୧ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୪୩୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନ୍ତିମ ତଥା ପଞ୍ଚମ ଦିବସରେ ୧୩୭.୪ ଓଭରରେ ୨୪୮ ରନକରି ଅଲଆଉଟ ହେବା ସହ ପରାଜୟବରଣ କରିଥିଲା।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ- ୨୬୯ । ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୨୨୩। ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୩୯୧/୮ (ଇନିଂସ ଘୋଷଣା)।, ଦକ୍ଷିଣ ଆଫ୍ରକା ଦ୍ୱିତୀୟ ଇନିଂସ- ୧୩୭.୪ ଓଭରରେ ୨୪୮ ଅଲଆଉଟ, (ମଲାନ- ୮୪, ଡିକକ- ୫୦, ଏଲଗାର- ୩୪, ଷ୍ଟୋକ୍ସ- ୩/୩୫, ଆଣ୍ଡରସନ- ୨/୨୩, ଡେନ୍‌ଲି- ୨/୪୨)।

## ତ୍ରୁଟି ସୁଧାରୁ ହାଇଦ୍ରାବାଦ ଏଫ୍‌ସି

ବାଇଚୁଙ୍ଗ ଭୁଟିଆ

ଭାରତୀୟ ଫୁଟ୍‌ବଲ ଏବେ କେତୋଟି ନିର୍ଦ୍ଦିଷ୍ଟ ଆଞ୍ଚଳରେ ଆଉ ସୀମିତ ନାହିଁ। ଭାରତର ଟପ୍ ଫୁଟ୍‌ବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ଏବେ ଭୁବନେଶ୍ୱର ଓ ହାଇଦ୍ରାବାଦ ସାମିଲ ହୋଇଛନ୍ତି। ଇତିହାସ କୁହେ ଭାରତୀୟ ଫୁଟ୍‌ବଲ ସହିତ ଏହି ଜଡ଼ିତ ଦୁଇଟି ସେଣ୍ଟରର ଚରିତ୍ର ପରସ୍ପରଠାରୁ ଭିନ୍ନ। 'ସିଟି ଅଫ୍ ପର୍ଲସ୍' ବହୁ କିମ୍ବଦନ୍ତୀ ଖେଳାଳି ସୃଷ୍ଟି କରିପାରିଥିବାରୁ ଭାରତୀୟ ଫୁଟ୍‌ବଲ ସବୁବେଳେ ହାଇଦ୍ରାବାଦ ନିକଟରେ କୃତଜ୍ଞ ରହିବ। ଦିନଥିଲା ହାଇଦ୍ରାବାଦ ପୋଲିସ ଏକ ଶକ୍ତିଶାଳୀ ଫୁଟ୍‌ବଲ ଦଳ ଥିଲା। ଏହି ସହରରୁ ଅଳ୍ପେ ବହୁତେ ଖେଳାଳି ଭାରତୀୟ ଜାତୀୟ ଦଳରେ ସ୍ଥାନ ପାଉଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରକୁ ଏବେ କ୍ରୀଡ଼ା ରାଜଧାନୀ ବୋଲି କୁହାଯାଉଛି। ମନ୍ଦିରମାଳିନୀ ନଗର ଇତିମଧ୍ୟରେ ସଫଳତାର ସହିତ କେତୋଟି ହାଇ ପ୍ରୋଫାଇଲ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିସାରିଛି। ତନ୍ମଧ୍ୟରେ ଏଫଆଇଏଚ୍ ହକି ୱାର୍ଲ୍ଡ କପ୍ ଅନ୍ୟତମ। ଆଗକୁ ଭାରତରେ ହେବାକୁ ଥିବା ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌ର କେତୋଟି ମ୍ୟାଚ ଭୁବନେଶ୍ୱରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁନଶ୍ଚ ୧୯ବର୍ଷରୁ କମ୍ ଭାରତୀୟ ଦଳ ଇଣ୍ଡିଆ ଆରୋଜର ହୋମ୍ ଗ୍ରାଉଣ୍ଡ ରହିଛି। ଇଣ୍ଡିଆନ ସୁପର ଲିଗ୍‌ରେ ଓଡ଼ିଶା ଏଫ୍‌ସି ଏବଂ ହାଇଦ୍ରାବାଦ ଏଫ୍‌ସି ପ୍ରଥମ ଥର ପାଦ ଦେଇଛନ୍ତି। ମାତ୍ର ଉଭୟ ଦଳ ପ୍ରଭାବୀ ହୋଇପାରି ନାହାନ୍ତି। ଓଡ଼ିଶା ଏଫ୍‌ସି ବିଳମ୍ବରେ କେତୋଟି ମ୍ୟାଚରେ ଭଲ ପ୍ରଦର୍ଶନ କରିଛି। ଏହି ଦଳ ଏପର୍ଯ୍ୟନ୍ତ ଖେଳି ସାରିଥିବା ୪ଟି ମ୍ୟାଚରୁ ୯ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ନିକଟରେ ପ୍ଲେଅଫ୍‌କୁ ଉନ୍ନୀତ ହେବାର ସାମର୍ଥ୍ୟ ରହିଥିବା ମୁଁ ଦେଖିପାରୁଛି। ଯେଉଁ ଭାରତୀୟ ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ସେମାନଙ୍କ କ୍ୱାଲିଟି ଖେଳ ମୋତେ ପ୍ରଭାବିତ କରିଛି। ଭିନିତ୍ ରାୟ ନନ୍ଧାକୁମାର, ଜେରି ମାୱିମିଙ୍ଗଥାଙ୍ଗା ଭଲ ଖେଳୁଛନ୍ତି। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମୁଁ ମନେ କରୁଛି। ଯୁବ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ଭୁବନେଶ୍ୱରରେ ଖେଳ ପ୍ରତି ଦର୍ଶକଙ୍କ ଆଗ୍ରହ ଉତ୍ସାହଜନକ। ସେ ତୁଳନାରେ ହାଇଦ୍ରାବାଦ ଏଫ୍‌ସି ଏବେ ଲିଗ୍ ଟେବୁଲ୍‌ରେ ସର୍ବ ନିମ୍ନ ସ୍ଥାନରେ ରହିଛି। ଏହି ଟିମ୍ ବିଶେଷ କରି ମାର୍ସେଲ ପେରେରାଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଏକ ଟୁର୍ନାମେଣ୍ଟରେ ଜଣେ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଆଗକୁ ବଢ଼ିବା ସମ୍ଭବ ନୁହେଁ। ଗୋଲକିପରଙ୍କ ବାରମ୍ବାର ତ୍ରୁଟି ଦଳର ଚିନ୍ତା ବଢ଼ାଇ ଦେଇଛି। ଆଦିଲ ଖାଁ ଜଣେ କଠିନ ପରିଶ୍ରମୀ ଖେଳାଳି। ଜାତୀୟ ଦଳରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ହାଇଦ୍ରାବାଦ ଏଫ୍‌ସି ଦଳର ଡିଫେନ୍ସରେ ତାଙ୍କୁ ସାଥୀ ଖେଳାଳିମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳୁନାହିଁ। ମାର୍ସେଲଙ୍କୁ ମଧ୍ୟ ସମ ଦଶା ଭୋଗିବାକୁ ପଡୁଛି। ଫରୱାର୍ଡରେ ତାଙ୍କୁ ଏକାକି ଯାହା କରିବାକୁ ପଡୁଛି।

-(ଗେମ୍ ପ୍ଲାନ୍)

#WhatDrivesYou
EXIDE

ମନେ ପଡ଼ନ୍ତି

ଏକାଦଶାହ



ସ୍ୱର୍ଗତ ଭରତ ଚନ୍ଦ୍ର ସେଠୀ
ବାଉରିପଦା, ସିମୁଳିଆ, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୨୮
ସ୍ୱର୍ଗାରୋହଣ: ୨୯।୧୨।୧୯
ଆପଣଙ୍କର ଅନୁପସ୍ଥିତି ଆମକୁ କଷ୍ଟ ଦେଉଛି। ତଥାପି ଯେଉଁଠି ବି ଥାଆନ୍ତୁ ମା' ରାଣୀରାଉତାଣୀଙ୍କ ଅଶେଷ କୃପାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି କାମନା।
ଶୋକସନ୍ତପ୍ତ:
ଗଜେନ୍ଦ୍ର, ଅର୍ଣ୍ଣପୂର୍ଣ୍ଣା, ଶଙ୍କର, ହଗିରି, ଜାଗିରୀ, ଠକିରୀ, କମଳା, ମଦନ, ବସନ୍ତ, ଦୈତାରୀ, ଦେବଦତ୍ତ, ବିଜୟ, ସୁରେନ୍ଦ୍ର, ତୁଳସୀ, ମାଳତୀ, କାମିନୀ, ରଶ୍ମି, ଗୀତା, ପ୍ରିୟ, ରାଣୀ, ମାମି, ପିଣ୍ଟୁ, ଖୁସୀ, ଓମ୍, ସାଇ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୧୬୦୮୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ ଗୋକୁଳ ଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୧.୦୨.୧୯୩୭
ତିରୋଧାନ: ୨୯.୧୨.୨୦୧୯
ଆପଣଙ୍କର ତିରୋଧାନ ରେ ପ୍ରଭୁଙ୍କୁ ଏତିକି ନିବେଦନ ଯେ, ଆପଣଙ୍କର ସ୍ନେହ, ଆଶୀର୍ବାଦ, ପରୋପକାରିତା, ଆଦିକବି ର ପରିଚୟ, ଆମ୍ଭ ପାଇଁ ସଦାସର୍ବଦା ପ୍ରେରଣା ର ମାର୍ଗ ହୋଇଥାଉ ଓ ଆପଣଙ୍କର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ।
ଶୋକସନ୍ତପ୍ତ:
ନାତି-ନାତୁଣୀ, ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୦୯୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧିରେନ୍ କୁମାର ଦାଶ
ସାହାସପୁର, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୮।୦୯।୧୯୮୦
ତିରୋଧାନ: ୦୭।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ରାଧାମୋହନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୬୦୮୯

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜୟରୁଦ୍ର ପାଲ୍
ପିତା: Dr. S.K. Pal
ମାତା: Minati Pal
ଆବିର୍ଭାବ: ୦୮।୦୫।୧୯୭୮
ତିରୋଧାନ: ୦୮।୦୧।୨୦୧୧
ଚାହୁଁ ଚାହୁଁ ୧୦ବର୍ଷ ବିତିଗଲା। ତୁ ଥିଲୁ ଆମ ଘରର ସୂର୍ଯ୍ୟାଲୋକ। ଅସ୍ତ ହୋଇଗଲୁ ସିନା, ମାତ୍ର ପାସୋରି ହେଉନି ଆଜି ମଧ୍ୟ ତୋର ସେହି ତେଜୀୟାନ୍ ସ୍ମୃତି।
ଇତି ତୋର: ମାଆ, ବାପା ଓ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୬୦୮୮

## ସଂକ୍ଷେପରେ

### ବସ୍‌କୁ ଧକ୍କା ଦେଲା କାର୍: ୩ ଗୁରୁତର



**ପୁରୀ ଅଫିସ, ୭।୧:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତିପାଟପୁର ଛକରେ ମଙ୍ଗଳବାର ଏକ ଯାତ୍ରୀବାହୀ ବସ୍‌କୁ ପଛପଟୁ କାର୍ ଧକ୍କା ଦେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଟକର ବିନୋବା କାନୁନ୍‌ଗୋ, ସମ୍ବିତ ପଟ୍ଟନାୟକ ଏବଂ କାର୍ ଡ୍ରାଇଭର। ସଙ୍କଟାପନ୍ନ ଅବସ୍ଥାରେ ଡ୍ରାଇଭରଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, ବିନୋବା ଓ ସମ୍ବିତ ଜଣେ ସମ୍ପର୍କୀୟଙ୍କ ସତ୍କାର କାର୍ଯ୍ୟରେ ଯୋଗଦେବା ଲାଗି କଟକରୁ ପୁରୀ ଆସୁଥିଲେ। ଡ୍ରାଇଭର ଭାରସାମ୍ୟ ହରାଇ ଏକ ବସ୍‌କୁ ଧକ୍କା ଦେଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲା।

## ■ କାରଖାନା,ଦୋକାନରେ ଚଢ଼ାଉ
# ପ୍ଲାଷ୍ଟିକ ପାଇପ, କଞ୍ଚାମାଲ ଜବତ

କଟକ ଅଫିସ, ୭।୧

ଜଗତ୍‌ପୁର ଥାନା ଅଧୀନ ନିଉ ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ ଥିବା ପ୍ରଜ୍ଞା ଇଣ୍ଡଷ୍ଟ୍ରି ଓ ବକ୍ସିବଜାର ନିକଟରେ ଥିବା ଉସା ମେସିନାରି ଟୁଲ୍ସ ଦୋକାନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର କୃଷି ସମ୍ବନ୍ଧୀୟ ନକଲି ପ୍ଲାଷ୍ଟିକ ପାଇପ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି

### ଡିଟେକ୍ଟିଭ୍ ସଂସ୍ଥା କର୍ମଚାରୀ ଦେଲେ ତଥ୍ୟ

କାରଖାନାରେ ପ୍ଲାଷ୍ଟିକ ପାଇପ ତିଆରି କରାଯାଉଥିଲା। ପରେ ଏଥିରେ ଦାମୀ କମ୍ପାନୀର ଷ୍ଟିକର ଲଗାଯାଇ ବିକ୍ରି କରାଯାଉଥିଲା। ଏଭଳି ବେଆଇନ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ପୋଲିସ ଜାଣିପାରୁ ନ ଥିଲା। ହେଲେ କଲିକତାର ଅଲୱେଜ୍ ଡିଟେକ୍ଟିଭ୍ ପ୍ରାଇଭେଟ୍ ଲିମିଟେଡ ନାମକ ଏକ ଡିଟେକ୍ଟିଭ ସଂସ୍ଥା (ଯାହାର କାମ ଭାରତରେ ନକଲି କାରଖାନା ଠାବ କରିବା)ର ପଞ୍ଜୀକୃତ କର୍ମଚାରୀ ଶଙ୍କର କୁମାର ଦାସ ଦୀର୍ଘଦୀନ ହେବ ଉକ୍ତ କାରଖାନା ଓ ଦୋକାନ ଉପରେ ନଜର ରଖିଥିଲେ। ଏହି କାରଖାନାରେ ନକଲି ପାଇପ ତିଆରି ହେଉଥିବା ସମ୍ପର୍କରେ ଶଙ୍କର ପ୍ରମାଣ ପାଇବା ପରେ ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଉକ୍ତ କାରଖାନା ଓ ଦୋକାନରେ ଚଢ଼ାଉ କରିଥିଲା। ଉକ୍ତ କାରଖାନାରୁ ୧୦୯ ପ୍ୟାକେଟ୍ ନକଲି ପାଇପ, ନକଲି ଷ୍ଟିକର, କଞ୍ଚାମାଲ ଓ ଦୋକାନରୁ ୪୦ ପ୍ୟାକେଟ୍ ପଲି ସୁପର ପାଇପ ପୋଲିସ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଏ ନେଇ ଅଧିକ ତଦନ୍ତ ଚାଲିଥିବାବେଳେ ଉକ୍ତ କାରଖାନା ମାଲିକ ଓ ଦୋକାନ ମାଲିକଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ।




ଜବତ ମେଶିନ୍, ପ୍ଲାଷ୍ଟିକ୍ ପାଇପ୍ ଓ ବିଭିନ୍ନ ସାମଗ୍ରୀ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା
# 'ବଡ଼ଦାଣ୍ଡକୁ ମଦ, ଆମିଷମୁକ୍ତ କରାଯାଉ'

ଭୁବନେଶ୍ୱର,୭।୧(ବ୍ୟୁରୋ)



ପୁରୀ ବଡ଼ଦାଣ୍ଡକୁ ମଦ, ଆମିଷମୁକ୍ତ କରିବା ଲାଗି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ ନେତା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଗନ୍ନାଥ ଧାମ ହେଉଛି ବିଶ୍ୱର ଏକ ପ୍ରମୁଖ ଆଧ୍ୟାତ୍ମିକ କ୍ଷେତ୍ର। ସାରା ବିଶ୍ୱରେ ରହୁଥିବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କର ବିଶ୍ୱାସର ପ୍ରାଣକେନ୍ଦ୍ର। ପୁରୀର ବଡ଼ଦାଣ୍ଡ ହେଉଛି ଏକ ପବିତ୍ର ସ୍ଥାନ। ବର୍ଷକୁ ଥରେ ମହାପ୍ରଭୁ ଜଗନ୍ନାଥ ସେହି ପବିତ୍ର ବଡ଼ଦାଣ୍ଡରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ବଡ଼ଦାଣ୍ଡକୁ ଆମିଷମୁକ୍ତ, ସେଠାରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। ବଦଦାଣ୍ଡରେ ଥିବା ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଦ, ଆମିଷ ବିକ୍ରି କରାଯାଉଛି। ଫଳରେ କେତେଜଣ ବିଳମ୍ବିତ ରାତ୍ରିଏପରି କି ଦିନବେଳା ମଦ ପିଇ ବଡ଼ଦାଣ୍ଡରେ ବିଶୃଙ୍ଖଳା କରୁଥିବାର ନଜିର ଅଛି। ଏହାଦ୍ୱାରା ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମନରେ ଏକ ନକାରାତ୍ମକ ଭାବନା ଆସୁଛି। ଏହାକୁ ତୁରନ୍ତ ବନ୍ଦ କରିବା ଦରକାର। ଆଗରୁ ଅନେକ ସାଧୁ ସନ୍ଥମାନେ ଏହି ଦାବି ଉଠାଇଛନ୍ତି। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିରର ଚାରିପଟକୁ ସୁନ୍ଦର ଓ ସୁରକ୍ଷିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି, ଏହା ସ୍ୱାଗତଯୋଗ୍ୟ। ଏହାସହ ବଡ଼ଦାଣ୍ଡକୁ ମଦମୁକ୍ତ ଓ ଆମିଷମୁକ୍ତ କରିବାର ବି ଆବଶ୍ୟକତା ଅଛି। ଆଶାକରୁଛି ମୁଖ୍ୟମନ୍ତ୍ରୀ ଏହା ଉପରେ ପଦକ୍ଷେପ ନେବେ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ପୋଲିସ ପରିଚୟ ଦେଇ ଅଳଙ୍କାର ଲୁଟ୍

କଟକ ଅଫିସ, ୭।୧

■ କାଗଜରେ ବାଲି ଦେଇ ମୁଦି, ଚେନ୍ ନେଇଗଲେ ୨ ଦୁର୍ବୃତ୍ତ

■ ସିସିଟିଭି ଫୁଟେଜ ଯାଞ୍ଚ କଲା ପୋଲିସ

କଟକ ସହରରେ ମାତିଛନ୍ତି ନକଲି ପୋଲିସ। ନିଜକୁ ପୋଲିସର ପରିଚୟ ଦେଇ ଦିନ ଦ୍ୱିପ୍ରହରରେ ଲୋକଙ୍କ ନିକଟରୁ ଲୁଟ୍ କରୁଛନ୍ତି। ମୁଖତଃ ସେମାନଙ୍କ ଟାର୍ଗେଟ ହେଉଛନ୍ତି ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ଓ ବୟସ୍କ ବ୍ୟକ୍ତି। ମାଲଗୋଦାମ ଥାନା ଅନ୍ତର୍ଗତ କଲେଜଛକ ନିକଟରେ ସ୍ଥାନୀୟ ପାଟରାସାହିର ଲକ୍ଷ୍ମୀଧର ଲେଙ୍କା ନାମକ ଜଣେ ବୃଦ୍ଧ ମଙ୍ଗଳବାର ଏଭଳି ଲୁଟ୍‌ର ଶିକାର ହୋଇଛନ୍ତି। ଏ ନେଇ ସେ ମାଲଗୋଦାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ଲକ୍ଷ୍ମୀଧର କଲେଜଛକରୁ ଯୋବ୍ରା ଆଡକୁ ଯାଉଥିବାବେଳେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ତାରିଣୀ ମନ୍ଦିର ନିକଟରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ନିଜକୁ ମାଲଗୋଦାମ ଥାନାର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଆଗରେ ଚେକିଂ ହେଉଛି ତେଣୁ ନିଜ ସୁନାଅଳଙ୍କାର କାଢି ସୁରକ୍ଷିତ ଭାବରେ ନେବାକୁ ଲକ୍ଷ୍ମୀଧରଙ୍କୁ କହିଥିଲେ। ଏପରି କି ସୁନାଅଳଙ୍କାର ରଖିବା ପାଇଁ ସେମାନେ ତାଙ୍କୁ ଏକ କାଗଜ ପୁଡ଼ିଆ ଦେଇଥିଲେ। ଲକ୍ଷ୍ମୀଧର ସେମାନଙ୍କ କଥାରେ ବିଶ୍ୱାସ କରି ପିନ୍ଧିଥିବା ଏକ ସୁନାଚେନ୍ ଓ ଗୋଟିଏ ସୁନାମୁଦି ଉକ୍ତ କାଗଜ ପୁଡିଆରେ ରଖିଥିଲେ। ତେବେ ଦୁର୍ବୃତ୍ତ ଦ୍ୱୟ ଅତି ଚତୁରତାର ସହ ଅଳଙ୍କାର ଥିବା ପୁଡିଆକୁ ନିଜ ପାଖରେ ରଖି ଲକ୍ଷ୍ମୀଧରଙ୍କୁ ବାଲି ପସିଥିବା ଏକ ପୁଡ଼ିଆ ଦେଇଥିଲେ। ପରେ ଲକ୍ଷ୍ମୀଧର ଘରକୁ ଯାଇଥିଲେ। ହେଲେ ଘରେ ଉକ୍ତ କାଗଜ ପୁଡ଼ିଆକୁ ଖୋଲି ଦେଖିବାରୁ ସେଥିରୁ ବାଲି ବାହାରିଥିଲା। ସେ ନକଲି ପୋଲିସର ଠକାମୀରେ ପଡିଥିବା ଜାଣି ମାଲଗୋଦାମ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ମାଲଗୋଦାମ ଥାନା ଅଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ ସହ ଅଧିକ ତଦନ୍ତ ଜାରି ରହିଛି।

କଟକ ସହରରେ ନକଲି ପୋଲିସ ଟ୍ରେଣ୍ଡ ୨୦୧୮ରେ ଲୋକଲୋଚନକୁ ଆସିଥିଲା। ଅନେକ ଲୋକ ଏମିତି ନକଲି ପୋଲିସର ଶିକାର ହୋଇଥିଲେ। ୨୦୧୯ରେ ଏ ନେଇ ସହରର ବିଭିନ୍ନ ଥାନାରେ ପ୍ରାୟ ୨୨ଟି ମାମଲା ରୁଜୁ ହୋଇଥିଲା। ପୂର୍ବରୁ ମାଲ୍‌ଗୋଦାମ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ନକଲି ପୋଲିସଠାରୁ ଲୁଟ୍‌ର ଶିକାର ହୋଇଥିଲେ। ଏହି ଘଟଣାର ତଦନ୍ତ କରି ମାଲଗୋଦାମ ପୋଲିସ ଉତ୍ତର ପ୍ରଦେଶରୁ ଏକ ନକଲି ପୋଲିସ ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରିଥିଲା। ଏହାପରେ ବାହାର ରାଜ୍ୟରୁ ଗ୍ୟାଙ୍ଗ ଆସି କଟକରେ ନକଲି ପୋଲିସ ହୋଇ ଲୁଟୁଥିବା ଜଣା ପଡିଥିଲା।

## ■ ମୋଟର ଯାନ ଆଇନ ଉଲ୍ଲଂଘନ
# ଗତବର୍ଷ ୩.୮୫ ଲକ୍ଷ ଖିଲାପକାରୀଙ୍କୁ ଇ-ଚାଲାଣ

ଭୁବନେଶ୍ୱର, ୭।୧(ବ୍ୟୁରୋ)

### ଅଗଷ୍ଟରେ ସର୍ବାଧିକ ଜରିମାନା

ଗତବର୍ଷ ଅର୍ଥାତ୍ ୨୦୧୯ରେ ସଡକ ପରିବହନ ବିଭାଗ ରାଜ୍ୟର ୩୫ ପରିବହନ କାର୍ଯ୍ୟାଳୟ ଜରିଆରେ ୩.୮୫ ଲକ୍ଷ ମୋଟର ଯାନ ଆଇନ ଖିଲାପକାରୀଙ୍କୁ ଇ-ଚାଲାଣ ଆକାରରେ ଜରିମାନା କରିଛି। ଅଗଷ୍ଟରେ ସର୍ବାଧିକ ୫୬ ହଜାର ଇ-ଚାଲାଣ ଜାରି କରାଯାଇଛି। ମୟୂରଭଞ୍ଜ ପରିବହନ କାର୍ଯ୍ୟାଳୟ ତରଫରୁ ସର୍ବାଧିକ ୪୬ ହଜାର, ଗଞ୍ଜାମ ଜିଲା ପରିବହନ ବିଭାଗ ତରଫରୁ ୩୬ ହଜାର, ଭୁବନେଶ୍ୱର ଆର୍‌ଟିଓ-୧ ତରଫରୁ ୨୩ ହଜାର ଇ-ଚାଲାଣ କଟାଯାଇଛି।

୨୦୧୮ ଡିସେମ୍ବରରେ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ମାନୁଆଲି ଭାବେ ୧୫ ହଜାର ଇ-ଚାଲାଣ କଟାଯାଇଥିଲା। ତେବେ ଉକ୍ତବର୍ଷ ମୋଟ ୨.୭ ଲକ୍ଷ ଖିଲାପକାରୀଙ୍କ ନାମରେ ଚାଲାଣ କଟାଯାଇଥିବାବେଳେ ୨୦୧୯ରେ ଏହା ଢ଼େର୍ ଅଧିକ ରହିଛି। ଯାଞ୍ଚବେଳେ ଚୋରା ଓ ବିନା କାଗଜପତ୍ରରେ ଚାଲୁଥିବା ଅଧିକାଂଶ ଯାନବାହନକୁ ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଦ୍ରୁତ ଗାଡି ଚାଳନା ପାଇଁ ୩୩ ହଜାର, ମଦ୍ୟପାନ କରି ଗାଡି ଚାଳନା ନେଇ ୩୩୦୩, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚାଳନା ପାଇଁ ୫୭୯୦ ଏବଂ ବିନା ହେଲ୍‌ମେଟରେ ଗାଡି ଚାଳନା ପାଇଁ ୬୦ ହଜାର ଖିଲାପକାରୀଙ୍କୁ ଇ-ଚାଲାଣ ମାଧ୍ୟମରେ ଜରିମାନା କରାଯାଇଛି। ସେହିପରି ସଡକ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସକୁ ୭୦୦ ଇ-ଚାଲାଣ ମେଶିନ ଦିଆଯାଇଥିଲା। ସାଧାରଣ ଅପରାଧ ବା ନିୟମ ଉଲ୍ଲଂଘନ କରିଥିବା ୪୦ ହଜାର, ଦ୍ରୁତ ଗତିରେ ଗାଡି ଚଳାଉଥିବା ୮୪୭ଜଣ, ମୋବାଇଲ ଫୋନ୍‌ରେ କଥା ହୋଇ ଗାଡି ଚାଳନା ନେଇ ୨୧୧, ବିନା ହେଲମେଟରେ ଗାଡି ଚାଳନା ନେଇ ୧୭ ହଜାର ଏବଂ ବିନା ସିଟ୍ ବେଲ୍ଟରେ କାର ଚଳାଇଥିବା ୪ ହଜାର ଖିଲାପକାରୀଙ୍କ ନାମରେ ଚାଲାଣ କଟାଯାଇଛି। ଗତ ସେପ୍ଟେମ୍ବରରୁ ଡିସେମ୍ବର ୩ ମାସ ମଧ୍ୟରେ ମଦ୍ୟପାନ କରି ଗାଡି ଚାଳନା କରିଥିବା ୮.୫ ହଜାର ଜଣଙ୍କ ନାମରେ ପୋଲିସ ଇ-ଚାଲାଣ କାଟିଛି। ଖିଲାପକାରୀମାନେ ଜରିମାନା ଆଦାୟକାରୀ ଅଧିକାରୀଙ୍କୁ ନଗଦ ଟଙ୍କା ବା ଇ-ଚାଲାଣ ମେଶିନ ଜରିଆରେ ଜରିମାନା ଦେଇପାରିବେ। ସେହିପରି ଆର୍‌ଟିଓ ଓ ପୋଲିସର ଜରିମାନା ଆଦାୟ କେନ୍ଦ୍ର କିମ୍ବା ଅନ୍‌ଲାଇନ ଜରିଆରେ https://echallan.parivahan.gov.in/ ଜରିମାନା ଅର୍ଥ ପୈଠକ କରିପାରିବେ ବୋଲି ସଡ଼କ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ବାହାରକୁ ଯିବ ପୋଲିସ ଟିମ୍

କଟକ ରୋଡ,୭।୧(ଡି.ଏନ୍.ଏ.)

### ଆନ୍ତଃ ରାଜ୍ୟ କାର ଚୋରି, ଠକ ର୍ୟାକେଟ ଘଟଣା

ଆନ୍ତଃ ରାଜ୍ୟ କାର ଚୋରି, ଠକ ର୍ୟାକେଟ ଘଟଣାରେ ଗିରଫ ହୋଇ ରିମାଣ୍ଡରେ ଆସିଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗ୍ରାମର ଚିନ୍ମୟ ସାହୁଙ୍କ ରିମାଣ୍ଡ ଅବଧି ମଙ୍ଗଳବାର ଶେଷ ହୋଇଛି। ଅବଧି ମଧ୍ୟରେ ଚିନ୍ମୟଙ୍କ ଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡିଛି। ଚୋରି ଘଟଣାର ମୁଖ୍ୟ ମାଷ୍ଟରମାଇଣ୍ଡ ପଶ୍ଚିମବଙ୍ଗରେ ରହୁଥିବା ପାପାଙ୍କ ସହ ରାଜ୍ୟ ବାହାରର ଅନ୍ୟ ୨ଜଣ ଚିନ୍ମୟଙ୍କ ମାଧ୍ୟମରେ ରାଜଧାନୀକୁ ଚୋରି ଗାଡ଼ି ପଠାଉଥିବା ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସକୁ ସୂଚନା ଦେଇଥିବା ଲକ୍ଷ୍ମୀସାଗର ଥାନାର ଜଣେ ଅଧିକାରୀ କହିଛନ୍ତି। ରିମାଣ୍ଡ ଶେଷ ହେବା ପରେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ସହ ପୁଣି ଜେଲ ହାଜତକୁ ପଠାଇଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟ ବାହାରକୁ ଏକ ପୋଲିସ ଟିମ୍ ଯିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି। ସୂଚନା ଥାଉ କି, ଗତ ନଭେମ୍ବର ୧ ରେ ଚିନ୍ମୟ ଖଣ୍ଡଗିରି ଥାନାର ଜଣେ ଏସ୍‌ଆଇଙ୍କୁ ଚୋରା ଗାଡି ବିକ୍ରି ପାଇଁ ଉଦ୍ୟମ କରିବା ବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ ଧରିବା ସହ ୮ଟି କାର ଭୁବନେଶ୍ୱରରୁ ଜବତ କରିଥିଲା।













1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ବରଫି ପ୍ରକଳ୍ପକୁ ସିଏମ୍‌ଓର ପ୍ରଶଂସା**

ଭୁବନେଶ୍ୱର,୭।୧(ବ୍ୟୁରୋ): କଟକ ବାଲିଯାତ୍ରା ରିଭର ଫ୍ରଣ୍ଟ ଇମ୍ପ୍ରୁଭମେଣ୍ଟ(ବରଫି) ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ପ୍ରଶଂସା କରାଯାଇଛି। ସିଏମ୍‌ଓ ପକ୍ଷରୁ ଟୁଇଟ୍‌ରେ କୁହାଯାଇଛି, ବରଫି ପ୍ରକଳ୍ପରେ ଛାତ୍ରଛାତ୍ରୀଙ୍କୁ ଇକୋ-ଅବଜରଭରଭାବେ ରଖାଯାଇଛି। ଜିଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ପ୍ରଶଂସନୀୟ। ଏହି ପ୍ରକଳ୍ପ ୪୨୦ ଏକର ଜମିକୁ ନୂଆ ରୂପ ଦେବ।



## ସଂକ୍ଷେପରେ

### ଓଏଏସ୍ ପରୀକ୍ଷାରେ ଅଭୀପ୍‌ସାଙ୍କୁ ସଫଳତା

**ମାହାଙ୍ଗା, ୭।୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ଶୁକ୍ଳେଶ୍ୱର ଗ୍ରାମର ଅଭିପ୍‌ସା ମହାନ୍ତି ପ୍ରକାଶିତ ହୋଇଥିବା ଓଏଏସ୍ ପରୀକ୍ଷାରେ ୩୫ ତମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ଏହା ଜଣାପଡିବା ପରେ ମାହାଙ୍ଗାରେ



ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ଅଭିପ୍‌ସା ବ୍ଲକ ଅନ୍ତର୍ଗତ ଶୁକ୍ଳେଶ୍ୱର ଗ୍ରାମର ବସନ୍ତ ମହାନ୍ତି ଏବଂ ମାନସୀ ପଟ୍ଟନାୟକଙ୍କ ସାନ ଝିଅ । ସେ ୨୦୧୮ ଜାନୁୟାରୀରେ ଓଏଏସ୍ ପ୍ରିଲିମନାରୀ ପରୀକ୍ଷା ଦେଇଥିଲେ । ସେହି ବର୍ଷ ଜୁଲାଇ ୧୯ରେ ମୁଖ୍ୟପରୀକ୍ଷା ଦେଇଥିଲେ । ସେ ରେଭେନସା ଜୁନିୟର ମହାବିଦ୍ୟାଳୟରେ ଯୁକ୍ତ ୨ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାସ କରି ଟିସିଏସରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ। ପରେ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭୁବନେଶ୍ୱର ଓଡିଶା ଲୋକସେବା ଭବନରେ ମହିଳା ଓ ଶିଶୁ ବିଭାଗ ମିଶନ ଶକ୍ତିରେ ଓଏସଓ ଭାବେ କାର୍ଯ୍ୟ କରୁଥିଲେ । ଅଭିପ୍‌ସା ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଶ୍ରେୟ ମା, ବାପା, ଭଉଣୀ ଓ ମାହାଙ୍ଗା ମହିଳା ଶିଶୁ ବିଭାଗର କର୍ମଚାରୀଙ୍କୁ ଦେଇଛନ୍ତି। ସେ ତୃଣମୂଳସ୍ତରର ଲୋକଙ୍କୁ ସେବା ଯୋଗଇବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

### ବଟମହାପୁରୁଷ ମନ୍ଦିରରୁ ଚୋରି

**ମାହାଙ୍ଗା,୭।୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡାଜୟପୁର ଫାଣ୍ଡି ଅଧୀନ ମଧୁପୁର ପଞ୍ଚାୟତସ୍ଥ ଘିସୁଆଁ ବଟମହାପୁରୁଷ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ପରିସରରୁ ବିଭିନ୍ନ ପୂଜା ଉପକରଣ ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ସ୍ଥାନୀୟ ଲୋକେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ଏକ ଷ୍ଟେସନ ଡାଏରୀ କରାଯାଇ ତଦନ୍ତ ଜାରି ରହିଛି।

### ମୋବାଇଲ୍‌ରେ ହତ୍ୟା ଧମକ ଅଭିଯୋଗ

**ମାହାଙ୍ଗା,୭।୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଗୋପାଳପୁର ଗ୍ରାମର ଆକାଶ ପ୍ରଧାନଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ମୋବାଇଲରେ ହତ୍ୟା ଧମକ ଦେଇଛନ୍ତି। ଏନେଇ ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଆକାଶଙ୍କ ଅଭିଯୋଗ ଅନୁଯାୟୀ, ସେ ସାଲେପୁର କୋର୍ଟରୁ କାମ ସାରି ଘରକୁ ଫେରୁଥିବାବେଳେ ଅପରାହ୍ନ ସମୟରେ ଝାଡେଶ୍ୱରପୁର ଅଞ୍ଚଳର ଜଣେ ଯୁବକ ନିଜର ପରିଚୟ ଦେଇ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ତପନ ନାୟକ କହିଛନ୍ତି, ଅଭିଯୋଗ ମିଳିଛି । ଏହାପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ।

# ପରିତ୍ୟକ୍ତ ଅବସ୍ଥାରେ ପରିସଂଖ୍ୟାନ କାର୍ଯ୍ୟାଳୟ

**ନିଶ୍ଚିନ୍ତକୋଇଲି, ୭।୧(ସ୍ୱ.ପ୍ର.)**



ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରିସଂଖ୍ୟାନ କାର୍ଯ୍ୟାଳୟ।

■ **କର୍ମଚାରୀ ଅଭାବ ଯୋଗୁ ବନ୍ଦ ରହୁଛି କାର୍ଯ୍ୟାଳୟ**

■ **୨୦୧୬ରେ ଖୋଲାଯାଇଥିଲା କାର୍ଯ୍ୟାଳୟ**

କୃଷି କ୍ଷେତ୍ରରେ ପ୍ରଗତି ଓ ଅଧୋଗତିର ପରିସଂଖ୍ୟାନ କରିବା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପରିସଂଖ୍ୟାନ କାର୍ଯ୍ୟାଳୟ ରହିଛି। ମାତ୍ର କର୍ମଚାରୀଙ୍କ ଅଭାବରୁ ଏହି କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, କାର୍ଯ୍ୟାଳୟରେ ୫ ଜଣ ସର୍ଭେୟର ଓ ଜଣେ ସୁପରଭାଇଜର ରହିବାର ବ୍ୟବସ୍ଥା ରହିଛି। ମାତ୍ର ବ୍ଲକରେ ଏନେଇ ପୂର୍ବରୁ କୌଣସି ବ୍ୟବସ୍ଥା ହୋଇ ନ ଥବା ବେଳେ ୨୦୧୬ରେ ଏକ ସ୍ୱତନ୍ତ୍ର ଘର କରାଯାଇ କାର୍ଯ୍ୟାଳୟ ଖୋଲାଯାଇଥିଲା। କିନ୍ତୁ ପରିତାପର ବିଷୟ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି କାର୍ଯ୍ୟାଳୟ ଠିକ୍‌ଭାବେ ଖୋଲା ଯାଉ ନାହିଁ ଅବା କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳେନାହିଁ। ଏପରିକି ପରିସଂଖ୍ୟାନ କାର୍ଯ୍ୟାଳୟ ବ୍ଲକ କାର୍ଯ୍ୟାଳୟ ପରିସରରେ ରହିଛି ବୋଲି ବହୁ ବ୍ଲକ କର୍ମଚାରୀଙ୍କୁ ମଧ ଜଣା ନାହିଁ। ମଙ୍ଗଳବାର ଏହି କାର୍ଯ୍ୟାଳୟ ଖୋଲାଯାଇଥିଲା। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି କାର୍ଯ୍ୟାଳୟ ଭିତରେ ୨ ଜଣଙ୍କୁ ଦେଖିବାକୁ ମିଳିଥିଲା। ସେମାନଙ୍କୁ କାର୍ଯ୍ୟାଳୟର ଦୁରବସ୍ଥା ସମ୍ପର୍କରେ ପଚାରିବାରୁ ଫିଲ୍ଡରେ କାମ କରୁଥିବା କାର୍ଯ୍ୟାଳୟକୁ ଆସିପାରନ୍ତିନି ବୋଲି କହିଥିଲେ। କାର୍ଯ୍ୟାଳୟର ଭିତରେ ଅପରିଷ୍କାର ହୋଇଥିବା ବେଳେ ବାହାରେ ମଦ ବୋତଲ ପଡିଥିବାର ଦେଖିବାକୁ ମିଳିଥିଲା। ଏସମ୍ପର୍କରେ କାର୍ଯ୍ୟରତ ବ୍ଲକ ପରସଂଖ୍ୟାନ କ୍ଷେତ୍ର ପରିଦର୍ଶକ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ କୁହନ୍ତି, କାର୍ଯ୍ୟାଳୟରେ ୫ ଜଣ କର୍ମଚାରୀ କାର୍ଯ୍ୟ କରିବାର ବ୍ୟବସ୍ଥା ଥିଲେ ମଧ ମୁଁ ବର୍ଷେ ହେବ ଏହି ବ୍ଲକକୁ ଆସି ଏକା କାମ କରୁଛି। ଚଳିତ ବର୍ଷ ୪୧ ପଞ୍ଚାୟତର ୪୪ ଗ୍ରାମରେ ସର୍ଭେ ଦାୟିତ୍ୱ ଥିବାରୁ କାର୍ଯ୍ୟାଳୟକୁ ଆସିବା ସମ୍ଭବପର ହେଉନାହିଁ। ଫନୀ ବାତ୍ୟାରେ କାର୍ଯ୍ୟାଳୟର ଘର ଆଗ ଭାଙ୍ଗି ଯାଇଥିଲେ ମଧ ଏହା ମରାମତି ହୋଇପାରୁନାହିଁ। ଏଣୁ ଜିନିଷପତ୍ର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।



ଗ୍ରାମ୍ୟ ସ୍ୱାସ୍ଥ୍ୟ ପୁଷ୍ଟିକର ଦିବସରେ ଯୋଗଦେଇଥିବା ଅତିଥି ଓ ଅଙ୍ଗନୱାଡି କର୍ମୀ।

## ଗ୍ରାମ୍ୟ ସ୍ୱାସ୍ଥ୍ୟ ପୁଷ୍ଟିକର ଦିବସ

**ବାଙ୍କୀ,୭।୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ତରଫରୁ ମଙ୍ଗଳବାର ଗ୍ରାମ୍ୟ ସ୍ୱାସ୍ଥ୍ୟ ପୁଷ୍ଟିକର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ନିର୍ମଳା ପଣ୍ଡା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ପାର୍ବତୀପୁର, ସିଂହନାଥପୁର ମଲ୍ଲିକ ସାହି ୧, ପାଟପୁର ଶାସନସାହି ୧ ଓ ୨ନଂ ଏବଂ ସାହାଡାପଦା-୧ ଓ ୨ ନଂ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଗ୍ରାମ୍ୟ ସ୍ୱାସ୍ଥ୍ୟ ପୁଷ୍ଟିକରଣ କାର୍ଯ୍ୟରେ ସାମିଲ ହେଉଥିବା ଗର୍ଭବତୀ ଓ ପ୍ରସୂତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାର ତର୍ଜମା କରିଥିଲେ। ମା' ଓ ଶିଶୁ ମୃତ୍ୟୁହାର କମ୍‌କରିବା ଅବା ସମ୍ପୂର୍ଣ୍ଣ ଲୋପ କରିବା ଆମ ସମସ୍ତଙ୍କ ପ୍ରାଥମିକତା ବୋଲି ସେ ମତବ୍ୟକ୍ତ କରିଥିଲେ। ପଣ୍ଡାଙ୍କ ଏହି ପରିଦର୍ଶନ ବେଳେ କ୍ଷେତ୍ର ପରିଦର୍ଶିକା ଫୁଲରାଣୀ ବେହେରା ଓ ଜ୍ୟୋତିର୍ମୟୀ ପ୍ରଧାନ ସାମିଲ ହୋଇଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

**ମାହାଙ୍ଗା, ୭।୧(ସ୍ୱ.ପ୍ର)**

ମାହାଙ୍ଗା ସେବା ସମବାୟ ସମିତି ପକ୍ଷରୁ ମାହାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ ,ସମ୍ମାନିତ ଅତିଥିଭାବେ ସମବାୟ ସମିତି ସଭାପତି ତପନ ସିଂହ,ମାହାଙ୍ଗା ସରପଞ୍ଚ ପ୍ରଦୀପ୍ତ ସିଂହ, ଚାହାପଡା ସରପଞ୍ଚ ପ୍ରତିନିଧି ପ୍ରକାଶ ରାଉତ, ପୂର୍ବତନ ସରପଞ୍ଚ ନିରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମଲ୍ଲ, ସମବାୟ ସମିତି ସମ୍ପ୍ରସାରଣ ଅଧିକାରୀ ବିନୟ ରଞ୍ଜନ ବଳ ଓ ସମ୍ପାଦକ ଶରତ ଜେନା ପ୍ରମୁଖ ଯୋଗଦେଇଥିଲେ। ମଣ୍ଡିରେ ୩୨୮ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି।

## ପୂଜକଙ୍କ ଅନଶନ ପ୍ରତ୍ୟାହୃତ



ପୂଜକଙ୍କ ସହ ଆଇଆଇସି ଓ ଟ୍ରଷ୍ଟ ଇଓ ଆଲୋଚନା କରୁଛନ୍ତି।

**ରଘୁନାଥପୁର,୭।୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥ ପୀଠ ପରିସରରେ ପୂଜକ ପରିବାରଙ୍କ ପକ୍ଷରୁ ସୋମବାରଠାରୁ ଚାଲିଥିବା ଅନଶନ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ପ୍ରତ୍ୟାହୃତ ହୋଇଯାଇଛି। ପୀଠରେ ମାନସିକ ଅନ୍ନପ୍ରସାଦ ପ୍ରସ୍ତୁତି ପାଇଁ ଅନୁମତି, ପାକଶାଳାରେ ପକାଯାଇଥିବା ତାଲାକୁ ତୁରନ୍ତ ଖୋଲିବା ଓ ଅନ୍ୟ ଦାବିରେ ପ୍ରଭୁଙ୍କ ନୀତିକାନ୍ତିରେ ନିୟୋଜିତ ଥିବା ୧୧ପୂଜକଙ୍କ ପରିବାର ଅନଶନରେ ବସିଥିଲେ। ଏମାନଙ୍କ ମଧ୍ୟରୁ ୫ ଜଣ ଉପବାସରେ ମଧ ରହିଥିଲେ। ସୋମବାର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କିଶୋରୀ ଭଳ, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ସମିତିସଭ୍ୟାଙ୍କ ସ୍ୱାମୀ ଦିଲୀପ କୁମାର ସ୍ୱାଇଁ ଓ କେତେଜଣ ଟ୍ରଷ୍ଟ ବୋର୍ଡ ସଭ୍ୟ ଅନଶନସ୍ଥଳକୁ ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଅନଶନକାରୀ ସେମାନଙ୍କ କଥା ନ ରଖି ଶୀତକାକରରେ ରାତିସାରା ବସି ରହିଥିଲେ। ମଙ୍ଗଳବାର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ତିର୍ତ୍ତୋଲ ଆଇଆଇସି କେ. ପି. ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଭଳ ଓ ସ୍ଥାନୀୟ ସରପଞ୍ଚ ସ୍ୱାଇଁ ଅନଶନସ୍ଥଳକୁ ଆସି ପୂଜକ ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ୫ମୁଖିଆଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୯ ତାରିଖରେ ମ୍ୟାନେଜିଂ ଟ୍ରଷ୍ଟିଙ୍କ ସହ ପୂଜକମାନଙ୍କର ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ଓ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ସମୟରେ ଜିଲାପାଳ ଉପସ୍ଥିତ ରହିବା, ବୈଠକ ଗୋରଖନାଥ ପୀଠ ପରିସରରେ ହେବାକୁ ସର୍ତ୍ତ ରଖି, ପୂଜକଙ୍କ ପକ୍ଷରୁ ଏକ ଦରଖାସ୍ତ ଜିଲାପାଳଙ୍କୁ ଦେବାକୁ ସ୍ଥିର ହୋଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତିଙ୍କୁ ପଚାରିବାରେ, ଶୃଙ୍ଖଳିତ ବ୍ୟବସ୍ଥା ପାଇଁ ସମସ୍ତଙ୍କ ସହଯୋଗ ଦରକାର। ତେବେ ଅନଶନରତ ପୂଜକମାନଙ୍କୁ ଆଲୋଚନା ପାଇଁ ବାରମ୍ବାର ଡକାଯାଇ ନିରାଶ ହେବାରୁ ବାଧହୋଇ ପ୍ରଶାସନିକ ବିଧି ବ୍ୟବସ୍ଥା ଓ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଗଲା। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଭାବାବେଗ, ଅଞ୍ଚଳବାସୀଙ୍କ ଉଦ୍ୟମ ଓ ପୂଜକମାନଙ୍କ ସହଯୋଗରେ ଉପୁଜିଥିବା ସମସ୍ୟାର ଅନ୍ତ ଘଟିବ ବୋଲି ସେ କହିଥିଲେ।

### ମହିଳା ବ୍ୟାଙ୍କ୍ ଅଧିକାରୀଙ୍କୁ ଅସଦାଚରଣ, ନିର୍ଯ୍ୟାତନା ଘଟଣା

# କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଜଣେ ମହିଳା ବ୍ୟାଙ୍କ୍ ଅଧିକାରୀଙ୍କୁ ଅସଦାଚରଣ ଓ ନିର୍ଯ୍ୟାତନା ଘଟଣାକୁ ନେଇ ମଙ୍ଗଳବାର ମହିଳା ଥାନା ପୋଲିସ ପକ୍ଷରୁ ଖୋଲତାଡ଼ କରାଯାଇଥିଲା। କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯିବା ସହ ଦୁଇ ଅଭିଯୁକ୍ତ ଉକ୍ତ ବ୍ୟାଙ୍କର ସର୍କଲ ହେଡ୍ ଓ ମ୍ୟାନେଜରଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯାଇଥିଲା। ମାତ୍ର ସେମାନେ ନ ପହଞ୍ଚିବାରୁ ପୋଲିସ ବ୍ୟାଙ୍କରେ ପହଞ୍ଚି ସେମାନଙ୍କ ସମ୍ପର୍କରେ ପଚରାଉଚରା କରି ଫେରିଥିଲା। ଏ ନେଇ ଥାନା ଅଧିକାରୀ ବନିତା ମହାରଣା କହିଛନ୍ତି, ଦୁଇ ବ୍ୟାଙ୍କ୍ ଅଧିକାରୀଙ୍କ ନାମରେ ଆଇପିସି ଦଫା ୩୫୪(ଏ), ୨୯୪, ୩୪ ଅନୁଯାୟୀ ୧/୨୦ନମ୍ବରରେ ମାମଲା ରୁଜୁ କରାଯାଇଛି। ଏହା ତଦନ୍ତ ପରିସରଭୁକ୍ତ ଥିବାରୁ ଏ ସମ୍ପର୍କରେ ମତାମତ ଦେବା ଠିକ ହେବନାହିଁ ବୋଲି ସେ କହିଛନ୍ତି। ଅଭିଯୋଗକାରିଣୀ ମହିଳା ଜଣକ ଆକ୍ସିସ୍ ବ୍ୟାଙ୍କ୍‌ର ଭୁବନେଶ୍ୱରରେ ଏକ ଶାଖାରେ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ସେ ସୋମବାର ଅଭିଯୋଗ କରିଥିଲେ ଯେ, ୨୦୧୪ରୁ ଉକ୍ତ ବ୍ୟାଙ୍କର ସର୍କଲ ହେଡ୍ ଓ ବ୍ରାଞ୍ଚ ମୁଖ୍ୟ ତାଙ୍କୁ ନାନା ନିର୍ଯ୍ୟାତନା ଦେଇ ଆସୁଛନ୍ତି। ଅଫିସ କାର୍ଯ୍ୟ ଓ ବୈଠକ ଆଳରେ ମନ୍ଦ ଉଦ୍ଦେଶ୍ୟ ରଖି ବଡ଼ ତାରକା ହୋଟେଲକୁ ଡକାଇଥାନ୍ତି। ପ୍ରମୋଶନ ପାଇଁ ସିନିୟରଙ୍କୁ ଖୁସି କରିବାକୁ ପଡ଼ିବ ବୋଲି କହି ନାନା ପ୍ରଲୋଭନ ଦେଖାଇଥାନ୍ତି। କିନ୍ତୁ କୌଣସି ସୁଯୋଗ ନ ଦେବାରୁ ତାଙ୍କୁ ବଦଳି କରାଯିବା ସହ ନାନା ପ୍ରକାର ହଇରାଣ କରାଯାଉଛି। ଗତ ୩୧ ତାରିଖରେ ବିନା ଟ୍ରାଞ୍ଜିଟରେ ତାଙ୍କୁ ବ୍ରହ୍ମପୁର ବଦଳି କରାଯିବା ସହ ୧ ତାରିଖରେ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ମାତ୍ର ଏ ସଂକ୍ରାନ୍ତରେ ଗତ ୬ଦିନ ହେବ ସର୍କଲ ହେଡ୍‌ଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ସର୍କଲ ହେଡ୍‌ଙ୍କ ଚାମ୍ବରକୁ ଯାଇ ବଦଳି ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ ଗାଳିଗୁଲଜ କରିବା ସହ କୌଣସି ସହଯୋଗ କରାଯିବ ନାହିଁ ବୋଲି କହିଥିଲେ। ଏହାପରେ ସେ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଥିଲେ।

## ଆଜିଠୁ ବାଳମୁକୁନ୍ଦଙ୍କ ପୁଷ୍ ପୂନେଇଁ ମେଳା

**ଟିଗିରିଆ, ୭।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ନୂଆସଡ଼କସ୍ଥିତ ମୁଣ୍ଡିପାଗୁଳି ପାହାଡ଼ ଉପରେ ବିଜେ ବାଳମୁକୁନ୍ଦଙ୍କ ପୁଷ୍ପୁନେଇଁ ମେଳା ବୁଧବାରଠାରୁ ଆରମ୍ଭ ହେବ। ଏନେଇ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ମେଳା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମେଳା ପୌଷପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ। ପ୍ରଥମ ଦିବସରେ ଅଧିବାସ ଓ ଭାଗବତ ପାରାୟଣ ଆରମ୍ଭ ହୋଇ ୨ୟ ଦିବସ ଶେଷ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ତୃତୀୟ ଦିବସରେ ଗୀତାଯଜ୍ଞ ଓ ଅଖଣ୍ଡ ଯଜ୍ଞ କୁଣ୍ଡରେ ପୂର୍ଣ୍ଣାହୁତି ପର୍ବ ହେବ ବୋଲି ବାଳମୁକୁନ୍ଦ ଉନ୍ନୟନ ପରିଷଦର ସଭାପତି ସରୋଜ କୁମାର ଦାଶ କହିଛନ୍ତି। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ନଦୀୟା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଯାତ୍ରାରେ ପାହାଡ଼ ଉପରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ, ପାନୀୟ ଜଳ, ପରିମଳ ବ୍ୟବସ୍ଥା କରାଯାଇଛି। ବାଳମୁକୁନ୍ଦଙ୍କ ମୁଖ୍ୟ ସେବକ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ଓ ବୈଦିକ କର୍ମକାଣ୍ଡ କରିବା ଲାଗି ସ୍ଥିର କରାଯାଇଛି।

## ପ୍ରତିଶ୍ରୁତି ନ ରଖିବାରୁ ଭୂମିହୀନଙ୍କ ଆନ୍ଦୋଳନ

**ନରାଜ,୭।୧(ଡି.ଏନ୍.ଏ.)**

ବାରଙ୍ଗ ତହସିଲ ଅଧୀନ ରାମଦାସପୁର ମୌଜାରେ ଶିଳ୍ପ ନିର୍ମାଣ ବନ୍ଦ କରିବା ଦାବିରେ ଭୂମିହୀନ ଦଳିତବର୍ଗ ପକ୍ଷରୁ ମଙ୍ଗଳବାର ପୁନର୍ବାର ଧାରଣା ଦିଆଯାଇଛି। ପୋଲିସ ଓ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରଖି ନଥିବାରୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରାଯାଇଛି।

ସୂଚନାଯୋଗ୍ୟ, ରାମଦାସପୁର ମୌଜାରେ ବସବାସ କରୁଥିବା ଭୂମିହୀନ ଦଳିତମାନଙ୍କୁ ସରକାର ଶାବକ ଜମିପଟ୍ଟା ପ୍ରଦାନ କରିଥିଲେ। ମାତ୍ର ପରେ ସରକାର ଉକ୍ତ ଜମିଗୁଡିକରୁ ଶାବକ ପଟ୍ଟା ଉଚ୍ଛେଦ କରି ହାଲ୍ ପ୍ରଦାନ କରିଥିଲେ। ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଜମିଗୁଡିକୁ ସରକାରୀ ସଂସ୍ଥା ମାଧ୍ୟମରେ ବିକ୍ରି କରିଥିଲେ। ଏହାକୁ ବିରୋଧ କରି ଡିସେମ୍ବର ୨୪ରେ ଭୂମିହୀନ ଦଳିତବର୍ଗ ପକ୍ଷରୁ ଧାରଣା ଦିଆଯାଇଥିଲା। ବାରଙ୍ଗ ପୋଲିସ ଏଥିରେ ହସ୍ତକ୍ଷେପ କରି ଜାନୁୟାରୀ ୫ ସୁଦ୍ଧା ଜିଲା ପ୍ରଶାସନ ସହ ଏବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବିବାଦୀୟ ଜମିରେ କୌଣସି କାର୍ଯ୍ୟ ନ କରିବା ପାଇଁ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନଥିବା ବେଳେ କମ୍ପାନୀଗୁଡିକ ନିର୍ଦ୍ଦେଶ ନମାନି ରାତାରାତି ପାଚେରି ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି। ଏଭଳି ଅଭିଯୋଗ କରି ନିରଞ୍ଜନ ଭୋଇ,ଫକିର ଭୋଇ ଓ ଗୋବିନ୍ଦ ଭୋଇଙ୍କ ନେତୃତ୍ୱରେ ବହୁ ଭୂମିହୀନ ମହିଳା ଓ ପୁରୁଷ ଉକ୍ତ ଜମିରେ ଧାରଣା ଦେଇଥିଲେ। ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଧାରଣାରେ ବସିଥିବା ଭୂମିହୀନ ପରିବାର ଓ ଅନ୍ୟମାନେ।

## ଫେବୃୟାରୀ ୨ରୁ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ କର୍ମକର୍ତ୍ତା।

**ବାଙ୍କୀ,୭।୧(ସ୍ୱ.ପ୍ର.)**

ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ୨ଫେବୃୟାରୀରୁ ଆରମ୍ଭ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଆସୋସିଏଶନ୍ ଉପସଭାପତି ଆଇନଜୀବୀ ଜିତେନ୍ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାରନ୍ ଭବନ ପରିସରରେ ଆୟୋଜିତ ଏହି ବୈଠକରେ ଟୁର୍ନାମେଣ୍ଟ ସମ୍ପର୍କରେ ଆସୋସିଏଶନ୍ ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ସନ୍ତୋଷ କୁମାର ରଣା ଉପସ୍ଥିତ ସଭ୍ୟମାନଙ୍କୁ ସୂଚନା ଦେଇଥିଲେ। ଟୁର୍ନାମେଣ୍ଟରେ ଓଡ଼ିଶାର ୮ ଦଳ ଭାଗନେବା ପାଇଁ ସ୍ଥିର କରାଯାଇଛି। ଏଥିରେ କଟକ, ଭୁବନେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଖୋର୍ଦ୍ଧା ଓ ବାଙ୍କୀ ଆଦି ସ୍ଥାନରେ ଥିବ ବିଭିନ୍ନ କ୍ଲବ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି ବୋଲି ରଣା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଫୁଟବଲ୍ ସମ୍ପାଦକ କୃପାସିନ୍ଧୁ ପ୍ରଧାନ, କ୍ରୀଡା ସମ୍ପାଦକ ସୌମେନ୍ଦ୍ର ମିଶ୍ର, ସହ ସମ୍ପାଦକ ପ୍ରଶାନ୍ତ ଦାଶ, କୋଷାଧ୍ୟକ୍ଷ ଲିଙ୍ଗରାଜ ରାଉତ, ସଭ୍ୟ ବୃନ୍ଦାବନ ପ୍ରଧାନ, ପ୍ରସନ୍ନ ବେହେରା, ଦିଲୀପ କୁମାର ପଣ୍ଡା, ବାଦଲ ନାୟକ, ଓ ସୁଧାଂଶୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ନିର୍ମାଣ ହେଉନି ପାନୀୟ ଜଳ ପ୍ରକଳ୍ପ

# ଗ୍ରାମବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ

**ଲଳିତଗିରି,୭।୧(ସ୍ୱ.ପ୍ର.)**

■ **ନଳକୂପ ପାଣିରେ ଲୌହ ଅଂଶ ଅଧିକ ରହିଛି**

■ **ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ ସରିଛି**

ସରକାର ପ୍ରତି ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ଘୋଷଣା କରିଛନ୍ତି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଓ ବିଳମ୍ବ ଯୋଗୁ ଗ୍ରାମାଞ୍ଚଳରେ ଏହି ଯୋଜନା ବାସ୍ତବରୂପ ନେଇପାରୁନି। ମାହାଙ୍ଗା ବ୍ଲକ ସଦର ମହକୁମା ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅନ୍ତର୍ଗତ କାହ୍ନପୁର ଗ୍ରାମରେ ନିର୍ମାଣ ହେବାକୁ ଥିବା ଭୂତଳ ଜଳ ପ୍ରକଳ୍ପ ବର୍ଷାଧିକ କାଳହେବ ଶୀତଳ ଭଣ୍ଡାରରେ ପଡ଼ିରହିଛି। ପ୍ରକଳ୍ପ ଦ୍ୱାରା କାହ୍ନପୁର ଗ୍ରାମବାସୀଙ୍କ ସମେତ ପଞ୍ଚାୟତର ଅନେକ ପରିବାର ଉପକୃତ ହେବେ। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଅବହେଳା କାରଣରୁ ପ୍ରକଳ୍ପ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗ୍ରାମରେ ଥିବା ନଳକୂପ ପାଣିରେ ଅଧିକ ପରିମାଣର ଲୌହ ଭାଗ ରହିଛି। ଗ୍ରୀଷ୍ମଋତୁରେ ନଳକୂପରୁ ଅଳ୍ପ ପାଣି ବାହାରିବା ସହ ବାଲିଗୋଡି ମଧ ବାହାରୁଛି।ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଏଭଳି ଅଭିଯୋଗ ହେବାପରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ଟିମ୍ ବର୍ଷେ ପୂର୍ବେ କାହ୍ନପୁର ଗ୍ରାମକୁ ଯାଇ ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେ କରିଥିଲେ। ଗ୍ରାମର ବରୁଣେଇ ପୀଠରେ ନିକଟରେ ପ୍ରକଳ୍ପ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଥିଲା।

ମାତ୍ର ଏପର୍ଯ୍ୟନ୍ତ ପାନୀୟ ଜଳ ପ୍ରକଳ୍ପ ଏବଂ ଓଭରହେଡ ଟ୍ୟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ଫଳରେ କାହ୍ନପୁର ଗ୍ରାମର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ସମ୍ପର୍କରେ ଜଳେଶ୍ୱରପୁର ପଞ୍ଚାୟତର ସରପଞ୍ଚ ବିଜୟ କୁମାର ରାଉତ କହିଛନ୍ତି, ଏନେଇ ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଖୁବଶୀଘ୍ର ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀଙ୍କ କହିବାନୁଯାୟୀ ପ୍ରକଳ୍ପ ମଞ୍ଜୁର ପାଇଁ ପଠାଯାଇଛି । କିନ୍ତୁ ଏ ପର୍ଯ୍ୟନ୍ତ ଅନୁମୋଦନ ହୋଇ ନ ଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଛି। ଅନୁମୋଦନ ପରେ ଏନେଇ ଆଗାମୀ ପଦକ୍ଷେପ ନିଆଯିବ।



ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଚ୍ଛାରେ,
ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଜାତୀୟ ଆଲୋଚନାଚକ୍ର

କଟକ ଅଫିସ, ୭।୧- କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମୋଣ୍ଟାନା ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଶାନ୍ତ ବନ୍ଦ୍ୟୋପାଧ୍ୟାୟ, ବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର ରାମଚନ୍ଦ୍ର ମାଝୀ, ପ୍ରଫେସର ବସନ୍ତ ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଡ. ହରିଶ୍ଚନ୍ଦ୍ର ସାହୁ ଯୋଗଦେଇଥିଲେ। ପ୍ରିୟଙ୍କା ଦାଶ ଧନ୍ୟବାଦ ଦେଇଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଟକ ଅଫିସ, ୭।୧- ସ୍ଥାନୀୟ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ବିକାଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମୟାନୁବର୍ତ୍ତିତା, ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ଦାଶ ଉପସ୍ଥିତ ଥିବାବେଳେ ଅଧାପିକା ଚନ୍ଦନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ଶୁଭଶ୍ରୀ ସ୍ୱାଇଁ ଆତ୍ମରକ୍ଷା କୌଶଳର ଉପଯୋଗିତା ସମ୍ପର୍କରେ କହିଥିଲେ।

### ୨୦ ଛେଳି ଚୋରି

କଣ୍ଟାପଡ଼ା,୭।୧(ଡି.ଏନ୍.ଏ.): କୁରାଙ୍ଗ ଶାସନ ପଞ୍ଚାୟତସ୍ଥିତ ଗଙ୍ଗେଶ୍ୱର ଗ୍ରାମର ପ୍ରଫୁଲ୍ଲ ପାତ୍ରଙ୍କ ଗୁହାଳରୁ ୨୦ଟି ଛେଳି ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଟକସଦର ଥାନା ପୋଲିସ ଏକ ମାମଲା(ନଂ.୧୨/୨୦) ରୁଜୁକରି ତଦନ୍ତ ଚଳାଇଛି। ପ୍ରଫୁଲଙ୍କ ପରିବାର ଲୋକେ ସୋମବାର ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ବାହାରପଟୁ ତାଲା ପକାଇ ଛେଳି ନେଇଯାଇଥିଲେ। ସୂଚନା ଥାଉ କି, ଗତ କିଛିଦିନ ପୂର୍ବେ ଉତ୍ତମାପୁର ଗ୍ରାମର ଭାଗୀରଥି ସିଂଙ୍କ ଗୁହାଳରୁ ୧୧ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

### ସଂକୀର୍ତ୍ତନ ମାଧ୍ୟମରେ ପରିବେଶ ସଚେତନତା

ଚୌଦ୍ୱାର,୭।୧(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ସମିତି ପକ୍ଷରୁ ଚୌଦ୍ୱାରରେ ପରିବେଶ ସଚେତନତା ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପରିଚାଳନାରେ ଏହି ଶୋଭାଯାତ୍ରା ୩ନଂ ୱାର୍ଡ ସ୍ଥିତ ସରଦେଇ ପୀଠରୁ ବାହାରି ଚୌଦ୍ୱାର ସହରାଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ନାମ ସଂକୀର୍ତ୍ତନ କରି ପରିବେଶ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ମଙ୍ଗଳା ସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଭାଗବତ କଥାମୃତ ହୋଇଥିଲା। ଏଥିରେ ଚୌଦ୍ୱାର ଆଇଆଇସି ପଦ୍ମନାଭ ପ୍ରଧାନ, ତୋଫାନୀ ବାବା, ପୁରୀ ମହନ୍ତ ସନ୍ଥ ମହାରାଜ, ସାଧୁ ମାନସ ଷଡଙ୍ଗୀ, ବାବା ବିଶ୍ୱନାଥ, ଘନଶ୍ୟାମ ବାବା, ଅସିତ୍ ବାବା, ଡ.ପ୍ରଦୀପ ରଥ, ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୬୫ଜଣ ପରିବେଶ ପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷେତ୍ରବାସୀ ବେହେରା ଧନ୍ୟବାଦ ଦେଇଥିଲେ।

## ଆବାସ ଯୋଜନାରେ ଅନିୟମିତତା

# ଚିହ୍ନଟ ହେଲେଣି ୭୨,୯୨୧ ଅଯୋଗ୍ୟ ହିତାଧିକାରୀ

କଟକ ଅଫିସ, ୭।୧

**■ ୧୯୯୯ ମହାବାତ୍ୟା ବାସହରାଙ୍କୁ ମିଳିନି ଘର**

**■ ଥିଲାବାଲାଙ୍କୁ ଘର ଦେବା ପାଇଁ ବ୍ଲକ ସ୍ତରରେ ଉଦ୍ୟମ**

ଆବାସ ଯୋଜନାରେ ବ୍ଲକ ସ୍ତରରୁ କିଭଳି ଅନିୟମିତତା ହୁଏ ତାହା କଟକ ଜିଲାରୁ ଧରାପଡ଼ିଛି। ଅଗ୍ରାଧିକାର ତାଲିକା (ପ୍ରାୟୋରିଟି ଲିଷ୍ଟ)ରୁ ବାଦ୍ ପଡ଼ିଥିବା ଲୋକମାନଙ୍କୁ ଘର ଦେବା ପାଇଁ ସରକାର ଯୋଜନା କରିଥିଲେ। ଯେଉଁମାନେ ଅଗ୍ରାଧିକାର ତାଲିକାରୁ ବାଦ୍ ପଡ଼ିଛନ୍ତି ସେମାନେ ଘର ପାଇବା ପାଇଁ ବ୍ଲକରେ ଆବେଦନ କରିବାକୁ କୁହାଯାଇଥିଲା। ଆବେଦନକାରୀଙ୍କ ମଧ୍ୟରେ କେଉଁମାନେ ଘର ପାଇବା ପାଇଁ ଯୋଗ୍ୟ ତା'ର ଯାଞ୍ଚ କରି ସେମାନଙ୍କର ତାଲିକା ସରକାରଙ୍କୁ ପଠାଇବା ନିମନ୍ତେ ଫନୀ ବାତ୍ୟା ପରେ କୁହାଯାଇଥିଲା। ଏହି ଅନୁଯାୟୀ ଲୋକେ ଘର ପାଇବା ନିମନ୍ତେ ବ୍ଲକଗୁଡ଼ିକରେ ଆବେଦନ କରିଥିଲେ। କଟକ ଜିଲାର ୧୪ଟି ବ୍ଲକରୁ ମୋଟ୍ ୧ ଲକ୍ଷ ୨୮ହଜାର ୩୨୭ଟି ଆବେଦନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) ନିକଟକୁ ଆସିଥିଲା। ଅର୍ଥାତ୍ ଜିଲାର ୧୨୮୩୨୭ ଜଣ ହିତାଧିକାରୀ ଘର ପାଇବା ପାଇଁ ଯୋଗ୍ୟ ବୋଲି ବ୍ଲକ ପ୍ରଶାସନଗୁଡ଼ିକ ପକ୍ଷରୁ ସୁପାରିସ କରାଯାଇଥିଲା। ତେବେ ବ୍ଲକ ପ୍ରଶାସନଗୁଡ଼ିକ ପଠାଇଥିବା ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଆଉ ଏକ ସର୍ଭେ କରାଯାଇଥିଲା।

ଉକ୍ତ ସର୍ଭେର ଗତ ସୋମବାର ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ୭୨,୯୨୧ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଜିଲାର ୧୪ଟି ବ୍ଲକରୁ ପଠାଯାଇଛି। ଅଯୋଗ୍ୟଙ୍କ ମଧ୍ୟରେ ମାହାଙ୍ଗା ବ୍ଲକରେ ସର୍ବାଧିକ ୧୮,୫୦୨ ଓ ଟିଗିରିଆ ବ୍ଲକରେ ସର୍ବନିମ୍ନ ୬୬୦ ହିତାଧିକାରୀ ରହିଛନ୍ତି। ସେହିପରି ଆଠଗଡ଼ ବ୍ଲକରୁ ୬୩୧୭, ବଡ଼ମ୍ବାରୁ ୬୩୬୬, ବାଙ୍କୀରୁ ୧୬୮୧, ଡମପଡ଼ାରୁ ୨୧୭୭, ବାରଙ୍ଗରୁ ୧୮୦୭, କଟକ ସଦରରୁ ୫୨୬୪, କଣ୍ଟାପଡ଼ାରୁ ୨୪୧୨, ନରସିଂହପୁରରୁ ୩୩୦୨, ନିଆଳିରୁ ୮୨୬୬, ନିଶ୍ଚିନ୍ତକୋଇଲିରୁ ୧୦୮୩୦, ସାଲେପୁରରୁ ୩୪୭୭ ଓ ଟାଙ୍ଗୀ-ଚୌଦ୍ୱାରରୁ ୧୮୬୦ ହିତାଧିକାରୀ ରହିଛନ୍ତି। ଥିଲାବାଲାଙ୍କୁ ଘର ଦେବା ପାଇଁ ବ୍ଲକସ୍ତରରେ ଉଦ୍ୟମ ହୋଇଛି। ଅର୍ଥାତ୍ ଏହି ଅଯୋଗ୍ୟ ହିତାଧିକାରୀମାନେ ବ୍ଲକ ପ୍ରଶାସନକୁ ହାତଗୁଞ୍ଜା ଦେଇ ନିଜ ନାମକୁ ଯୋଗ୍ୟ ତାଲିକାରେ ଭର୍ତ୍ତି କରିବାରେ ସକ୍ଷମ ହୋଇଛନ୍ତି। ଏହା ପ୍ରମାଣ କରୁଛି ଯେ, ଆବାସ ଯୋଜନାକୁ ତୃଣମୂଳ ସ୍ତରରେ ଅର୍ଥାତ୍ ପଞ୍ଚାୟତସ୍ତରୀୟ ନେତା ଓ ବ୍ଲକ କର୍ମଚାରୀମାନେ ହିଁ ଭଣ୍ଡୁର କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପୁନଃ ଯାଞ୍ଚ କରାଯାଇ ଅଯୋଗ୍ୟଙ୍କ ନାମ ବାଦ୍ ଦେବାକୁ ନେଇ ମଧ୍ୟ ଜିଲାରେ ବିବାଦ ଉପୁଜିଛି। ବ୍ଲକସ୍ତରୀୟ ନେତାମାନେ ଏହି ଯାଞ୍ଚ ପ୍ରକ୍ରିୟାକୁ ବିରୋଧ କରୁଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଏଭଳି ବିବାଦ ଯୋଗୁ ଗତ ୬ ଦିନ ହେବ ଯାଞ୍ଚ ପ୍ରକ୍ରିୟା ଧିମେଇଯାଇଛି। କାରଣ ଗତ ୬ ଦିନ ମଧ୍ୟରେ ମାତ୍ର ୩୨୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ୧୦ଟି ବ୍ଲକରେ ଗତ ୬ ଦିନ ହେବ ଜଣେ ହେଲେ ଅଯୋଗ୍ୟଙ୍କୁ ଚିହ୍ନଟ କରାଯାଇନାହିଁ। ଏ ସମ୍ପର୍କରେ ଡିଆରଡିଏ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ସ୍କିମ) ବି.ବି. ନାୟକ କୁହନ୍ତି, ଯାଞ୍ଚ ପ୍ରକ୍ରିୟା ଜାରି ରଖିବା ପାଇଁ କୁହାଯାଇଛି। ଜଣେ ହେଲେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯିବ ନାହିଁ।

ସୂଚନାଥାଉ କି, ଆବାସ ଯୋଜନାରୁ ବଡ଼ବଡ଼ିଆମାନେ ଫାଇଦା ଉଠାଉଥିବା ପ୍ରମାଣ କଟକ ଜିଲାରେ ପୂର୍ବରୁ ମିଳିସାରିଛି। ମାହାଙ୍ଗା ପଞ୍ଚାୟତ ସମିତିର ଜଣେ ପୂର୍ବତନ ଅଧକ୍ଷ ନିଜ ଭାଇଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନେଇ ଚର୍ଚ୍ଚାର ପରିସରକୁ ଆସିଥିଲେ। ସେହିପରି ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ଏହି ଦୁଇଟି ଘଟଣାର ଏବେ ପୋଲିସ ଓ ଭିଜିଲାନ୍ସସ୍ତରୀୟ ଯାଞ୍ଚ କରାଯାଉଛି। ମୁଖ୍ୟତଃ ନେତାମାନଙ୍କର ହସ୍ତକ୍ଷେପ ଯୋଗୁ ସରକାରୀ ଯୋଜନାର ସଫଳ ରୂପାୟନ ହେଉ ନ ଥିବା ସାମାଜିକ କର୍ମୀ ସନ୍ତୋଷ ସାହୁ କହିଛନ୍ତି। ଜିଲାର ଅନେକ ଲୋକ ଘର ନ ପାଇ ଦୁର୍ଦ୍ଦଶାରେ ଦିନ କାଟୁଥିବାବେଳେ ନେତା ଓ ପ୍ରଶାସନ ଏଥିରୁ ଫାଇଦା ମାରୁଛନ୍ତି ବୋଲି ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାସ କହିଛନ୍ତି। ବଦ୍ରିଙ୍କ କହିବା ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକର ସଫା, କନ୍ଦେଇପୁର, ଭଟିମୁଣ୍ଡା ଅଞ୍ଚଳରେ ଅସଂଖ୍ୟ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଭଟିମୁଣ୍ଡା ପଞ୍ଚାୟତରେ ୧୯୯୯ ମହାବାତ୍ୟାରୁ ଘର ହରାଇ ୨୧ ବର୍ଷ ହେବ ଭଡ଼ାଘରେ ରହୁଥିବା ଲୋକଙ୍କୁ ମଧ୍ୟ ପ୍ରଶାସନ ଅଦ୍ୟାବଧି ଘର ଖଣ୍ଡେ ଯୋଗାଇପାରିନାହିଁ। ଏହି ବାସହରା ଲୋକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନିକଟରେ ଭଟିମୁଣ୍ଡାର ଦିଲୀପ ସାହୁ, ସଦାନନ୍ଦ ସାହୁ ଓ ଦୟାନିଧି ସାହୁଙ୍କ ସମେତ ମୋଟ୍ ୮ଟି ପରିବାରକୁ ଘର ଯୋଗାଇଦେବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେଇଛନ୍ତି ବୋଲି ବଦ୍ରି କହିଛନ୍ତି।

## ଅଡ଼ଶପୁର ସୁପ୍ରିମ୍ କ୍ଲବ ବିଜୟୀ



**ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଚୌଦ୍ୱାର,୭।୧(ଡି.ଏନ.ଏ):

ଚୌଦ୍ୱାର ଦୌଲତାବାଦସ୍ଥିତ ଅମର ଜ୍ୟୋତି କ୍ଲବ ପକ୍ଷରୁ ସ୍ଥାନୀୟ ବିଲ୍ଟୁ ଖେଳ ପଡ଼ିଆରେ ଚାଲିଥିବା ସୁଧାଂଶୁ ସାହୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ଖେଳ ଅଡ଼ଶପୁରର ସୁପ୍ରିମ୍ କ୍ଲବ ଏବଂ ଚୌଦ୍ୱାର ୟୁଥ୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଡ଼ଶପୁର ୧-୦ ଗୋଲ୍‌ରେ ଚୌଦ୍ୱାର ୟୁଥ୍ ଆସୋସିଏଶନକୁ ହରାଇ ବିଜୟୀ ହୋଇଛି। ରେଫେରୀ ଭାବେ ସଞ୍ଜୀବ ଦାସ, ରଜାକ୍ ଖାନ୍ ଏବଂ ସଫିକୁଲ ଖାନ ମ୍ୟାଚ୍ ପରିଚାଳନା କରିଥିଲେ। ସୁବୋଧ ଜେନା, ପଞ୍ଚାନନ ନାୟକ, ସୁଧାକର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମରଜ୍ୟୋତି କ୍ଲବର ଦେବରାଜ ରାଉତ, ବିନାୟକ ବେହେରା, କିଶୋର ସାହୁ, ବୀରକିଶୋର ମହାନ୍ତି, ସନାତନ ମିଶ୍ର, ପ୍ରଦୀପ ସୁବୁଦ୍ଧିରାୟଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଅସୁସ୍ଥ ଖବରକାଗଜ ବିକ୍ରେତାଙ୍କୁ ଭେଟିଲା ସଂଘ



କଟକ ଅଫିସ,୭।୧

ଅସୁସ୍ଥ ଖବରକାଗଜ ବିକ୍ରେତା ଶଶିକାନ୍ତ ଚମ୍ପତିରାଏଙ୍କୁ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ବୁଧବାର ଭେଟିଛନ୍ତି। ସେମାନେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏଥିରେ ସଂଘ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, କମିଟି ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ହାଡିବନ୍ଧୁ ବେହେରା ଓ ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।





ଏଆଇଡିଏସଓ ପକ୍ଷରୁ କଟକ କଲେଜ ଛକଠାରୁ ବାହାରିଥିବା ସାଇକେଲ୍ ଶୋଭାଯାତ୍ରା।

## ଏଆଇଡିଏସ୍ଓ ପକ୍ଷରୁ ସାଇକେଲ ଶୋଭାଯାତ୍ରା

କଟକ ଅଫିସ, ୭।୧

ଏଆଇଡିଏସଓ ପକ୍ଷରୁ ବୁଧବାର ସର୍ବଭାରତୀୟ ଛାତ୍ର ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ସମର୍ଥନ କରିବା ସହ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛି। ଦେଶରେ ଶିକ୍ଷାର ଘରୋଇକରଣ, ଫି' ବୃଦ୍ଧି, ସାମ୍ପ୍ରଦାୟିକରଣ ତଥା ବ୍ୟବସାୟୀକରଣକୁ ବନ୍ଦ କରିବା ଦାବିରେ ଏହି ଧର୍ମଘଟର ଡାକରା ଦିଆଯାଇଛି ବୋଲି ସଙ୍ଗଠନର ଉପସଭାପତି ତରୁଣସେନ ନାୟକ କହିଛନ୍ତି। ଏହି ଉପଲକ୍ଷେ ମଙ୍ଗଳବାର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଈଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁଙ୍କ ସମେତ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ୨ ଧାନମଣ୍ଡି ଉଦ୍‌ଘାଟିତ

କଟକ ସଦର,୭।୧(ଡି.ଏନ୍.ଏ.):

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ସେବା ସମବାୟ ସମିତିର ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ସୁଶାନ୍ତ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କ ଠାରୁ ୮ଶହ କୁଇଣ୍ଟାଲ ଧାନ କିଣାଯାଇଥିଲା। ଉଦ୍‌ଘାଟନୀ ଅବସରରେ ସମ୍ପାଦକ ମହେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀଧର ବେହେରା, କାବୁଲା ପାତ୍ର ଓ ପରିଚାଳନା କମିଟିର ସଦସ୍ୟ ସମର ବେହେରା, ଅରୁଣ ଜେନା, ମହେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୪୨ମୌଜାସ୍ଥିତ ଦଧିବାମନପୁର ସେବା ସମବାୟ ସମିତିର ଧାନମଣ୍ଡିକୁ ସମବାୟବିତ୍ ତଥା ମହେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତି ସମ୍ପାଦକ ସୁନୀଲ କୁମାର ଦେବତା, ଆର୍‌ଆଇ ଅଭୟ କୁମାର ସାହୁ, ରାମଚନ୍ଦ୍ର ଗୋଚ୍ଛାୟତ, ବିଦ୍ୟାଧର ପାତ୍ର, ନନ୍ଦକିଶୋର ଜେନା, ମଧୁସୂଦନ ସେନାପତି, ନରେନ୍ଦ୍ରନାଥ ମଲ୍ଲିକ, ବିକାଶ ଚନ୍ଦ୍ର ଆଚାର୍ଯ୍ୟ, ବାଉରିବନ୍ଧୁ ସ୍ୱାଇଁ, ସୁଧୀର ମିଶ୍ର, ପ୍ରଭାସିନୀ ଦେବୀ ଓ ଅକ୍ଷୟ ପୃଷ୍ଟି ଉପସ୍ଥିତ ଥିଲେ। ୩୩ଜଣ ଚାଷୀଙ୍କ ଠାରୁ ୮୧୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସୁନୀଲ କୁମାର ପତି ଓ ଶରତ ଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜେଏନ୍‌ୟୁରେ ଆକ୍ରମଣ ଘଟଣା

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



କଟକ ଅଫିସ, ୭।୧

ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଗତ ରବିବାର ରାତିରେ କେତେଜଣ ମୁଖା ପିନ୍ଧା ଗୁଣ୍ଡା ପ୍ରବେଶ କରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ କାଠଫାଳିଆ ଓ ଲୁହାରଡ଼୍‌ରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆର୍‌ଡିସି ସୁନୀତା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାକୁ ଛାତ୍ର କଂଗ୍ରେସ ନିନ୍ଦା କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏଥିସହିତ ଦେଶର ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ନିରାପତ୍ତା ପାଇଁ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ସମନ୍ୱୟ କମିଟି ସଦସ୍ୟ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀରେ ଦେବାଶିଷ ମହାରଣା, ଗୁଡୁ ଦାସ, ସନ୍ତୋଷ ପ୍ରଧାନ, ଚନ୍ଦନ ବେହେରା ଓ ବ୍ରଜଭୂଷଣ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କାଠକୋଇଲା ଜବତ, ଜଣେ ଗିରଫ

ଚୌଦ୍ୱାର,୭।୧(ଡି.ଏନ୍.ଏ.):

ଚୌଦ୍ୱାର ବନ ବିଭାଗ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଏକ କାଠ କୋଇଲା ବୋଝେଇ ଟାଟା ଏସିଇ ଗାଡି ଜବତ କରିଛି। ଏହା ସହ ଗାଡ଼ି ଡ୍ରାଇଭର ତଥା ଖୁଣ୍ଟୁଣୀ ଅଞ୍ଚଳର ଗଣେଶ ସେଠୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଏହି ଗାଡ଼ିରେ ଚୋରା କାଠକୋଇଲା ବୋଝେଇ ହୋଇ ଚୌଦ୍ୱାର ଦେଇ ଭୁବନେଶ୍ୱର ଯାଉଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର ସୂଚନା ପାଇଥିଲେ। ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ସାମଲ, ସୁବ୍ରତ ରାଉତଙ୍କ ସହ କଳିଙ୍ଗଛକ ନିକଟରେ ଜଗି ରହିଥିଲେ। ରାତି ପ୍ରାୟ ୨ଟା ରେ ଗାଡି ଆସୁଥିବା ଦେଖି ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଗାଡ଼ିଟି ଦ୍ରୁତ ଗତିରେ ପଳାଇ ଯାଇଥିଲେ। କର୍ମଚାରୀମାନେ ଗାଡିକୁ ପିଛାକରି ମଙ୍ଗୁଳି ଛକ ନିକଟରେ ଧରିଥିଲେ। ଗାଡିରୁ ଜବତ ହୋଇଥିବା ୩୦ ବସ୍ତା କାଠକୋଇଲାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବନପାଳ ମହାପାତ୍ର କହିଛନ୍ତି।

## ଗୋପାଳପୁର ବସ୍ ଟର୍ମିନାଲ ନିର୍ମାଣରେ ବିଳମ୍ବ

କଟକ ଅଫିସ, ୭।୧

**ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡାଗଲା**

ପ୍ରସ୍ତାବିତ ଗୋପାଳପୁର ବସ୍ ଟର୍ମିନାଲ ଯୋଜନାକୁ ୭ ବର୍ଷ ବିତିଲାଣି। ଟର୍ମିନାଲ ନିର୍ମାଣ ହେବା ଦୂରର କଥା ଏବେ ଜମିର ଆକାରକୁ ନେଇ ପ୍ରଶ୍ନ ଉଠିଛି। ୨୦୧୨ରେ ବସ୍ ଟର୍ମିନାଲ ପାଇଁ ମାପଚୁପ ହୋଇ ୪୨ ଏକର ୬୪୦ ଡିସିମିଲ ଜମି ଚିହ୍ନଟ କରାଯାଇଥିଲା। ପରେ ଏହାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ୨୦୧୫ରେ ହସ୍ତାନ୍ତର କରାଯାଇଥିଲା। କଟକ ସଦର ତହସିଲ ଅନ୍ତର୍ଗତ ଗୋପାଳପୁର ମୌଜା ଖାତା ନଂ. ୧୦୫୦ ଓ ପ୍ଲଟ୍ ନଂ. ୮୩୭ ପତିତ କିସମର ୪୨ ଏକର ୬୪୦ ଡିସିମିଲ ଜମି ଏଥିପାଇଁ ଚିହ୍ନଟ କରାଯାଇଥିଲା।

ଗୋପାଳପୁରରେ ନୂତନ ବସ୍ ଟର୍ମିନାଲ ନିର୍ମାଣରେ ଅହେତୁକ ବିଳମ୍ବ ଓ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବକୁ ନେଇ ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ୨୦୧୪ରେ ହାଇକୋର୍ଟରେ ପିଟିଶନ ଦାଏର ପରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ପିଟିଶନରେ ଯଥାଶୀଘ୍ର ବସ୍ ଟର୍ମିନାଲ ନିର୍ମାଣ କରିବାକୁ ନିବେଦନ କରାଯାଇଥିଲା। ଏହାପରେ ସରକାର ଏହାର ବ୍ୟୟ ଅଟକଳ କରି ପାଚେରି ନିର୍ମାଣ ପାଇଁ ପୋଲିସ ହାଉସିଂ କର୍ପୋରେଶନକୁ ଦେଇଥିଲେ। କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲାନାହିଁ। ଯଦିଓ ବାଣିଜ୍ୟ ଓ ପରିବହନ ବିଭାଗ ଗତ ଅଗଷ୍ଟ ୨୫ ତାରିଖରେ ହାଇକୋର୍ଟରେ ଶପଥ ପାଠ ଜରିଆରେ ଉକ୍ତ ପାଚେରି ନିର୍ମାଣ କାର୍ଯ୍ୟ ୨୦୧୯ ଅକ୍ଟୋବର ସୁଦ୍ଧା ଶେଷ ହୋଇଯିବ ବୋଲି କହିଥିଲେ କିନ୍ତୁ ତାହା ଅଦ୍ୟାବଧି ସଫଳ ରୂପାୟନ ହୋଇନାହିଁ। ପାଚେରି ନିର୍ମାଣ କାର୍ଯ୍ୟ ଓ ବାଦାମବାଡ଼ି ବସ୍‌ଷ୍ଟାଣ୍ଡର ପୁନରୁଦ୍ଧାର କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ନ ହେବାରୁ ଆବେଦନକାରୀଙ୍କ ଓକିଲ ଆଇନଜୀବୀ ଅଜୟ ମହାନ୍ତି ଏହାର ପ୍ରତି ଜବାବ ଶପଥପାଠ ଜରିଆରେ ହାଇକୋର୍ଟରେ ଦାଖଲ କରିଥିଲେ। ଉଭୟ ପକ୍ଷ ଶୁଣିବା ପରେ ଗତବର୍ଷ ନଭେମ୍ବର ୧୮ ତାରିଖରେ ହାଇକୋର୍ଟ ତୁରନ୍ତ ବସ୍ ଟର୍ମିନାଲ ଓ ବସ୍‌ଷ୍ଟାଣ୍ଡ ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବାକୁ ଆଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ପରେ ମଧ୍ୟ ଟର୍ମିନାଲ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଦେଖାଦେଇଥିବା ମୈତ୍ରୀ ସଂସଦ ପକ୍ଷରୁ କୁହାଯାଇଛି। ଏଭଳି ଅନିଶ୍ଚିତତାକୁ ନେଇ ସଂସଦ ପକ୍ଷରୁ ଗତ ସୋମବାର ମୁଖ୍ୟ ଶାସନ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ଦାଖଲ କରାଯାଇଛି। ଏକ ନିରପେକ୍ଷ ଅନୁସନ୍ଧାନକାରୀ ଦଳ ଦ୍ୱାରା ଅନୁସନ୍ଧାନ କରାଯାଇ ତୁରନ୍ତ ଏହା ଉପରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସଂସଦ ପକ୍ଷରୁ ଦାବି କରାଯାଇଛି।

## ମକରମେଳା ପ୍ରସ୍ତୁତି ବୈଠକ

ଚୌଦ୍ୱାର,୭।୧(ଡି.ଏନ୍.ଏ):

ଡାଳିଯୋଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ମା' ଡମଣୀପୀଠରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ପ୍ରସିଦ୍ଧ ମକରମେଳା ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମା' ଡମଡ଼ମଣୀ ବନଦୁର୍ଗା ପରିଚାଳନା ସମିତିର ସଭାପତି ଜୟନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଯାତ୍ରାରେ ଲକ୍ଷାଧିକ ଭକ୍ତସମାଗମକୁ ଲକ୍ଷ୍ୟ ରଖି ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା, ଆଶୁ ଚିକିତ୍ସାକେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଆଲୋକୀକରଣ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଚୌଦ୍ୱାର ଥାନା ଏସ୍‌ଆଇ ବୃନ୍ଦାବନ ସାହୁ, ମଙ୍ଗରାଜପୁର ଫରେଷ୍ଟର ମାଣିକ ଲାଗୁରୀ, ଅକ୍ଷୟ ବିଶ୍ୱାଳ, କୃପାସିନ୍ଧୁ ସାହୁ, ସହଦେବ ବରାଳ, ଅଶୋକ ପରିଡ଼ା, ଦେବେନ୍ଦ୍ର ପାଣ୍ଡବ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## କଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ମନ ମୋହିଲା କୁଚିପୁଡ଼ି ନୃତ୍ୟ



କଟକ ଅଫିସ, ୭।୧

କଟକ ସାରଳା ଭବନଠାରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଚାଲିଥିବା ୧୧ତମ କଟକ ମହୋତ୍ସବର ମଙ୍ଗଳବାର ଥିଲା ଷଷ୍ଠ ସନ୍ଧ୍ୟା। ଶୀତୁଆ ସନ୍ଧ୍ୟାରେ ପ୍ରେକ୍ଷାଳୟ ପରିବେଶରେ ଉଷ୍ମତା ଭରିଦେଇଥିଲା ବିଶାଖାପଟନମ୍‌ର ୱାଇ.ଏନ. ପଦ୍ମା ପ୍ରିୟାଙ୍କ କୁଚିପୁଡି ନୃତ୍ୟ। ଏହି ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ରୋମାନିଆର କାରମେନ ଡୁମିତ୍ରେସ୍କ୍ୟୁ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଙ୍ଗାଲୋରର ମନୀଷା ମିତ୍ତାଲ, ପଶ୍ଚିମବଙ୍ଗର ନିଶିକା ସଙ୍କ ଭାରତନାଟ୍ୟମ, ଛତିଶଗଡର ପୂଜା ଜୈନଙ୍କ କଥକ ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ସେହିପରି ବିଶାଖାପଟନ୍‌ମର କେ. ରିଷିଥା, ଭି. ଯଶସ୍ୱିନୀ ଓ ଏମ୍. ଦିକଷିଥା, ଏ. ବାଗ୍‌ଦେବୀଙ୍କ କୁଚିପୁଡି ନୃତ୍ୟ ବେଶ୍ ମନଲୋଭା ଥିଲା। ଏହି ସନ୍ଧ୍ୟାରେ ଅତିଥି ଭାବେ ଜଷ୍ଟିସ ଏ.ଏସ୍. ନାଇଡୁ, ଡ. ପ୍ରଭାସ ଆଚାର୍ଯ୍ୟ ଓ ରାଜଶ୍ରୀ ମହାପାତ୍ର ଯୋଗଦେଇଥିଲେ। ଶୀଳାଦିତ୍ୟ ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ଅନୁରୂପା ରଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଏସ୍‌କେ କଲିମୁଲ୍ଲା, ପ୍ରଭା ପଟ୍ଟନାୟକ, ସମ୍ବିତ କୁମାର ଦାସ, ଡ. ବୈଜୟନ୍ତୀ ମିଶ୍ର, ବିଶ୍ୱମ୍ଭର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଚ୍ଛାରେ, ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଆଜି ପୁରୀ ଡିଭିଜନରେ ପକ୍ଷୀ ଗଣନା

#### ନିୟୋଜିତ ହେବେ ୨୩ ଟିମ୍

**ପୁରୀ ଅଫିସ, ୭।୧:** ପୁରୀ ବନ୍ୟପ୍ରାଣୀ ଡିଭିଜନରେ ବୁଧବାର ପକ୍ଷୀ ଗଣନା କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ରାଜ୍ୟର ବିଭିନ୍ନ ଡିଭିଜନରେ ଗତ ୩ ତାରିଖରେ ପକ୍ଷୀ ଗଣନା କରାଯାଇଥିଲା। ପୁରୀ ଡିଭିଜନରେ ମଧ ଏହି ଦିନ ଗଣତି କରାଯିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ଏଥିପାଇଁ ଗତ ୨ତାରିଖରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। କିନ୍ତୁ ୩ରେ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଏହାକୁ ବୁଧବାରକୁ ଘୁଞ୍ଚାଇ ଦିଆଯାଇଥିଲା। ପକ୍ଷୀ ଗଣନା ପାଇଁ ୨୩ଟି ଟିମ୍ ଗଠନ କରାଯାଇଛି। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି ଗଣନା ହେବ ବୋଲି ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି । ଡିଏଫ୍ଓଙ୍କ ସୂଚନା ମୁତାବକ ପୁରୀ ଡିଭିଜନରେ ୫ଟି ରେଞ୍ଜ ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ରହିଛି। ପକ୍ଷୀ ଗଣନା ପାଇଁ ସମସ୍ତ ରେଞ୍ଜ ଅଫିସର, ଫରେଷ୍ଟର, ଗାର୍ଡ ଏବଂ ଅନ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପୁରୀ ଡିଭିଜନ ଅନ୍ତର୍ଗତ ଯେଉଁସବୁ ସ୍ଥାନରେ ଜଳାଶୟ ରହିଛି ଏବଂ ପକ୍ଷୀ ଆସିଛନ୍ତି ସେ ସବୁ ସ୍ଥାନରେ ଗଣନା କରାଯିବ। ଏଥିଲାଗି ୨୩ଟି ସ୍ଥାନ ଚିହ୍ନଟ କରାଯାଇ ୨୩ଟିମ୍ ଗଠନ କରାଯାଇଛି। ଏରିଆ ଏବଂ ପକ୍ଷୀଙ୍କ ସମାଗମକୁ ନଜରରେ ରଖି ପ୍ରତି ଟିମ୍‌ରେ ୩ରୁ ୪ ଜଣ ଲେଖାଏ ସଦସ୍ୟ ରହିବେ। ରତ୍ନଚିରା, ଗଙ୍ଗାଦେବୀ, କୁଶଭଦ୍ରା, ପ୍ରାଚୀ, କାଦୁଆ ନଦୀ ଏବଂ କେଲୁଣୀ ମୁହାଣ ପ୍ରଭୃତି ୨୩ଟି ସ୍ଥାନରେ ଏହି ଗଣନା ହେବ। ଏଥିରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବନ୍ୟପ୍ରାଣୀ ପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସାମିଲ ରହିବେ।

### ମହିଳାଙ୍କୁ ମାଡ଼ ମାରି ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୭।୧(ବ୍ୟୁରୋ):** କ୍ୟାପଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ରହୁଥିବା ଜଣେ ମହିଳାଙ୍କୁ ମାଡ ମାରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କେଦାରପଲ୍ଲୀ ବସ୍ତି ଅଞ୍ଚଳର ଦିଲୀପ ଦଳେଇ। ପୋଲିସ ସୂଚନା ମୁତାବକ, ବସ୍ତିରେ ରହୁଥିବା ସୁଷମା ଦେଇଙ୍କୁ ଦିଲୀପ ଅଗଷ୍ଟ ୧୦ରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଦିଲୀପ ଗାଳି ଗୁଲଜ କରିବା ସହ ସୁଷମାଙ୍କୁ ମାଡ ମାରି ଫେରାର ହୋଇଯାଇଥିଲା। ଏ ନେଇ ସୁଷମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ. ୨୯୦/୧୯)ରୁଜୁ କରି ତଦନ୍ତ କରୁଥିଲା।







ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବରେ ମଙ୍ଗଳବାର ଦ୍ୱିତୀୟ ଦିବସରେ ପୌରସଦନ ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ଦିନ**

- ନୃତ୍ୟରେ କମ୍ପିଲା ପୌର ସଦନ
- ଆକର୍ଷଣ ସାଜିଲା ଡୁଏଟ୍ ନୃତ୍ୟ
- ଗ୍ଲୋରି କୁଇନ୍‌ର ଅନୁଭୂତି ବଖାଣିଲେ ଜୟା

**ପୁରୀ ଅଫିସ, ୭।୧**

ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଏହି ଦ୍ୱିତୀୟ ଦିନରେ ଛାତ୍ରୀଛାତ୍ରଙ୍କ ନୃତ୍ୟରେ କମ୍ପି ଉଠିଥିଲା ପୌର ସଦନ। ଡୁଏଟ୍ ଏବଂ ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ଢେର ରାତି ଯାଏ ଦେଖଣାହାରୀ ଭରପୂର ମଜା ଉଠାଇଥିଲେ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଥିଲା। ମଙ୍ଗଳବାରଠାରୁ ପୌର ସଦନରେ ଆରମ୍ଭ ହୋଇଛି ବିଭିନ୍ନ ପ୍ରତିଯୋଗିତା। ପ୍ରଥମେ ଇଂଲିଶ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଅନେକ ପ୍ରତିଯୋଗୀଙ୍କ କହିବା ଶୈଳୀ ବିଚାରକମଣ୍ଡଳୀଙ୍କ ମନକୁ ବେଶ୍ ଛୁଇଁ ପାରିଥିଲା। ଏହାପରେ ହିନ୍ଦୀ ଓ ଇଂଲିଶରେ ଗ୍ରୁପ୍ ଡିସ୍କସନ କରାଯାଇଥିଲା। ଏଥିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଭାଗନେଇ ସମଲିଙ୍ଗୀ ବିବାହ ଉପରେ ସେମାନଙ୍କ ମତାମତ ରଖିଥିଲେ। ପରେ ଡୁଏଟ୍ ଓ ଦଳଗତ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଅନ୍ୟତମ ଆକର୍ଷଣ ଥିଲେ ଅଭିନେତ୍ରୀ ଜୟା ବିଶ୍ୱାସ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଆଗରେ ସେ ପୁରୁଣା ଦିନର ଅନୁଭୂତି ବଖାଣିଥିଲେ। ସେ ତାଙ୍କ କଲେଜରୁ ଏକମାତ୍ର ଛାତ୍ରୀ ଭାବେ ଏହି ଗ୍ଲୋରିଫେଷ୍ଟକୁ ଆସିଥିଲେ। କଲେଜରୁ ଏକା ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କ ମନରେ ବି ଆଶଙ୍କା ରହିଥିଲା। କିନ୍ତୁ ମନରେ ଦୃଢ ବିଶ୍ୱାସ ଆଣି ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ। ନୃତ୍ୟ, ଗୀତ, ଅନ୍ତାକ୍ଷରୀ ସବୁଥିରେ ସେ ଜିତିଥିଲେ। ଗ୍ଲୋରିଫେଷ୍ଟର ପ୍ରମୁଖ ଆକର୍ଷଣ କୁହାଯାଉଥିବା ଗ୍ଲୋରିକୁଇନ୍ ପ୍ରତିଯୋଗିତାରେ ମଧ୍ୟ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଗ୍ଲୋରିକୁଇନ୍ ଟାଇଟଲ ପିନ୍ଧିଥିଲେ। ଗ୍ଲୋରିଫେଷ୍ଟର ମଞ୍ଚ ତାଙ୍କ ପାଇଁ ନିଶ୍ଚିତ ସବୁଦିନେ ମନେ ରହିବ। ଯେଉଁ ପ୍ଲାଟଫର୍ମରେ ସେ ଜଣେ ପ୍ରତିଯୋଗୀ ଥିଲେ ଆଜି ସେଠାକୁ ବିଚାରକ ଭାବେ ଆସିଛନ୍ତି। ତେଣୁ ଦୃଢ ମନୋବଳ ରଖି ପ୍ରତିଯୋଗିତାରେ ଭାଗ ନେବାକୁ ଜୟା ପ୍ରତିଯୋଗୀଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରୀକ୍ଷେତ୍ରର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହେଉଛି ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବ। ଏଥିରେ ଭାରତର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୦୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।



ଏସ୍‌ସିଏସ୍ କଲେଜ କ୍ୟାମ୍ପସ ଆଗରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଜେଏନ୍‌ୟୁ ହିଂସା: ଏସ୍‌ସିଏସ୍ କଲେଜ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ପୁରୀ ଅଫିସ, ୭।୧**

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ହିଂସା ଘଟଣାକୁ ବିଭିନ୍ନ ଛାତ୍ର ସଙ୍ଗଠନ ବିରୋଧ କରିଛନ୍ତି। ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଘଟଣାକୁ ବିରୋଧ କରି ମଙ୍ଗଳବାର କ୍ୟାମ୍ପସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କ୍ୟାମ୍ପସ ପରିସରରେ ଅଣଛାତ୍ରଙ୍କ ପ୍ରବେଶ ଉପରେ କଟକଣା ଜାରି ନିମନ୍ତେ ଦାବି କରିଛନ୍ତି। ରମେଶ ମିଶ୍ର, ଆଶୁତୋଷ ପଟ୍ଟନାୟକ, ରୋଜାଲିନ୍ କାଣ୍ଡି ଆଲୋକ ପଲେଇଙ୍କ ନେତୃତ୍ୱରେ ଏକାଧିକ ଛାତ୍ରୀଛାତ୍ର ବିକ୍ଷୋଭରେ ସାମିଲ ଥିଲେ।

## ଚିନାବାଦାମ ଫସଲରେ ଘୋଡ଼ାପୋକ

### ଚାଷୀଙ୍କ ମୁଣ୍ଡରେ ଚଡ଼କ

**କଣାସ, ୭।୧(ସ୍ୱ.ପ୍ର.)**



ପୁରୀ ଜିଲା କଣାସ ବ୍ଲକରେ ଚାଷୀଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ। ଚାଷୀମାନେ ଫନୀ ବାତ୍ୟାରେ ଧାନ ଫସଲ ହରାଇବା ପରେ ଭାବିଥିଲେ ଅର୍ଥକରୀ ଫସଲ ଚାଷ କରି ଜୀବିକା ନିର୍ବାହ କରିବେ। ମାତ୍ର ସେଇ ଆଶା ଏବେ ନିରାଶାରେ ପରିଣତ ହେବାକୁ ଯାଉଛି। କଣାସ ବ୍ଲକର ଗଡ଼ସାନପୁଟ, ଗଡ଼ବଡ଼ପୁଟ, ପାଣ୍ଡିଆକେରା, ବଡ଼ାସ, ଦୋକନ୍ଦା ଓ ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଶହ ଶହ ଏକର ଜମିରେ ଚିନାବାଦାମ ଚାଷ କରାଯାଇଥିଲା। ଏଥିରେ ଏବେ ଘୋଡ଼ାପୋକ ଲାଗିଛି। ଏହି ପୋକଗୁଡ଼ିକ କଅଁଳିଆ ଗଛ ସବୁକୁ ଖାଇଯାଉଛନ୍ତି। ଫଳରେ ଆଶାଜନକ ପରିମାଣର ଚିନାବାଦାମ ଫସଲ ଅମଳ ହୋଇପାରିବ ନାହିଁ। ପୂର୍ବରୁ ଧାନଚାଷ କରି କ୍ଷତି ଘଟିଥିଲା। ଏବେ ଚିନାବାଦାମ ଚାଷରେ ବି କ୍ଷତି ଘଟିବାକୁ ଯାଉଛି। ତେଣୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବ୍ୟାଙ୍କରୁ ଋଣ ନ ମିଳିବାରୁ ଅନେକ ଚାଷୀ ଧାରକରଜ କରି ଚାଷ କରିଥିଲେ। ସେହିପରି ସରକାରୀ ଚିନାବାଦାମ ବିହନ ନ ମିଳିବାରୁ ଅନୁଗୁଳ ଜିଲାର କେତେକ ଗ୍ରାମକୁ ଯାଇ ଅଧିକ ଟଙ୍କା ଦେଇ ଏହାକୁ କିଣିଥିଲେ। ହେଲେ ଘୋଡ଼ାପୋକ ଏବେ ଦାଉ ସାଧୁଛି। ଏ ସମ୍ପର୍କରେ କଣାସ ବ୍ଲକ କୃଷି ଅଧିକାରୀଙ୍କୁ ପଚାରିବାରେ କହିଛନ୍ତି, ଚାଷୀମାନଙ୍କଠାରୁ ଖବର ପାଇ କୃଷି ଅଧିକାରୀ ଜେ. ନଳିନୀ ଏବଂ ଜିଲା କୃଷି ଅଧିକାରୀ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାର ତ୍ୱରିତ ନିରାକରଣ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ।

### ■ ମାଛପଡା ଗ୍ରାମରେ ଅଗ୍ନିକାଣ୍ଡ ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ଡେଲାଙ୍ଗ,୭।୧(ଡି.ଏନ.ଏ)**

ଡେଲାଙ୍ଗ ଥାନା ଅର୍ନ୍ତଗତ ଗୁଆଳିପଡ଼ା ପଞ୍ଚାୟତର ମାଛପଡା ଗ୍ରାମରେ ନଭେମ୍ବର ୧୧ରେ ମଧ ରାତିରେ ଅଗ୍ନିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଏବଂ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିବା ଏଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବନ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଥାନା ସମ୍ମୁଖରେ ଧାରଣା ଦିଆଯାଇଛି । ସୂଚନା ଅନୁଯାୟୀ, ମାଛପଡ଼ା ଗ୍ରାମର ଭାଗୀରଥି ସ୍ୱାଇଁଙ୍କ ପୁଅ ଲାଲୁ ଓ ନଗେନ ନାୟକଙ୍କ ପୁଅ ଶୁକୁଟା ଦୁହେଁ ସାଙ୍ଗ ହୋଇ ବାଇକରେ ଡେଲାଙ୍ଗ ହାଟ ବଜାରକୁ ଆସିଥିଲେ । ସେଠାରେ ଲାଲୁଙ୍କୁ ଛାଡ଼ି ସୁକୁଟା ସାନଆଙ୍କୁଲା ବନ୍ଧୁ ଘରକୁ ଯାଇଥିଲେ। ବଡ଼ ଆଙ୍କୁଲା ଛକରେ ବାଇକ୍‌ଟି ଦୁର୍ଘଟଣା ଯୋଗୁ ସେଠାରେ ସୁକୁଟାଙ୍କ ମୃତ ହୋଇଥିଲା । ଏହି ଘଟଣାକୁ ନେଇ ମୃତ ସୁକୁଟାଙ୍କ ପରିବାର ଲୋକେ ଲାଲୁଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ଘର ପୋଡ଼ିଦେବାକୁ ଧମକ ଦେଉଥିଲେ। ନଭେମ୍ବର ୧୧ ତାରିଖ ରାତିରେ ମୃତ ସୁକୁଟାଙ୍କ ବଡ଼ ଭାଇ ମଦ୍ୟପାନ କରି ଘର ପୋଡ଼ି ଦେବା ପାଇଁ ଧମକ ଦେଇଥିଲେ। ରାତିରେ ନିଆଁ ଲାଗି ୧୭ଟି ପରିବାରଙ୍କ ୨୧ ବଖରା ପୋଡି ପାଉଁଶ ହୋଇଯାଇଥିଲା। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେତେଜଣ ଗ୍ରାମବାସୀ ନଗେନଙ୍କ ଘର ଭାଙ୍ଗୁଥିବା ସମୟରେ ଥାନା ଏଏସଆଇ ଘଟଣାସ୍ଥଳରେ ପହଞ୍ଚି ପ୍ରତିରୋଧ କରିଥିଲେ। କେତେଜଣ ଯୁବକ ଏଏସଆଇଙ୍କୁ ମଧ୍ୟ ଗାଳି କରିଥିଲେ। ଏହି ଘଟଣାରେ ଗ୍ରାମବାସୀଙ୍କ ପକ୍ଷରୁ ଘରପୋଡ଼ି ଘଟଣାରେ ନଗେନ ନାୟକ ଓ ତାଙ୍କ ପୁଅ ନାମରେ ଥାନରେ ଅଭିଯୋଗ କରିଥିଲେ। ହେଲେ କାହାରିକୁ ଗିରଫ କରାଯାଇ ନାହିଁ । ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଧାରଣା ଜାରି ରହିଛି।



ଡେଲାଙ୍ଗ ଥାନା ସମ୍ମୁଖରେ ଧାରଣା ଦେଉଥିବା ମାଛପଡ଼ା ଗ୍ରାମବାସୀଙ୍କ ଧାରଣା।

### ■ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଜମୁଛି ଭିଡ଼

## ପଠନ ଟୁର୍ଙ୍ଗିରେ ପତ୍ରପତ୍ରିକା ପଢ଼ିଲେ ଛାତ୍ରୀଛାତ୍ର





ପୁରୀ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ବୋଧିଚକ୍ର ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।



ପଠନ ଟୁର୍ଙ୍ଗିରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

**ପୁରୀ ଅଫିସ, ୭।୧**

**କୁଇଜ ପ୍ରତିଯୋଗିତା, ଆଲୋଚନାଚକ୍ର ଅନୁଷ୍ଠିତ**

ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ଶରଧାବାଲିରେ ଚାଲିଥିବା ୨୬ତମ ପୁସ୍ତକ ମେଳାରେ ପ୍ରବଳ ଭିଡ଼ ଜମୁଛି। ମଙ୍ଗଳବାର ଏହା ୩ୟ ଦିନରେ ପହଞ୍ଚିଛି। ଏଥିରେ ଟିକିତାରା ପକ୍ଷରୁ ପିଲାଙ୍କ ପାଇଁ ଆରମ୍ଭ ହୋଇଛି 'ପଠନ ଟୁର୍ଙ୍ଗି' ଓ 'ଜୀବନୀ ପଢନ୍ତୁ–ଜୀବନ ଗଢନ୍ତୁ' କାର୍ଯ୍ୟକ୍ରମ। ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶରଧାବାଲି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପତ୍ରପତ୍ରିକା ପଠନ କରିଥିଲେ। ପ୍ରଧାନଶିକ୍ଷକ ଶୈଳବାଳା ମହାପାତ୍ର, ସାହିତ୍ୟିକା କ୍ରିଷ୍ଣା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଅପରାହ୍ନରେ କୁଇଜ୍‌ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତା 'ଜଣାଅଜଣା' ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ସାଇଶ୍ରୀ ପ୍ରତିଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପୁସ୍ତକମେଳା ମଣ୍ଡପରେ ବୋଧିଚକ୍ର ପକ୍ଷରୁ 'ବିଶ୍ୱ ଶାନ୍ତିରେ ବୁଦ୍ଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୁସ୍ତକମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଅବିନାଶ ରଥ, ସାହିତ୍ୟିକ ସତ୍ୟନାରାୟଣ ମିଶ୍ର, ଡ. କାର୍ତ୍ତିକ କୁମାର ଦାସ, ଦୀପ୍ତି ମିଶ୍ର, କ୍ରିଷ୍ଣା ମହାପାତ୍ର, ଡ. ବଳରାମ ଦାସ ଏବଂ ଗୌରାଙ୍ଗ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୁଦ୍ଧଙ୍କ ବାଣୀ ସମାଜରେ ଶାନ୍ତି, ମୈତ୍ରୀ, ସଦ୍‌ଭାବ ଜାଗ୍ରତ କରିବ ବୋଲି ମତ ପ୍ରକାଶ ପାଇଥିଲା। ବୁଦ୍ଧଙ୍କ ପଥ ଅନୁସରଣ କରିବାକୁ ବକ୍ତାମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେତେଜଣ ବ୍ୟକ୍ତିବିଶେଷ ଏବଂ ସାମାଜିକ ଅନୁଷ୍ଠାନ 'ସାହିଭାଇ' କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୁସ୍ତକ ମେଳା ପରିସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ ପ୍ରଚାର ପ୍ରସାର ଷ୍ଟଲ ମୁଖ୍ୟ ଶାଖା ପ୍ରବନ୍ଧକ ସସ୍ମିତ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ବ୍ୟାଙ୍କର ବିଭିନ୍ନ ସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ପୁସ୍ତକ ମେଳାରେ ତୃତୀୟ ଦିବସରେ ପ୍ରବଳ ଭିଡ଼ ହୋଇଥିଲା।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ। -ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଘର ଆଗରୁ ବାଇକ୍ ଚୋରି

ନିମାପଡ଼ା,୭।୧(ଡି.ଏନ୍.ଏ.): ନିମାପଡ଼ା ଥାନା ନିକଟସ୍ଥ ପତିତପାବନପାଟଣା ଗ୍ରାମର ବୀରେନ୍ଦ୍ର ସାହୁଙ୍କ ଘର ଆଗରୁ କେହି ଦୁର୍ବୃତ୍ତ ବାଇକ୍ ଚୋରି କରି ନେଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୫/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୀରେନ୍ଦ୍ର ସୋମବାର ରାତିରେ ଶୋଇଥିବା ବେଳେ ତାଙ୍କ ଘର ଆଗରେ ଥିବା ବାଇକ୍ (ଓଡି ୧୩କେ ୩୫୩୯)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏ ନେଇ ବୀରେନ୍ଦ୍ର ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ବାଇକ୍‌ର ମୂଲ୍ୟ ୧ ଲକ୍ଷ ୧୦ହଜାର ଟଙ୍କା ହେବ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଶ୍ରୀକ୍ଷେତ୍ର ସମ୍ମାନ ଉତ୍ସବ ଆଜି

ପୁରୀ ଅଫିସ, ୭।୧: କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ଏବଂ କ୍ରୀଡ଼ା ଭାରତୀର ମିଳିତ ଆନୁକୂଲ୍ୟରେ ଅଷ୍ଟାଦଶ ଶ୍ରୀକ୍ଷେତ୍ର ସମ୍ମାନ ଉତ୍ସବ ବୁଧବାର ପୁସ୍ତକମେଳା ପରିସରରେ ଅନୁଷ୍ଠିତ ହେବ। ଚଳିତବର୍ଷ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ରଙ୍କୁ କଳିଙ୍ଗ ସୌରଭ, ଡ, ତୁଳସୀ ଓଝାଙ୍କୁ ଶ୍ରୀକ୍ଷେତ୍ର ସୌରଭ ସମ୍ମାନ ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରତୀକ ମହାପାତ୍ର, ଆକାଶ ପଟ୍ଟନାୟକ, ଉମାକାନ୍ତ ମହାପାତ୍ର ଏବଂ ଆଦର୍ଶ ଦାଶଙ୍କୁ ସମ୍ମାନିତ କରାଯିବ। ପୁସ୍ତକମେଳା ଅବସରରେ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଉଭୟ ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀ କହିଛନ୍ତି।

### ମୃତ୍ତିକା ସ୍ୱାସ୍ଥ୍ୟ ପାଇଲଟ ଯୋଜନାରେ ଦୁଗଲ ପଞ୍ଚାୟତ ସାମିଲ

ସାକ୍ଷୀଗୋପାଳ,୭।୧(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତକୁ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ମଡେଲ ପାଇଲଟ ଗ୍ରାମ ଭାବେ ଗ୍ରହଣ କରାଯିବ। ହାଇଦ୍ରାବାଦସ୍ଥିତ ଭାରତୀୟ ମୃତ୍ତିକା ଓ ଭୂମି ସର୍ବେକ୍ଷଣ ସଂସ୍ଥାନର ଆଞ୍ଚଳିକ ଅଧିକାରୀ ବୈଜ୍ଞାନିକ ଡ. ସନ୍ଦୀପ ତ୍ରିପାଠୀ ମଙ୍ଗଳବାର ଚାଷୀଙ୍କ ସହ ଆଲୋଚନା କରି ଏହା କହିଛନ୍ତି। ଚାଷ ପୂର୍ବରୁ ନିୟମିତ ମୃତ୍ତିକା ପରୀକ୍ଷା କରି ଅବଶ୍ୟକୀୟ ଉପଚାର କରିବା ପରେ ଚାଷ କରିବାକୁ କୃଷକଙ୍କୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମୃତ୍ତିକା ରସାୟନବିତ୍ ଶାରଦା ପ୍ରସନ୍ନ କର, ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ରସାୟନବିତ ସୁନୀତା ମିଶ୍ର, ଜିଲା କୃଷି ଅଧିକାରୀ ଏସ. ଚନ୍ଦ୍ର ଶେଖର ରାଓ, ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ, ବ୍ଲକ କୃଷି ବୈଷୟିକ ପରାମର୍ଶଦାତା ସୋଲେଶ ଦାସ, ଗ୍ରାମକୃଷି କ୍ଷେତ୍ର କର୍ମଚାରୀ ନିବେଦିତା ଦ୍ୱିବେଦୀ ଓ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ ପ୍ରମୁଖ ମାଟି ପରୀକ୍ଷାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ବିନା ମୂଲ୍ୟରେ ମାଟି ପରୀକ୍ଷା ସୁବିଧା ସହିତ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ପରାମର୍ଶ ସୂଚନା ଆଧାରରେ ଚାଷ କରିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

# ୪ ଘରୋଇ ପ୍ଲଟ୍‌ରୁ କୋଠା ଉଚ୍ଛେଦ

ପୁରୀ ଅଫିସ, ୭।୧:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ପୁଣି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ମଙ୍ଗଳବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାରରେ ଥିବା ୪ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ବୁଧବାର ଭାରତ ବନ୍ଦ ଡାକରା ଯୋଗୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରହିବ। ଗୁରୁବାରଠାରୁ ପୁଣି ଉଚ୍ଛେଦ ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି।

ଗତ ମାସ ୨୧ ତାରିଖରେ ଭିତର ସେବାୟତ ନିଯୋଗ କୋଠା ଭଙ୍ଗାଯିବା ପରେ ପ୍ରଶାସନ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖିଥିଲା। ବଡ଼ଦିନ ଏବଂ ନୂଆବର୍ଷ ଉପଲକ୍ଷେ ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଥିଲା। ପ୍ରାୟ ୧୬ ଦିନ ହେବ ଭଙ୍ଗାଭଙ୍ଗି ବନ୍ଦ ରହିଥିବାବେଳେ ମଙ୍ଗଳବାର ପୁନଶ୍ଚ ଏହା ଆରମ୍ଭ ହୋଇଛି। ସକାଳେ ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଉଚ୍ଛେଦ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଥିଲା। ଭକ୍ତଙ୍କ ଯା'ଆସରେ ଯେପରି କୌଣସି ଅସୁବିଧା ନ ହେବ ତାହା ଉପରେ ଧ୍ୟାନ ଦିଆଯାଇଥିଲା। ପ୍ରାୟ ୨ ପ୍ଲାଟୁନ ଫୋର୍ସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ଏହାକୁ ତଦାରଖ କରିଥିଲେ। ୩ ମହଲା ବିଶିଷ୍ଟ ୨ଟି କୋଠା ଭଙ୍ଗାଯିବା ପରେ ପୁଣି ଅନ୍ୟ ୨ଟି ପ୍ଲଟରେ ଥିବା କୋଠା ଭଙ୍ଗାଯାଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, କିଛିଦିନ ପରେ ସୁରକ୍ଷା ଜୋନ୍‌ରେ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ୪ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗାଯାଇଛି। ପର୍ଯ୍ୟାୟକ୍ରମେ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ। ତେବେ ଭକ୍ତଙ୍କ ଯା'ଆସରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ତାହାକୁ ଦୃଷ୍ଟିରେ ରଖାଯାଇ ବ୍ୟାରିକେଡିଂ କରାଯାଉଛି। ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ଉଚ୍ଛେଦ ବନ୍ଦ ରଖାଯିବ ଏବଂ ଗୁରୁବାରଠାରୁ ଏହା ତ୍ୱରାନ୍ୱିତ ହେବ। ଯେଉଁମାନେ ସେମାନଙ୍କ ଜମି ବିକ୍ରି କବଲା ସାରିଛନ୍ତି ସେମାନଙ୍କୁ ଘର ଖାଲି କରିବାକୁ କୁହାଯାଇଛି। ଘର ଖାଲି କରିବା ପରେ ଉଚ୍ଛେଦ କରାଯିବ।



ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଥିବା କୋଠା ଭଙ୍ଗାଯାଉଛି।

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**

### ଶ୍ରୀମନ୍ଦିର ସହିତ ସହରର ବିକାଶ ହେଉ

ପୁରୀ ଅଫିସ, ୭।୧:

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବିକାଶ ଉଦ୍ଦେଶ୍ୟରେ ପ୍ରସ୍ତୁତ ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ଏଥିଲାଗି ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୫ଟି ପ୍ରସ୍ତାବ ଦିଆଯାଇଛି। ଏଥିରେ ଶ୍ରୀମନ୍ଦିରର ବିକାଶ ସାଙ୍ଗକୁ ସହରର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଲାଗି ଉଲ୍ଲେଖ କରାଯାଇଛି। ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ସମ୍ପ୍ରସାରଣ, ନବକଳେବର ରୋଡର ପ୍ରଶସ୍ତୀକରଣ ଦାବି ଉଲ୍ଲେଖ ରହିଛି। ସେହିପରି ବେଳାଭୂମି ରାସ୍ତାକୁ ହୋଟେଲଗୁଡ଼ିକ ଜବରଦଖଲ କରିଥିବାରୁ ଦର୍ଶନାର୍ଥୀଙ୍କ ଯା'ଆସରେ ଅସୁବିଧା ହେଉଛି, ହରଚଣ୍ଡୀସାହି, ବାଲିସାହି ଏବଂ ଦୋଳମଣ୍ଡପ ସାହି ଲେନ୍ ସଂକୀର୍ଣ୍ଣ ହୋଇଗଲାଣି। ତେଣୁ ସାହିବାସିନ୍ଦାଙ୍କ ସୁବିଧା ପାଇଁ ଅଲଗା ରାସ୍ତା ନିର୍ମାଣ ଲାଗି ମଞ୍ଚ ପ୍ରସ୍ତାବ ରଖିଛି। ସହରରେ ଭଲ ବସ୍‌ଷ୍ଟାଣ୍ଡ, ପାର୍କ ଓ ଷ୍ଟାଡିୟମ୍ ନ ଥିବା ଦର୍ଶାଯାଇଛି। ତୀର୍ଥ ପୁଷ୍କରିଣୀଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏଥିରେ ନଳା ପାଣି ପଶୁଛି। ସ୍ୱେରେଜ ଏବଂ ଡ୍ରେନ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ଏହାଦ୍ୱାରା ସହରବାସୀ ବିଶେଷ ଉପକୃତ ହୋଇପାରୁନାହାନ୍ତି। ୧୯୮୬ରୁ ଉଠା ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ନାହିଁ। ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗି ଦିଆଯାଇଥିବା ବେଳେ ବ୍ୟବସାୟୀମାନେ ଏବେ ହତାଶ ହୋଇପଡ଼ିଛନ୍ତି। ତେଣୁ ଶ୍ରୀମନ୍ଦିର ବିକାଶ ସାଙ୍ଗକୁ ଏ ସବୁ ପ୍ରତି ଦୃଷ୍ଟି ଦେବାକୁ ମଞ୍ଚ ଦାବି କରିଛି।

■ ୱାନ୍ ଷ୍ଟପ୍ ସେଣ୍ଟର ଉଦ୍‌ଘାଟିତ

# ଗୋଟିଏ ଛାତ ତଳେ ନିର୍ଯାତିତାଙ୍କୁ ମିଳିବ ସହାୟତା




ପୁରୀ ଆୟୁର୍ବେଦ କଲେଜ ପରିସରରେ 'ସଖୀ' (ୱାନ ଷ୍ଟପ୍ ସେଣ୍ଟର) କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ପୁରୀ ଅଫିସ, ୭।୧:**

ନିର୍ଯାତିତା ମହିଳା ଏବଂ ୧୮ ବର୍ଷରୁ କମ୍ ବାଳିକାମାନଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ ସଖୀ (ୱାନ୍ ଷ୍ଟପ୍ ସେଣ୍ଟର) ଖୋଲାଯାଇଛି। ଏହି ୨୪ଘଣ୍ଟିଆ କେନ୍ଦ୍ରକୁ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ନିର୍ଯାତିତାଙ୍କୁ ପୋଲିସ ସହାୟତା, ଡାକ୍ତରୀ ଓ ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ସହ ଆଶ୍ରୟ ଦେବା ନିମନ୍ତେ ୫ଟି ଶଯ୍ୟା ସୁବିଧା ରହିଛି। ବଳାତ୍କାର, ଅପହରଣ କିମ୍ବା ନିଖୋଜ, ପାରିବାରିକ ହିଂସା, ଏସିଡ୍ ଆକ୍ରମଣର ଶିକାର, ଯୌନ ଉତ୍ପୀଡ଼ନ ଓ ଶୋଷଣ, ମହିଳା ଚାଲାଣ, ବାଲ୍ୟ ବିବାହ, ସାଇବର କ୍ରାଇମ୍, ଯୌତୁକ ନିର୍ଯାତନା ଓ ମୃତ୍ୟୁ ଆଦି ଘଟଣାରେ ସମ୍ପୃକ୍ତା ପୀଡ଼ିତା ଏବଂ ପରିବାରକୁ ସହାୟତା ପ୍ରଦାନ କରାଯାଇପାରିବ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ କ୍ୱାର୍ଟର ନ.-୭ରେ ଅସ୍ଥାୟୀ ଭାବେ ଏହି କେନ୍ଦ୍ରକୁ ଖୋଲାଯାଇଛି। ଆବଶ୍ୟକ ସ୍ଥଳେ ମୋବାଇଲ ନମ୍ବର ୯୪୩୭୨୯୩୪୫୪, ୯୪୩୭୫୦୬୯୫୮ ରେ ଯୋଗାଯୋଗ କରାଯାଇପାରିବ। ଏହି କେନ୍ଦ୍ର ଦ୍ୱାରା ନିର୍ଯାତିତ ମହିଳାମାନେ ଗୋଟିଏ ଛାତ ତଳେ ସମସ୍ତ ସହାୟତା ଖୁବ୍ କମ୍ ସମୟରେ ପାଇପାରିବେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଉପଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ, ଜିଲା ଆଇନ ସହାୟତା କେନ୍ଦ୍ର ସଂଯୋଜକ ଅମରେଶ ମହାପାତ୍ର, ଏଡିଏମ୍‌ଓ ଡ. ଦେବୀପ୍ରସାଦ ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ନୀଳାଚଳ ସେବା ପ୍ରତିଷ୍ଠାନ ସମ୍ପାଦକ କସ୍ତୁରୀ ଚରଣ ଚମ୍ପତି, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧକ୍ଷ ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କେନ୍ଦ୍ର ପରିଚାଳିକା ବିଜୟଲକ୍ଷ୍ମୀ ବଡ଼ଜେନା ଧନ୍ୟବାଦ ଦେଇଥିଲେ।

# ଶତାଧିକ କଂଗ୍ରେସ, ଭାଜପା କର୍ମୀଙ୍କ ବିଜେଡିରେ ଯୋଗଦାନ

କୋଣାର୍କ,୭।୧(ଡି.ଏନ୍.ଏ.):

କୋଣାର୍କସ୍ଥିତ ମା' ଭଗବତୀ ପୀଠରେ ମଙ୍ଗଳବାର ବିଜୁ ଜନତା ଦଳର ଏକ ମିଶ୍ରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥିଭାବେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ଭରତଚନ୍ଦ୍ର ନାୟକ, ରାଜକିଶୋର ମହାପାତ୍ର, ପଦ୍ମଚରଣ ବେହେରା, ବିମ୍ବାଧର ବେହେରା, ପୁଷ୍ପାରାଣୀ ସ୍ୱାଇଁ, ସଞ୍ଜୁକ୍ତା ତ୍ରିପାଠୀ, ଶତ୍ରୁଜିତ ନାୟକ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଏନ୍‌ଏସି ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି କରିବା, କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡରେ ବୁଥସ୍ତରୀୟ କମିଟି ଗଠନ, ନିର୍ବାଚନ ମଣ୍ଡଳୀର ଉନ୍ନତି ସହ କୋଣାର୍କର ସାମଗ୍ରୀକ ବିକାଶ ପାଇଁ ଦଳ ବଧ ପରିକର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ କଂଗେସ ପଛୁଆ ବର୍ଗ ସେଲ ଅଧକ୍ଷ କ୍ଷେତ୍ରବାସି ନାୟକ, ପ୍ରମୋଦ ଛୋଟରାୟ, ଭୀମସେନ ମଲ୍ଲିକ, ଗିତାରାଣୀ ମଲ୍ଲ, ଶ୍ରୀଧର ମଲ୍ଲିକ, ତେଜସ୍ୱର ସିଂ, ବିମଳ ନାୟକ, କୃଷ୍ଣଚନ୍ଦ୍ର ଖଟୋଇ, ମଦନମେହନ ବ୍ରହ୍ମା, ଭାସ୍କର ଲେଙ୍କା ଓ ଶିବବ୍ରତ ସ୍ୱାଇଁଙ୍କ ସମେତ ଶତାଧିକ କଂଗେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନୂତନ ଭାବେ ଯୋଗଦେଇଥିବା କଂଗେସ ଓ ଭାଜପା ନେତା, କର୍ମୀମାନଙ୍କୁ ମନ୍ତ୍ରୀ ବେହେରା ପୁଷ୍ପଗୁଚ୍ଛ ସହ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସମାରୋହକୁ ସୁଶାନ୍ତ ବେହେରା, ନୃସିଂହ ପ୍ରସାଦ ନାୟକ, ବାପିନ ବେହେରା, ନିହାରଞ୍ଜନ ନାୟକ, ଟଟୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବତନ କାଉନସିଲର ପ୍ରତାପ ଚନ୍ଦ୍ର ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ।




ବିଜେଡିରେ ଯୋଗଦେଇଥିବା ଅନ୍ୟ ଦଳର କର୍ମୀମାନେ।

■ କଣାସ ବ୍ଲକରେ ପ୍ରଥମ ଧାନମଣ୍ଡି ଖୋଲିଲା

# ୧୦ ଚାଷୀଙ୍କଠାରୁ ୨୬୩ କୁଇଣ୍ଟାଲ ଧାନ କ୍ରୟ

କଣାସ, ୭।୧(ସ୍ୱ.ପ୍ର.):

ପୁରୀ ଜିଲା କଣାସ ବ୍ଲକର ତ୍ରିଲୋଚନପୁର ଗ୍ରାମପଞ୍ଚାୟତରେ ମଙ୍ଗଳବାର ଧାନମଣ୍ଡି ଖୋଲାଯାଇଛି। ତ୍ରିଲୋଚନପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଏହି ମଣ୍ଡିକୁ ସରପଞ୍ଚ ପ୍ରଦୀପ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ-ନିମାପଡ଼ା ସମବାୟ ସମିତି ଲିଃର ଶାଖା ପରିଚାଳକ ରାକେଶ ସେଠୀ, ସୁପରଭାଇଜର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ତ୍ରିଲୋଚନପୁର ସେବା ସମବାୟ ସମିତିର ସଭାପତି ସର୍ବେଶ୍ୱର ଦାଶ ଓ ସମ୍ପାଦକ ବୈଦ୍ୟନାଥ ମହାପାତ୍ର, କେଦାର ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୧୦ଜଣ ଚାଷୀଙ୍କଠାରୁ ଶ୍ରୀଗୋପାଳ ରାଇସ୍ ମିଲ୍‌ସ କର୍ତ୍ତୃପକ୍ଷ ୨୬୩ କୁଇଣ୍ଟାଲ ୧୫ କି.ଗ୍ରା. ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କାରେ କିଣିଥିଲେ। ଏହି ଧାନ ମଣ୍ଡି ପ୍ରତି ସପ୍ତାହର ମଙ୍ଗଳବାର ଓ ଶନିବାର ଦିନ ଖୋଲାଯିବ ବୋଲି ସମ୍ପାଦକ କହିଛନ୍ତି।



ମଣ୍ଡିକୁ ସରପଞ୍ଚ ପ୍ରଦୀପ କୁମାର ଦାଶ ଉଦ୍‌ଘାଟନ କରୁଛନ୍ତି।

■ ୨୬ ବର୍ଷରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

# ସଦାଶିବ ପରିସରରୁ ଶରଧାବାଲି

ପୁରୀ ଅଫିସ, ୭।୧:

କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ତଥା ଯୁବପିଢିଙ୍କ ମଧ୍ୟରେ ସାହିତ୍ୟାନୁରାଗ ସୃଷ୍ଟି ଲକ୍ଷ୍ୟ ନେଇ ୨୫ବର୍ଷ ତଳେ ରୋପଣ ହୋଇଥିବା ବୀଜ ଆଜି ୨୬ବର୍ଷରେ ପଦାର୍ପଣ କରିଛି। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ସଦାଶିବ ପରିସରରେ କେତେଜଣ ହାତଗଣତି ପୁସ୍ତକ ପ୍ରକାଶକଙ୍କୁ ନେଇ ଆରମ୍ଭ ହୋଇଥିଲା ଶ୍ରୀକ୍ଷେତ୍ର ପୁସ୍ତକ ମେଳା। ବହୁ ଘାତପ୍ରତିଘାତ ପରେ ୨୦୧୨ ମସିହାରୁ ଏହା ଶରଧାବାଲିରେ ଆୟୋଜନ ହୋଇଆସୁଛି। ଚଳିତ ବର୍ଷ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବା ବେଳେ ୭୫ଟି ପ୍ରକାଶନ ସଂସ୍ଥା ଯୋଗଦେଇଛନ୍ତି।

ଶ୍ରୀକ୍ଷେତ୍ର ପୁସ୍ତକମେଳା ସମ୍ପର୍କରେ ମେଳା କମିଟିର କାର୍ଯ୍ୟକାରୀ ସଭାପତି ରାଜ କିଶୋର ମିଶ୍ର କହିଛନ୍ତି, ଏହା ପୂର୍ବରୁ ପୁରୀରେ ଏକ ବହିମେଳା ଚାଲିଥିଲା। ସେହି ସମୟରେ ବହିମେଳା ଆୟୋଜକ ଏବଂ ପୁସ୍ତକମେଳାକୁ ଆସୁଥିବା ପ୍ରକାଶନ ସଂସ୍ଥା ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। କେତେଜଣ ପ୍ରକାଶକ ଓ ସାହିତ୍ୟିକ ବନ୍ଧୁମାନେ ଆମକୁ ଆଉ ଏକ ପୁସ୍ତକମେଳା ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ସମସ୍ତଙ୍କ ଆଗ୍ରହ ଓ ପ୍ରକାଶକମାନଙ୍କଠାରୁ ସାହସ ପାଇ ଏଥିଲାଗି ମନରେ ଆଶା ସଞ୍ଚରି ଥିଲା। କେତେଜଣ ସାହିତ୍ୟିକଙ୍କୁ ନେଇ ଆଲୋଚନା ହେବା ସହ ଏକ କମିଟି ଗଠନ ହୋଇଥିଲା। ସେଥିରେ ବିଜୟକୃଷ୍ଣ ମହାନ୍ତି ସଭାପତି, ଜଗବନ୍ଧୁ ପାଢୀ ସମ୍ପାଦକ, ଡ. ସୁରେନ୍ଦ୍ର ମିଶ୍ର, ଡ. ଭାସ୍କର ମିଶ୍ର, ଶଙ୍କର ପରିଡ଼ା, ଶ୍ରୀକାନ୍ତ ମହାନ୍ତି, ସୁନୀଲ ରଥ, ବଦ୍ରି ମିଶ୍ର, ଜଟାଧାରୀ ମିଶ୍ର ପ୍ରମୁଖ ସଦସ୍ୟ ରହିଥିଲେ। ତେବେ ପୂର୍ବ ବହିମେଳାର କେତେଜଣ ସଦସ୍ୟ ଏହାକୁ ତୀବ୍ର ବିରୋଧ କରିଥିଲେ। ବହୁ ବାଦବିବାଦ ମଧ୍ୟରେ ପ୍ରଥମେ ସଦାଶିବ ପରିସରରେ ୨୦ଟି ପୁସ୍ତକ ଷ୍ଟଲକୁ ନେଇ ପୁସ୍ତକ ମେଳା ଆୟୋଜନ ହେଲା। ସେହିବର୍ଷ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଜୋଷୀ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ବର୍ଷ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ସମ୍ପାଦକ ଦାୟିତ୍ୱ ନେଇଥିଲେ। ସେତେବେଳେ ମଧ୍ୟ ଏହାକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଣି ପୁସ୍ତକମେଳା ଆୟୋଜିତ ହୋଇଥିଲା। ତେବେ ଗୋଟିଏ ସ୍ଥାନରେ ଦୁଇଟି ପୁସ୍ତକ ମେଳା ହେବା ଯୋଗୁ ପୁରୀରେ ଏକ ବିବାଦମାନ ପରିସ୍ଥିତି ସୃଷ୍ଟି ହେଲା। ଏ ନେଇ କେତେକ ପ୍ରକାଶନ ସଂସ୍ଥା ବିରକ୍ତି ପ୍ରକାଶ କଲେ ଏବଂ ପୁରୀ ଆସିବାକୁ ଅମଙ୍ଗ ହେଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ କିଛିବର୍ଷ ଜିଲା ସ୍କୁଲ, ପରେ ଓଡ଼ିଶା ସଙ୍ଗୀତ ପରିଷଦ ଏବଂ ପୁରୁଣା ସଦର ଥାନା ନିକଟରେ ଏହା ଆୟୋଜିତ ହୋଇଥିଲା। ଶେଷରେ ପୌରସଂସ୍ଥା ସହାୟତାରେ ଶରଧାବାଲିକୁ ସ୍ଥାନାନ୍ତର ହୋଇଥିଲା। ତେବେ ମହାପ୍ରଭୁଙ୍କ ଆଶୀର୍ବାଦରୁ ମନୋବଳ ଭାଙ୍ଗି ନ ଥିଲା। କାରଣ ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗର ହାତ ବଢାଇଥିଲେ। ସେବେଠାରୁ ଏହି ସ୍ଥାନରେ ପୁସ୍ତକମେଳା ଆୟୋଜନ ହୋଇଆସୁଛି। ଗତ କିଛି ବର୍ଷ ଧରି ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ସମ୍ପାଦକ ଭାବେ କାର୍ଯ୍ୟକରି ଆସୁଛନ୍ତି। କମିଟିରେ ୫୧ଜଣ ସଦସ୍ୟ ଅଛନ୍ତି। ବର୍ତ୍ତମାନ ଏହା ଓଡ଼ିଶାର ଦ୍ୱିତୀୟ ବୃହତ ପୁସ୍ତକ ମେଳା ଭାବେ ପରିଚୟ ସୃଷ୍ଟି କରିପାରିଛି।

# ନ୍ୟାୟ ଦାବିରେ ଥାନା ଆଗରେ ଧାରଣା

ସାକ୍ଷୀଗୋପାଳ,୭।୧(ଡି.ଏନ୍.ଏ.):

ହାଇକୋର୍ଟଙ୍କ ଆଦେଶ ମତେ ନ୍ୟାୟ ପ୍ରଦାନ ଦାବିରେ ସତ୍ୟବାଦୀ ଥାନା ଆଗରେ ସ୍ଥାନୀୟ ଭାଜପା କର୍ମୀମାନେ ମଙ୍ଗଳବାର ସାକ୍ଷୀଗୋପାଳ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ସତ୍ୟବାଦୀ ଥାନା କେସ୍ ନଂ. ୨୩୫/୧୯ ରେ ଅଭିଯୁକ୍ତ ଶୁକଳ ପଞ୍ଚାୟତ ଅଧୀନ ବାଁରଡା ଗ୍ରାମର ରବି ନାରାୟଣ ସାହୁଙ୍କୁ ପୋଲିସ ଥାନାକୁ ଆଣିଥିଲେ। ଏହି ମାମଲାରେ ଅଭିଯୁକ୍ତଙ୍କ ଜାମିନ ପାଇଁ ହାଇକୋର୍ଟ ପରାମର୍ଶ ଦେଇଥିଲେ ମଧ୍ୟ ପୋଲିସ ତାଙ୍କୁ ସୋମବାର ରାତିରେ ଘରୁ ଉଠାଇ ଆଣଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରିବାକୁ ଯୋଜନା କରିଥିବା ଅଭିଯୋଗ କରି ଅଭୁଯୁକ୍ତଙ୍କ ପରିବାର ସଦସ୍ୟଙ୍କ ସହ ଭାଜପା ରାଜ୍ୟ ପରିଷଦ ସଭ୍ୟ ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ଥାନା ଆଗରେ ୩ ଘଣ୍ଟା ଧାରଣା ଦେଇଥିଲେ। ଏହି ଆନ୍ଦୋଳନରେ ଭାଜପାର ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ ଓ ଉମେଶ ଚନ୍ଦ୍ର ପ୍ରଧାନ, ଦୀପକ ଶତପଥୀ, ଶ୍ରୀଧର ବିଶ୍ୱାଳ, ସରପଞ୍ଚ ବିଶ୍ୱଜିତ୍ ମହାପାତ୍ର, ରଞ୍ଜନ ବରାଳ, କମଳାକାନ୍ତ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ସତ୍ୟବାଦୀ ଥାନା ଆଇଆଇସି ଶକୁନ୍ତଳା ପତି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ହାଇକୋର୍ଟଙ୍କ ଆଦେଶ ବଳରେ ଅଭିଯୁକ୍ତଙ୍କୁ ଜାମିନ ପାଇଁ ସୁଯୋଗ ଦେବା ନିମନ୍ତେ ତାଙ୍କୁ ଥାନାରୁ ଛାଡି ଦେବାକୁ ଆନ୍ଦୋଳନକାରୀମାନେ ଅଡି ବସିଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସତ୍ୟବାଦୀ ଥାନାରେ ପହଞ୍ଚି ହାଇକୋର୍ଟ ଆଦେଶ ତର୍ଜମା କରିବା ସହ ଭାଜପା କର୍ମୀଙ୍କ ସହ ଆଲୋଚନା କରିଥିଲେ। ଥାନାକୁ ଅଣାଯାଇଥିବା ରବି ନାରାୟଣ ସାହୁଙ୍କୁ ଛାଡିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ସାକ୍ଷୀଗୋପାଳ ଥାନା ସମ୍ମୁଖରେ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।